DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୬/୨୦୨୨ (୧୪ ପୃଷ୍ଠା) Bhubaneswar, Thursday, June 16/2022 Page 14 ₹ 7.00 ★★★★★★

୪୮ଶ ଭାଗ ୨୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



**ଟପ୍ ଟେନ୍‌ରେ ଇଶାନ କିଶନ**

ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ବ୍ୟାଟର ର୍‍ୟାଙ୍କିଙ୍ଗ ତାଲିକାରେ ଇଶାନ କିଶନ ଟପ୍ ଟେନ୍‌ରେ ପ୍ରବେଶ କରିଛନ୍ତି।

୧୪

୧୦

**ଜୀବନସାଥୀ ନ ରହିବା ସବୁଠୁ ବଡ଼ ଦୁଃଖ**

ଲାଇଫ ପାର୍ଟନର ନ ରହିବା ତାଙ୍କ ଜୀବନର ସବୁଠୁ ବଡ଼ ଦୁଃଖ ବୋଲି ଫିଲ୍ମ ନିର୍ମାତା କରନ ଜୋହର କହିଛନ୍ତି।



# ବିରୋଧୀ ଦେବେ ମିଳିତ ପ୍ରାର୍ଥୀ

**ରାଷ୍ଟ୍ରପତି ନିର୍ବାଚନ**

**୨୦, ୨୧ରେ ପରବର୍ତ୍ତୀ ବୈଠକ**

**ସାମିଲ ଥିଲେ ୧୭**

ଟିଏମ୍‌ସି, ଏନ୍‌ସିପି, କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଆର୍‌ଜେଡି, ସିପିଆଇ, ସିପିଆଇଏମ୍, ସିପିଆଇଏମ୍ଏଲ୍, ଶିବସେନା, ନ୍ୟାଶନାଲ କନ୍‌ଫରେନ୍ସ, ପିଡିପି, ଜେଡିଏସ୍, ଆରଏସ୍‌ପି, ଆଇୟୁଏମ୍ଏଲ୍, ଆର୍‌ଏଲ୍‌ଡି ଏବଂ ଜେଏମ୍ଏମ୍

**ଅନୁପସ୍ଥିତ ୫**

ଏଏପି, ଟିଆର୍‌ଏସ, ବିଜେଡି, ଏସ୍ଏଡି ଏବଂ ୱାଇଏସ୍ଆର୍ କଂଗ୍ରେସ

**ଉପଯୁକ୍ତ ସମୟରେ ନିଷ୍ପତ୍ତି ନିଆଯିବ: ବିଜେଡି**

୩



ବିରୋଧୀ ଦଳ ବୈଠକରେ (ବାମରୁ) ଅଖିଳେଶ ଯାଦବ, ମେହବୁବା ମୁଫ୍ତି, ମମତା ବାନାର୍ଜୀ, ଶରଦ ପାୱାର, ମଲ୍ଲିକାର୍ଜୁନ ଖାର୍ଗେ।

**ନୂଆଦିଲ୍ଲୀ,୧୫।୬**

ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ମିଳିତ ପ୍ରାର୍ଥୀ ହେବା ପାଇଁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ମନା କରିଦେବା ପରେ ନୂଆ ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଛି। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡାକିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ୫ ପ୍ରମୁଖ ଦଳ ସାମିଲ ହୋଇ ନ ଥିବାରୁ ବିରୋଧୀ ଶିବିରକୁ ଝଟ୍‌କା ଲାଗିଛି। ଜୁନ୍ ୨୦-୨୧ରେ ମୁମ୍ବାଇରେ ପରବର୍ତ୍ତୀ ବୈଠକ କରିବାକୁ ପାୱାର ବିରୋଧୀ ଦଳଗୁଡ଼ିକୁ ଡାକିଥିବା ଜଣାପଡ଼ିଛି। ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିପାରୁଥିବା ଭଳି ଜଣେ ପ୍ରାର୍ଥୀଙ୍କୁ ବାଛିବା ପାଇଁ ଉଦ୍ୟମ ଜାରି ରହିବ।

ଜୁଲାଇ ୧୮ରେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଅଦ୍ୟାବଧି କାହାକୁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ସଂଖ୍ୟା ଦୃଷ୍ଟିରୁ ଏନ୍‌ଡିଏ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଅଧିକ ଥିଲେ ହେଁ ବିରୋଧୀ ଦଳଗୁଡ଼ିକ ଶାସକ ମେଣ୍ଟକୁ ୱାକ୍‌ଓଭର ଦେବେ ନାହିଁ। ତେଣୁ ସମଭାବାପନ୍ନ ଦଳଗୁଡ଼ିକୁ ☞ପୃଷ୍ଠା-୪

## ନବୀନ, ନୀତୀଶଙ୍କ ସହ କଥାହେଲେ ରାଜନାଥ

ରାଷ୍ଟ୍ରପତି ନିର୍ବାଚନ ପାଖେଇ ଆସୁଥିବାରୁ ଶାସକ ଏନ୍‌ଡିଏ ପକ୍ଷରୁ ସହମତି ଭିତ୍ତିରେ ପ୍ରାର୍ଥୀ ଦେବା ପାଇଁ ଭାଜପା ଉଦ୍ୟମ ଆରମ୍ଭ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୁଧବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାରଙ୍କ ସହ ଏନେଇ ଫୋନ୍‌ରେ କଥା ହୋଇଛନ୍ତି। ସେହିପରି ମମତା ବାନାର୍ଜୀ, ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଅଖିଳେଶ ଯାଦବଙ୍କ ଭଳି ବରିଷ୍ଠ ନେତାମାନଙ୍କ ସହ ମଧ୍ୟ ରାଜନାଥ ଆଲୋଚନା କରିଛନ୍ତି। ପ୍ରକାଶ ଯେ, ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ପୂର୍ବରୁ ଉଭୟ ଶାସକ ଓ ବିରୋଧୀ ସମେତ ଆଞ୍ଚଳିକ ଦଳଗୁଡ଼ିକ ସହ ଆଲୋଚନା ପାଇଁ ରାଜନାଥ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଗୈରିକ ଦଳ ଦାୟିତ୍ୱ ଦେଇଛି।

## ଜୁଲାଇ ସୁଦ୍ଧା ୫ଜି ସ୍ପେକ୍ଟ୍ରମ୍ ନିଲାମ

**ନୂଆଦିଲ୍ଲୀ,୧୫।୬**

୫ଜି ସ୍ପେକ୍ଟ୍ରମ୍ ନିଲାମ ଲାଗି ଟେଲି ଯୋଗାଯୋଗ ବିଭାଗର ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଜନସାଧାରଣ ଓ ଉଦ୍ୟୋଗୀଙ୍କୁ ୫ଜି ସେବା ଯୋଗାଇବା ପାଇଁ ସଫଳ ବିଡରଙ୍କୁ ଏହି ସ୍ପେକ୍ଟ୍ରମ ନିଲାମ କରାଯିବ। ଜୁଲାଇ ଶେଷ ସୁଦ୍ଧା ନିଲାମ ଶେଷ ହେବ। ମୋଟ ୭୨୦୯୭.୮୫ ମେଗାହର୍ଜ ସ୍ପେକ୍ଟ୍ରମ ନିଲାମ ହେବାକୁ ଥିବାବେଳେ ଏହାର ବୈଧତା ସମୟସୀମା ୨୦ ବର୍ଷ ରହିବ ବୋଲି ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଘରୋଇ ୫ଜି କ୍ୟାପ୍‌ଟିଭ୍ ନେଟ୍‌ୱର୍କ ସ୍ଥାପନ ଓ ବିକାଶ ନିମନ୍ତେ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ** ଅରଣ୍ୟରୁ ଶିକ୍ଷା







## ବଦଳିବ ସ୍କୁଲ ପାଠପଢ଼ା ସମୟ

■ **ଦିନକ ପରେ ସରିବ ଖରାଛୁଟି**

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ରାଜ୍ୟରେ ଆଉ ଗୋଟିଏ ଦିନ ପରେ ସ୍କୁଲ ଖୋଲିବ। ପୁଣି ପିଲା ସ୍କୁଲ ଯାଇ ପାଠ ପଢ଼ିବେ। ଗତ ୬ତାରିଖରୁ ଆରମ୍ଭ ହୋଇଥିବା ଖରାଛୁଟି ବା ଗ୍ରୀଷ୍ମଛୁଟି ୧୬ ତାରିଖରେ ଶେଷ ହେବ। ଶୁକ୍ରବାର ରାଜ୍ୟରେ ସମସ୍ତ ସ୍କୁଲ୍ ଖୋଲିଯିବ। ତେବେ ସ୍କୁଲ ଖୋଲିବା ପରେ ଆଉ ସକାଳୁଆ ପାଠପଢ଼ା ହେବ ନାହିଁ। ପୂର୍ବରୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ସକାଳୁଆ କ୍ଲାସ୍ ଆରମ୍ଭ ହୋଇଥିଲା। ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ପିଲାମାନେ କ୍ଲାସ୍ କରୁଥିଲେ। ମାତ୍ର ୧୭ ତାରିଖରୁ ସ୍କୁଲ ଖୋଲିବା ପରେ ରାଜ୍ୟରେ ପାଠପଢ଼ା ସମୟରେ ପରିବର୍ତ୍ତନ ହେବ। ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପୂର୍ବାହ୍ନ ୯ଟା ୩୦ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ୩୦ ଯାଏ ଚାଲିବ। ସେହିପରି ଘରୋଇ ତଥା ସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ତୃତୀୟଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସକାଳ ୬ଟା ୩୦ରୁ ୧୦ଟା ୩୦ ଏବଂ ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଯଦି ଗ୍ରୀଷ୍ମପ୍ରବାହ ଲାଗିରହେ ତେବେ ସ୍କୁଲରେ ପିଲାଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ଦୁଇବର୍ଷ ☞ପୃଷ୍ଠା-୪

## କଳିଙ୍ଗ ଷ୍ଟାଡିୟମରେ ଭାରତର ଗ୍ରୁପ୍ ଲିଗ୍

**ନୂଆଦିଲ୍ଲୀ, ୧୫।୬ (ପି.ଟି.)**




**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

ଭାରତରେ ଆୟୋଜନ ହେବାକୁଥିବା ୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ନଭି ମୁମ୍ବାଇସ୍ଥିତ ଡି.ୱାଇ ପାଟିଲ ଷ୍ଟାଡିୟମରେ ଏବଂ ସେମିଫାଇନାଲ ଗୋଆରେ ଖେଳାଯିବ ବୋଲି ସ୍ଥାନୀୟ ଆୟୋଜକ କମିଟି ତରଫରୁ ବୁଧବାର ଘୋଷଣା କରାଯାଇଛି। ଭୁବନେଶ୍ୱରରେ ଭାରତର ତିନୋଟି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଅକ୍ଟୋବର ୧୧ରୁ ଖେଳାଯିବ। ଅଫିସିଆଲ ଡ୍ର ଜୁନ୍ ୨୪ରେ ହେବ। ୨୪ଟି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଅକ୍ଟୋବର ୧୮ରେ ଶେଷ ହେବ। ତିନୋଟି ଆୟୋଜକ ରାଜ୍ୟ ଓଡ଼ିଶା, ଗୋଆ ଓ ମହାରାଷ୍ଟ୍ରରେ ଏହି ମ୍ୟାଚଗୁଡ଼ିକ ଆୟୋଜନ ହେବ। କ୍ୱାର୍ଟରଫାଇନାଲ ରାଉଣ୍ଡ ଗେମ୍‌ଗୁଡ଼ିକ ☞ପୃଷ୍ଠା-୪

## ଗୋଟିଏ ଇଞ୍ଜେକ୍‌ଶନରେ ଭଲ ହେବ ଏଚ୍ଆଇଭି

**ଜେରୁଜେଲମ୍,୧୫।୬**

ଦୁରାରୋଗ୍ୟ କୁହାଯାଉଥିବା ଏଚ୍ଆଇଭିକୁ ମାତ୍ର ଗୋଟିଏ ଇଞ୍ଜେକ୍‌ଶନରେ ଭଲ କରାଯାଇପାରିବ। ଏଥିପାଇଁ ଇସ୍ରାଏଲ୍‌ର ଗବେଷକମାନେ ଏକ ନୂଆ ପଦ୍ଧତି ବାହାର କରିଛନ୍ତି। ଜିନ୍ ଏଡିଟିଂ ଦ୍ୱାରା ଏହି ଟିକା ପ୍ରସ୍ତୁତ କରାଯାଇଛି। ଚିକିତ୍ସା ବିଜ୍ଞାନରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି।

ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ (ଏଚ୍ଆଇଭି) ଶରୀରର ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସଙ୍କୁଚିତ କରିଦେଇଥାଏ। ଚିକିତ୍ସା କରା ନ ଗଲେ ଏହା ଏଡ୍ସରେ ପରିଣତ ହୋଇଥାଏ। କେନ୍ଦ୍ରୀୟ ଆଫ୍ରିକାରେ ପ୍ରଥମେ ସିମ୍ପାଞ୍ଜି ଦେହରେ ଏଚ୍ଆଇଭି ଚିହ୍ନଟ ହୋଇଥିଲା ଓ ଅଷ୍ଟାଦଶ ଶତାବ୍ଦୀର ଶେଷ



ଭାଗରେ ଏହା ମାନବ ଶରୀରକୁ ସଂକ୍ରମିତ ହୋଇଥିବା ବିଶ୍ୱାସ କରାଯାଏ। ଏଡ୍ସର ଚିକିତ୍ସା ପଦ୍ଧତି ଏପର୍ଯ୍ୟନ୍ତ ବାହାରି ନାହିଁ। ତେବେ ଇସ୍ରାଏଲ୍‌ର ଗବେଷକମାନେ ଏହି ଭୂତାଣୁକୁ ମାରିବାରେ ସଫଳ ହୋଇଥିବା କହିଛନ୍ତି। ଇଞ୍ଜିନିୟରିଂ-ଟାଇପ୍ ବି ଶ୍ୱେତ ରକ୍ତ କୋଷରୁ ସେମାନେ ପ୍ରସ୍ତୁତ କରିଥିବା ଟିକା ଇମ୍ୟୁନ୍ ସିଷ୍ଟମକୁ ସକ୍ରିୟ କରିପାରିବ, ଯାହା ଶରୀରରେ ଏଚ୍ଆଇଭିକୁ ନିଷ୍କ୍ରିୟ କରିବା ଲାଗି ଆଣ୍ଟିବଡି ସୃଷ୍ଟି କରିବ। ତେଲ୍ ଆଭିଭ୍ ୟୁନିଭର୍ସିଟିର ଜର୍ଜ ଏସ୍. ୱାଇଜ୍ ଫାକଲ୍ଟି ଅଫ୍ ଲାଇଫ ସାଇନ୍ସରେ ନ୍ୟୁରୋବାୟୋଲୋଜି, ବାୟୋ କେମିଷ୍ଟ୍ରି ଓ ବାୟୋଫିଜିକ୍ସର ଗବେଷକମାନଙ୍କ ଏକ ଟିମ୍ ଏହି ଗବେଷଣା ଚଳାଇଥିଲେ। ସେମାନଙ୍କ ଅଧ୍ୟୟନ 'ନେଚର' ପତ୍ରିକାରେ ପ୍ରକାଶ ପାଇଛି। ଉକ୍ତ ଆଣ୍ଟିବଡି ସୁରକ୍ଷିତ, ଶକ୍ତିଶାଳୀ ଓ ଏହାର ମାପ କରାଯାଇପାରିବ। କେବଳ ଏଚ୍ଆଇଭି ନୁହେଁ, କ୍ୟାନସର ଏବଂ ଅଟୋଇମ୍ୟୁନ୍ ରୋଗ ଚିକିତ୍ସାରେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଗବେଷକମାନେ ଦାବି କରିଛନ୍ତି।



## ନ୍ୟାଶନାଲ ହେରାଲ୍ଡ ମାମଲାରେ ରାହୁଲଙ୍କୁ ତୃତୀୟ ଦିନ ଜେରା



ନୂଆଦିଲ୍ଲୀ,୧୫।୬

ନ୍ୟାଶନାଲ ହେରାଲ୍ଡ ଖବରକାଗଜରେ ଆର୍ଥିକ ଅନିୟମିତତା ଓ ମନିଲଣ୍ଡରିଂକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର କ୍ରମାଗତ ତୃତୀୟ ଦିନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଜେରା କରିଛି। ୫୧ ବର୍ଷୀୟ କଂଗ୍ରେସ ନେତା ଜେଡ୍+ ସୁରକ୍ଷା ମଧ୍ୟରେ ବୁଧବାର ପୂର୍ବାହ୍ନ ୧୧ଟା ୩୫ରେ ଇଡି ମୁଖ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଯାଇଥିଲେ। ଇଡି କାର୍ଯ୍ୟାଳୟ ବାହାରେ ବ୍ୟାପକ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯିବା ସହ ୧୪୪ ଧାରା ଜାରି ହୋଇଥିଲା। ରାହୁଲଙ୍କୁ ପୁନର୍ବାର ଜେରା ଲାଗି ଶୁକ୍ରବାର ହାଜର ହେବାକୁ ଇଡି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଦୁଇଦିନରେ ରାହୁଲଙ୍କୁ ଇଡି ଅଧିକାରୀମାନେ ପ୍ରାୟ ୨୧ ଘଣ୍ଟା ଜେରା କରିଥିଲେ ଓ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଖ୍ୟତଃ ୟଙ୍ଗ ଇଣ୍ଡିଆ କମ୍ପାନୀ, ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପରିଚାଳନା, ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍)କୁ କଂଗ୍ରେସ ଦେଇଥିବା ଋଣ ଏବଂ ନ୍ୟୁଜ୍ ମିଡିଆ ପ୍ରତିଷ୍ଠାନ ମଧ୍ୟରେ ଅର୍ଥ ହସ୍ତାନ୍ତର ଆଦିକୁ ନେଇ ରାହୁଲଙ୍କୁ ପ୍ରଶ୍ନ କରାଯାଇଥିଲା। ତେବେ ୨୧ ଘଣ୍ଟା ଜେରା ଖବରକୁ ଇଡି ଖଣ୍ଡନ କରିଛି। ଦୁଇଦିନରେ ରାହୁଲଙ୍କୁ ୬ ଘଣ୍ଟା ଜେରା କରାଯାଇଥିବା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

# କଂଗ୍ରେସ ମୁଖ୍ୟାଳୟରେ ପୋଲିସର ଲାଠିଚାର୍ଜ



ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟ ବାହାରେ ବିକ୍ଷୋଭରତ କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକାଉଛି।

## ସଚିନ ପାଇଲଟ ଅଟକ

ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୩ ଦିନ ହେଲା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଜେରା କରିଚାଲିଛି। ଦଳ ପକ୍ଷରୁ ଏହାର ପ୍ରତିବାଦରେ ଏଆଇସିସି ମୁଖ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି କର୍ମୀମାନେ। ପୋଲିସ ଏଆଇସିସି କାର୍ଯ୍ୟାଳୟରେ ପ୍ରବେଶ କରି ଲାଠିଚାଳନା କରିବା ସହ ମହିଳା କାର୍ଯ୍ୟକର୍ତ୍ତା, ଏମ୍‌ପି ଓ ଅନ୍ୟ ନେତାମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପୋଲିସ ସଚିନ ପାଇଲଟଙ୍କ ସମେତ ଅନେକ ନେତାଙ୍କୁ ଅଟକ ରଖିଛି। ଏନେଇ ସଚିନ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବିରୋଧୀଙ୍କୁ ଭୟଭୀତ କରିବା ଲାଗି ସରକାରଙ୍କ ଉଦ୍ୟମକୁ ପଦାରେ ପକାଇବାକୁ କଂଗ୍ରେସ ନିଷ୍ପତ୍ତି ନେଇଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଏହାକୁ ଅଟକାଇପାରିବ ନାହିଁ ବୋଲି ସେ କହିଛନ୍ତି। ସଚିନ ଅନ୍ୟ କେତେଜଣ ନେତାଙ୍କ ସହ ଏଆଇସିସି ମୁଖ୍ୟାଳୟରେ ପ୍ରବେଶ କରୁଥିବାବେଳେ ପୋଲିସ ସେମାନଙ୍କୁ ବସ୍‌ରେ ବସାଇ ନରେଲା ଥାନାକୁ ନେଇଯାଇଥିଲା।

## ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜ୍ଞପ୍ତି

**ନୂଆଦିଲ୍ଲୀ,୧୫।୬:** ଭାରତର ୧୬ତମ ରାଷ୍ଟ୍ରପତି ନିର୍ବାଚନ ଲାଗି ବୁଧବାର ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିସହିତ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଜୁନ୍ ୨୯ ପର୍ଯ୍ୟନ୍ତ ଆଶାୟୀ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିପାରିବେ। ଜୁନ୍ ୩୦ରେ ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବାବେଳେ ଜୁଲାଇ ୨ ସୁଦ୍ଧା ପ୍ରାର୍ଥୀ ଚାହିଁଲେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ଜୁଲାଇ ୧୮ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ୨୧ରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଜୁଲାଇ ୨୪ରେ ଶେଷ ହେଉଛି।

## ଏଆଇଏମ୍ଆଇଏମ୍ ଗୁଜରାଟ ମୁଖ୍ୟଙ୍କୁ ହତ୍ୟା ଧମକ



ସବୀର କବ୍ଲିୱାଲା

**ଅହମଦାବାଦ,୧୫।୬:** ଆଇଏମ୍ଆଇଏମ୍‌ର ଗୁଜରାଟ ସଭାପତି ସବୀର କବ୍ଲିୱାଲାଙ୍କୁ ହତ୍ୟା ଧମକ ମିଳିଛି। ଫୋନ୍‌ରେ ହତ୍ୟା ଧମକ ଦେଇଥିବା ଅଜଣା ବ୍ୟକ୍ତି ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା କରିଥିବା ଦାବି କରିଛି। ଗୁଜରାଟ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଅଜଣା ବ୍ୟକ୍ତି ନିଜକୁ ଇମ୍ରାନ୍ ଭାବେ ପରିଚୟ ଦେବା ସହ ମଙ୍ଗଳବାର ରାତି ୯ଟା ୫୦ରୁ ୧୨ଟା ମଧ୍ୟରେ ୨୦ ଥରରୁ ଅଧିକ ଫୋନ୍ କରି ହତ୍ୟା ଧମକ ଦେଇଥିଲେ। କବ୍ଲିୱାଲା ପୋଲିସ ହେଲ୍ପଲାଇନ ୧୦୦କୁ ଫୋନ୍ କରି ସହାୟତା ଲୋଡ଼ିଥିଲେ। ବୁଧବାର ସକାଳେ ତାଙ୍କ ଅଭିଯୋଗ କ୍ରମେ ଅହମଦାବାଦର ଗାଏକୱାଡ ହାଭେଲି ଥାନାରେ ଏତଲା ଦାଏର ହୋଇଛି।

# ସେନାରେ ଠିକା ନିଯୁକ୍ତିକୁ ବିରୋଧ



**ହିନ୍ଦୀ ଫିଲ୍ମ ଶୀର୍ଷକରେ ଭୁଲ୍ ଯୋଜନାଟିଏ କରି ବହୁ କୋଟି ଟଙ୍କା ବ୍ୟୟରେ ତା'ର ପ୍ରଚାର କରାଇଲେ ଭାରତୀୟ ସେନା ଶକ୍ତିଶାଳୀ ହୋଇଉଠିବ ବୋଲି ଧରିନେବା ବୋକାମି ଛଡ଼ା କିଛି ନୁହେଁ। ସଶସ୍ତ୍ର ବଳରେ ପ୍ରାୟ ୨ ଲକ୍ଷ ପଦବୀ ଖାଲିପଡ଼ିଥିବାବେଳେ ମୋଦି ସରକାରଙ୍କ ସ୍ୱଳ୍ପମିଆଦୀ ନିଯୁକ୍ତି ଯୋଜନା 'ଅଗ୍ନିପଥ'କୁ ଲକ୍ଷ୍ୟକରି ଏଭଳି ମନ୍ତବ୍ୟ ଦେଇଛନ୍ତି ପ୍ରତିରକ୍ଷା ବିଶେଷଜ୍ଞ। ବିରୋଧୀ ଏହାକୁ କୁହାଳିଆ ନେତାଙ୍କ ଭୁଆଁବୁଲା ଯୋଜନା ଆଖ୍ୟା ଦେଇଛନ୍ତି। କାରଣ ବର୍ଷକୁ ୨ କୋଟି ନିଯୁକ୍ତିର ପ୍ରତିଶ୍ରୁତି ଦେଇ ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇପାରିଥିଲେ। ବିଗତ ୮ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କେତେଜଣଙ୍କୁ ନିଯୁକ୍ତି ଦେଇଛନ୍ତି ତାହା ସ୍ପଷ୍ଟ ଭାବେ କହିପାରୁ ନ ଥିବାବେଳେ ୨୦୨୪ ସାଧାରଣ ନିର୍ବାଚନକୁ ନଜରରେ ରଖି ଆଗାମୀ ଦେଢ଼ ବର୍ଷରେ ୧୦ ଲକ୍ଷ ଆଶାୟୀଙ୍କୁ ଚାକିରି ଯୋଗାଇବାର ଘୋଷଣା ଅବାସ୍ତବ ମନେହେଉଛି। ଘୋଷଣା ଅନୁସାରେ ଯଦି ୭ ମାସରେ ୪୫,୦୦୦ ଯବାନଙ୍କୁ ଠିକା ନିଯୁକ୍ତି ଦିଆଯାଏ ତେବେ ଦେଢ଼ବର୍ଷରେ ଏହି ସଂଖ୍ୟା ୯୦,୦୦୦ ହେବ। ଅବଶିଷ୍ଟ ୯ ଲକ୍ଷ ୧୦ ହଜାର ନିଯୁକ୍ତି କେଉଁ କେଉଁ କ୍ଷେତ୍ରରେ ଦିଆଯିବ ସେନେଇ ମଧ୍ୟ ସରକାର କିଛି ସ୍ପଷ୍ଟ କରିନାହାନ୍ତି।**

ନୂଆଦିଲ୍ଲୀ,୧୫।୬

ଭାରତୀୟ ସେନାର ୩ ବାହିନୀରେ ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଦେଶର ବିଭିନ୍ନ ଭାଗରେ ବିରୋଧ କରାଯାଇଛି। ସେମାନଙ୍କୁ ସରକାର ବୋକା ବନାଇବାକୁ ଉଦ୍ୟମ କରୁଥିବା ଯୁବଗୋଷ୍ଠୀ ଅଭିଯୋଗ ଆଣିଛନ୍ତି। ୪ ବର୍ଷ ସେନାରେ ନିଯୁକ୍ତି ପରେ ସେମାନେ କ'ଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ବିହାରର ମୁଜାଫରପୁର ଏବଂ ବକ୍ସାରରେ ବହୁସଂଖ୍ୟାରେ ଯୁବତୀଯୁବକ ବିକ୍ଷୋଭରେ ସାମିଲ ହୋଇଥିଲେ। ବିହାରର ଗୁଲଶନ କୁମାର କହିଛନ୍ତି, ମାତ୍ର ୪ ବର୍ଷ ଚାକିରି ପାଇଁ ପାଠପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିବ। ଅନ୍ୟ ନିଯୁକ୍ତି ପାଇଁ ପାଠପଢ଼ାରେ ସେମାନେ ଅନ୍ୟମାନଙ୍କଠାରୁ ପଛରେ ପଡ଼ିଯିବେ। ଯେଉଁମାନେ ସେନାରେ ଭର୍ତ୍ତି ହେବା ଲାଗି ବହୁବର୍ଷ ହେଲା ପ୍ରସ୍ତୁତି ଚଳାଇଛନ୍ତି, ସେମାନେ ମାତ୍ର ୪ ବର୍ଷ ନିଯୁକ୍ତିରେ ସାମିଲ ହେବାକୁ ଚାହିଁବେ କି ବୋଲି ଅନ୍ୟତମ ଆଶାୟୀ ଶିବମ କୁମାର ପ୍ରଶ୍ନ କରିଛନ୍ତି।

ସୈନ୍ୟବାହିନୀରେ ଏଭଳି ଚୁକ୍ତିଭିତ୍ତିକ ନିଯୁକ୍ତିକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ଏହା ସଶସ୍ତ୍ର ବଳର ଆକ୍ରମଣ ଦକ୍ଷତା ହ୍ରାସ କରିବ। ସେନାର ମର୍ଯ୍ୟାଦା ଓ ବୀରତ୍ୱ ସହ ଆଦୌ ସାଲିସ କରାଯାଇପାରିବ ନାହିଁ ବୋଲି ରାହୁଲ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସରକାରଙ୍କ ଏହି ଯୋଜନାକୁ ସମାଲୋଚନା କରିଛନ୍ତି। ସେନାରେ ନିଯୁକ୍ତିକୁ ଏକ ଗବେଷଣାଗାର କରା ନ ଯାଉ ବୋଲି ସେ କହିଛନ୍ତି। ଭାରତ ଦୁଇ ପାର୍ଶ୍ୱରୁ ବିପଦର ସମ୍ମୁଖୀନ ହେଉଥିବାବେଳେ ଅଗ୍ନିପଥ ଯୋଜନା ଆମ ସଶସ୍ତ୍ର ବଳର କାର୍ଯ୍ୟାନୁଷ୍ଠାନ ପ୍ରଭାବକୁ ହ୍ରାସ କରିବ। ଭାଜପା ସରକାର ସେନାର ମର୍ଯ୍ୟାଦା, ପରମ୍ପରା, ବୀରତ୍ୱ ଏବଂ ଶୃଙ୍ଖଳା ସହ ସାଲିସ୍‌ରୁ ବିରତ ରହନ୍ତୁ ବୋଲି ରାହୁଲ ଟୁଇଟ୍ କରିଛନ୍ତି।

ଅଗ୍ନିପଥ ଯୋଜନାରେ ଆଗାମୀ ୭ ମାସ ମଧ୍ୟରେ ୪୫,୦୦୦ ଯବାନ ଚୁକ୍ତିଭିତ୍ତିରେ ନିଯୁକ୍ତ ହେବେ ବୋଲି ସେନା ଉପମୁଖ୍ୟ ଲ୍ୟୁଟନାଣ୍ଟ ଜେନେରାଲ ବି.ଏସ୍. ରାଜୁ ସୂଚନା ଦେଇଛନ୍ତି। ସାରା ଦେଶର ୭୭୩ ଜିଲାରେ ଏଥିପାଇଁ ନିଯୁକ୍ତି ଅଭିଯାନ ହେବ। ୧୭ ବର୍ଷ ୬ ମାସରୁ ୨୧ ବର୍ଷ ବୟସ ବର୍ଗର ପିଲାଙ୍କୁ ୪ ବର୍ଷ ପାଇଁ ନିଯୁକ୍ତି ମିଳିବ। ୪ ବର୍ଷ ପରେ ସେମାନଙ୍କ

### ସଶସ୍ତ୍ର ବଳର ଦକ୍ଷତା ହ୍ରାସ କରିବ 'ଅଗ୍ନିପଥ': ରାହୁଲ

ମଧ୍ୟରୁ ମାତ୍ର ୨୫ ପ୍ରତିଶତଙ୍କୁ ଅଣଅଫିସର ପଦବୀରେ ରଖାଯିବ ଓ ସେମାନେ ପୂରା ୧୫ ବର୍ଷ ସେବା କରିବାର ସୁଯୋଗ ପାଇବେ। ଅନ୍ୟମାନେ ୧୧ରୁ ୧୨ ଲକ୍ଷ ଟଙ୍କା ପ୍ୟାକେଜ୍ ନେଇ ଚାକିରି ଛାଡ଼ିବେ। ସେମାନେ ପେନ୍‌ସନ ସୁବିଧା ପାଇବାକୁ ହକ୍‌ଦାର ହେବେ ନାହିଁ।

ସରକାରଙ୍କ ଏଭଳି ନିଯୁକ୍ତି ଯୋଜନାକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି। ୪ ବର୍ଷୀଆ ନିଯୁକ୍ତି ର୍‍ୟାଙ୍କ୍‌ରେ ଆକ୍ରମଣ ମନୋବଳକୁ ପ୍ରଭାବିତ କରିବ ବୋଲି ସେମାନେ ଯୁକ୍ତି ଦର୍ଶାଇଛନ୍ତି। ସୈନ୍ୟବାହିନୀରେ ନିଯୁକ୍ତି କ୍ଷେତ୍ରରେ ଏହା ଏକ ଗମ୍ଭୀର ସୁପାରିସ ବୋଲି ଅବସରପ୍ରାପ୍ତ ମେଜର ଜେନେରାଲ ବି.ଏସ୍. ଧନୋଆ ଟୁଇଟ୍ କରିଛନ୍ତି। ସେନାରେ ବେତନ ଓ ପେନ୍‌ସନ ବାବଦ ଖର୍ଚ୍ଚ ହ୍ରାସ ଲାଗି ସରକାର ଅଗ୍ନିପଥ ଯୋଜନା ଆଣିଛନ୍ତି। ତେବେ ସଶସ୍ତ୍ର ବଳକୁ ଆର୍ଥିକ ଦୃଷ୍ଟିକୋଣରୁ ଦେଖାଯିବା ଉଚିତ ନୁହେଁ ବୋଲି ବରିଷ୍ଠ ସେନା ଅଧିକାରୀ ମେଜର ଜେନେରାଲ ୟାସ୍ ମୋର୍ କହିଛନ୍ତି।

## ୯ ହଜାର ଛୁଇଁଲା ଦୈନିକ ସଂକ୍ରମଣ



ନୂଆଦିଲ୍ଲୀ,୧୫।୬

କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୁଧବାର ଦେଶରେ ଦୈନିକ ସଂକ୍ରମଣ ୯ ହଜାର ଛୁଇଁଛି। ସକ୍ରିୟ ମାମଲା ସଂଖ୍ୟା ୫୩,୬୩୭କୁ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ୨୪ ଘଣ୍ଟା ମଧ୍ୟରେ ୧୫ ଜଣଙ୍କ ମୃତ୍ୟୁକୁ ମିଶାଇ ଦେଶରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୫,୨୪,୭୯୨ରେ ପହଞ୍ଚିଛି। ବୁଧବାର ସକାଳ ୮ଟା ସୁଦ୍ଧା ଦୈନିକ ସଂକ୍ରମଣ ୮,୮୨୨ ରହିଥିବାବେଳେ ୨୪ ଘଣ୍ଟାରେ ସକ୍ରିୟ ମାମଲା ସଂଖ୍ୟା ୩,୦୮୯ ବଢ଼ିଛି। ଦୈନିକ ପଜିଟିଭିଟି ହାର ୨ ପ୍ରତିଶତ ଥିବାବେଳେ ସାପ୍ତାହିକ ପଜିଟିଭିଟି ହାର ୨.୩୫ ରହିଛି। ବୁଧବାର ଦିଲ୍ଲୀରେ ୧,୧୧୮ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ମୁମ୍ବାଇରେ ୧,୭୨୪, ଚେନ୍ନାଇରେ ୧୭୧ ଏବଂ ବେଙ୍ଗାଲୁରୁରେ ୫୮୨ ସଂକ୍ରମିତ ହୋଇଛନ୍ତି।

# ଇସ୍ରାଏଲରୁ ତେଲ ନେବ ଇୟୁ

କାଇରୋ, ୧୫।୬

ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ରୁଷିଆରୁ ତେଲ ଆମଦାନୀ ବନ୍ଦ କରିବାକୁ ୟୁରୋପୀୟ ସଂଘ(ଇୟୁ) ନିଷ୍ପତ୍ତି ନେଇଛି। ରୁଷିଆ ବଦଳରେ ଏଣିକି ଇସ୍ରାଏଲରୁ ତୈଳ ଓ ପ୍ରାକୃତିକ ଗ୍ୟାସ୍ କ୍ରୟ ପାଇଁ ଇୟୁ ଯୋଜନା କରିଛି। ଇଜିପ୍ଟ ଦେଇ ୟୁରୋପୀୟ ଦେଶଗୁଡ଼ିକୁ ଲିକ୍ୟୁଫାଏଡ୍ ନ୍ୟାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ପରିବହନ ହେବ। ଏଥିନିମନ୍ତେ ଇଜିପ୍ଟ, ଇସ୍ରାଏଲ ଏବଂ ଇୟୁ ମଧ୍ୟରେ ବୁଧବାର ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏ ନେଇ ୟୁରୋପିଆନ୍ କମିଶନ ମୁଖ୍ୟ ଉର୍ସୁଲା ଭୋନ୍ ଡେର ଲେୟେନ୍ ସୂଚନା ଦେଇଛନ୍ତି। ଇଜିପ୍ଟ ଓ ଇସ୍ରାଏଲ ଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀରେ ଏହି ଐତିହାସିକ ଚୁକ୍ତିନାମାକୁ ଉର୍ସୁଲା ସ୍ୱାଗତ କରିଛନ୍ତି। ୨୦୨୧ରେ ଇୟୁ ଏହାର ଆବଶ୍ୟକତାର ୪୦% ଗ୍ୟାସ୍ ରୁଷିଆରୁ ଆଣିଥିଲା। ରୁଷିଆର ଅର୍ଥନୀତିକୁ ପ୍ରଭାବିତ କରିବା ସହ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରାଇବା ପାଇଁ ଇୟୁ ମସ୍କୋରୁ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଆମଦାନୀ କମ୍ କରିବା ନିମନ୍ତେ ଉଦ୍ୟମ ଜାରି ରଖିଛି। ଭୂମଧ୍ୟସାଗରରେ ଇସ୍ରାଏଲର ଦୁଇଟି ଗ୍ୟାସ୍ ଫିଲ୍ଡ କାର୍ଯ୍ୟକ୍ଷମ ରହିଛି। ଭୂମଧ୍ୟସାଗର ଦେଇ ଇଜିପ୍ଟର ଏଲ୍‌ଏନ୍‌ଜି ଟର୍ମିନାଲ ଦ୍ୱାରା ଇସ୍ରାଏଲରୁ ତୈଳ ପରିବହନ ହୋଇ ୟୁରୋପ ଉପକୂଳକୁ ଆସିବ।

# ପହଁରାରେ ପ୍ରବୀଣ ରାହୁଲ

ରାୟପୁର, ୧୫।୬

୫ ଦିନର ଅକ୍ଳାନ୍ତ ପରିଶ୍ରମ ପରେ ମଙ୍ଗଳବାର ବୋରୱେଲରୁ ଉଦ୍ଧାର ହୋଇଥିବା ଛତିଶଗଡ଼ର ରାହୁଲ ସାହୁ (୧୧) ବିଳାସପୁର ଆପୋଲୋ ହସ୍ପିଟାଲ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ବହୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ୮୦ ଫୁଟ୍ ଗାତରେ ପ୍ରାୟ ୧୦୬ ଘଣ୍ଟା ରହିବା ପରେ ତାଙ୍କ ଦେହରେ ସାମାନ୍ୟ ସଂକ୍ରମଣ ଦେଖାଦେଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ

### ଚିକିତ୍ସା, ପାଠପଢ଼ା ଖର୍ଚ୍ଚ ବହନ କରିବ ରାଜ୍ୟ

ଠିକ୍ ଭାବେ କାର୍ଯ୍ୟ କରୁଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ତାଙ୍କୁ ପ୍ରାୟ ସପ୍ତାହେ ଲାଗିପାରେ ବୋଲି ଡାକ୍ତର କହିଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ବୁଧବାର ରାହୁଲଙ୍କୁ ଡାକ୍ତରଖାନାରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କୁ



ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ହସ୍ପିଟାଲରେ ରାହୁଲଙ୍କୁ ଭେଟୁଛନ୍ତି।

ସାହସୀ ବାଳକ ଆଖ୍ୟା ଦେଇଛନ୍ତି। ଏଥିସହ ରାହୁଲଙ୍କ ସମସ୍ତ ଚିକିତ୍ସା ଓ ପାଠପଢ଼ା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମାନସିକ ଭାବେ ଦିବ୍ୟାଙ୍ଗ ସତ୍ତ୍ୱେ ରାହୁଲ ସାଇକେଲ ଚାଳନା, ପାଣିରେ ପହଁରିବା, ଢୋଲ-ତାବଲା ବଜାଇବାରେ ଧୁରନ୍ଧର ବୋଲି ବାପା ରାମ କୁମାର ସାହୁ କହିଛନ୍ତି। ରାହୁଲଙ୍କ ଇଚ୍ଛା ଶକ୍ତି ହିଁ ବୋରୱେଲ ମଧ୍ୟରେ ତିଷ୍ଠି ରହିବାରେ ସହାୟକ ହୋଇଥିବା ତାଙ୍କ ବାପା ପ୍ରକାଶ କରିଛନ୍ତି।

ଜାଞ୍ଜଗିରି-ଚାମ୍ପା ଜିଲା ମାଲଖରୋଡା ବ୍ଲକ୍ ପିହରିଡ ଗ୍ରାମର ଏକ ବୋରୱେଲରେ ଗତ ଶୁକ୍ରବାରଠାରୁ ଫସି ରହିଥିବା ରାହୁଲଙ୍କୁ ଉଦ୍ଧାର କରିବା ରେସ୍କ୍ୟୁ ଟିମ୍ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ବିଭିନ୍ନ ଏଜେନ୍ସିର ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ରାହୁଲଙ୍କୁ ଉଦ୍ଧାର ପାଇଁ ଅବିଶ୍ରାନ୍ତ ଉଦ୍ୟମ କରିଥିଲେ। ପ୍ରାୟ ୧୦୬ ଘଣ୍ଟାର ପରିଶ୍ରମ ପରେ ତାଙ୍କୁ ସଫଳତାର ସହ ବୋରୱେଲରୁ ବାହାରକୁ ଅଣାଯାଇଥିଲା। ଏଥିପାଇଁ ଏନ୍‌ଡିଆର୍‌ଏଫ୍ ସମେତ ସମ୍ପୂର୍ଣ୍ଣ ଉଦ୍ଧାରକାରୀ ଟିମ୍‌କୁ ଦେଶବ୍ୟାପୀ ପ୍ରଂଶସାର ସୁଅ ଛୁଟିଛି। ବାପା ରାମ କୁମାର କହିଛନ୍ତି, ରାହୁଲ ଠିକ୍ ଭାବେ କଥା କହିପାରନ୍ତି ନାହିଁ। କେବଳ ମା' ବାପା ଶବ୍ଦକୁ ସେ ଉଚ୍ଚାରଣ କରିପାରନ୍ତି। ବିଭିନ୍ନ ସାଙ୍କେତିକ ଢଙ୍ଗରେ ସେ ଯୋଗାଯୋଗ କରିଥାନ୍ତି। ନଈରେ ପହଁରିବା, ତାବଲା ବଜାଇବା ରାହୁଲଙ୍କ ପ୍ରିୟ କାମ। ପୂର୍ବରୁ ରାହୁଲଙ୍କୁ ଗ୍ରାମର ଏକ ସ୍କୁଲରେ ଭର୍ତ୍ତି କରାଯାଇଥିଲେ ହେଁ ପରେ ଏକ ସ୍ୱତନ୍ତ୍ର ବିଦ୍ୟାଳୟରେ ତାଙ୍କ ନାମ ଲେଖାଯାଇଥିଲା। ରାମ କୁମାରଙ୍କ ଦୁଇ ପୁଅ ଥିବାବେଳେ ରାହୁଲ ହେଉଛନ୍ତି ଜ୍ୟେଷ୍ଠ ସନ୍ତାନ।



# ଉପଯୁକ୍ତ ସମୟରେ ନିଷ୍ପତ୍ତି: ବିଜେଡି






ଭୁବନେଶ୍ୱର,୧୫।୬(ବ୍ୟୁରୋ)

ଆସନ୍ତା ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ବିରୋଧୀ ଦଳ ଏକାଠି ହେଲେଣି। ତେବେ ବିରୋଧୀ ଦଳ ଓ ଏନ୍‌ଡିଏ କାହାକୁ ପ୍ରାର୍ଥୀ କରିବେ ଏ ପର୍ଯ୍ୟନ୍ତ ତାହା ସ୍ପଷ୍ଟ ହୋଇନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବିରୋଧୀ ଦଳଙ୍କର ବୈଠକ ଡାକିଥିଲେ ମଧ୍ୟ ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇପାରି ନାହିଁ।

ଆସନ୍ତା ଜୁଲାଇ ୨୪ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହା ପୂର୍ବରୁ ନୂଆ ରାଷ୍ଟ୍ରପତି ନିର୍ବାଚନ ଶେଷ ହେବ। ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ଯୋଗାଡ଼ ଲାଗି ଏବେ ଭାଜପା ଜାତୀୟ ନେତୃତ୍ୱ ଉଦ୍ୟମ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଭାଜପାର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୁଧବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ତେବେ ସେ ମୁଖ୍ୟମନ୍ତ୍ରୀଙ୍କ ସହ କେଉଁ ବିଷୟରେ କଥା ହୋଇଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଆଗକୁ ରାଷ୍ଟ୍ରପତି ନିର୍ବାଚନ ଥିବାରୁ ରାଜନାଥଙ୍କ ଟେଲିଫୋନକୁ ନେଇ ଚର୍ଚ୍ଚା ଜୋର ଧରିଛି। କେନ୍ଦ୍ରର ଭାଜପା ନେତୃତ୍ୱ ନବୀନଙ୍କୁ ଭରସା କରିଛନ୍ତି। ବିଜେଡି ପାଖରେ ଏବେ ରାଷ୍ଟ୍ରପତି ନିର୍ବାଚନର ୩ ପ୍ରତିଶତ ଭୋଟ ରହିଛି। ଯଦି ବିଜେଡି ସମର୍ଥନ ଦେବ ତେବେ ଏନ୍‌ଡିଏ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପ୍ରାର୍ଥୀ ଜିତିବା ଏକପ୍ରକାର ନିଶ୍ଚିତ ହୋଇଯିବ। ମେ' ୩୦ ରେ ବିଜେଡି ସୁପ୍ରିମୋ ନବୀନ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ କରିଥିଲେ। ତେବେ ସେ ସମୟରେ ରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବା ନବୀନ ଗଣମାଧ୍ୟମକୁ କହିଥିଲେ।

ବିଜେଡି ରାଷ୍ଟ୍ରପତି ନିର୍ବାଚନରେ ପ୍ରତ୍ୟେକ ଦଳଠାରୁ ସମଦୂରତ୍ୱ ବଜାୟ ରଖି ଆସିଛି। ନିର୍ବାଚନ ଆସିଲେ ପ୍ରାର୍ଥୀଙ୍କୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ବିଜେଡି ସଭାପତି ଗଣମାଧ୍ୟମକୁ ପୂର୍ବରୁ କହି ଆସିଛନ୍ତି। ଅନ୍ୟପକ୍ଷରେ ବିଜେଡିକୁ ବିରୋଧୀ ଦଳ ପକ୍ଷରୁ କୌଣସି ଯୋଗାଯୋଗ କରାଯାଇ ନ ଥିବା ଜଣାପଡ଼ିଛି। ଏନ୍‌ଡିଏ ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନ ଥିଲେ ମଧ୍ୟ ସମର୍ଥନ ଯୋଗାଡ଼ରେ ଭାଜପା ଜାତୀୟ ନେତୃତ୍ୱ ଜୋରସୋର ଉଦ୍ୟମ ଚଳାଇଛନ୍ତି। ବିଜେଡି ମୁଖପାତ୍ର ଲେଲିନ ମହାନ୍ତି କହିଛନ୍ତି ଯେ ଠିକ୍ ସମୟରେ ଦଳର ସଭାପତି ଉପଯୁକ୍ତ ନିଷ୍ପତ୍ତି ନେବେ। ଏବେଠାରୁ ସେ ନେଇ କିଛି କହିହେବ ନାହିଁ।

ରାଷ୍ଟ୍ରପତି ନିର୍ବାଚନ ପାଇଁ ମୋଟ ଭୋଟ୍ ସଂଖ୍ୟା ୧୦,୯୩,୩୪୭ ହୋଇଥିବା ବେଳେ ଏନ୍‌ଡିଏ ପାଖରେ ଏବେ ଏଥିରୁ ୪୮.୮ ପ୍ରତିଶତ ଭୋଟ ରହିଛି। ଏନ୍‌ଡିଏ ପ୍ରାର୍ଥୀ ଜିତିବା ପାଇଁ ୫,୪୬,୬୭୫ ଖଣ୍ଡ ଭୋଟ ଆବଶ୍ୟକ। ତେବେ ଏନ୍‌ଡିଏ ପାଖରେ ପ୍ରାୟ ୧୩ ହଜାର ଭୋଟ (୧.୨%) ଅଭାବ ରହିଛି। ଏହି ଭୋଟ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ଭାଜପା ଏବେ ନିଜର ସହଯୋଗୀ ବିଜେଡି ଏବଂ ୱାଇଏସ୍‌ଆର କଂଗ୍ରେସ ଉପରେ ନଜର ରଖିଛି। ଏହି ଦୁଇ ଦଳ ମଧ୍ୟରୁ ଜଣଙ୍କର ସମର୍ଥନ ମିଳିଗଲେ ଏନ୍‌ଡିଏ ପ୍ରାର୍ଥୀ ବିଜୟୀ ହେବା ସହଜ ହୋଇଯିବ।

## ରାଜ୍ୟପାଳଙ୍କୁ ସାକ୍ଷାତକଲେ ବାଚସ୍ପତି



ରାଜଭବନରେ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ କରୁଛନ୍ତି ନବନିର୍ବାଚିତ ବାଚସ୍ପତି ବିକ୍ରମ କେଶରୀ ଆରୁଖ।

ଭୁବନେଶ୍ୱର,୧୫।୬(ବ୍ୟୁରୋ)

ନବ ନିର୍ବାଚିତ ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ କାର୍ଯ୍ୟଭାର ଗ୍ରହଣ କରିବା ପରେ ବୁଧବାର ଅପରାହ୍ଣ ୧ଟାରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। ଆଗାମୀ ଦିନରେ ବିଧାନସଭାକୁ ଚଳାଇବା ପାଇଁ ସେ ରାଜ୍ୟପାଳଙ୍କ ସହଯୋଗ ଲୋଡ଼ିଛନ୍ତି। ରାଜଭବନରୁ ବାହାରି ଆରୁଖ କହିଛନ୍ତି ଯେ ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛି। ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ରାଜ୍ୟପାଳଙ୍କ ସହଯୋଗ କାମନା କରିଛି। ରାଜ୍ୟପାଳ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ଆରୁଖ କହିଛନ୍ତି।

# ସରୁନି ଭୁବନେଶ୍ୱର ଇଏସ୍‌ଆଇ ହସ୍ପିଟାଲ କାମ

## କେନ୍ଦ୍ରମନ୍ତ୍ରୀଙ୍କୁ ଓଡ଼ିଶା ସମାଜବାଦୀ ପାର୍ଟିର ପ୍ରଶ୍ନ

ଭୁବନେଶ୍ୱର,୧୫।୬(ବ୍ୟୁରୋ)

ଅନୁଗୋଳରେ ଇଏସ୍‌ଆଇ ହସ୍ପିଟାଲ ଏବଂ ଝାରସୁଗୁଡ଼ାରେ ଇଏସ୍‌ଆଇ ଆଞ୍ଚଳିକ କାର୍ଯ୍ୟାଳୟ ବୁଧବାର କେନ୍ଦ୍ରମନ୍ତ୍ରୀ ରାମେଶ୍ୱର ତେଲିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରେ ଆଉ ୩ଟି ଇଏସ୍‌ଆଇ ହସ୍ପିଟାଲ, ଯାଜପୁରର ଢ଼ୁବୁରିରେ ୧୦୦ ଶଯ୍ୟା ଓ ପାରାଦୀପଠାରେ ୩୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ହେବ। ହେଲେ ଉପା ସରକାର ସମୟରେ ରାଜଧାନୀରେ ଆରମ୍ଭ ହୋଇଥିବା ଇଏସ୍‌ଆଇ ମେଡିକାଲ କଲେଜ କାମ ସମ୍ପର୍କରେ ଦୁଇ ମନ୍ତ୍ରୀ ଓଡ଼ିଶା ଆସି ନୀରବ ରହିବା ନେଇ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ପ୍ରଶ୍ନ ଉଠାଇଛନ୍ତି।

ସେ କହିଛନ୍ତି, ରାଜଧାନୀରେ ୧୫୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ମେଡିକାଲ ନୁହେଁ ବରଂ ଉପା ସରକାର ସମୟରେ ଯେଉଁ ହସ୍ପିଟାଲ କାମ ଆରମ୍ଭ ହୋଇଥିଲା ତାହା ତୁରନ୍ତ ଶେଷ କରାଯାଉ। ଉପା ସରକାର ସମୟରେ ରାଜଧାନୀରେ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି କାମ ଆରମ୍ଭ ହୋଇଥିଲା। ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଥ୍‌ମେଟିକ୍ସ ପାଖରେ ଜମି ଅଧିଗ୍ରହଣ କରାଯାଇ ମେଡିକାଲ କଲେଜ ନିର୍ମାଣ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ୨୦୧୪ରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଏହି ମେଡିକାଲ କଲେଜ କାମ ବନ୍ଦ ହୋଇଗଲା। ଏବେ ମେଡିକାଲ କଲେଜ କଥା ଭୁଲିଯାଇ କେନ୍ଦ୍ର ସରକାର ୧୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଘୋଷଣା କରୁଛନ୍ତି। ଏହା ରାଜ୍ୟବାସୀଙ୍କୁ ଭଣ୍ଡାଇବା ସହ ସମାନ ବୋଲି ରବି କହିଛନ୍ତି।

# ଆଜି ରାଜଭବନ ଆଗରେ ବିକ୍ଷୋଭ

## ରାହୁଲଙ୍କୁ ଇ.ଡି.ର ଜେରା ନେଇ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

ଦିଲ୍ଲୀ ପୋଲିସର ବର୍ବରତା ପ୍ରତିବାଦରେ ୧୬ ତାରିଖରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ରାଜଭବନ ସମ୍ମୁଖରେ ଏବଂ ୧୭ରେ ସମସ୍ତ ଜିଲା କଂଗ୍ରେସ ତରଫରୁ ଜିଲା ସଦର ମହକୁମାରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ନରସିଂହ ମିଶ୍ର ଓ ଗଣେଶ୍ୱର ବେହେରା।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏକଚ୍ଛତ୍ରବାଦ ନୀତି ଓ ପୋଲିସର ଦମନଲୀଳା ନିନ୍ଦନୀୟ। ଏହା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ପରିପନ୍ଥୀ। ୨୪ ଆକବର ରୋଡ୍ ସ୍ଥିତ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟାଳୟ ଭିତରକୁ ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ନ ଛାଡ଼ିବା ଭଳି ଦୃଶ୍ୟ ସ୍ୱାଧୀନ ଭାରତବର୍ଷରେ କେବେ ଦେଖାଯାଇ ନ ଥିଲା। କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା ଜାରି କରି ଦିଲ୍ଲୀ ପୋଲିସ କର୍ମକର୍ତ୍ତାଙ୍କୁ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିବାକୁ ଦେଲା ନାହିଁ ଏବଂ ଯେଉଁମାନେ ପ୍ରତିବାଦ କଲେ ସେମାନଙ୍କ ଉପରେ ଲାଠିମାଡ଼ କଲା। କାହା ନିର୍ଦ୍ଦେଶରେ ଏଭଳି କାମ ଚାଲିଛି ବୋଲି ଶରତ ପ୍ରଶ୍ନ କରିଛନ୍ତି। ଏଆଇସିସି ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଲଗାତର ୩ ଦିନ ଧରି ଇଡି ପଚରା ଉଚରା ପାଇଁ ଡାକୁଛନ୍ତି, ଯେଉଁଥିରେ ମନି ଲଣ୍ଡରିଂ ହୋଇଥିବାର ସାମାନ୍ୟତମ ଯଥାର୍ଥତା ନାହିଁ। କଂଗ୍ରେସ ଓ ଗାନ୍ଧୀ ପରିବାରକୁ ଜନମାନସରେ ନିନ୍ଦିତ କରିବା ପାଇଁ ଏକଚ୍ଛତ୍ରବାଦୀ ନରେନ୍ଦ୍ର ମୋଦିଙ୍କ ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାର ସିବିଆଇ, ଆଇଟି ଓ ଇଡି ଆଦି ସଂସ୍ଥାକୁ ହାତବାରିସି କରି ବିରୋଧୀ ବିଶେଷକରି କଂଗ୍ରେସର ନେତାଙ୍କୁ ଶିକାର କରୁଛନ୍ତି। ପ୍ରଦେଶ କଂଗ୍ରେସର ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିବାକୁ ପିସିସି ସଭାପତି ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଜୁନ୍, ୨୦୨୨

**ଆଜିର ମନ୍ତବ୍ୟ**

"ରୁଷିଆ ବିରୋଧରେ ୟୁକ୍ରେନ୍‌କୁ ଆତ୍ମରକ୍ଷା ପାଇଁ ଆବଶ୍ୟକ ପ୍ରତିରକ୍ଷା ସାମଗ୍ରୀ ଯୋଗାଣ ନେଇ ଦିଆଯାଇଥିବା ପ୍ରତିଶ୍ରୁତିକୁ ଯଥାସାଧ ପାଳନ କରିବୁ। **-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟର ଉପରେ ପାଟଶେଯ ଗୋଟି**
**ଛିଟ ଲୁଗା ତା'ର ଧଡ଼ିରେ**
**ଖଚ ମିଛ କହି ନଣନ୍ଦ ମନ୍ଦ**
**ଖୁଆଇଲା ଠେଙ୍ଗା ବାଡ଼ିରେ।**

ନଣନ୍ଦ ଭାଉଜଙ୍କ ମଧ୍ୟରେ ତିକ୍ତତା ଦେଖାଗଲେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଏପରି ସ୍ଥିତିରେ କେହି କାହାକୁ ସହି ନ ପାରିବା ସହ ପରସ୍ପରର କୁତ୍ସାରଟନା କରିବାକୁ ପଛାଇ ନ ଥାନ୍ତି। ଯେଉଁ ଘରେ ନଣନ୍ଦ ଭାଉଜ ମଧ୍ୟରେ ଭଲ ପଡ଼ି ନ ଥାଏ ସେ ଘରେ ଅଶାନ୍ତି ଘଟିବା ଥୟ। ଖଚ ମିଛ କହି ମାଡ଼ଗାଳି ଖୁଆଉଥିବା ନଣନ୍ଦ ପ୍ରତି ଭାଉଜର ଅଭିଯୋଗ ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖରା ମା ଖରେଇ ଦେ**
**ଚନ୍ଦନ କାଠ ଘୂରେଇ ଦେ**
**ମୋ ଲୁଗା ଶୁଖେଇ ଦେ।**

ଅତ୍ୟଧିକ ଖରା ହେଲେ ଦେହହାତ ଗରମ ହୋଇଯାଏ। ଚନ୍ଦନ ଲେପ ଦେଲେ ଟିକେ ଆଶ୍ୱସ୍ତି ଲାଗେ। ସେହିପରି ଖରାରେ ଓଦା ଲୁଗା ଅତିଶୀଘ୍ର ଶୁଖିଯାଇଥାଏ। ଖରାର ଗୁଣ ଧର୍ମ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସପ୍ତଗିରି ଉଲାକାଙ୍କୁ ଅଟକ ରଖିଲା ଦିଲ୍ଲୀ ପୋଲିସ

**ନୂଆଦିଲ୍ଲୀ,୧୫।୬**

ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ପ୍ରତିବାଦରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରୁଥିବା ଓଡ଼ିଶାର କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିଛି। ଉଲାକାଙ୍କ ସମେତ ଅନ୍ୟ କଂଗ୍ରେସ ନେତାମାନେ ବିକ୍ଷୋଭ ଲାଗି ଏଆଇସିସି ମୁଖ୍ୟାଳୟ ଆଗରେ ଏକାଠି ହୋଇଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାକୁ ନେଇଯାଇଥିଲା। ୩ ଘଣ୍ଟା ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ଦିଲ୍ଲୀ ପୋଲିସ ଏଆଇସିସି କାର୍ଯ୍ୟାଳୟ ନିକଟରେ



କେତେଜଣ କଂଗ୍ରେସ ନେତାଙ୍କୁ ମାଡ଼ ମାରିଥିବା କୋରାପୁଟ ଏମ୍‌ପି ଅଭିଯୋଗ କରିଛନ୍ତି। ରାହୁଲଙ୍କୁ ଇଡି ଦୈନିକ ୯ରୁ ୧୦ ଘଣ୍ଟା ଜେରା କରିବା ସହ ଅମାନବୀୟ ବ୍ୟବହାର କରୁଛି। ଏହା ବିରୋଧରେ କଂଗ୍ରେସର ଆନ୍ଦୋଳନ ଜାରି ରହିବ ବୋଲି ଉଲାକା କହିଛନ୍ତି।

# ଭାରତୀୟ ଗହମର ରପ୍ତାନି ସ୍ଥଗିତ ରଖିଲା ୟୁଏଇ

**ଦୁବାଇ,୧୫।୬**

ଭାରତୀୟ ଗହମ ଏବଂ ଅଟାର ରପ୍ତାନି ଓ ପୁନଃରପ୍ତାନି ୪ ମାସ ପାଇଁ ସ୍ଥଗିତ ରଖିବାକୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ନିଷ୍ପତ୍ତି ନେଇଛି। ବିଶ୍ୱ ବାଣିଜ୍ୟ ପ୍ରବାହରେ ପ୍ରତିବନ୍ଧକ ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ୟୁଏଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଘରୋଇ ବ୍ୟବହାର ଲାଗି ୟୁଏଇକୁ ଗହମ ରପ୍ତାନି ଲାଗି ଭାରତ ଅନୁମୋଦନ କରିଥିଲା। ଗତ ମେ' ୧୪ରେ ଭାରତ ଗହମ ରପ୍ତାନିକୁ



ବନ୍ଦ କରିଥିଲା। ପରେ ଏହା୪,୬୯,୨୦୨ ଟନ ଗହମ ରପ୍ତାନିକୁ ଅନୁମତି ଦେଇଛି। ମେ' ୧୩ ପୂର୍ବରୁ ୟୁଏଇକୁ ଆସିଥିବା ଭାରତୀୟ ଗହମର ରପ୍ତାନି କରିବାକୁ ଚାହୁଁଥିବା କମ୍ପାନୀଗୁଡ଼ିକୁ ଏଥିପାଇଁ ଅର୍ଥ ମନ୍ତ୍ରଣାଳୟରେ ଆବେଦନ କରିବାକୁ ପଡ଼ିବ। ସୂଚନାଯୋଗ୍ୟ, ଭାରତ ଏବଂ ୟୁଏଇ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶ ବୃଦ୍ଧି ଲାଗି ଗତ ଫେବୃୟାରୀରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବାର୍ଷିକ ୧୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମେ' ୧ରୁ ଉକ୍ତ ଚୁକ୍ତିନାମା କାର୍ଯ୍ୟକାରୀ ହୋଇଛି।

# ନାଟୋ ଅସ୍ତ୍ରଶସ୍ତ୍ର ଧ୍ୱଂସ କଲା ରୁଷିଆ

**କିଭ୍, ୧୫।୬**

ପଶ୍ଚିମ ୟୁକ୍ରେନ୍‌ର ଲଭିଭ ଅଞ୍ଚଳର ଜୋଲୋଚିଭ୍ ସହର ନିକଟରେ ଏକ ଅସ୍ତ୍ରାଗାରରେ ଗଚ୍ଛିତ ଥିବା ନାଟୋ ଅସ୍ତ୍ରଶସ୍ତ୍ରକୁ ରୁଷିଆ ଧ୍ୱଂସ କରିଥିବା ବୁଧବାର ଦାବି କରିଛି। ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌କୁ ଆତ୍ମରକ୍ଷା ପାଇଁ ଏହି ଯୁଦ୍ଧାସ୍ତ୍ର ଯୋଗାଇଥିଲେ। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଆମେରିକୀୟ ଏମ୍୭୭୭ ହୋୱିଜର ଆର୍ଟିଲାରୀ ନିର୍ମାଣରେ ବ୍ୟବହାର ହେବାକୁ ଥିବା ଅସ୍ତ୍ରଶସ୍ତ୍ର ମଧ୍ୟ ନଷ୍ଟ ହୋଇଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍‌କୁ ଅତିରିକ୍ତ ୧ ବିଲିୟନ ଡଲାର ସାମରିକ ସହାୟତା ଯୋଗାଇଦେବା ପାଇଁ ଘୋଷଣା କରିଛନ୍ତି। ଫେବୃୟାରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ହେଉଛି ଏହି ଧରଣର ସବୁଠୁ ବଡ଼ ସହାୟତା। ଏଥିସହ ୟୁକ୍ରେନ୍‌ବାସୀଙ୍କୁ ପାନୀୟ ଜଳ, ଚିକିତ୍ସା ସାମଗ୍ରୀ, ଖାଦ୍ୟ ଭଳି ମାନବୀୟ ସହାୟତା ଯୋଗାଣ ବାବଦରେ ୨୨୫ ମିଲିୟନ ଡଲାର ପ୍ରଦାନ ପାଇଁ ମଧ୍ୟ ଘୋଷଣା କରିଛନ୍ତି। ସେହିପରି ବ୍ରିଟେନ ପ୍ରତିରକ୍ଷା ସଚିବ ବେନ୍ ୱାଲେସ ମଧ୍ୟ ୟୁକ୍ରେନ୍‌କୁ ଖୁବ୍‌ଶୀଘ୍ର ମଲ୍ଟିପଲ-ଲଞ୍ଚ୍ ରକେଟ୍ ସିଷ୍ଟମ ଯୋଗାଇଦିଆଯିବ ବୋଲି କହିଛନ୍ତି।

# ବନ୍ଦ ହେଲା ଇଣ୍ଟରନେଟ୍ ଏକ୍ସପ୍ଲୋରର

**ୱାଶିଂଟନ୍, ୧୫।୬**

ମାଇକ୍ରୋସଫ୍ଟର ସର୍ବପୁରାତନ ବ୍ରାଉଜର ଇଣ୍ଟରନେଟ୍ ଏକ୍ସପ୍ଲୋରର୍ (ଆଇଇ) ଦୀର୍ଘ ୨୭ ବର୍ଷ ଧରି ସେବା ଯୋଗାଇବା ପରେ ବୁଧବାର ମଧ୍ୟ ରାତ୍ରିରେ ଅବସର ନେଇଛି। ଏଣିକି ଡେସ୍କଟପ୍‌ରେ ଥିବା ଆଇଇ ଆଇକନ୍ କାମ କରିବ ନାହିଁ। ୟୁଜର୍ସ ଏହି ବ୍ରାଉଜର ବ୍ୟବହାର କରିବାକୁ ଚାହିଁଲେ ଆପେ ଆପେ ତାହା ମାଇକ୍ରୋସଫ୍ଟ ଏଜ୍‌କୁ ରିଡାଇରେକ୍ଟ ହୋଇଯିବ। ଅର୍ଥାତ ଆଇଇରୁ ଯେଉଁ ସେବା ମିଳୁଥିଲା ଏବେ ତାହା ମାଇକ୍ରୋସଫ୍ଟ ଏଜ୍‌ରୁ ୟୁଜର୍ସ ପାଇପାରିବେ। ୧୯୯୫ ଅଗଷ୍ଟ ୮ରେ ପ୍ରଥମେ ଇଣ୍ଟରନେଟ୍ ଏକ୍ସପ୍ଲୋରର ଆଡ୍-ଅନ୍ ପ୍ୟାକେଜ୍‌ରେ ଭାବେ ୱିଣ୍ଡୋଜ୍ ୯୫ ପାଇଁ ରିଲିଜ ହୋଇଥିଲା। ପରେ କମ୍ପାନୀ ଏହି ବ୍ରାଉଜରକୁ ଉକ୍ତ ପ୍ୟାକେଜର ଅଂଶ ଭାବେ ମାଗଣା କରିଥିଲା। ୨୦୦୪ରେ ଇଣ୍ଟରନେଟ ଏକ୍ସପ୍ଲୋରରକୁ ସର୍ବାଧିକ ୯୫% ୟୁଜର୍ସ ବ୍ୟବହାର କରିଥିବା ରେକର୍ଡ ହୋଇଥିଲା। ହେଲେ ପରେ ଆଇଇ ନିଜ ପୂର୍ବ ସ୍ଥିତି ବଜାୟ ରଖିବାରେ ବିଫଳ ହେବାରୁ ଏହାର ୟୁଜର୍ସ କମିବାରେ ଲାଗିଲେ। ତେଣୁ କମ୍ପାନୀ ଗତ ବର୍ଷ ମେ'ରେ ଏହି ବ୍ରାଉଜରକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏବେ ଗୁଗଲ କ୍ରୋମ,



ଆପଲର ସଫାରି, ମୋଜିଲା ଫାୟାରଫକ୍ସ ସର୍ବାଧିକ ବ୍ୟବହାର କରାଯାଉଥିବା ବ୍ରାଉଜର। ପ୍ରକାଶ ଯେ, ୨୦୨୧ରେ ଇଣ୍ଟରନେଟ ଏକ୍ସପ୍ଲୋରର ଏହାର ଶେଷ ଭର୍ସନ (ଆଇଇ-୧୧) ଆଣିଥିଲା।

## ପ୍ରଥମ ପୃଷ୍ଠାରୁ...

### ବିରୋଧୀ ଦେବେ ...

ନେଇ ସହମତି ଭିତ୍ତିରେ ଜଣେ ବରିଷ୍ଠ ନେତାଙ୍କୁ ପ୍ରାର୍ଥୀ ରୂପେ ଚୟନ କରିବା ଲାଗି ୭ ମୁଖ୍ୟମନ୍ତ୍ରୀଙ୍କ ସମେତ ୨୨ ଅଣଭାଜପା ନେତାଙ୍କୁ ମମତା ଚିଠି ଲେଖିଥିଲେ। ମମତାଙ୍କ ନିମନ୍ତ୍ରଣକ୍ରମେ ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ବୁଧବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ବୈଠକରେ ୧୭ ଦଳ ସାମିଲ ହୋଇଥିଲେ। ମମତାଙ୍କ ଟିଏମ୍‌ସି ଏବଂ ପାୱାରଙ୍କ ଏନ୍‌ସିପି ସମେତ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଆର୍‌ଜେଡି, ସିପିଆଇ, ସିପିଆଇଏମ୍, ସିପିଆଇଏମ୍‌ଏଲ୍, ଶିବସେନା, ନ୍ୟାଶନାଲ କନ୍‌ଫରେନ୍ସ, ପିଡିପି, ଜେଡିଏସ୍, ଆରଏସ୍‌ପି, ଆଇୟୁଏମ୍‌ଏଲ୍, ଆର୍‌ଏଲ୍‌ଡି ଏବଂ ଜେଏମ୍‌ଏମ୍ ନେତାମାନେ ଏଥିରେ ଯୋଗଦେଇଥିବାବେଳେ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ତେଲଙ୍ଗାନା ରାଷ୍ଟ୍ର ସମିତି ଓ ଓଡ଼ିଶାର ଶାସକ ବିଜେଡି ବୈଠକରେ ଅନୁପସ୍ଥିତ ରହିଥିଲେ। ଏନ୍‌ଡିଏର ପୂର୍ବତନ ସହଯୋଗୀ ଶିରୋମଣୀ ଅକାଳୀ ଦଳ (ଏସ୍‌ଏଡି) ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସ ମଧ୍ୟ ଏହି ବୈଠକରେ ସାମିଲ ହୋଇ ନ ଥିଲା। ମମତା ଓ ଅନ୍ୟ ନେତାମାନେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶରଦ ପାୱାରଙ୍କୁ ବିରୋଧୀଙ୍କ ପକ୍ଷରୁ ମିଳିତ ପ୍ରାର୍ଥୀ ହେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ୮୧ ବର୍ଷୀୟ ପାୱାର ସକ୍ରିୟ ରାଜନୀତିରେ ଆହୁରି ଅଧିକ ସମୟ ରହିବା ପାଇଁ ଆଗ୍ରହ ପ୍ରକାଶ କରି ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ମନାକରିଦେଇଥିଲେ। ପରାଜୟ ଆଶଙ୍କାରେ ଅଭିଜ୍ଞ ରାଜନେତା ପାୱାର ପ୍ରାର୍ଥୀ ହୋଇ ନ ପାରନ୍ତି ବୋଲି ପୂର୍ବରୁ ଅନେକେ ଅବଗତ ଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହେବା ପରେ ଗଣମାଧ୍ୟମକୁ ମମତା କହିଥିଲେ, ପାୱାର ରାଜି ହୋଇଥିଲେ ତାଙ୍କ ପ୍ରାର୍ଥିତ୍ୱକୁ ସବୁ ଦଳ ସମର୍ଥନ କରିଥାଆନ୍ତେ। କିନ୍ତୁ ସେ ରାଜି ହୋଇନାହାନ୍ତି। ଏହା ଆରମ୍ଭ ମାତ୍ର। ଆମେ ଆଲୋଚନା କରି ନୂଆ ପ୍ରାର୍ଥୀ ଖୋଜିବୁ। ଦେଶରେ ବୁଲ୍‌ଡୋଜର ଗଡ଼ୁଛି ଏବଂ ସରକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରାଯାଉଛି। ଏଭଳି ସମୟରେ ବିରୋଧୀ ଦଳଗୁଡ଼ିକ ଚୁପ୍ ନ ବସି ଏକାଠି ହେବା ଆବଶ୍ୟକ। ନିମନ୍ତ୍ରଣ କରାଯାଇଥିବା ଗୋଟିଏ କି ଦୁଇଟି ଦଳ ଆସିନାହାନ୍ତି। ସେମାନେ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ଥାଇପାରନ୍ତି ବୋଲି କହିଥିଲେ। ଆଗାମୀ କିଛି ଦିନ ମଧ୍ୟରେ ମମତା, ପାୱାର, ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ସହମତି ଭିତ୍ତିରେ ପ୍ରାର୍ଥୀ ବାଛିବା ପାଇଁ ସମସ୍ତ ବିରୋଧୀ ଦଳ ସହ ଆଲୋଚନା ଜାରି ରଖିବେ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ତାଙ୍କ ଦଳକୁ ଡକାଯାଇ ନାହିଁ। ନିମନ୍ତ୍ରଣ ପାଇଥିଲେ ବି କଂଗ୍ରେସ ସେଥିରେ ସାମିଲ ଥିବାରୁ ସେ ଯୋଗଦେଇ ନ ଥାଆନ୍ତେ। ପାୱାରଙ୍କ ସହ ଏନ୍‌ସିପିର ପ୍ରଫୁଲ୍ଲ ପଟେଲ, କଂଗ୍ରେସର ମଲ୍ଲିକାର୍ଜୁନ ଖାର୍ଗେ, ଜୟରାମ ରମେଶ, ରଣଦୀପ ସୁର୍ଯ୍ୟେୱାଲା, ଜେଡିଏସ୍ ମୁଖ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି ଦେବେଗୌଡ଼ା, ତାଙ୍କ ପୁଅ ଏଚ୍.ଡି କୁମାରସ୍ୱାମୀ, ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି, ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ପ୍ରମୁଖଙ୍କୁ ବୈଠକରେ ଦେଖିବାକୁ ମିଳିଥିଲା। ପାୱାର ମନା କରିବା ପରେ କେତେଜଣ ବିରୋଧୀ ନେତା ମହାତ୍ମା ଗାନ୍ଧୀଙ୍କ ଅଣନାତି ତଥା ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଗୋପାଳକୃଷ୍ଣ ଗାନ୍ଧୀଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଇବା ପାଇଁ ନାମ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାଙ୍କ ନାମକୁ ନେଇ ସହମତି ପ୍ରକାଶ ପାଇ ନ ଥିଲା। ଗୋପାଳକୃଷ୍ଣ ୨୦୧୭ରେ ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ପ୍ରାର୍ଥୀ ହୋଇ ଏନ୍‌ଡିଏର ଏମ୍. ଭେଙ୍କାୟା ନାଇଡୁଙ୍କଠାରୁ ପରାଜିତ ହୋଇଥିଲେ।

### ବଦଳିବ ସ୍କୁଲ ...

ହେବ ମହାମାରୀ କରୋନା ପାଇଁ ପାଠପଢ଼ା ପ୍ରଭାବିତ ହୋଇଛି। ତେଣୁ ଏହାକୁ ଭରଣା କରିବା ଲାଗି ରାଜ୍ୟ ସରକାର ଖରାଛୁଟିକୁ କମାଇ ଦେଇଥିଲେ। ପୂର୍ବରୁ ପ୍ରାୟ ୨ମାସ ଖରାଛୁଟି ଦିଆଯାଉଥିବାବେଳେ ଏଥର ୬ରୁ ୧୬ତାରିଖ ପର୍ଯ୍ୟନ୍ତ ମାତ୍ର ୧୧ଦିନ ପାଇଁ ଛୁଟି ଦିଆଯାଇଛି। ତେବେ ସ୍କୁଲ ଛୁଟି ହେବା ପୂର୍ବରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିଲା। ତେଣୁ ସକାଳୁଆ ପାଠପଢ଼ା ହେଉଥିଲା। ଏବେ ଯଦିଓ ଗୁଳୁଗୁଳି ହେଉଛି, କିନ୍ତୁ ଗ୍ରୀଷ୍ମପ୍ରବାହ କମିଯାଇଛି। ଏଥିସହିତ ଆସନ୍ତା ୪୮ ଘଣ୍ଟାରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଏବେ ସକାଳୁଆ ପାଠପଢ଼ା ସମୟରେ ପରିବର୍ତ୍ତନ କରାଯିବ।

### କଳିଙ୍ଗ ଷ୍ଟାଡିୟମରେ ...

ଅକ୍ଟୋବର ୨୧ ଓ୨୨ରେ ଖେଳାଯିବ। ପରେ ସେମିଫାଇନାଲ ଅକ୍ଟୋବର ୨୬ରେ ହେବ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜକ ଭାରତ ଅକ୍ଟୋବର ୧୧, ୧୪ ଓ ୧୭ ଏହାର ସମସ୍ତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଖେଳିବ। ଅନ୍ୟପକ୍ଷରେ ନଭି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମ ଓ ଫାଟୋର୍ଡାସ୍ଥିତ ପଣ୍ଡିତ ଜବାହରଲାଲ ଷ୍ଟାଡିୟମରେ ୪ଟି ଲେଖାଏ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳାଯିବ। ମହିଳା ଫୁଟ୍‌ବଲର ଉନ୍ନତି କ୍ଷେତ୍ରରେ ନିରନ୍ତର ସହଯୋଗ ପାଇଁ ସ୍ଥାନୀୟ ଆୟୋଜକ କମିଟି ପ୍ରୋଜେକ୍ଟ ଡାଇରେକ୍ଟର ଅଙ୍କୁଶ ଆରୋରା ଓ ନନ୍ଦିନୀ ଆରୋରା ଏକ ମିଳିତ ବିବୃତିରେ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା (ଫିଫା), ଆୟୋଜକ ରାଜ୍ୟ ସମୂହ ଓ ଅନ୍ୟ ଅଂଶୀଦାରଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଉଥିବା ବେଳେ ମୋଟ ୩୨ଟି ଗେମ୍ ଖେଳାଯିବା କାର୍ଯ୍ୟକ୍ରମ ରହିଛି।

### ଜୁଲାଇ ସୁଦ୍ଧା ୫ଜି ...

କ୍ୟାବିନେଟ ନିଷ୍ପତ୍ତି ନେଇଛି। ଶିଳ୍ପ ୪.୦ ଆପ୍ଲିକେଶନ ଯଥା ମେଶିନରୁ ମେଶିନ୍ ଯୋଗାଯୋଗ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ (ଆଇଓଟି), ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ରେ ନୂଆ ଇନୋଭେଶନ ଆଣିବାରେ ଘରୋଇ ନେଟ୍‌ୱର୍କ ସହାୟକ ହେବ। ସ୍ପେକ୍ଟ୍ରମ ହେଉଛି ସମ୍ପୂର୍ଣ୍ଣ ୫ଜି ଇକୋ-ସିଷ୍ଟମ୍‌ର ଅବିଚ୍ଛେଦ୍ୟ ଏବଂ ଜରୁରୀ ଅଙ୍ଗ। ୫ଜି ସେବା ବ୍ୟବସାୟରେ ନୂଆ ଯୁଗ ଆରମ୍ଭ କରିବା ସହ ଉଦ୍ୟୋଗୀମାନଙ୍କ ଲାଗି ଅତିରିକ୍ତ ରାଜସ୍ୱ ସୃଷ୍ଟି କରିପାରିବ ଓ ନିଯୁକ୍ତି ସୁଯୋଗ ବଢ଼ାଇବ। ୫ଜି ପ୍ରଯୁକ୍ତିଭିତ୍ତିକ ସେବା ପ୍ରଦାନ ଲାଗି ଟେଲିକମ୍ ସର୍ଭିସ ପ୍ରୋଭାଇଡର (ଟିଏସ୍‌ପି)ଗୁଡ଼ିକ ମଧ୍ୟମ ଓ ଉଚ୍ଚ ବ୍ୟାଣ୍ଡ ସ୍ପେକ୍ଟ୍ରମ ବ୍ୟବହାର କରିବେ। ବର୍ତ୍ତମାନର ୪ଜି ସେବା ତୁଳନାରେ ୫ଜି ୧୦ ଗୁଣ ଅଧିକ ଦ୍ରୁତତର ଇଣ୍ଟରନେଟ ସେବା ଯୋଗାଇବ ବୋଲି ଆଶା କରାଯାଉଛି। ସଫଳ ବିଡରମାନେ ଅଗ୍ରିମ ଅର୍ଥ ଜମା କରିବା ବାଧ୍ୟତାମୂଳକ ନୁହେଁ। ସ୍ପେକ୍ଟ୍ରମ ପାଇଁ ୨୦ଟି ସମାନ ବାର୍ଷିକ କିସ୍ତିରେ ସେମାନେ ପ୍ରତିବର୍ଷ ଆରମ୍ଭରେ ପୈଠ କରିପାରିବେ। ବିଡର ଚାହିଁଲେ ୧୦ ବର୍ଷ ପରେ ସ୍ପେକ୍ଟ୍ରମ୍‌କୁ ଫେରାଇପାରିବେ। ନିମ୍ନ, ମଧ୍ୟମ ଏବଂ ଉଚ୍ଚ ଫ୍ରିକ୍ୱେନ୍ସି ବ୍ୟାଣ୍ଡର ସ୍ପେକ୍ଟ୍ରମ ନିଲାମ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି କର୍ମକ୍ଷେତ୍ର, ମନୋରଞ୍ଜନ, କଳାସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦି ପାଇଁ ବହୁତ ଭଲ ଦିନଟିଏ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବହୁତ ଶୁଭଫଳ ପାଇବେ। ସାମାଜିକ ସ୍ତରରେ ସୁଖ ଓ ସମ୍ମାନ ପ୍ରାପ୍ତି ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବୃଷ** - ଅଷ୍ଟମଚନ୍ଦ୍ର ପ୍ରଭାବରୁ ଆଜିର କାମ ସମ୍ପନ୍ନରେ ତକ୍‌ଲିଫ ଭୋଗ କରିବାକୁ ପଡ଼ିବ। ପରିବାର ମଧ୍ୟରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ ବ୍ୟକ୍ତିଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ। ପୂର୍ବସ୍ଥିରିକୃତ ଯୋଜନା ଅନୁଯାୟୀ ବନ୍ଧୁଦ୍ୱାରକୁ ଗମନ କରିବେ। ଶତ୍ରୁତା କରୁଥିବା ଲୋକମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି।

**ମିଥୁନ** - ଧନାଧିପ ସପ୍ତମଭାବସ୍ଥ ହେତୁ ଆର୍ଥିକ ଦିଗ ପାଇଁ ଦିନଟି ଶୁଭଙ୍କର। ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରିବାରେ ସମର୍ଥ ହେବେ। ସାମାଜିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ ଓ ଆଲୋଚନା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବେ।

**କର୍କଟ** - ଶୁଭଚନ୍ଦ୍ର ପ୍ରଭାବରୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନ କରି କାର୍ଯ୍ୟ ହାସଲ କରିବେ। କିନ୍ତୁ ଶତ୍ରୁମାନଙ୍କର ସମସ୍ୟା ସୃଷ୍ଟି ମନକୁ ଭାରାକ୍ରାନ୍ତ କରିବ। ଅଫିସରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାରରେ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କଲେ ସଫଳତା ପାଇବେ।

**ସିଂହ** - ପାରିପାର୍ଶ୍ୱିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖିବା ପରେ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବିଭିନ୍ନ ଯୋଜନାରେ ସଫଳ ହେବେ। ନୂତନ କାମ ଆରମ୍ଭ କରିବାର ମନସ୍ଥ କରିପାରନ୍ତି। ବିଭିନ୍ନ ଦିଗରୁ ଅର୍ଥ ପାଇଲେ ମଧ୍ୟ ତାହା ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ।

**କନ୍ୟା** - କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ। ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ କାମଗୁଡ଼ିକ ଯଥାବିଧି ସମ୍ପନ୍ନ ହେବ ଓ ଅର୍ଥ, ସମ୍ମାନ ପାଇବେ। ପରିବାର ସଦସ୍ୟ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବାଟରେ ପରିଚାଳିତ ହୋଇପାରନ୍ତି। ଆଜି ଠିକ୍ ସମୟରେ ଭାବୁଥିବା କାମଟି ଶୀଘ୍ର ଶେଷ କରିପାରିବେ ନାହିଁ।

**ତୁଳା** - ଆଜି ନିଜର ଲୋକଙ୍କ ବିରୁଦ୍ଧାଚରଣ ପରିବେଶକୁ ସରଗରମ କରିରଖିବ। ବ୍ୟବସାୟିକ, ସାମାଜିକ ଅଭିବୃଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ଖୁସି ରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ସାଧାରଣ କଥାରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ।

**ବିଛା** - କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବନି। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟାଜନିତ ଚିନ୍ତିତ ରହିବେ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ।

**ଧନୁ** - ଆଜି ଅତୀତ କଥା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ସ୍ୱାସ୍ଥ୍ୟ ସମସ୍ୟା, ଅସଜଡା ପାରିବାରିକ ପରିସ୍ଥିତି ଓ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା କାରବାର, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର** - ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବର ପାଇବା ଯୋଗୁ ମନ ଖୁସି ରହିବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ପାରିବାରିକ ଦୃଷ୍ଟିକୋଣରୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କୁମ୍ଭ** - ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ। ଗତକାଲିର ଯୋଜନା ଅନୁସାରେ ଆବଶ୍ୟକ ସୁବିଧା ସୁଯୋଗ ଆପଣାଛାଏ ଜୁଟିଯିବ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ। ବ୍ୟବସାୟରେ ସଫଳତା ହାସଲ କରିବେ ଓ ସୁବିଧାରେ କାମ ହାସଲ କରିବେ।

**ମୀନ** - କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ ଆଶାକରି ନିରାଶ ହେବେ। ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ଧୀରେ ଧୀରେ ସମସ୍ୟା ସମାଧାନ ଦିଗକୁ ମୁହାଁଇବ। ବହୁତ ଦିନରୁ ଦେହରେ ଘର କରି ରହିଥିବା ରୋଗରେ ପୀଡା ବୃଦ୍ଧି ଘଟିବ।


# classifieds

**Everyday**
**0674-2580101, 2549302**



**SALE**

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421.
D-718

Plot for sale Pahal, Hansapal, Nakhara, Sunderpada Nuagaon, interested person contact 8917447972, broker excuses.
D-748

**2& 3BHK ready to move flat for sale at Chintamaniswar & near Palm Heights Sum Hospital and a new construction 3BHK flat start at Nandan Vihar Patia, Bhubaneswar. Contact -9861882233, 9437231479.**
D-73324

ଭୁବନେଶ୍ୱର ସୁନ୍ଦରପଦା ବେଣାବିଲ ମୌଜାରେ ରାସ୍ତାଥାଇ 5000 ବର୍ଗଫୁଟକୁ 20 ଲକ୍ଷରେ ବିକ୍ରି କରିବି। 9938016295.
D-73262

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/- . 8114929186.**
D-73920

200 ଫୁଟ ରାସ୍ତାକୁ ଲାଗି ନାଇକର ବର୍ଗଫୁଟ ୨୫୦/- ଟଙ୍କାରେ ଜାଗାବିକ୍ରି ହେଉଛି। 7609803855.
D-73614

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.**
D-73259

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607.
D-642

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.**
D-73250



Residential house in lane opposite HDFC Bank, Lewis Road, Bhubaneswar having two Bedrooms, Dining, Drawing, Pujaroom, Two Toilet Kitchen, Balcony for Govt. / PSU Service holders. Contact: 9619530420.
D-73509



Newly open SPA positively health benefit with expert. Contact: 7749976301.
D-73819

**Relax, Refresh your body, Mind at Saikrupa Spa with best therapies. 8984068077.**
D-668

Refreshments rejuvenation body massage therapy with experienced therapists, Bhubaneswar. 7854099233.
D-73822

**AFFIDAVIT**

By virtue of an affidavit before Notary Public, Puri on date 13.06.2022 we Debabrata Dash and Debasish Dash, S/o Late Daityari Dash resident of Sidhamahaveer Patana, P.S.: Talabania, Dist.: Puri declare that our father name has been mentioned as Dayanidhi Dash in R.S.D. bearing No. 3624 date 20.04.1988. As per Death Certificate and Aadhar Card my father's actual name is Daityari Dash. Dayanidhi Dash and Daityari Dash both are one and same person. So the name Daityari Dash is used for all purpose.
Sd./-Debabrata Dash
Debasish Dash
D-749

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୧୯,୬୮,୮୬୮ | ୬୩,୩୪,୬୧୫ | ୫୧,୭୧,୭୫,୦୫୭ |
| ଭାରତ | ୪,୩୨,୪୫,୫୧୭ | ୫,୨୪,୭୯୨ | ୪,୨୬,୬୭,୦୮୮ |
| ଓଡ଼ିଶା | ୧୨,୮୮,୬୧୬ | ୯୧୨୬(+୫୩) | ୧୨,୭୯,୩୮୧ |

ବୁଧବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# 'ପୁଅକୁ ପିଟି ମାରିଛନ୍ତି ବାପା, ସାବତ ମା'

## ହତ୍ୟା ଅଭିଯୋଗ ଆଣିଲେ ଅଜା

■ ପୋଲିସକୁ ବାପାଙ୍କ ସୂଚନା, ପୁଅ ଆତ୍ମହତ୍ୟା କରିଛି

■ ସାବତ ମା'କହିଲେ, ଗଛ ତଳେ ପଡ଼ିଥିଲା ମୃତଦେହ

**କୁଜଙ୍ଗ,୧୫।୬ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର ଗାଁର ନାବାଳକ ରାହୁଲ ବେହେରା(୧୬)ଙ୍କୁ ତାଙ୍କ ବାପା ମକର ଓ ସାବତ ମା' କୁନି ପିଟି ପିଟି ହତ୍ୟା କରିଛନ୍ତି। ବୁଧବାର ଥାନାରେ ଏଭଳି ଅଭିଯୋଗ କରିଛନ୍ତି ନାବାଳକଙ୍କ ଅଜା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳତାଙ୍ଗ ଗ୍ରାମ କରୁଣାକର ସେଠୀ। ଅନ୍ୟପକ୍ଷରେ ଅଭିଯୋଗକୁ ଖଣ୍ଡନ କରିବା ସହ ରାହୁଲ ଆତ୍ମହତ୍ୟା କରିଥିବା ତାଙ୍କ ବାପା ମକର ପୋଲିସକୁ ସୂଚନା ଦେଇଛନ୍ତି। ହେଲେ ରାହୁଲଙ୍କ ସାବତ ମା' କୁନି କହିଛନ୍ତି, ମୃତଦେହ ଏକ ଗଛ ତଳେ ପଡିଥିଲା। ମା' ବାପାଙ୍କ ଏପରି ଭିନ୍ନ ମତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ମକରଙ୍କ ପ୍ରଥମ ସ୍ତ୍ରୀଙ୍କ ୨ ପୁଅ ରାଜେଶ ଓ ରାହୁଲ। ବଡ଼ପୁଅ ରାଜେଶ ଅଜା ଘରେ ରୁହନ୍ତି। ସାନପୁଅ ରାହୁଲ ବାପା ମକର ଓ ସାବତ ମା' କୁନିଙ୍କ ସହ ତ୍ରିଲୋଚନପୁରରେ ରୁହନ୍ତି। ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ମକରଙ୍କ



ମୃତ ରାହୁଲଙ୍କ ଫାଇଲ ଫଟୋ।

ସହ ପୁଅ ରାହୁଲଙ୍କ ପାଟିତୁଣ୍ଡ ହୋଇଥିଲା। ଏହାପରେ ରାହୁଲ ଘରୁ ବାହାରକୁ ଚାଲି ଯାଇଥିଲେ। ରାତି ୧୦ଟା ସୁଦ୍ଧା ସେ ଆଉ ଘରକୁ ଫେରି ନ ଥିଲେ। ମକର ଓ କୁନି ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବୁଧବାର ସକାଳେ କୁନି ଘର ନିକଟ ସ୍କୁଲ ଓ ଅଙ୍ଗନୱାଡି ହତାକୁ ଯାଇଥିଲେ। ରାହୁଲ କାଳେ ସ୍କୁଲ ବାରଣ୍ଡାରେ ଶୋଇପଡିଥିବା ସେ ଭାବିଥିଲେ। ହେଲେ ଅଙ୍ଗନୱାଡି କେନ୍ଦ୍ରକୁ ଲାଗିଥିବା ଏକ ବେଲ ଗଛ ତଳେ ରାହୁଲ ପଡ଼ିଥିଲେ। ଏ ସମ୍ପର୍କରେ କୁନି ମକରଙ୍କୁ ଜଣାଇଥିଲେ। ମକର ସେଠାରେ ପହଞ୍ଚି ଦେଖିଲା ବେଳକୁ ରାହୁଲଙ୍କ ମୃତ୍ୟୁ ଘଟି ସାରିଥିଲା। ମୃତଦେହ ଘରକୁ ଆଣିବା ପରେ ମକର ଥାନାକୁ ଖବର ଦେଇଥିଲେ, ତାଙ୍କ ପୁଅ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦୨୨) ରୁଜୁ କରାଯାଇଛି। ପୋଲିସ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଏ ନେଇ ସାବତ ମା' କୁନି କହିଛନ୍ତି, ରାହୁଲ ପଛକୁ ଗୋଡ଼ ଭାଙ୍ଗି ଗଛ ତଳେ ପଡିଥିଲେ। ସେ ମକରଙ୍କୁ ଖବର ଦେଇଥିଲେ। ରାହୁଲଙ୍କ ମୃତଦେହକୁ ଘରକୁ ଆଣିଲା ପରେ ତା' ବେକରେ ରଶି ଦାଗ ଥିଲା। ବେକରେ ରଶି ବାନ୍ଧି ଯଦି ରାହୁଲ ଆତ୍ମହତ୍ୟା କରିଥିଲେ, ତେବେ ମୃତଦେହ ଗଛରେ ଝୁଲି ରହିଥାଆନ୍ତା। ମୃତଦେହ ତଳେ ପଡିଲା କିପରି ବୋଲି ପ୍ରଶ୍ନ କରିବାରୁ ସେ ଏ ସଂକ୍ରାନ୍ତରେ କିଛି କହିପାରିବେ ନାହିଁ ବୋଲି କହିଥିଲେ। ମୃତଦେହ ଗଛତଳେ ପଡିଥିବା କୁନି କହୁଥିବା ବେଳେ, ରଶି ଲଗାଇ ପୁଅ ଆତ୍ମହତ୍ୟା କରିଛି ବୋଲି ବାପା ମକର ପୋଲିସକୁ ସୂଚନା ଦେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି, ମକରଙ୍କ ଅଭିଯୋଗକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା କି ହତ୍ୟା ସ୍ପଷ୍ଟ ହେବ। ଅନ୍ୟପକ୍ଷେ ଗ୍ରାମବାସୀ କହିଛନ୍ତି, ରାହୁଲଙ୍କ ପାଟି ଓ କାନମୁଣ୍ଡାରୁ ରକ୍ତ ବାହାରୁଥିଲା। ବାପା ଓ ସାବତ ମା' ପିଟି ପିଟି ତାଙ୍କୁ ହତ୍ୟା କରିଛନ୍ତି। ମକର ତାଙ୍କ ପ୍ରଥମ ସ୍ତ୍ରୀ ମମତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦଣ୍ଡିତ ହୋଇ ୪ ବର୍ଷ ଜେଲରେ ଥିଲେ ବୋଲି ରାହୁଲଙ୍କ ଅଜା କହିଛନ୍ତି।

# ପୃଥ୍ୱୀ-୨ର ରାତ୍ରି ପରୀକ୍ଷଣ ସଫଳ

**ବାଲେଶ୍ୱର ଅଫିସ, ୧୫।୬**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆର ପରିସରରେ ବୁଧବାର ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ରାତ୍ରିକାଳୀନ ପରୀକ୍ଷଣ ସଫଳ ହୋଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ଏହି ସ୍ୱଳ୍ପ ଦୂରଗାମୀ ବାଲାଷ୍ଟିକ କ୍ଷେପଣାସ୍ତ୍ରର ପରୀକ୍ଷଣ ୩ନଂ, ଲଞ୍ଚପ୍ୟାଡରୁ ହୋଇଥିଲା। ଏହାର ଲକ୍ଷ୍ୟଭେଦ କ୍ଷମତା ୨୫୦କି.ମି. ରୁ ୩୦୦ କି.ମି.। ଏହି କ୍ଷେପଣାସ୍ତ୍ର ୧ ହଜାର କି.ଗ୍ରା. ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ଏହାର ଲମ୍ବ ୮.୫୬ ମିଟର ବୋଲି ଡିଆରଡିଓ(ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ) ପକ୍ଷରୁ କୁହାଯାଇଛି।




୩ ନଂ. ଲଞ୍ଚପ୍ୟାଡରୁ ଉତ୍‌କ୍ଷେପଣ ହେଉଥିବା ପୃଥ୍ୱୀ-୨ କ୍ଷେପଣାସ୍ତ୍ର।

# ୪୮ ଘଣ୍ଟାରେ ଓଡ଼ିଶା ଛୁଇଁପାରେ ମୌସୁମୀ

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ମୌସୁମୀର ଓଡ଼ିଶା ପ୍ରବେଶ ପାଇଁ ପାଗ ଅନୁକୂଳ ହୋଇଛି। ଆସନ୍ତା ୪୮ ଘଣ୍ଟା ଭିତରେ ମୌସୁମୀ ଓଡ଼ିଶା ଛୁଇଁବା ସମ୍ଭାବନା ରହିଛି ବୋଲି ବୁଧବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆସନ୍ତା ୧୬ କିମ୍ବା ୧୭ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ଭାଗକୁ ମୌସୁମୀ ଛୁଇଁବା ସମ୍ଭାବନା ରହିଛି। ସେଥିପାଇଁ ପାଗ ଅନୁକୂଳ ରହିଛି। ମୌସୁମୀ ପ୍ରବେଶ କଲେ ମଧ୍ୟ ରାଜ୍ୟର କିଛି ଭାଗରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ମୌସୁମୀ ପାଇଁ ପାଗ ଅନୁକୂଳ ହେଉଥିବାରୁ ବୁଧବାରଠାରୁ ତାତି ହ୍ରାସ ପାଇଛି। କେବଳ ଗୋଟିଏ ଦୁଇଟି ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସବୁଠି ପାରଦ ୪୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବାଧିକ ୪୧.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ୪୦.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୨୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ଝଡ଼ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ବାଲେଶ୍ୱର, ଭଦ୍ରକ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି।

# 'ଶ୍ରମିକ, କର୍ମଚାରୀଙ୍କୁ କେନ୍ଦ୍ର ସରକାରଙ୍କ ଉପହାର'

■ ଅନୁଗୋଳରେ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇସି ହସ୍ପିଟାଲ ଲୋକାର୍ପିତ

■ ଝାରସୁଗୁଡ଼ାରେ ଇଏସ୍‌ଆଇସିର ଉପ-ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଅନୁଗୋଳ ଅଫିସ/ଝାରସୁଗୁଡ଼ା ଅଫିସ/ ବଅଁରପାଳ(ଡି.ଏନ୍.ଏ.), ୧୫।୬**

ଅନୁଗୋଳ ଜିଲା ବଳରାମପ୍ରସାଦରେ ୧୦୦ ଶଯ୍ୟା ବିଶିଷ୍ଟ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଡାକ୍ତରଖାନା ଏବଂ ଝାରସୁଗୁଡ଼ାରେ ଇଏସ୍‌ଆଇସିର ଉପ ଆଞ୍ଚଳିକ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରମ ଓ ନିଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ରାମେଶ୍ୱର ତେଲି ଏହି ଦୁଇ ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ। ରଜ ସଂକ୍ରାନ୍ତିରେ ଏହା ହେଉଛି କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କର୍ମଚାରୀଙ୍କୁ ଉପହାର ବୋଲି ଧର୍ମେନ୍ଦ୍ର ନିଜ ଅଭିଭାଷଣରେ କହିଛନ୍ତି।

ବଳରାମପ୍ରସାଦସ୍ଥିତ ଇଏସ୍‌ଆଇ ହସ୍ପିଟାଲକୁ ୨ କେନ୍ଦ୍ରମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଲୋକାର୍ପଣ କରିଥିବାବେଳେ ଭର୍ଚୁଆଲ ମାଧ୍ୟମରେ ଝାରସୁଗୁଡ଼ା ଇଏସ୍‌ଆଇସିର ଉପ-କ୍ଷେତ୍ରୀୟ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଶିଳ୍ପ ଏବଂ କୋଇଲା ଉତ୍ପାଦନରେ ଅନୁଗୋଳ ଅନ୍ୟତମ। ଏଠାରେ ଜିନ୍ଦଲ, ଟାଟା, ନାଲ୍‌କୋ ଭଳି ଶିଳ୍ପାନୁଷ୍ଠାନ ସମେତ ଅନେକ ପାୱାର ଶିଳ୍ପ ପ୍ରତିଷ୍ଠାନ ରହିଛି। କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ଚାହିଦା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ବଳରାମପ୍ରସାଦରେ ୫ ଏକର ପରିମିତ ଜମିରେ ୬୫ କୋଟି ଟଙ୍କା ବ୍ୟୟରେ ଇଏସ୍‌ଆଇ ହସ୍ପିଟାଲ ନିର୍ମାଣ କରାଯାଇଛି। ଏହା ଶ୍ରମିକଙ୍କୁ ଚିକିତ୍ସା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ୩ ଲକ୍ଷ ଶ୍ରମିକ କର୍ମଚାରୀ ଉପକୃତ ହେବେ।

ସେହିପରି ଝାରସୁଗୁଡ଼ାରେ ଇଏସ୍‌ଆଇସିର ଉପ-ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ପଶ୍ଚିମ ଓଡ଼ିଶା ସମେତ ୧୩ ଜିଲାର ପାଖାପାଖି ୨ ଲକ୍ଷ ବୀମାଧାରୀ ଶ୍ରମିକ ଓ କର୍ମଚାରୀ ଲାଭ ପାଇବେ। କେବଳ ଝାରସୁଗୁଡ଼ାର ୫୪ ହଜାର ବୀମାଭୁକ୍ତ ଲୋକ ଉପକୃତ ହୋଇପାରିବେ। ରାଜ୍ୟରେ ଆଗାମୀ ଦିନରେ ୩ଟି ନୂଆ ଇଏସ୍‌ଆଇସି ହସ୍ପିଟାଲ, ୧୨ଟି ଡିସ୍‌ପେନ୍‌ସରି ଖୋଲିବ। ଭୁବନେଶ୍ୱରରେ ୧୫୦ ଶଯ୍ୟା, ଯାଜପୁରରେ ୧୦୦ ଶଯ୍ୟା ଏବଂ ପାରାଦୀପରେ ୩୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଅନୁଗୋଳ, ଝାରସୁଗୁଡ଼ା, ଯାଜପୁର, କେନ୍ଦୁଝର ଭଳି ଖଣି ସମୃଦ୍ଧ ଜିଲା ପାଇଁ ଜିଲା ଖଣିଜ ପାଣ୍ଠି ବ୍ୟବସ୍ଥା କରାଯାଇଛି ବୋଲି ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଇଏସ୍‌ଆଇ ଅନ୍ତର୍ଗତ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ପରିବାରକୁ ପେନ୍‌ସନ୍ ଓ ଦରମା ସ୍ୱରୂପ ଚେକ୍ ପ୍ରଦାନ କରିଥିଲେ। କରୋନାରେ ମୃତ୍ୟୁ ଘଟିଥିବା ହିତାଧିକାରୀଙ୍କ ସମ୍ପର୍କୀୟ ପିଙ୍କି ଦେହୁରୀ, ଶିବାନୀ ସାହୁ, ପ୍ରତିମା ସାହୁଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା। ଏମ୍‌ପି ମହେଶ ସାହୁ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ବହୁ ଜନପ୍ରତିନିଧି, ବିଭାଗୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରମ ଓ ନିଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ରାମେଶ୍ୱର ତେଲିଙ୍କ ସମେତ ଅନ୍ୟମାନେ।

# ବଜ୍ରପାତରେ ୩ ମୃତ

## ଦୋଳି ଖେଳବେଳେ ୬ ଯୁବତୀ ଗୁରୁତର

**ଉମରକୋଟ/କୋରାପୁଟ/ଟିକିରି/ ବିଷମକଟକ, ୧୫।୬(ସ୍ୱ.ପ୍ର./ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଉମରକୋଟ, କୋରାପୁଟ ଜିଲା କୋଟପାଡ଼ ଓ ରାୟଗଡ଼ା ଜିଲା ଟିକିରି ଅଞ୍ଚଳରେ ବୁଧବାର ବଜ୍ରପାତ ଘଟି ୩ଜଣଙ୍କର ମୃତ୍ୟୁ ହୋଇଛି। ଉମରକୋଟ ବ୍ଲକ କୁର୍ସି ପଞ୍ଚାୟତ ଜୁନାପାରା ଗ୍ରାମର ଈଶ୍ୱର ଗଣ୍ଡ (୪୦) ପୁଅ ଖଗ (୧୦)ଙ୍କ ସହ ଚାଷଜମିକୁ ଧାନ ବୁଣିବାକୁ ଯାଇଥିଲେ। ହଠାତ୍ ପ୍ରବଳ ପବନ ସାଙ୍ଗକୁ ବର୍ଷା ସହ ଘଡ଼ଘଡ଼ି ଯୋଗୁ ବାପପୁଅ ଜମିରେ ଥିବା କୁଡ଼ିଆ ତଳେ ଆଶ୍ରୟ ନେଇଥିଲେ। କୁଡ଼ିଆଘର ଉପରେ ବଜ୍ରପାତ ଯୋଗୁ ଘଟଣାସ୍ଥଳରେ ଈଶ୍ୱରଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଉମରକୋଟ ଥାନାକୁ ଜଣାଇଥିଲେ। କୋଟପାଡ଼ ବ୍ଲକ ଚିତ୍ରା ପଞ୍ଚାୟତର କୁର୍ମାକୋଟ ଗ୍ରାମର କମଲୁ ହରିଜନ(୧୮) ୪ ଜଣଙ୍କ ସହ ଜମିରେ ଚାଷ କରୁଥିବାବେଳେ ବଜ୍ରପାତ ଘଟିଥିଲା। କମଲୁଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଟିକିରି ଥାନା ଅଧୀନ ମାଙ୍କଡ଼ଖୋଲା ଗ୍ରାମର ଅମରି ମାଝି ସ୍ତ୍ରୀ ଜିରିମେ, ପୁଅ ଆକାଶ(୬) ଏବଂ ଝିଅ ବୈଶାଳୀ(୧୩)ଙ୍କ ସହ ଜମିରେ କାମ କରୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଆକାଶଙ୍କ ମୃତ୍ୟୁ ହୋଇଯାଇଥିଲା।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଝୁଗିଡ଼ି ପଞ୍ଚାୟତ ଉର୍ଲାଯୋଡ଼ି ଗାଁରେ ରଜରେ ଯୁବତୀମାନେ ଆନନ୍ଦ ଉତ୍ସାହରେ ଦୋଳି ଖେଳୁଥିଲେ। ଏହି ସମୟରେ ବଜ୍ରପାତ ଘଟି ୬ ଯୁବତୀ ଆହତ ହୋଇଛନ୍ତି। ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ଅଜିତ ସାରକା ଯୁବତୀମାନଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରକୁ ନେଇଥିଲେ। ସେମାନଙ୍କ ମଧ୍ୟରୁ ଅମ୍ବିକା କୁଟ୍ରୁକା(୨୨), ଦମ୍ବାଇ କୁଟ୍ରୁକା(୨୫)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନା ଡାକ୍ତରଖାନାରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

**'ଅପରେଶନ ଜିନ୍ଦେଗୀ'ର ହିରୋ ମହାବୀର**

# ବଖାଣିଲେ ରାହୁଲ ଉଦ୍ଧାର ଅନୁଭୂତି

**ଢେଙ୍କାନାଳ ଅଫିସ, ୧୫।୬**

ସେପଟେ ଜଗିଥିଲା ମୃତ୍ୟୁ। ଏପଟେ ମୃତ୍ୟୁ ପଞ୍ଝାରୁ ଜୀବନକୁ ଛଡ଼ାଇ ଆଣିବାକୁ ଚାଲିଥିଲା ସଂଘର୍ଷ। ୧୦୬ ଘଣ୍ଟାର କଷ୍ଟକର ସମୟ। ଛତିଶଗଡ଼ ସରକାର, ମାଇନିଂ ଏକ୍ସପର୍ଟ, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ସେନା ଯବାନ, ସ୍ଥାନୀୟ ପୋଲିସଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ଅବିରତ ଉଦ୍ୟମ ଫଳରେ ସଫଳ ହୋଇଛି 'ଅପରେଶନ ଜିନ୍ଦେଗୀ'। ୮୦ ଫୁଟ ବୋରୱେଲରେ ୫ଦିନ ଧରି ଫସି ରହିଥିବା ଛତିଶଗଡ଼ର ୧୧ ବର୍ଷୀୟ ବାଳକ ରାହୁଲ ସାହୁ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଅପରେଶନ ସଫଳ ହେବା ପରେ ଏଥିରେ ନିୟୋଜିତ କର୍ମଚାରୀଙ୍କ ପ୍ରଶଂସାରେ ଶତମୁଖ ହୋଇଉଠିଛନ୍ତି ଦେଶବାସୀ। ହେଲେ 'ଅପରେଶନ ଜିନ୍ଦେଗୀ' ଏତେ ସହଜ ନ ଥିଲା। ପଥର ପ୍ରାଚୀର ଫୁଟାଇ ରାହୁଲଙ୍କ ପାଖରେ ପହଞ୍ଚିବା, ତାଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିବା ଏବଂ ଗ୍ରୀନ୍ କରିଡରରେ ମେଡିକାଲ ପଠାଇବା ପର୍ଯ୍ୟନ୍ତ ସମସ୍ତ ଘଟଣାବଳୀର ଅଙ୍ଗେନିଭା ଅନୁଭୂତି ବଖାଣିଛନ୍ତି ୩୨ ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍‌ର ନେତୃତ୍ୱ ନେଇଥିବା ଢେଙ୍କାନାଳ ମାଟିର ପୁଅ ଇନ୍ସପେକ୍ଟର ମହାବୀର ମହାନ୍ତି (୪୦)।

ଛତିଶଗଡ଼ ଖାଞ୍ଜିଗିର ଚାମ୍ପାର ମାଲଖରୋଡ଼ା ବ୍ଲକ ପିହରିଡ଼ ଗ୍ରାମର ରାହୁଲ ବୋରୱେଲରେ ଖସିପଡ଼ିଥିବା ଘଟଣା ଉପରେ ଅଟକିଥିଲା ସାରା ଦେଶବାସୀଙ୍କ ନଜର। ଦିନ ଯେତେ ଗଡୁଥିଲା କୋମଳମତି ଦିବ୍ୟାଙ୍ଗ ପୁଅକୁ କିପରି ବିରାଟ ଗର୍ତ୍ତରୁ ବାହାର କରାଯିବ ସେ



ଏନ୍‌ଡିଆରଏଫ୍‌ର ନେତୃତ୍ୱ ନେଇଥିବା ମହାବୀର ମହାନ୍ତି ଓ ଅନ୍ୟମାନେ ଖୁସି ମନାଉଛନ୍ତି।

ନେଇ ଚିନ୍ତା ସେତିକି ବଢ଼ିଚାଲିଥିଲା। ଏଭଳି ଏକ ସମୟ ଆସିଥିଲା, ଯେଉଁଠି ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିଲା ରାହୁଲଙ୍କ ଜୀବନ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏନ୍‌ଡିଆର୍‌ଏଫ୍‌କୁ ମିଳିଥିଲା ଗୁରୁଦାୟିତ୍ୱ ଏବଂ ଆରମ୍ଭ ହୋଇଥିଲା 'ଅପରେଶନ ଜିନ୍ଦେଗୀ', ଯାହାର ନେତୃତ୍ୱ ନେଇଥିଲେ ମହାବୀର। ଏହା ସଫଳ ହେବା ପରେ ଶାନ୍ତିରେ ନିଃଶ୍ୱାସ ମାରିଥିଲେ କୋଟି କୋଟି ଜନସାଧାରଣ।

ଉଦ୍ଧାର ସମୟର ସଂଘର୍ଷ ବିଷୟରେ ସୂଚନା ଦେଇ ମହାବୀର କହିଛନ୍ତି, ବୋରୱେଲରେ ପଡ଼ିଯାଇଥିବା ରାହୁଲଙ୍କୁ ଉଦ୍ଧାର ପାଇଁ ଗତ ୧୦ ତାରିଖ ସନ୍ଧ୍ୟା ୫ଟା ୪୫ରେ ତାଙ୍କ ନିକଟକୁ ଫୋନ ଆସିଥିଲା। କାଳ ବିଳମ୍ବ ନ କରି ସେ ତୁରନ୍ତ ଏନ୍‌ଡିଆରଏଫ୍‌ର ୩୨ଜଣିଆ ଯବାନଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଥମେ ରାହୁଲଙ୍କ ଜୀବନ ରକ୍ଷା ପାଇଁ ବୋରୱେଲ ଭିତରକୁ ଅକ୍ସିଜେନ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଏହାପରେ ସିସିଟିଭି କ୍ୟାମେରା ଲଗାଯାଇ କଥାବାର୍ତ୍ତା ହେବା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଥିଲା। ଏସବୁ ସହିତ ସମାନ୍ତରାଳ ଭାବେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ। ପଥର ଚଟାଣ କାଟି ରାହୁଲଙ୍କ ପାଖରେ ପହଞ୍ଚିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। କାଳେ କିଛି ଅଘଟଣ ଘଟିବ ତେଣୁ, ସବୁ କାମ ଜଗିରଖି କରିବାକୁ ପଡୁଥିଲା। ଦିନରାତି ଅନିଦ୍ରା ରହି ଯେଉଁ ଅଭିଯାନ ଆରମ୍ଭ ହୋଇଥିଲା, ତାହାର ମୂଲ୍ୟ ମିଳିଲା ମଙ୍ଗଳବାର ରାତି ପ୍ରାୟ ୧୨ଟାରେ। ରାହୁଲ ବାହାରକୁ ଆସିବା ସମୟର ଅନୁଭବ ପ୍ରକାଶ କରିବା ଅସମ୍ଭବ। ଏକ ଜୀବନ ବଞ୍ଚିଯାଇଥିବାରୁ ସେ ଉଦ୍ଧାରକାରୀ ଦଳର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଭଳି ଉଦ୍ଧାର କାର୍ଯ୍ୟ ସମ୍ଭବତଃ ଦେଶରେ ପ୍ରଥମ। ଦେଶବାସୀଙ୍କ ଆଗରେ ବିଶ୍ୱାସଭାଜନ ହୋଇପାରିଥିବାରୁ ଏହା ଖୁସିର ବିଷୟ ବୋଲି ମହାବୀର କହିଛନ୍ତି। ଅନ୍ୟପଟେ ମହାବୀର ଉଦ୍ଧାରର ନେତୃତ୍ୱ ନେଇଥିବା ପ୍ରଚାର ହେବାପରେ ମହାବୀରଙ୍କୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ଗ୍ରାମର ସ୍ୱର୍ଗତ ଅନନ୍ତ ଚରଣ ମହାନ୍ତିଙ୍କ ୪ ସନ୍ତାନଙ୍କ ମଧ୍ୟରୁ ମହାବୀର ହେଉଛନ୍ତି ସାନ। ସେ ଦିଲ୍ଲୀରେ ସିଆରପିଏଫ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିବାବେଳେ ଗତବର୍ଷ ଜୁଲାଇରେ ତାଙ୍କୁ ଏନ୍‌ଡିଆରଏଫ୍ ଇନ୍ସପେକ୍ଟର ଭାବେ ନିଯୁକ୍ତି ମିଳିଥିଲା। ଓଡ଼ିଶାର ମୁଣ୍ଡଳୀ ଏନ୍‌ଡିଆରଏଫ୍‌ର ଏକ ଆଞ୍ଚଳିକ କାର୍ଯ୍ୟାଳୟ ଛତିଶଗଡ଼ର ଭିଲାଇଠାରେ ରହିଛି। ମହାବୀର ସେଠାରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ପ୍ରଧାନ ମୁଣ୍ଡଳୀ ଏନ୍‌ଡିଆରଏଫ୍ ଆଇନ ବିଭାଗର ଏସ୍‌ଆଇ ଭାବେ କାର୍ଯ୍ୟରତ। ଉଲ୍ଲେଖଯୋଗ୍ୟ, ମହାବୀରଙ୍କ ବାପା ଅନନ୍ତ ଚରଣ ୧୮ ବର୍ଷ ଧରି ଗ୍ରାମର ମୁଖିଆ ଥିଲେ। ନାଗିଆପଶି ପଞ୍ଚାୟତ ମାନ୍ୟତା ପାଇବା ଏବଂ ଗ୍ରାମରେ ହାଇସ୍କୁଲ ପ୍ରତିଷ୍ଠା କରିବାରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ମହାବୀର ଜଣେ ସାହସୀ ଯୁବକ। ତାଙ୍କ ପାଇଁ ଆଜି ଆମ ଗାଁ ଗର୍ବିତ ବୋଲି ଗ୍ରାମର ଅଶୋକ ପରିଡ଼ା କହିଛନ୍ତି।

**ଦ.ପୂ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର/ଇଏନ୍‌ଜିଜି/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି ନିମ୍ନ ଅନୁଯାୟୀ ହେବ:** (୧); ସିକେପି-ୱେଷ୍ଟ-୨୨-୨୩-୦୬; ସିନିୟର ଡିଇଏନ୍/ୱେଷ୍ଟ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ସଲାମାଟିକ୍ ରୋବୋଟିକ୍ ୱେଲଡର ବ୍ୟବହାର କରି ସିଏମ୍‌ଏସ୍ କ୍ରସିଂର ଇନ୍-ସିଟୁ ରି-କଣ୍ଡିସନିଂ; ₹୯୬,୪୬,୯୩୧.୩୦; ₹୧,୯୨,୯୦୦.୦୦। (୨); ସିକେପି-ୱେଷ୍ଟ-୨୨-୨୩-୦୭; ବଣ୍ଡମୁଣ୍ଡାର ଏକ୍ସଚେଞ୍ଜ ୟାର୍ଡଠାରେ ଡିଟାଚ୍‌ମେଣ୍ଟ ଫ୍ରି ରେକ୍ ଏକ୍ସାମିନେଶନ୍ ସୁବିଧା ସଂକ୍ରାନ୍ତରେ ନୂଆ ଟ୍ରାକ୍ ଏବଂ ପଏଣ୍ଟ ତଥା କ୍ରସିଂର ଲିଙ୍କିଙ୍ଗ୍; ₹୩୦,୮୯,୬୫୦.୯୬; ₹୬୧,୮୦୦.୦୦ । (୩); ସିକେପି-ସେଣ୍ଟ୍ରାଲ-୨୨-୨୩-୦୬; ଚକ୍ରଧରପୁର ଡିଭିଜନରେ ସିନିୟର ଡିଇଏନ୍/ସେଣ୍ଟ୍ରାଲ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ସଲାମାଟିକ୍ ରୋବୋଟିକ୍ ୱେଲଡର ବ୍ୟବହାର କରି ସିଏମ୍‌ଏସ୍ କ୍ରସିଂର ଇନ୍-ସିଟୁ ରି-କଣ୍ଡିସନିଂ; ₹୭୧,୯୭,୭୧୦.୪୦; ₹୧,୪୪,୦୦୦.୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦.୦୦ । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୪।୦୭।୨୦୨୨ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ପୂର୍ବରୁ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । PR-219

**ଭ୍ରମ ସଂଶୋଧନ**

ଇ-ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୭- ୨୦୨୨, ତାରିଖ ୧୦।୦୬।୨୦୨୨ର ସାମଗ୍ରୀ ନଂ. ୩ କୁ ବାତିଲ ଭାବେ ବିବେଚନା କରାଯିବ । PR-218C

Azadi Ka Amrit Mahotsav
ପାୱରଗ୍ରିଡ POWERGRID

**ବିଜ୍ଞପ୍ତି**

୧. ପୂର୍ବାଞ୍ଚଳରେ "ପୂର୍ବାଞ୍ଚଳ ସୁଦୃଢ଼ୀକରଣ ଯୋଜନା XX" ଅଧୀନରେ ଆସେଟ୍‌ଗୁଡ଼ିକ (୧୧ ଗୋଟି) ପାଇଁ ଡିଓସିଓଠାରୁ ସଞ୍ଚାରଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ସିଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ' ୧୯୯୯ ଏବଂ ସିଇଆର୍‌ସି (ଶୁଳ୍କସୂଚୀର ନିୟମ ଏବଂ ସର୍ତ୍ତାବଳୀ) ନିୟମାବଳୀ' ୨୦୧୯ର ନିୟମ-୮୬ ଅଧୀନରେ ଅନୁମୋଦନ ।
୨. ଉପରଦର୍ଶିତ ସଞ୍ଚାରଣର ଲାଭାର୍ଥୀମାନେ ହେଉଛନ୍ତି: (i) ବିହାର ଷ୍ଟେଟ୍ ପାୱାର୍ (ହୋଲ୍‌ଡିଂ) କମ୍ପାନୀ ଲିଃ, (ii) ୱେଷ୍ଟ ବେଙ୍ଗଲ ଷ୍ଟେଟ୍ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁଶନ୍ କମ୍ପାନୀ ଲିଃ, (iii) ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିଃ, (iv) ଦାମୋଦର ଭ୍ୟାଲି କର୍ପୋରେଶନ୍, (v) ଶକ୍ତି ବିଭାଗ, ସିକ୍କିମ୍ ସରକାର, ଗାଙ୍ଗଟକ୍, (vi) ଝାଡ଼ଖଣ୍ଡ ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡ ।
୩. ଲାଇନ୍ ଦୈର୍ଘ୍ୟ, ବେ'ଗୁଡ଼ିକର ସଂଖ୍ୟା, ଆବଣ୍ଟିତ ଅନୁମୋଦିତ ମୂଳ ବ୍ୟୟ (ଟ. ଲକ୍ଷରେ), ବ୍ୟବସାୟିକ କାର୍ଯ୍ୟ ପରିଚାଳନାର ତାରିଖ ଏବଂ ବ୍ୟବସାୟିକ କାର୍ଯ୍ୟ ପରିଚାଳନ ତାରିଖ ପର୍ଯ୍ୟନ୍ତ ମୂଳ ବ୍ୟୟ (ଟ. ଲକ୍ଷରେ):

| ଆସେଟ୍ | ରେଖା ଦୈର୍ଘ୍ୟ (କିମି) | ବେ' ସଂଖ୍ୟା | ଆବଣ୍ଟିତ ଅନୁମୋଦିତ ମୂଳ ବ୍ୟୟ (ଟ. ଲକ୍ଷରେ) | ଡିଓସିଓ | ଡିଓସିଓ ଉପରେ ମୂଳ ବ୍ୟୟ (ଟ. ଲକ୍ଷରେ) |
|---|---|---|---|---|---|
| ଆସେଟ୍-I | ୦.୮୦ କିମି (ଏସ୍/ସି ଟ୍ୱିନ୍) | ୦୧ (୪୦୦କେଭି) ୦୧(୨୨୦କେଭି) | ୩୭୭୨.୧୯ | ୦୬।୦୯।୨୦୧୯ | ୨୨୨୪.୨୧ |
| ଆସେଟ୍-II | - | - | ୧୫୭୪.୯୭ | ୦୧।୧୦।୨୦୧୯ | ୭୩୩.୧୦ |
| ଆସେଟ୍-III | - | - | ୧୬୭.୧୬ | ୨୧।୧୨।୨୦୧୯ | ୧୧୮.୮୩ |
| ଆସେଟ୍-IV | - | ୦୧ (୪୦୦କେଭି) ୦୧(୨୨୦କେଭି) | ୨୦୭୯.୫୬ | ୩୧।୧୨।୨୦୧୯ | ୧୬୫୦.୯୬ |
| ଆସେଟ୍-V | - | ୦୧ (୪୦୦କେଭି) ୦୧(୨୨୦କେଭି) | ୨୭୧୯.୦୦ | ୦୧।୦୧।୨୦୨୦ | ୨୦୯୬.୨୪ |
| ଆସେଟ୍-VI | - | ୦୧ (୪୦୦କେଭି) | ୧୩୫୨.୬୬ | ୧୩।୦୧।୨୦୨୦ | ୭୭୬.୮୮ |
| ଆସେଟ୍-VII | - | ୦୧ (୪୦୦କେଭି) | ୨୯୩.୬୭ | ୧୯।୦୨।୨୦୨୦ | ୬୪.୯୮ |
| ଆସେଟ୍-VIII | - | ୦୧ (୪୦୦କେଭି) ୦୧(୨୨୦କେଭି) | ୩୦୯୦.୯୯ | ୩୧।୦୭।୨୦୨୦ | ୨୨୭୫.୯୯ |
| ଆସେଟ୍-IX | - | - | ୧୭୩୭୧.୦୦ | ୩୧।୦୩।୨୦୨୧ | ୧୨୮୮୦.୯୫ |
| ଆସେଟ୍-X | - | - | ୩୮୦.୭୫ | ୦୨।୦୪।୨୦୨୨ | ୧୦୦୧.୮୪ |
| ଆସେଟ୍-XI | - | ୦୧ (୨୨୦କେଭି ଜିଆଇଏସ୍) ୦୧ (୧୩୨କେଭି ଜିଆଇଏସ୍) | ୨୫୬୩.୯୪ | ୧୯।୦୨।୨୦୨୨ | ୩୩୪୨.୫୨ |

୪. ଶୁଳ୍କସୂଚୀ ଅବଧି ୨୦୧୯-୨୪ ନିମନ୍ତେ ବାର୍ଷିକ ସଞ୍ଚାରଣ ଶୁଳ୍କସୂଚୀର ସାରାଂଶ ତଳେ ଦିଆଗଲା:

(ଟ. ଲକ୍ଷରେ)

| ଆସେଟ୍/ ଶୁଳ୍କସୂଚୀ | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ |
|---|---|---|---|---|---|
| ଆସେଟ୍-I | ୩୯୩.୫୪ | ୭୮୮.୫୭ | ୮୧୧.୯୧ | ୮୨୩.୫୯ | ୮୨୩.୦୪ |
| ଆସେଟ୍-II | ୯୬.୯୫ | ୨୩୯.୪୩ | ୨୫୦.୧୧ | ୨୪୬.୨୨ | ୨୪୨.୪୬ |
| ଆସେଟ୍-III | ୫.୬୨ | ୨୪.୦୮ | ୨୮.୩୪ | ୩୦.୨୮ | ୩୦.୧୭ |
| ଆସେଟ୍-IV | ୧୧୧ .୯୩ | ୪୭୬.୭୬ | ୫୦୯.୬୩ | ୫୨୭.୦୫ | ୫୨୯.୧୧ |
| ଆସେଟ୍-V | ୧୩୦.୬୭ | ୫୬୮.୩୫ | ୬୧୭.୨୭ | ୬୪୩.୮୮ | ୬୪୪.୮୩ |
| ଆସେଟ୍-VI | ୩୪.୯୯ | ୧୭୬.୯୪ | ୧୮୮.୩୧ | ୧୮୮.୧୩ | ୧୮୫.୫୦ |
| ଆସେଟ୍-VII | ୫.୧୫ | ୫୦.୦୮ | ୫୫.୧୫ | ୫୭.୩୦ | ୫୮.୫୫ |
| ଆସେଟ୍-VIII | | ୪୨୦.୮୯ | ୬୬୩.୭୩ | ୬୭୯.୫୬ | ୬୭୮.୪୩ |
| ଆସେଟ୍-IX | | ୫.୫୫ | ୨୧୦୫.୮୬ | ୨୨୦୩.୪୬ | ୨୧୯୪.୧୯ |
| ଆସେଟ୍-X | | | ୧୬୮.୦୬ | ୧୮୩.୦୫ | ୧୮୪.୮୭ |
| ଆସେଟ୍-XI | | | ୬୪.୬୩ | ୬୦୪.୫୯ | ୬୪୭.୧୨ |

୫. ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ କରାଯାଇଥିବା ଦରଖାସ୍ତର ଏକ ପ୍ରତିଲିପି ଆବେଦନକାରୀଙ୍କ ୱେବ୍‌ସାଇଟ୍ **www.powergrid.in** ରେ ସ୍ଥାନିତ କରାଯାଇଛି ।
୬. ଦରଖାସ୍ତରେ ସମ୍ବଳିତ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ ଉପରେ ଲାଭାର୍ଥୀଙ୍କ ସମେତ ଅନ୍ୟ କୌଣସି ବ୍ୟକ୍ତିଙ୍କର ମତାମତ କିମ୍ବା ଆପତ୍ତି, ଯଦି ଥାଏ, ତେବେ ତାହାକୁ ସଚିବ, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ୩ ଓ ୪ ମହଲା, ଚନ୍ଦ୍ରାଲୋକ ବିଲ୍‌ଡିଂ, ଜନପଥ, ନୂଆଦିଲ୍ଲୀ - ୧୧୦ ୦୦୧ (କିମ୍ବା ଆୟୋଗଙ୍କ କାର୍ଯ୍ୟାଳୟ ଅବସ୍ଥିତ ହୋଇଥିବା ଅନ୍ୟ କୌଣସି ଠିକଣା)ରେ ଆବେଦନକାରୀଙ୍କ କର୍ପୋରେଟ୍ କାର୍ଯ୍ୟାଳୟକୁ ଏକ ପ୍ରତିଲିପି ସହିତ ଏହି ନୋଟିସ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ପଠାଯିବା ଆବଶ୍ୟକ ।

ସ୍ଥାନ: ଗୁରୁଗ୍ରାମ ସ୍ୱା./-
ତାରିଖ: ୧୪।୦୬।୨୦୨୨ ବରିଷ୍ଠ ମହାପ୍ରବନ୍ଧକ (ବ୍ୟବସାୟିକ)

**ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: "ସୌଦାମିନି", ପ୍ଲଟ୍ ନଂ.-୨, ସେକ୍ଟର-୨୯, ଗୁରୁଗ୍ରାମ-୧୨୨୦୦୧ (ହରିୟାଣା) ଟେଲି.: ୦୧୨୪-୨୫୭୧୭୦୦-୭୧୯
ପଞ୍ଜୀକୃତ କାର୍ଯ୍ୟାଳୟ: ବି-୯, କୁତବ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ-୧୧୦୦୧୬, ଟେଲି: ୦୧୧-୨୬୫୬୦୧୧୨, ୨୬୫୬୦୧୨୧
www.powegrid.in, ସିଆଇଏନ୍: ଏଲ୪୦୧୦୧ଡିଏଲ୧୯୮୯ଜିଓଆଇ୦୩୮୧୨୧
ଏକ ମହାରତ୍ନ ପିଏସ୍‌ୟୁ

PG/CC/Notice-10/Advt-16/2022-23/Panchtatva

ନଂ. ଏ-୩୫୦୧୪/୦୫/୨୦୨୧-ସିଏଚ୍‌ଏସ୍-ଭି [ଏଫ୍‌ଟିଏସ୍ ୮୧୨୫୧୪୮]
**ଭାରତ ସରକାର**
**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ**
**(ସିଏଚ୍‌ଏସ୍ ଡିଭିଜନ)**
**ରୁମ୍ ନଂ. ୨୧୪, ଡି ୱିଙ୍ଗ୍, ନିର୍ମାଣ ଭବନ, ନୂଆଦିଲ୍ଲୀ ୧୧୦୦୧୧**

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ବିଭିନ୍ନ ସିଜିଏଚ୍‌ଏସ୍ କ୍ଲିନିକ୍/ଅନୁଷ୍ଠାନରେ ଡେପୁଟେଶନ ଭିତ୍ତିରେ ବିଭିନ୍ନ ଶିକ୍ଷକ, ଅଣ-ଶିକ୍ଷକ, ଜନସ୍ୱାସ୍ଥ୍ୟ ଓ କେନ୍ଦ୍ରୀୟ ସ୍ୱାସ୍ଥ୍ୟସେବାର ଜିଡିଏମ୍‌ଓ ସବ୍ କ୍ୟାଡରରେ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ କେନ୍ଦ୍ର ସରକାର (ରେଳ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ସମେତ) କିମ୍ବା ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ସମାନ ଧରଣର ପଦବୀଧାରୀ ଅଧିକାରୀ ଅଥବା ବୈଧାନିକ ନିକାଶ, ସ୍ୱୟଂଶାସିତ ନିକାଶ, ଅର୍ଦ୍ଧ-ସରକାରୀ ସଂଗଠନ, ବିଶ୍ୱବିଦ୍ୟାଳୟ କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ଅଧୀନରେ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ସମାନ ଧରଣର ପଦବୀଧାରୀ ଉପଯୁକ୍ତ ଅଧିକାରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।
୨. ପୂରଣ ହେବା ପାଇଁ ପ୍ରସ୍ତାବିତ ପଦବୀ, ଯୋଗ୍ୟତା ମାନଦଣ୍ଡ ଏବଂ ବାଞ୍ଛନୀୟ ଯୋଗ୍ୟତା/ଅଭିଜ୍ଞତା ଇତ୍ୟାଦି ମନ୍ତ୍ରଣାଳୟର ୱେବ୍‌ସାଇଟ୍-"https://www.mohfw.gov.in"ରେ ଦେଖାଯାଇପାରିବ ।
୩. ଉପଯୁକ୍ତ ଅଧିକାରୀ, ଯେଉଁମାନଙ୍କ ଚୟନ ହେଲେ ନିର୍ମୁକ୍ତ ହୋଇପାରିବେ, ଏପରି ଅଧିକାରୀମାନଙ୍କ ଦରଖାସ୍ତକୁ ଉପଯୁକ୍ତ ପଦ୍ଧତିରେ ନିର୍ଦ୍ଧାରିତ ପ୍ରୋଫର୍ମାରେ ଏହି ବିଜ୍ଞାପନ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍ ପ୍ରକାଶିତ ହେବାର ପଇଁଚାଳିଶ ଦିନ ମଧ୍ୟରେ **ଅନୁସଚିବ (ସିଏଚ୍‌ଏସ୍-ଭି), ପ୍ରକୋଷ୍ଠ ନଂ.- ୨୧୪-ଡି, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ନିର୍ମାଣ ଭବନ, ନୂଆଦିଲ୍ଲୀ ୧୧୦୦୧୧**ଙ୍କ ନିକଟକୁ ଅଭିପ୍ରେରଣ କରାଯାଇପାରିବ । ଆବେଦନର ଆଗୁଆ କପିକୁ ପ୍ରଶ୍ରୟ ଦିଆଯିବ ନାହିଁ । ଶେଷ ତାରିଖ ପରେ ପ୍ରାପ୍ତ କିମ୍ବା ଆବଶ୍ୟକ ଦସ୍ତାବିଜ ବିନା ପ୍ରାପ୍ତ ଦସ୍ତାବିଜ କିମ୍ବା ଅନ୍ୟ କୌଣସି ଦିଗରୁ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

ସ୍ୱା./- (ପୁନମ୍ ଚୌଧାରୀ)
davp 17101/11/0001/2223 ଭାରତ ସରକାରଙ୍କ ଅନୁସଚିବ, ଦୂରଭାଷ # ୨୩୦୬୧୯୮୬

GOVERNMENT OF ODISHA E-mail: rw_rourkela@yahoo.co.in
**OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA**
**TENDER CALL NOTICE**
No. O-469
BID IDENTIFICATION NO. ONLINE-SERKL-08 of 2022-23

1. Name of the Work : Road Work
2. Total No. of Works : 1 (One) No.
3. Estimated Cost : Rs.62.65 lakhs
4. Class of Contractor : "B" & "A" Class
5. Period of Completion : 05 (Five) Calendar Months
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-08 of 2022-23 | 22.06.2022 from 10.00 A.M. | 02.07.2022 upto 5.00 P.M. |

Further details can be seen from the website **www.tendersorissa.gov.in**.
OIPR-25067/11/0013/2223 Sd./- Superintending Engineer, RW Division, Rourkela

“ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି । କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି । ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ । ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା । –ଶ୍ରୀଅରବିନ୍ଦ



# ଅରଣ୍ୟରୁ ଶିକ୍ଷା



ଦେବଦତ୍ତ ପଟ୍ଟନାୟକ

ଅରଣ୍ୟର ଗୁରୁତ୍ୱ ଓ ଗ୍ରହଣୀୟତା ସବୁ ଯୁଗରେ, ଶାସ୍ତ୍ରରେ ରହିଆସିଛି । ମୁଖ୍ୟତଃ ହିନ୍ଦୁ ଦର୍ଶନରେ ଅରଣ୍ୟ ଓ ସେଥିରେ ଥିବା ସ୍ଥାୟୀ ଗ୍ରାମ ବା ସମାଜ ମଧ୍ୟରେ ନିରନ୍ତର ଏକ ତୁଳନାତ୍ମକ ମୂଲ୍ୟାଙ୍କନ କରାଯାଇଛି, ଯାହାକୁ ସ୍ୱୀକାର ନ କଲେ ଉକ୍ତ ଦର୍ଶନର କୌଣସି ମାନେ ରହେନାହିଁ । ଏଭଳି ମୂଲ୍ୟାଙ୍କନର ଅଧ୍ୟାୟ ସାମ ବେଦ ସମୟରୁ ଆରମ୍ଭ ହୋଇଛି । ରାମାୟଣ ଓ ମହାଭାରତ ଭଳି ମହାକାବ୍ୟ ବେଦିକ୍ ମୂଲ୍ୟବୋଧ ପ୍ରଚାରପ୍ରସାର କରିବା ଲାଗି ଉଦ୍ଦିଷ୍ଟ ହୋଇଥିବାରୁ ସେହି ଉଭୟ ମହାକାବ୍ୟରେ ଅରଣ୍ୟ ଏକ ମୁଖ୍ୟ ଭୂମିକା ନେବା କିଛି ଆଶ୍ଚର୍ଯ୍ୟକର ବିଷୟ ନୁହେଁ । ଅରଣ୍ୟ ହେଉଛି ଏମିତି ଏକ ସ୍ଥାନ ଯେଉଁଠିକୁ ରାଜକୁମାରମାନେ ନିର୍ବାସନରେ ଯାଇଥାଆନ୍ତି । ଏହା ହେଉଛି ସେହି ସ୍ଥାନ ଯେଉଁଠି ସେମାନେ ସନ୍ଥ, ରାକ୍ଷସ, ପ୍ରାଣୀ ଏବଂ ଅନ୍ୟ ସବୁ ପ୍ରକାର ଅଦ୍ଭୁତ ଜୀବମାନଙ୍କୁ ଆକସ୍ମିକ ଭାବେ ସାମ୍ନା କରନ୍ତି ବୋଲି ମହାଭାରତ ଅଧ୍ୟୟନରୁ ଅତ୍ୟନ୍ତ ସ୍ପଷ୍ଟ ହୋଇଛି ।

ଏକଦା ପଣ୍ଡୁଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ୫ ଅନାଥ ପୁଅ ମା’କୁନ୍ତୀଙ୍କ ସହ ଏକ ଅରଣ୍ୟରେ ରହୁଥିଲେ । କୁନ୍ତୀ ସେହି ୫ ପୁଅ ବା ପାଣ୍ଡବଙ୍କ ଯତ୍ନ ନେଉଥିଲେ । ଦିନେ ମା’ସେମାନଙ୍କୁ କହିଲେ, ସେମାନେ ବାସ୍ତବରେ ସମସ୍ତେ ରାଜକୁମାର । ସେମାନେ ମଧ୍ୟ ସମସ୍ତେ ଗୋଟିଏ ରାଜ ପରିବାର ସନ୍ତାନ ବୋଲି ମା’ ସେମାନଙ୍କୁ କହିଥିଲେ । ପରେ ୫ ପୁଅଙ୍କୁ ପାଳିପୋଷି ବଡ଼ କରିବା ପାଇଁ ଚିନ୍ତା କରିଥିଲେ କୁନ୍ତୀ । ଏଣୁ ପିଲାମାନଙ୍କୁ ନେଇ ଜଙ୍ଗଲ ବାହାରକୁ ଆସି ସେମାନଙ୍କ ପୈତୃକ ଘର ହସ୍ତିନାପୁରକୁ ନେଇଗଲେ । ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ୧୦୦ ପୁତ୍ର ଥିଲେ ପାଣ୍ଡବଙ୍କ ସମ୍ପର୍କୀୟ ଭାଇ । ସେମାନଙ୍କୁ କୌରବ କୁହାଯାଉଥିଲା । ପାଣ୍ଡବମାନେ ଜ୍ଞାନୀଗୁଣୀ ଥିଲେ । ଏହି କାରଣରୁ ସେମାନଙ୍କୁ କୌରବମାନେ ଭଲ ପାଉ ନ ଥିଲେ, ଈର୍ଷା କରୁଥିଲେ । କୌରବମାନେ ସେମାନଙ୍କ କ୍ଷମତା ବଳରେ ପାଣ୍ଡବଙ୍କୁ ଅସୁବିଧାରେ ପକାଇବା ସହ ନିମ୍ନ ଦୃଷ୍ଟିରେ ଦେଖୁଥିଲେ । କୌରବମାନେ ପାଣ୍ଡବଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିଲେ ଓ ସବୁବେଳେ ସେମାନଙ୍କ ଅନିଷ୍ଟ ଚିନ୍ତା କରୁଥିଲେ । ଏପରି କି ସେମାନେ ପାଣ୍ଡବଙ୍କ ଖାଦ୍ୟରେ ବିଷ ମିଶାଇଥିଲେ ଏବଂ ଶେଷରେ ସେମାନଙ୍କ ଘରେ ନିଆଁ ଲଗାଇଦେଲେ । ଏହାଯୋଗୁ ୫ ଭାଇ ରାଜବାଟି ଛାଡ଼ି ଅରଣ୍ୟକୁ ଫେରିଯିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ଏଥର ସେମାନେ ଶରଣାର୍ଥୀ ଭାବେ ଜଙ୍ଗଲକୁ ଗଲେ । ରାଜନଅର ଛାଡ଼ି ଅରଣ୍ୟରେ ରହିବା ସମୟରେ ସେମାନଙ୍କୁ ବିଭିନ୍ନ ସ୍ଥିତିକୁ ସାମ୍ନା କରିବାକୁ ହେଲା । ପାଣ୍ଡବମାନେ ରାକ୍ଷସମାନଙ୍କ ସହ ଲଢ଼ିଲେ । ବକା, ହିଡ଼ିମ୍ବ ଏବଂ ଜଟାସୁର ଭଳି ଭୟଙ୍କର କୁରୂପୀ ତଥା ଛଦ୍ମବେଶୀ ଜୀବ(ରାକ୍ଷସ)ଙ୍କ ସହ ସେମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିଲା । ପାଣ୍ଡବଙ୍କ ମଧ୍ୟରୁ ଜଣେ ରାକ୍ଷସ ରାଜକୁମାରୀ ହିଡ଼ିମ୍ବାକୁ ବିବାହ କରିଥିଲେ । କିନ୍ତୁ ଶେଷରେ ଧନୁ ପ୍ରତିଯୋଗିତାରେ ବିଜୟୀ ହୋଇ ୫ ଜଣ ଯାକ ଭାଇ ରାଜକୁମାରୀ ଦ୍ରୌପଦୀଙ୍କୁ ବିବାହ କଲେ । ଦ୍ରୌପଦୀଙ୍କୁ ବାହାହେବା ପରେ ୫ ଭାଇ ସେମାନଙ୍କ ପୈତୃକ ଘରକୁ ଫେରିବା ଲାଗି ସଶକ୍ତ ବୋଲି ଅନୁଭବ କଲେ । କେବଳ ଏତିକି ନୁହେଁ, ସେମାନଙ୍କ ପୈତୃକ ସମ୍ପତ୍ତିର ଭାଗ ମଧ୍ୟ ଦାବି କଲେ । କୌରବ ଶହେ ଭାଇ ବାଧ୍ୟ ହୋଇ ଖାଣ୍ଡବ ଅରଣ୍ୟ ପାଣ୍ଡବଙ୍କୁ ଫେରାଇ ଦେଲେ । ଜଙ୍ଗଲର ମାଲିକାନା ପାଇବା ପରେ ପଣ୍ଡୁପୁତ୍ରଗଣ ପୁନର୍ବାର ଜଙ୍ଗଲକୁ ଫେରିଗଲେ ।




ପାଣ୍ଡବମାନେ ଖାଣ୍ଡବ ବନକୁ ପୋଡ଼ି ସେଠାରେ ଇନ୍ଦ୍ରପ୍ରସ୍ଥ ସହର ନିର୍ମାଣ କଲେ । କିନ୍ତୁ ଜଙ୍ଗଲ ପୋଡ଼ି ସହର କରାଯାଇଥିବାରୁ ସେଥିରେ ଜଳିପୋଡ଼ି ପାଉଁଶ ହୋଇଯାଇଥିଲେ ବହୁ ଜୀବଜନ୍ତୁ । ଦଗ୍ଧ ହୋଇଯାଇଥିବା ଏହିସବୁ ପ୍ରାଣୀ ପାଣ୍ଡବଙ୍କୁ ଅଭିଶାପ ଦେଇଥିଲେ । ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥ ନିର୍ମାଣ କରିବାରେ ସଫଳ ହେଲେ ସତ , କିନ୍ତୁ ଦଗ୍ଧ ଜୀବଜନ୍ତୁଙ୍କ ଅଭିଶାପରେ ସେମାନେ ଅହଂକାରୀ ହୋଇଗଲେ ଏବଂ ଅତି ଆତ୍ମବିଶ୍ୱାସୀ ହୋଇଗଲେ । ସେମାନେ ଅଜ୍ଞାନ ବା ବୋକା ଭାବେ କୌରବଙ୍କ ପଶାଖେଳ ଆମନ୍ତ୍ରଣକୁ ଗ୍ରହଣ କଲେ । ଏହି ଜୁଆ ଖେଳରେ ହାରି ପାଣ୍ଡବମାନଙ୍କୁ ପୂରା ରାଜ୍ୟ ହରାଇବାକୁ ପଡ଼ିଲା । ସେମାନେ ରାଜ୍ୟରୁ ୧୩ ବର୍ଷ ଲାଗି ସେମାନଙ୍କ ଅଧିକାର ହରାଇଲେ ଓ ପୁନର୍ବାର ଅରଣ୍ୟକୁ ନିର୍ବାସିତ ଭାବେ ଫେରିବାକୁ ବାଧ୍ୟ ହେଲେ । ତେବେ ଏହି ନିର୍ବାସନ ସମୟରେ ଅରଣ୍ୟ ପାଣ୍ଡବମାନଙ୍କୁ ମାନବିକତାର ଶିକ୍ଷା ଦେଇଥିଲା ଏବଂ ସେମାନଙ୍କ ରାଜକୀୟ ଅହଂକାର ଦୂର କରିପାରିଲା । ସେମାନେ ମଧ୍ୟ ଶିକ୍ଷା ଲାଭ କଲେ ଯେ, ଏହି ପ୍ରକୃତିରେ କେହି ଜଣେ ହେଲେ ବି ନିଜକୁ ରାଜକୀୟ ଭାବେ ଦେଖିବା ଉଚିତ ନୁହେଁ । ଜଙ୍ଗଲରେ କେବଳ ଶିକାରୀମାନେ ଓ ଶିକାର ହିଁ ଅଛନ୍ତି ବୋଲି ସେମାନଙ୍କ ଜ୍ଞାନ ହେଲା । ଜଙ୍ଗଲରେ ୧୩ ବର୍ଷ ଅତିକ୍ରାନ୍ତ ହୁଅନ୍ତେ, ପାଣ୍ଡବମାନେ ସେମାନଙ୍କ ରାଜ୍ୟକୁ ପୁନର୍ବାର ଫେରାଇବାକୁ ଦାବିକଲେ । କିନ୍ତୁ କୌରବମାନେ ତାହା ଫେରାଇ ଦେବାକୁ ରୋକ୍‌ଠୋକ୍ ମନା କରିଦେଲେ । ଏହି କାରଣରୁ ସେମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା, ଯାହାକୁ ଆମେ ମହାଭାରତ ଯୁଦ୍ଧ ଭାବେ ଜାଣୁ । ଏହି ଯୁଦ୍ଧରେ କୌରବ ଶହେ ଭାଇଙ୍କର ମୃତ୍ୟୁ ହେଲା । ପରେ ପାଣ୍ଡବମାନେ କେବଳ ସେମାନଙ୍କ ରାଜ୍ୟ ପାଇଁ ଦାବି କଲେନି, ବରଂ ତାଙ୍କ ପିତାଙ୍କ ରାଜ୍ୟର ଭାଗ ମଧ୍ୟ ଦାବିକଲେ । ଏହା ଲାଭ କରିବା ପରେ ସେମାନେ ଚତୁରତାର ସହ ଏହାକୁ ୩୦ ବର୍ଷ ଶାସନ କଲେ । ଶେଷରେ ସେମାନେ ରାଜ୍ୟକୁ ପରପିଢ଼ିକୁ ଦେଇ ପୁନର୍ବାର ଜଙ୍ଗଲକୁ ଫେରିଆସିଲେ । ଏଥର କିନ୍ତୁ ଫେରିଲେ ତପସ୍ୱୀ ଭାବେ । ଅରଣ୍ୟରେ ତପସ୍ୱୀ ଜୀବନ ବିତାଇ ସେଠାରେ ଦେହ ତ୍ୟାଗ କରିବାକୁ ଚାହିଁଲେ ।

ଦେହ ତ୍ୟାଗ କରିବା ପରେ ପାଣ୍ଡବମାନେ ସ୍ୱର୍ଗରେ ପ୍ରବେଶ କଲେ । ସେଠାରେ ଦେବଗଣ କୌରବ ଶହେ ଭାଇଙ୍କୁ ଆଶ୍ରୟ ଦେଇଥିବା ମଧ୍ୟ ଦେଖିବାକୁ ପାଇଲେ । ଏହା ଦେଖି ପାଣ୍ଡବମାନେ ରାଗିଗଲେ । ପରେ ଦେବଗଣ ସେମାନଙ୍କୁ ମନେପକାଇ ଦେଲେ ଯେ, ପୃଥିବୀରେ କୌରବମାନେ ସେମାନଙ୍କ ରାଜ୍ୟ ଭାଗ କରିବାକୁ ମନା କରିଦେଇଥିଲେ । ଏହା ନିଶ୍ଚିତ ଯେ, ମୃତ୍ୟୁପରେ ସେମାନଙ୍କ ସହ ପାଣ୍ଡବମାନେ ପୁନର୍ଜୀବନକୁ ଭାଗ କରିବା ଲାଗି ଚାହିଁବେ ବୋଲି ସେମାନେ ହଠାତ୍ କହିଥିଲେ । ଅନ୍ୟଥା ଦୁହିଁଙ୍କ ମଧ୍ୟରେ କ’ଣ ବା ପ୍ରଭେଦ ଥିଲା ? ସ୍ୱର୍ଗ, ଅରଣ୍ୟଠୁ ଭିନ୍ନ, ଏହା ସମସ୍ତଙ୍କୁ ସମର୍ଥନ କରେ । ସ୍ୱର୍ଗର ଅରଣ୍ୟ ଭଳି କେହି ପ୍ରିୟ ବି ନାହାନ୍ତି ।

ଏହିପରି ଦେଖିବାକୁ ଗଲେ, ପାଣ୍ଡବମାନଙ୍କ ଜୀବନ ଅରଣ୍ୟରେ ଅନାଥ ରୂପେ ଆରମ୍ଭ ହୋଇଥିଲା । ଶରଣାର୍ଥୀ ଭାବେ ଅରଣ୍ୟକୁ ଫେରିବା ପରେ ଅରଣ୍ୟର ମାଲିକ ହେଲେ ଓ ସେଠାରୁ ମାନବିକତା ଶିକ୍ଷା ପାଇଲେ । ରାଜ୍ୟ ଶାସନ ପରେ ଶେଷରେ ପୁଣି ତପସ୍ୱୀ ରୂପରେ ଅରଣ୍ୟକୁ ଫେରିଗଲେ ଓ ଅରଣ୍ୟ କିଭଳି ସମାନ ଭାବେ ଦେଖେ ତାହା ସେମାନେ ଦେଖିଲେ । ଏସବୁକୁ ବିଚାର କଲେ, ମହାଭାରତ ଏକ ବେଦିକ୍ ସତ୍ୟକୁ ଉଦ୍‌ଘାଟନ କରିଛି ବୋଲି ଜଣା ପଡ଼େ । ଜଙ୍ଗଲରେ, ଜୋର୍ ଯାର ମୂଲକ ତା’ର । ସେଠି ଶକ୍ତିଶାଳୀର ଅଧିକାର । କେହି ସେଠାରେ ସାହାଯ୍ୟ ପାଆନ୍ତି ନାହିଁ । କିନ୍ତୁ ସ୍ଥାୟୀ ସମାଜଗୁଡ଼ିକରେ ଆମ ସହ ରହୁଥିବା ମଣିଷମାନଙ୍କୁ ଆମେ କେତେ ସାହାଯ୍ୟ କରୁ ତାହା ହିଁ ବାସ୍ତବତଃ ସଭ୍ୟତା ବା ସଂସ୍କୃତିର ମାପକାଠି ।

devdutt.pattanaik@gmail.com

## ସମୀକ୍ଷାର ସମୟ



ମୀରା ବେଉରା

ଜାତିର ପିତା ମହାତ୍ମା ଗାନ୍ଧୀ କହୁଥିଲେ– ମୁଁ ଏପରି ଭାରତବର୍ଷ ନିମନ୍ତେ କାମ କରିବି, ଯେଉଁଠି ଦରିଦ୍ରରୁ ଦରିଦ୍ରମାନେ ଅନୁଭବ କରିବେ ଯେ ଏହା ସେହିମାନଙ୍କ ଦେଶ, ଯାହାର ନିର୍ମାଣରେ ସେମାନଙ୍କର ଫଳପ୍ରଦ ଅବଦାନ ରହିଥିବ । ଏପରି ଭାରତବର୍ଷ ଯେଉଁଠାରେ କି ଜନସାଧାରଣଙ୍କ ମଧ୍ୟରେ ଛୋଟବଡ଼ ବୋଲି କିଛି ଶ୍ରେଣୀ ଭେଦଭାବ ନ ଥିବ । ଏପରି ଭାରତବର୍ଷ ଯେଉଁଠାରେ କି ସମସ୍ତ ସମ୍ପ୍ରଦାୟ ପୂର୍ଣ୍ଣ ସଂଗତିରେ ବାସ କରିବେ । ଏପରି ଏକ ଭାରତବର୍ଷ ଯେଉଁଠାରେ ଅସ୍ପୃଶ୍ୟତା କିମ୍ବା ମାଦକ ଓ ନିଶାଦ୍ରବ୍ୟର ସ୍ଥାନ ନ ଥିବ ଏବଂ ପୁରୁଷମାନଙ୍କ ପରି ମହିଳାମାନେ ସମାନ ଅଧିକାର ଉପଭୋଗ କରିବେ ।

ସ୍ୱାଧୀନତା ପ୍ରାପ୍ତି ପରେ ଗାନ୍ଧିଜୀ କଂଗ୍ରେସର ଏକ ସଭାରେ କହିଥିଲେ, କଂଗ୍ରେସ ପାର୍ଟି ସୃଷ୍ଟି ହୋଇଥିଲା ଭାରତର ସ୍ୱାଧୀନତା ପ୍ରାପ୍ତି ପାଇଁ । ଏହା କଦାପି ଶାସନ ଡୋରିକୁ ହାତରେ ରଖି ଶାସନ କରିବାକୁ ସୃଷ୍ଟି ହୋଇ ନ ଥିଲା । ଯଦି ଏହି ଦଳକୁ ରଖାଯାଏ ତେବେ ଅନେକ ଦଳୀୟ ଲୋକ ଗାଦିର ମୋହରେ ଆସକ୍ତ ହୋଇ ଶାସନ ଚୌକିକୁ ଦଖଲ କରିବା ପାଇଁ ଚେଷ୍ଟା କରିବେ ଏବଂ ପରସ୍ପର ଭିତରେ ଚୌକି ଏବଂ କ୍ଷମତା ହାତେଇବା ପାଇଁ କନ୍ଦଳ ସୃଷ୍ଟି ହେବ, ଯାହାକି କଂଗ୍ରେସର ନୀତି ଆଦର୍ଶର ପରିପନ୍ଥୀ ହେବ । ତେଣୁ ଏହି ଦଳକୁ ଭାଙ୍ଗିଦେବା ଉଚିତ ହେବ । କିନ୍ତୁ ଶାସନ ଗାଦିରେ ବସିବା ପାଇଁ ଆସକ୍ତ କିଛି ନେତା ଗାନ୍ଧୀଙ୍କ ମତରେ ସହମତ ନ ଥିଲେ । ଫଳରେ ଏହି ଦଳ ଭାଙ୍ଗି ନ ଥିଲା । ବରଂ ସେମାନେ କଂଗ୍ରେସକୁ ଦେଶର ଏକ ରାଜନୈତିକ ଦଳରେ ପରିଣତ କରି ତା’ ମାଧ୍ୟମରେ ନିର୍ବାଚନ ଜିତି ଦେଶର ଶାସକ ହୋଇଗଲେ । ଏପରି ହେବ ବୋଲି ଗାନ୍ଧିଜୀ ବହୁ ଆଗରୁ ଅନୁମାନ କରିଥିଲେ । ତେଣୁ ସେ ନୀତି ଆଦର୍ଶପୂର୍ଣ୍ଣ ରାଜନୀତିକୁ ଆଦର୍ଶ ଶାସନ ଏବଂ ରାଜନୀତି ବୋଲି କହୁଥିଲେ । ଯଦି ଶାସନରେ ଧର୍ମ, ଜାତି, ସାମ୍ପ୍ରଦାୟିକତା ଓ ଲିଙ୍ଗଭେଦକୁ ନେଇ ରାଜନୀତି ହୁଏ ତେବେ ଦେଶର ଗଣତନ୍ତ୍ର ଭୁଶୁଡ଼ି ପଡ଼ିବ । ତେଣୁ ସେ ନେତାମାନଙ୍କୁ ଚେତାବନୀ ଦେଇଥିଲେ । ଯଦି ରାଜନୀତି ନୀତି ଭିନ୍ନ ହୁଏ, ସୁଖ ଲିପ୍‌ସା ବିବେକହୀନ ହୁଏ, ବିଦ୍ୟା ଅର୍ଜନରେ ଚରିତ୍ର ନ ଥାଏ, ବ୍ୟବସାୟ ଦୁର୍ନୀତିମୂଳକ ହୁଏ, ବିଜ୍ଞାନ ବିବେକହୀନ ହୁଏ, ପୂଜା ତ୍ୟାଗହୀନ ହୁଏ, ଈଶ୍ୱରଙ୍କ ଉପରେ ବିଶ୍ୱାସ ନ ରହେ, ତେବେ ଏହା ଦେଶକୁ ବିକାଶ ପଥରେ ନ ନେଇ ଧ୍ୱଂସର ବାଟ ଦେଖାଇବ । ବର୍ତ୍ତମାନ ଦେଶର ସ୍ଥିତି ଯଦି ଦେଖିବା, ଆମେ ସହଜରେ ଅନୁମାନ କରିପାରିବା ଆମ ରାଜନୀତିଜୀବୀମାନେ କେଉଁ ସବୁ ନିୟମକୁ ଆପଣେଇ ଦେଶ ସେବା କରୁଛନ୍ତି । ଦୁଃଖର କଥା କେହି ବୁଦ୍ଧିଜୀବୀ ମଧ୍ୟ ଏହାର ପ୍ରତିବାଦ କରୁନାହାନ୍ତି । ମାନବିକ ମୂଲ୍ୟବୋଧ କଥା ପଚାରେ କିଏ ? ସବୁଠି ଦଳ ଆଗ, ଦେଶ ପଛ ।

ଗାନ୍ଧିଜୀ ଚିନ୍ତା କରିଥିଲେ ଯେ ତଳବର୍ଗର ଲୋକମାନଙ୍କ ବିକାଶ ହିଁ ଦେଶର ପ୍ରକୃତ ବିକାଶ । ଆଜି କିନ୍ତୁ ରାଜନୀତିର ସଂଜ୍ଞା ‘ସେବା’ ବଦଳି ଯାଇଛି । କଳେବଳେ କୌଶଳେ ନେତାମାନେ ନିର୍ବାଚନରେ ଜିତିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ହିଂସା, ଅର୍ଥ ଓ ବାହୁବଳ ଦ୍ୱାରା କ୍ଷମତା ହାସଲ ପାଇଁ ପ୍ରୟାସ ଜାରି ରହିଛି । ସେଦିନ ସମ୍ବିଧାନ ପ୍ରଣୟନ ସଭାର ଅଧ୍ୟକ୍ଷ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ କହିଥିଲେ, ଦେଶର ଭବିଷ୍ୟତକୁ ଗଢ଼ିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗାନ୍ଧିଜୀଙ୍କ ଅହିଂସା ସତ୍ୟମାର୍ଗରେ ପରିଚାଳିତ ହେବାକୁ ପଡ଼ିବ । ସାମ୍ପ୍ରତିକ ରାଜନୀତି ଗାନ୍ଧୀଙ୍କ ଆଦର୍ଶବାଦ ଶାସନକୁ ଅନୁସରଣ କରିବା ଆବଶ୍ୟକ । ହେଲେ ଆଜିର ରାଜନୀତିରେ ନା ଅଛି ନୈତିକ ମୂଲ୍ୟବୋଧ ନା ଅଛି ସତ୍ୟ, ନା ଅଛି ଅହିଂସା । ସଭିଏ ଆଜି ଅବକ୍ଷୟ ପଥରେ ଧାବମାନ ।

ପ୍ରଥମେ ଆମକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ଉନ୍ନତି କଥା ଚିନ୍ତା କରିବା ଜରୁରୀ ମନେହୁଏ । ଯେଉଁଠି ଶିକ୍ଷା ହାର କମ୍ ସେଠାରେ ବିକାଶ ମଧ୍ୟ କମ୍ । କୃଷିକୁ ତ୍ୱରାନ୍ୱିତ କରିବାକୁ ହେଲେ ପ୍ରଥମେ ଜଳସେଚନ ଏବଂ ଶୀତଳ ଭଣ୍ଡାର ପ୍ରତି ଦୃଷ୍ଟିଦେବାକୁ ପଡ଼ିବ । ବହୁ ଯୋଜନା ସତ୍ତ୍ୱେ ମଧ୍ୟ ଦାରିଦ୍ର୍ୟର ହାର କମୁ ନାହିଁ ବରଂ ବୃଦ୍ଧି ପାଇବାରେ ଲାଗିଛି । ଅସୁବିଧା ରହୁଛି କେଉଁଠି ତାହା ସମୀକ୍ଷା ହେବା ଆବଶ୍ୟକ । ପ୍ରତ୍ୟେକ ଲୋକ ପାଖରେ ସରକାରଙ୍କ ଯୋଜନା ପହଞ୍ଚିବା ଦରକାର । ଆଜି ସମୀକ୍ଷାର ସମୟ ଆସିଛି । ଆମେ ହରାଇଛୁ କ’ଣ ? ପାଇଛୁ କ’ଣ ? ଗାନ୍ଧିଜୀଙ୍କ ଆଦର୍ଶ, କାର୍ଯ୍ୟଶୈଳୀ, ଆଦର୍ଶନୀତିକୁ ଆପଣେଇ ଦେଶର ବିକାଶ ପାଇଁ ସତ୍ୟ ଅହିଂସାକୁ ଅସ୍ତ୍ର କରି ମିଳିତଭାବେ ସଂଗଠିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ । ନ ହେଲେ କଷ୍ଟଲବ୍ଧ ସ୍ୱାଧୀନତା ପରେ ପ୍ରକୃତ ବିକାଶଠାରୁ ଆମେ ଦୂରେଇ ଯିବା ।

ରଘୁନାଥଜୀଉ ମହାବିଦ୍ୟାଳୟ, କଟକ
ମୋ– ୯୮୫୩୩୫୦୩୮୪

## ଏଇ ଭାରତରେ

ଇଞ୍ଜିନିୟରିଂ ପଢ଼ିବା ସହ ପରିବେଶ ସୁରକ୍ଷାରେ ଲାଗିଛନ୍ତି ମଧ୍ୟପ୍ରଦେଶର ବିଶାଳ ଶ୍ରୀବାସ୍ତବ । ସେ ଦ୍ୱିତୀୟ ବର୍ଷ ଇଞ୍ଜିନିୟରିଂ ଛାତ୍ର ଥିବାବେଳେ ୨୦୧୯ରେ ‘ପ୍ରୟାସ’ ଏନ୍‌ଜିଓର ଏକ ଟିମ୍ ସହ ଗ୍ୱାଲିୟରର ମରୁଡ଼ିପ୍ରବଣ ଅଞ୍ଚଳକୁ ଯାଇ ସେଠାରେ ଲୋକଙ୍କ ଦୁର୍ଦ୍ଦଶା ଦେଖି ବୃକ୍ଷରୋପଣ ଓ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ସ୍ଥିର କରିଥିଲେ । ସେବେଠାରୁ ସେ ଗଛ ଲଗାଇବା ଓ ପାଣି ଟାଙ୍କି ଲାଗି ଅର୍ଥ ସଂଗ୍ରହ କରିବା ଭଳି କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ସେ ମଧ୍ୟ ତିନିବର୍ଷ ମଧ୍ୟରେ ୩ ଲକ୍ଷ ଗଛ ଲଗାଇ ସାରିଲେଣି । ଜବଲପୁର, ଗ୍ୱାଲିୟର ଏବଂ କାନ୍ତିରେ ଏହି ସବୁ ଗଛ ଲଗାଇବା ପରେ ଏବେ ଛତ୍ରପୁରରେ ୧ ଲକ୍ଷ ଗଛ ଲଗାଇବା ପାଇଁ ଯୋଜନା କରିଛନ୍ତି । ବିଶାଳ ବର୍ତ୍ତମାନ ଇଞ୍ଜିନିୟରିଂର ଶେଷ ବର୍ଷ ଛାତ୍ର । ତାଙ୍କର ଏଭଳି ପ୍ରେରଣାଦାୟକ କାର୍ଯ୍ୟ ଲାଗି ତାଙ୍କୁ ବହୁ କମ୍ପାନୀ ଚାକିରି ଅଫର୍ ଦେଇସାରିଲେଣି । ସେ ଏବେ ମହାରାଷ୍ଟ୍ରର ମରାଠାୱାଡା ଏବଂ ଔରଙ୍ଗାବାଦରେ ‘ପ୍ରୟାସ’ ସହାୟତାରେ ତାଙ୍କ ବୃକ୍ଷରୋପଣ କାର୍ଯ୍ୟ ଚାଲୁରଖିଛନ୍ତି । ସେ ମିୟାୱାକି ପଦ୍ଧତିରେ ବୃକ୍ଷରୋପଣ କରୁଛନ୍ତି, ଯେଉଁଥିରେ କମ୍ ସମୟରେ ସୁନ୍ଦର ହେବ ବୋଲି କହିଛନ୍ତି । କଲେଜରେ ବିଶାଳ ଏକ ଗ୍ରୁପ ଗଠନ କରିଛନ୍ତି ଯେଉଁଥିରେ ସେମାନେ ଅର୍ଥ ଯୋଗାଡ଼ କରି କୃଷକମାନଙ୍କୁ ସାହାଯ୍ୟ କରୁଛନ୍ତି । ୨୩ ବର୍ଷୀୟ ବିଶାଳ ଏହି କାର୍ଯ୍ୟରେ ସୀମିତ ନ ରହି ସେ ଗୁଆହାଟୀର ‘ଅକ୍ଷର’ସଂସ୍ଥା ସାହାଯ୍ୟରେ ମଧ୍ୟପ୍ରଦେଶର ୧୦୦ଟି ସ୍କୁଲକୁ ଡିଜିଟାଇଜ କରିବାକୁ ବାହାରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁନ୍ ୧୯୯୭

- ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ରାଜନୈତିକ ଦୁର୍ନୀତି ମାମଲାରେ ଅଭିଯୁକ୍ତ କରିବା ପାଇଁ ଦାୟର କରାଯାଇଥିବା ପିଟିସନ ଇସ୍ରାଏଲ୍ ହାଇକୋର୍ଟରେ ଖାରଜ ।
- ଜନତା ଦଳର ସଭାପତି ନିର୍ବାଚନ ପରିଚାଳନା ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ନିଷେଧାଜ୍ଞା ଜାରି ।
- ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ବିଜୟ ସିଂ ନହରଙ୍କ ୯୧ ବର୍ଷ ବୟସରେ ପରଲୋକ ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 7 | | | | |
| | | 4 | | | | | | |
| | 1 | | | | 5 | | | |
| | | | 6 | | | | | 9 |
| | | | | | 4 | | | 5 |
| 4 | 3 | | 1 | | 2 | | 6 | |
| 3 | | | | | 1 | | | 2 |
| | 8 | 1 | | 4 | 6 | | | |
| | | | 7 | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 5 | 3 | 2 | 9 | 7 | 8 | 4 |
| 9 | 7 | 8 | 4 | 6 | 1 | 2 | 5 | 3 |
| 3 | 4 | 2 | 8 | 7 | 5 | 1 | 9 | 6 |
| 1 | 3 | 9 | 2 | 5 | 6 | 4 | 7 | 8 |
| 8 | 5 | 7 | 1 | 4 | 3 | 6 | 2 | 9 |
| 4 | 2 | 6 | 7 | 9 | 8 | 5 | 3 | 1 |
| 5 | 9 | 1 | 6 | 8 | 7 | 3 | 4 | 2 |
| 2 | 8 | 3 | 5 | 1 | 4 | 9 | 6 | 7 |
| 7 | 6 | 4 | 9 | 3 | 2 | 8 | 1 | 5 |

ଗତକାଲିର ଉତ୍ତର

# ଘାତକ ଅନ୍‌ଲାଇନ ଗେମ୍



ପ୍ରକାଶ ତ୍ରିପାଠୀ

ସମୟ– ଗତ ଜୁନ ୫ ତାରିଖ ରାତ୍ର ୩ଟା । ସ୍ଥାନ– ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ । ୧୬ ବର୍ଷର ଜଣେ କିଶୋର ଭାରତୀୟ ସେନାବାହିନୀରେ କାର୍ଯ୍ୟରତ ନିଜ ବାପାଙ୍କ ପିସ୍ତଲ ଧରି ମା’ଙ୍କ ଶୋଇବାଘରକୁ ପ୍ରବେଶ କଲେ । ମା’ ଓ ସାନ ଭଉଣୀ ଶୋଇଥା’ନ୍ତି । ଶୋଇବା ଅବସ୍ଥାରେ ମା’ଙ୍କ ଉପରକୁ ଗୁଳି ଚଳାଇ ହତ୍ୟା କଲେ । ମା’ଙ୍କ ମର ଶରୀରକୁ ସେଇ ଘରେ ଲୁଚାଇଦେଲେ ଓ କାଳେ ଦୁର୍ଗନ୍ଧ ବାହାରିବ, ସେଥିପାଇଁ ରୁମ ଫ୍ରେଶନର ବ୍ୟବହାର କଲେ । ଏ ସବୁ ଦେଖୁଥିବା ୧୦ ବର୍ଷର ସାନ ଭଉଣୀକୁ ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଧମକ ଦେଲେ । ଜୁନ ୭ରେ କଲିକତାରେ ରହୁଥିବା ବାପା ଯେତେବେଳେ ମା’ଙ୍କ ମୋବାଇଲକୁ ଫୋନ କଲେ, ସେତେବେଳେ ପୁଅ ମା’ଙ୍କ ହତ୍ୟା ବିଷୟ କହିଲେ ଓ ଏହା ନିକଟସ୍ଥ ଜଣେ ଇଲେକ୍ଟ୍ରିସିଆନ କରିଥିବା ପ୍ରକାଶ କରିଥିଲେ । ବାପା ତୁରନ୍ତ ଘଟଣା ସମ୍ପର୍କରେ ପଡ଼ୋଶୀଙ୍କୁ ଜଣାଇବା ପରେ ପୋଲିସକୁ ଖବର ଯାଇଥିଲା । ଘଟଣାର ସତ୍ୟାସତ୍ୟ ଜାଣିବାକୁ ପୋଲିସକୁ ବେଶି ସମୟ ଲାଗି ନ ଥିଲା । ପାଠ ନ ପଢ଼ି ଅଧିକ ସମୟ ମୋବାଇଲ ଫୋନରେ ପବଜି ଓ ଅନ୍ୟାନ୍ୟ ଅନ୍‌ଲାଇନ ଗେମ୍ ଖେଳିବାରେ ମଗ୍ନ ରହୁଥିବାରୁ ମା’ ପୁଅକୁ ବାରମ୍ବାର ଗାଳି କରୁଥିଲେ । ଶେଷରେ ପୁଅ ଉତ୍ତ୍ୟକ୍ତ ହୋଇ ଏଭଳି ଅପରାଧ ଘଟାଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲା ।

ଆଜିର କିଶୋର ଓ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେବା ପାଇଁ ଅନେକ ଖୋରାକ ଆମ ଚାରିପାଖରେ ଉପଲବ୍ଧ । ଉପର ବର୍ଣ୍ଣିତ ଘଟଣାଟି ଏକ ଉଦାହରଣ ହୋଇପାରେ । ଏହିଭଳି ଅନେକ ଘଟଣା ଆମେ ଗଣମାଧ୍ୟମରୁ ନିୟମିତ ଜାଣିଥାଉ । ଗତବର୍ଷ ଅନ୍‌ଲାଇନ ଗେମ୍‌ରେ ହାରିଯିବା ପରେ ମଧ୍ୟପ୍ରଦେଶର ଜଣେ ୧୩ ବର୍ଷର କିଶୋର ଆତ୍ମହତ୍ୟା କରିଥିଲେ । ୨୦୧୯ରେ କର୍ଣ୍ଣାଟକର ଜଣେ ୨୧ ବର୍ଷୀୟ ଯୁବକ ତାଙ୍କ ପିତାଙ୍କ ମୁଣ୍ଡ କାଟି ହତ୍ୟା କରିଥିଲେ ଓ ଏହାର କାରଣ ଥିଲା ଅନ୍‌ଲାଇନ୍ ଗେମ୍ ପବଜି ଖେଳିବାକୁ ପିତା ବାରମ୍ବାର ବାରଣ କରୁଥିଲେ । କେନ୍ଦୁଝର ଜିଲାର ଜଣେ ପିଲାକୁ କୋଭିଡ୍ କଟକଣା ସମୟରେ ଅନ୍‌ଲାଇନରେ ପଢ଼ିବା ପାଇଁ ତାଙ୍କ ପିତା ଏକ ମୋବାଇଲ ଫୋନ ଦେଇଥିଲେ । ମାତ୍ର ପାଠ ପଢ଼ିବା ବଦଳରେ ଅନ୍‌ଲାଇନ ଗେମ୍ ଖେଳି ଟଙ୍କା ହାରିବା ପରେ ପିତା ପୁଅକୁ ଗାଳି କରିଥିଲେ ଓ ମୋବାଇଲ ଫୋନରେ ଗେମ୍ ନ ଖେଳିବା ପାଇଁ କହିବାରୁ ପିଲାଟି ଆତ୍ମହତ୍ୟା କରିଦେଇଥିଲା । ଦେଶର ଭବିଷ୍ୟତ କୁହାଯାଉଥିବା କିଶୋର ଓ ଯୁବଗୋଷ୍ଠୀ ଯଦି ନିଜର କ୍ୟାରିୟର ଗଢ଼ିବା ବଦଳରେ ଏହିଭଳି ଅନ୍‌ଲାଇନ ଗେମ୍‌ରେ ମାତି ଆତ୍ମହତ୍ୟା କିମ୍ବା ଅପରାଧରେ ଜଡ଼ିତ ହେବେ, ତେବେ ଏହାଠାରୁ ବଡ଼ ବିପତ୍ତି ଆମ ଦେଶ ପାଇଁ ଆଉ କ’ଣ ହୋଇପାରେ !

ଅନେକ ହିଂସାତ୍ମକ ଅନ୍‌ଲାଇନ ଗେମ୍ ଚାଇନା ଦ୍ୱାରା ପ୍ରସ୍ତୁତ । ଏହି ଗେମ୍ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଆଦୃତ । ଭାରତ–ଚାଇନା ମଧ୍ୟରେ ସୀମା ବିବାଦକୁ ନେଇ ଚାଇନା ବିରୋଧରେ ଭାରତ ଗତ ବର୍ଷକ ତଳେ କିଛି ପଦକ୍ଷେପ ଗ୍ରହଣ କରିଥିଲା । ସେଥିମଧ୍ୟରୁ ଚାଇନା ପ୍ରସ୍ତୁତ କିଛି ମୋବାଇଲ ଆପ୍ ଉପରେ ପ୍ରତିବନ୍ଧକ ଅନ୍ୟତମ । ସେହି ସମୟରେ ଅତି ଘାତକ ସାବ୍ୟସ୍ତ ହୋଇଥିବା ପବଜି ଅନ୍‌ଲାଇନ ଗେମ୍‌କୁ ମଧ୍ୟ ନିଷେଧ କରାଯାଇଥିଲା । ମାତ୍ର ଦୁଃଖର ବିଷୟ, ମୋବାଇଲ ଭର୍ସନ ନିଷେଧ ହୋଇଥିଲେ ହେଁ ଡେସ୍କଟପ୍ ଭର୍ସନ ଉପଲବ୍ଧ ଥିଲା । ବର୍ତ୍ତମାନ ଏହି ପବଜି ଗୁଗଲ ପ୍ଲେ ଷ୍ଟୋରରେ ଅନ୍ୟ ଏକ ଆପସ୍ ମାଧ୍ୟମରେ ଭିନ୍ନ ନାମରେ ଉପଲବ୍ଧ, ଯାହାକି ଯୁବ ଓ କିଶୋର ଗୋଷ୍ଠୀଙ୍କ ମଧ୍ୟରେ ବେଶ ଆଦୃତି ଲାଭ କରୁଛି । କିଶୋର, ଯୁବ ଓ ଏପରିକି ଛୋଟ ଛୋଟ ପିଲା ଏବଂ ବୟସ୍କଙ୍କ ମଧ୍ୟରେ ଇଣ୍ଟରନେଟ ଓ ଅନ୍‌ଲାଇନ ଗେମ୍ ପ୍ରତି ଅହେତୁକ ଆକର୍ଷଣକୁ ଟେକ୍ନୋଲୋଜି ଆଡିକ୍ସନ ବା ବୈଷୟିକ ନିଶା କୁହାଗଲାଣି । ଏହା ଏକ ମାନସିକ ରୋଗ ଭାବେ ଆମ ସମକ୍ଷରେ ଉଭା ହେଲାଣି ।



ଅନ୍‌ଲାଇନ ଗେମ୍ ଓ ଏହାର ପ୍ରଭାବକୁ ନଜରରେ ରଖି ଇତିମଧ୍ୟରେ ୧୫ଟି ରାଷ୍ଟ୍ର ଏହା ଉପରେ କଟକଣା ଜାରି କରିସାରିଲେଣି । ସେହି ଦେଶଗୁଡ଼ିକ ହେଲା ଭେନେଜୁଏଲା, ବ୍ରାଜିଲ, ଚାଇନା, ଅଷ୍ଟ୍ରେଲିଆ, ଜାପାନ, ଦକ୍ଷିଣ କୋରିଆ, ନିଉଜିଲାଣ୍ଡ, ମାଲେସିଆ, ଜର୍ମାନୀ, ବ୍ରିଟେନ୍, ସୌଦି ଆରବ, ଇରାନ, ୟୁଏଇ, ପାକିସ୍ତାନ ଓ ସିଙ୍ଗାପୁର । ଅନ୍‌ଲାଇନ ଗେମ୍‌ର ଉତ୍ପତ୍ତି ସ୍ଥଳ କୁହାଯାଉଥିବା ଚାଇନା ୧୮ ବର୍ଷରୁ କମ୍ ପିଲାମାନେ ସପ୍ତାହକୁ ତିନି ଘଣ୍ଟାରୁ ଅଧିକ ଅନ୍‌ଲାଇନ ଗେମ୍ ଖେଳିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛି । ଭାରତ କିଛି ଚାଇନା ପ୍ରସ୍ତୁତ ଅନ୍‌ଲାଇନ ଗେମ୍ ଉପରେ ପ୍ରତିବନ୍ଧକ ଲଗାଇଥିଲେ ମଧ୍ୟ ଅନ୍‌ଲାଇନ ଗେମ୍ ନ ଖେଳିବା ଉପରେ ସେପରି କିଛି ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ ହୋଇନାହିଁ । ହ୍ୟୁମାନ ବିହେଭିଅର ଆଣ୍ଡ ଆଲାଏଡ୍ ସାଇନ୍ସ ଇନ୍‌ଷ୍ଟିଚ୍ୟୁଟର ପୂର୍ବତନ ନିର୍ଦ୍ଦେଶକ ଡ. ନିମେଷ ଦେଶାଇ କୁହନ୍ତି, ଛୋଟ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ମଣିଷଙ୍କଠାରେ ମୋବାଇଲ ଗେମ୍ସ ହିଂସ୍ର ପ୍ରବଣତା ସୃଷ୍ଟି କରିବାରେ ସହାୟକ ହେଉଛି । ଏପରିକି ସେମାନଙ୍କଠାରେ ଏହା ଗଭୀର ବିଷାଦପଣ ସୃଷ୍ଟି କରୁଛି । ମାତ୍ର ଅନ୍‌ଲାଇନ ଗେମ ମାନସିକ ସ୍ଥିତିକୁ ବିଷାଦଗ୍ରସ୍ତ କରାଉଛି । ଆଣ୍ଡ୍ରଏଡ୍ ଫୋନ ଓ ଦ୍ରୁତ ଗତି ସମ୍ପନ୍ନ ଇଣ୍ଟରନେଟ ଗତ କିଛି ବର୍ଷ ହେବ ବିଶ୍ୱର ପ୍ରତି କୋଣ ଓ ଅନୁକୋଣ, ଏପରିକି ଭାରତରେ ଅନ୍‌ଲାଇନ ଗେମ୍‌କୁ ପ୍ରସାର କରିବାରେ ସହାୟକ ହେଉଛି । ଅନ୍‌ଲାଇନ ଗେମ୍‌ର ବେପାର ସମ୍ପ୍ରତି ୨୫ ହଜାର କୋଟିରେ ପହଞ୍ଚିବାକୁ ଯାଉଛି । ଏଥିରେ ଆଲିବାବା, ଟେନ୍‌ସେଣ୍ଟ, ନଜରା ଓ ଯୁଯୁ ଭଳି କମ୍ପାନୀଗୁଡ଼ିକ ବେଶ୍ ସକ୍ରିୟ ଅଛନ୍ତି ।

ଗତ ଦୁଇ ବର୍ଷ ତଳେ ପିଲାଙ୍କ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନଙ୍କ ସହ ଏକ ଚର୍ଚ୍ଚା ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଜଣେ ମହିଳା କହିଥିଲେ ଯେ, ତାଙ୍କ ପୁଅ ନବମ ଶ୍ରେଣୀ ପୂର୍ବରୁ ଭଲ ପଢ଼ୁଥିଲା ଓ ପରୀକ୍ଷାରେ ଭଲ ନମ୍ବର ଆଣୁଥିଲା । ଏବେ ମୋବାଇଲରେ ଗେମ୍ ଖେଳି ସମୟ ନଷ୍ଟ କରୁଛି ଓ ପାଠପଢ଼ାରେ ମନ ଦେଉନାହିଁ । ଦୟାକରି ଏ ଦିଗରେ ମାର୍ଗଦର୍ଶନ କରନ୍ତୁ । ପ୍ରଧାନମନ୍ତ୍ରୀ ତୁରନ୍ତ ସମ୍ପୃକ୍ତା ମହିଳାଙ୍କୁ ପଚାରିଥିଲେ ଯେ, ଆପଣଙ୍କ ପୁଅ ପବଜି ଖେଳୁଛି କି ? ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନ ଚର୍ଚ୍ଚା ସ୍ଥଳରେ କିଛି ସମୟ ହାସ୍ୟରୋଳ ସୃଷ୍ଟି କରିଥିଲା । ଏଥିରୁ ଅନୁମେୟ, ପିଲାଙ୍କ ପାଠ ପଢ଼ାରେ ଅନ୍‌ଲାଇନ ଗେମ୍ କିପରି ପ୍ରତିବନ୍ଧକ ସୃଷ୍ଟି କରୁଛି ଓ ସେମାନଙ୍କୁ ବିପଥଗାମୀ କରୁଛି ତାହା ସାଧାରଣ ନାଗରିକଙ୍କଠାରୁ ଦେଶର ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅବଗତ । ତେଣୁ ମନରେ ହିଂସାତ୍ମକ ଓ ଅପରାଧ ପ୍ରବଣତା ସୃଷ୍ଟି କରୁଥିବା ଅନ୍‌ଲାଇନ ଗେମ୍‌କୁ ଚିହ୍ନଟ କରି ତାହା ଯେପରି ଭାରତରେ ଉପଲବ୍ଧ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ; ଯଦ୍ୱାରା ଦେଶର ଭବିଷ୍ୟତ କୁହାଯାଉଥିବା କିଶୋର ଓ ଯୁବ ଗୋଷ୍ଠୀଙ୍କୁ ଏକ ସମ୍ଭାବ୍ୟ ଆପରାଧିକ କାର୍ଯ୍ୟକଳାପରୁ ରକ୍ଷା କରାଯାଇପାରିବ ।

ମୋ–୯୪୩୭୨୩୨୪୬୩
prakas.tripathy09@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ନିୟମର ଉଲ୍ଲଂଘନ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ(ସାକ୍ଷୀଗୋପାଳ) ବ୍ଲକକୁ ଆସୁଥିବା ବିଭିନ୍ନ ଅନୁଦାନ ସରକାରୀ ନିୟମ ଅନୁଯାୟୀ ବଣ୍ଟନ କରା ନ ଯାଇ ଖୋଲାଖୋଲିଭାବେ ଉଲଂଘନ କରାଯାଉଥିବା ଜଣାଯାଇଛି । ପଞ୍ଚାୟତ ସମିତି ଶେୟାର ପାଣ୍ଠି ହେଉ କିମ୍ବା ତ୍ରୟୋଦଶ ଅର୍ଥ କମିଶନ ଅନୁଦାନ ଅଥବା ଜିଲା ପରିଷଦ ପାଣ୍ଠି ବିନା ପଲ୍ଲିସଭାରେ ବିନିଯୋଗ କରାଯାଉଥିବା ଜଣାଯାଏ । ଜନସଂଖ୍ୟା ଭିତ୍ତିରେ ବୈଠକରେ ମନଇଚ୍ଛା ଅନୁଦାନ ବଣ୍ଟନ କରାଯାଉଛି । ଏପରିକି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପଲ୍ଲିସଭା କରା ନ ଯାଇ ଡିପାର୍ଟମେଣ୍ଟ ନାମରେ ରଖାଯାଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ନେଇ ସମସ୍ତ କାର୍ଯ୍ୟ କରାଯାଉଛି । ଫଳରେ ଉନ୍ନୟନମୂଳକ କାର୍ଯ୍ୟରେ କିଛି ସୁଫଳ ମିଳୁ ନ ଥିବା ଜଣାଯାଇଛି । ବିଭାଗ ନାମରେ କାମ କରାଯାଇ ପ୍ରଥମେ କିଏ କେତେ ପିସି ନେବେ ଫାଇନାଲ ପରେ ଯାଇ କାର୍ଯ୍ୟ ଆରମ୍ଭ ହେଉଛି । ପିସି ନିଆଯାଉଥିବାରୁ କେଉଁଠି ୨ ମାସ ନ ପୂରୁଣୁ ରାସ୍ତାରୁ ସିମେଣ୍ଟ ତ କେଉଁଠି ଗୋଡ଼ି ବାହାରୁଥିବାର ଦେଖିବାକୁ ମିଳୁଛି । ସେତିକି ନୁହେଁ , ନିର୍ମିତ ଅଙ୍ଗନୱାଡି କେନ୍ଦ୍ର ୬ ମାସ ନ ଯାଉଣୁ ଫାଟି ଆଁ କରୁଛି । ପରୋକ୍ଷରେ ନିମ୍ନମାନର କାର୍ଯ୍ୟ କରିବା ପାଇଁ ବ୍ଲକ ପ୍ରଶାସନ ଇଙ୍ଗିତ ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହାର ତଦନ୍ତ କରାଗଲେ ବହୁ ଦୁର୍ନୀତିର ତଥ୍ୟ ପଦାକୁ ଆସିପାରନ୍ତା ।

–ଦେବଟିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ହାସେ ପ୍ରୀତ ଗୋ ଧରାର ବେଦନା
ଆକାଶ–ଲୋକର ରାଶି
ବିଶ୍ୱକୃତିର ସୁଖର ଚେତନା
ସେହି ହାସେ ଉଠୁ ଭାସି ।
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପଶ୍ଚିମା ପବ୍ଲିକେଶନ ପ୍ରକାଶିତ ଗଣେଶ୍ୱର ଜେନାଙ୍କ ଗଳ୍ପ ସଂକଳନ 'ଭିନ୍ନ ଏକ ରେବତୀ ଓ ଅନ୍ୟାନ୍ୟ ଗଳ୍ପ'ର ଲୋକାର୍ପଣ ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ୯ମ ସୌରଭ ଦାଶ ମେମୋରିଆଲ ସେରିମନି, ହୋଟେଲ ଏମ୍ପାୟାର, ଶହୀଦ ନଗର, ସନ୍ଧ୍ୟା ୬ଟା।
- ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶୀ ନୃତ୍ୟନାଟିକା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- . 'ମିଳନୀ'ର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ରଜ ଉପଲକ୍ଷେ ଚଇତାଳି ଘୋଡାନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖୀ ପୀଠ, ପୂର୍ବାହ୍ନ ୧୦ଟା।

**କଟକ**

- ଦି ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ୨ ଦିନିଆ ଜାତୀୟସ୍ତରୀୟ ସମ୍ମିଳନୀର ଉଦ୍‌ଯାପନୀ, ହୋଟେଲ ଆକବରୀ, ଦୋଲମୁଣ୍ଡାଇ, ପୂର୍ବାହ୍ନ ୧୦ଟା।
- କଟକ ସହର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ରଜ ମହୋତ୍ସବ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।

## କୂଅରୁ ବଜ୍ରକାପ୍ତା ଉଦ୍ଧାର



**ଡିଗିରିଆ, ୧୫।୬ (ଡି.ଏନ୍.ଏ.):** ବଡ଼ମ୍ବା ଥାନା ଅନ୍ତର୍ଗତ ହରିଠା ଗାଁର ଏକ କୂଅରୁ ବୁଧବାର ଗୋଟିଏ ବଜ୍ରକାପ୍ତାକୁ ଉଦ୍ଧାର କରାଯାଇଛି। ଖବର ଅନୁଯାୟୀ, ଗାଁର ରସାନନ୍ଦ ସାହୁ ତାଙ୍କ ବିଲରେ ଥିବା କୂଅରୁ ପରିବା ଫସଲରେ ପାଣି ମଡ଼ାଇବା ପାଇଁ ବୁଧବାର ସକାଳ ସାଢେ ୫ଟାରେ ଯାଇ ପହଞ୍ଚିଥିଲେ। ସେ କୂଅ ଭିତରେ ଏକ ବଜ୍ରକାପ୍ତା ଥିବା ଦେଖି ତାକୁ ଉଦ୍ଧାର କରି ଡିଗିରିଆ ବନପାଳଙ୍କୁ ଖବର ଦେଇଥିଲେ। ଡିଗିରିଆ ବନପାଳ ରାକେଶ କୁମାର ପ୍ରଧାନ ହରିଠା ଗାଁରେ ପହଞ୍ଚି ତାକୁ ଭୁବନେଶ୍ୱର ନନ୍ଦନକାନନ ଓ ଓୟୁଏଟି ନେଇଥିଲେ। ସେଠାରେ କର୍ମଚାରୀ ରଜ ଛୁଟି ଯୋଗୁ ନ ଥିବାରୁ ବଜ୍ରକାପ୍ତାକୁ ଫେରେଇ ଆଣି ବନପାଳ ପ୍ରଧାନ କାର୍ଯ୍ୟାଳୟରେ ରଖିଛନ୍ତି। ଗୁରୁବାର ବଜ୍ରକାପ୍ତାର ଡାକ୍ତରୀ ପରୀକ୍ଷା ପରେ ନରସିଂହପୁର ଜଙ୍ଗଲରେ ଛଡାଯିବ ବୋଲି ସେ କହିଛନ୍ତି।

# ନୃତ୍ୟରେ ବୀରପୁତ୍ରଙ୍କ କାହାଣୀ




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମାଳବିକା ପଟେଲଙ୍କ ଦ୍ୱାରା ଇଂଲିଶରେ ଅନୁବାଦିତ 'ଓଡ଼ିଶୀ ନୃତ୍ୟ ଆଲୋଚନା' ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

- ଓଡ଼ିଶୀ ନୃତ୍ୟ ନାଟିକା ଉତ୍ସବ 'ଆଜାଦୀ' ଉଦ୍‌ଘାଟିତ
- ପରିବେଷଣ ହେଲା 'ମହାତ୍ମା', 'ବୀରଭୂମି ଉତ୍କଳ'

ସେ ମୁକ୍ତି ପୁରୁଷ, ଅହିଂସାର ସଂଗ୍ରାମୀ, କର ବା ମର ଡାକରାର ପୁରୋଧା। ତାଙ୍କ ବିନା ସ୍ୱାଧୀନ ଭାରତର ପରିକଳ୍ପନା ଅସମ୍ଭବ। ସେହି ମହାମାନବ ମହାତ୍ମା ଗାନ୍ଧୀଙ୍କ ଅହିଂସାର ବାଣୀ ଉପରେ ଆଧାରିତ ନୃତ୍ୟନାଟିକା 'ମହାତ୍ମା'କୁ ନେଇ ବୁଧବାର କମ୍ପିଉଠିଥିଲା ରବୀନ୍ଦ୍ର ମଣ୍ଡପ। ଭାରତର ସ୍ୱାଧୀନତାରେ ମହାତ୍ମାଙ୍କ ଭୂମିକାକୁ ନେଇ ନୃତ୍ୟାଙ୍ଗନାମାନେ ନୃତ୍ୟନାଟିକା ପରିବେଷଣ କରିଥିଲେ। ଦୁର୍ଗମ, ଦୁର୍ଜୟ ହେ ବୀର ନିର୍ଭୟ... ଜୟ ଗାନ୍ଧୀ, ଜୟ ଗାନ୍ଧୀ ସଙ୍ଗୀତରେ ମୁଖରିତ ହୋଇଉଠିଥିଲା ପ୍ରେକ୍ଷାଳୟ। ମହାତ୍ମାଙ୍କୁ ନିଜ ଶରୀରର କଳାରଙ୍ଗ ପାଇଁ ଟ୍ରେନରୁ ଫିଙ୍ଗି ଦିଆଯିବାଠାରୁ ସତ୍ୟାଗ୍ରହ ଆନ୍ଦୋଳନ, ସ୍ୱରାଜ ଓ ସ୍ୱଦେଶ ପ୍ରଚଳନ ଏବଂ ସର୍ବୋପରି ସ୍ୱାଧୀନତା ପାଇଁ ଲୋକଙ୍କୁ ଏକତ୍ରିତ କରି ଦେଶକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିବା ଏହି ମହାପୁରୁଷଙ୍କ କାହାଣୀ ଦର୍ଶକଙ୍କ ଦେହରେ ଶିହରଣ ଖେଳାଇଥିଲା। ସବୁ କିଛି ଆମର ହୋଇ ମଧ୍ୟ ଆମେ ପରାଧୀନ ହୋଇ ରହିଥିଲେ। ଗାନ୍ଧିଜୀ ବ୍ରିଟିଶ ସରକାରଙ୍କ ବିରୋଧରେ ତାଙ୍କର ସଂଗ୍ରାମକୁ ଆଧ୍ୟାତ୍ମିକତା ଓ ମାନବବାଦର ଏକ ଅନନ୍ୟ ଅନ୍ୱେଷଣରେ ରୂପାନ୍ତରିତ କରି ବିଜୟୀ ହୋଇଥିଲେ। ତାଙ୍କର ସେହି ସତ୍ୟ, ଅହିଂସା, ନୀତି, ଚିନ୍ତାଧାରା, ଆଦର୍ଶକୁ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ନୃତ୍ୟଶିଳ୍ପୀମାନେ ପରିବେଷଣ କରିଥିଲେ। 'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ବରପୁତ୍ରମାନଙ୍କ ଜୀବନୀ ଉପରେ ଆଧାରିତ ଓଡ଼ିଶୀ ନୃତ୍ୟ ନାଟିକା ଉତ୍ସବ 'ଆଜାଦୀ' ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ପରିବେଷିତ ନୃତ୍ୟ ନାଟିକା 'ମହାତ୍ମା'ରେ ସୁଦୂର ଦକ୍ଷିଣ ଆଫ୍ରିକାରୁ ଆରମ୍ଭ ହୋଇଥିବା ଗାନ୍ଧିଜୀଙ୍କ ସଂଘର୍ଷମୟ ଯାତ୍ରା ପରିବେଷିତ ହୋଇଥିଲା। ଏହାକୁ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି ନିର୍ଦ୍ଦେଶନା ଦେଇଥିଲେ। ପରେ ଓଡ଼ିଶାର ବରପୁତ୍ରମାନଙ୍କ ଶୌର୍ଯ୍ୟ, ଅଦମ୍ୟ ବୀରତ୍ୱ, ଅପୂର୍ବ ଧୈର୍ଯ୍ୟ, ଅସୀମ ସାହସର ପରିଚୟକୁ ନେଇ ପରିବେଷିତ ହୋଇଥିଲା 'ବୀରଭୂମି ଉତ୍କଳ'। ଲକ୍ଷ୍ମଣ ନାୟକ, ସୁରେନ୍ଦ୍ର ସାଏ, ଦିବାକର ପରିଡ଼ା, ରଘୁ ମହାନ୍ତି ପ୍ରମୁଖଙ୍କୁ ନେଇ ସମର ଯୁଗର ଅମର ଗାଥାକୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ନୃତ୍ୟାଙ୍ଗନାମାନେ ରୂପ ଦେଇଥିଲେ। ଓଡ଼ିଶାର ପ୍ରଥମ ଇଂରେଜ ବିରୋଧ ସଂଗ୍ରାମ ପାଇକ ବିଦ୍ରୋହର ନେତୃତ୍ୱ ନେଇଥିବା ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ କାହାଣୀ ମଧ୍ୟ ନୃତ୍ୟରେ ଦେଖିବାକୁ ମିଳିଥିଲା। ଏହାକୁ ଗୁରୁ ଦୁର୍ଗାଚରଣ ରଣବୀର ନିର୍ଦ୍ଦେଶନା ଦେଇଥିଲେ। ନୃତ୍ୟାନୁଷ୍ଠାନ 'ନୃତ୍ୟାୟନ'ର ଛାତ୍ରୀଛାତ୍ରମାନେ ଏହାକୁ ପରିବେଷଣ କରିଥିଲେ। ଗୁରୁ ରାମହରି ଦାସ ସଙ୍ଗୀତ ସଂଯୋଜନା କରିଥିବାବେଳେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ସଚ୍ଚିଦାନନ୍ଦ ଦାସ ବାଦ୍ୟ ସଂଯୋଜନା ଦେଇଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକୁ ବୃତ୍ତଚିତ୍ର ମାଧ୍ୟମରେ ମଧ୍ୟ ପରିବେଷଣ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ସଙ୍ଗୀତ ନାଟକ ଏକାଡେମୀର ସଭାପତି ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ, ଖ୍ୟାତନାମା ନୃତ୍ୟଶିଳ୍ପୀ ପ୍ରିୟମ୍ବଦା ମହାନ୍ତି ହେଜମାଦି ଏବଂ ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଳବିକା ପଟେଲଙ୍କ ଦ୍ୱାରା ଇଂଲିଶ ଭାଷାରେ ଅନୁବାଦିତ 'ଓଡ଼ିଶୀ ନୃତ୍ୟ ଆଲୋଚନା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।




'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରାହୁଲ



@ ପାପାନୀ



@ କିରଣ



@ ବୀଣାପାଣି



@ ରେଣୁବାଳା



@ ସିପ୍ରା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

### ଗୁଳିବିଦ୍ଧ ହାତୀକୁ ନେଇ କେନ୍ଦ୍ର ସରକାରଙ୍କ ଉଦ୍‌ବେଗ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଆଠଗଡ଼ ବନଖଣ୍ଡ ନରସିଂହପୁର ପଶ୍ଚିମାଞ୍ଚଳରୁ ଉଦ୍ଧାର ହୋଇଥିବା ଗୁଳିବିଦ୍ଧ ଦନ୍ତା ହାତୀର ମଙ୍ଗଳବାର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ରାଜ୍ୟରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଗୁରୁତର ସହ ନେବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରୁଛନ୍ତି। ସେପଟେ ଏହି ଘଟଣା ସମ୍ପର୍କରେ ଜାଣିବା ପରେ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରିଥିଲେ। ତାଙ୍କ ଟୁଇଟ୍‌ରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଉତ୍ତର ଦେଇ ଲେଖିଛନ୍ତି, ହାତୀ ଆମର ଐତିହ୍ୟ ପ୍ରାଣୀ ଏବଂ ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ଏହାକୁ ସର୍ବାଧିକ ସୁରକ୍ଷା ଦିଆଯାଇଛି। ଆଠଗଡ଼ ଗୁଳିବିଦ୍ଧ ହାତୀ ଘଟଣା ସମ୍ପର୍କରେ ମନ୍ତ୍ରଣାଳୟ ଅବଗତ ହୋଇଛି। ବନ୍ୟପ୍ରାଣୀ ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ଶିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଟୁଇଟ୍ କରି କହିଛନ୍ତି।

ମିଳିଥିବା ସୂଚନାନୁସାରେ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ମନ୍ତ୍ରଣାଳୟ ଅଧୀନ ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ଡିଭିଜନର ବୈଜ୍ଞାନିକ ଡ. କେ. ଏମ୍. ସେଲ୍‌ଭନ ଓଡ଼ିଶାର ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଛନ୍ତି। ଚିଠିରେ ଉଲ୍ଲେଖ ରହିଛି, ଆଠଗଡ଼ ବନଖଣ୍ଡ ନରସିଂହପୁର ପଶ୍ଚିମାଞ୍ଚଳରେ ଏକ ଗୁଳିବିଦ୍ଧ ଦନ୍ତା ହାତୀକୁ ନେଇ ବିଭିନ୍ନ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ହାତୀର ୫ ରୁ ୬ଟି ସ୍ଥାନରେ ଗୁଳି ବାଜିଥିବା ସୂଚନା ମିଳିଛି। ତେଣୁ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରି ଶିକାରୀଙ୍କ ବରୋଧରେ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନର୍ଦ୍ଦେଶ ଦିଆଯାଇଛି। ଏଥି ସହିତ କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା ସେ ନେଇ ତୁରନ୍ତ ମନ୍ତ୍ରଣାଳୟକୁ ଇମେଲ୍ ମାଧ୍ୟମରେ ରିପୋର୍ଟ ପ୍ରଦାନ କରିବା ପାଇଁ କୁହାଯାଇଛି। ସୂଚନାଯୋଗ୍ୟ, ଗୁଳିବିଦ୍ଧ ହାତୀ ସମ୍ପର୍କରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିବା ପରେ ବନ ବିଭାଗ ତତ୍ପରତା ଦେଖାଇଥିଲା।




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଟୁଇଟ୍ ପରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଉତ୍ତର।



# ମିଳିଲା ଆଉ ଏକ ହାତୀ କଙ୍କାଳ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଆଠଗଡ଼ ବନଖଣ୍ଡରେ ସଙ୍କଟରେ ଗଜରାଜ। ୧୫ ଦିନରେ ବଡ଼ମ୍ବା ବନାଞ୍ଚଳରୁ ତିନୋଟି ଦନ୍ତାହାତୀର କଙ୍କାଳ ମିଳିଛି। ଗତ ୨ ଓ ୩ ତାରିଖରେ ଭିନ୍ନ ଭିନ୍ନ ସ୍ଥାନରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଦୁଇଟି ହାତୀ କଙ୍କାଳ ଜବତ କରିଥିବା ବେଳେ ଏବେ ଆଉ ଏକ ହାତୀ କଙ୍କାଳ ମଙ୍ଗଳବାର ଉଦ୍ଧାର ହୋଇଥିବା ଜଣାପଡ଼ିଛି। ୨ଟି ଦନ୍ତାହାତୀ କଙ୍କାଳ ମିଳିବା ଘଟଣା ଖୋଳତାଡ଼ ଚାଲିଥିବାବେଳେ ତୃତୀୟ ଦନ୍ତାହାତୀର କଙ୍କାଳ ମିଳିଥିବା ଆଠଗଡ଼ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨ ଓ ୩ ତାରିଖରେ ବଡ଼ମ୍ବା ବନାଞ୍ଚଳରୁ ୨ ଦନ୍ତାହାତୀଙ୍କ କଙ୍କାଳ ଉଦ୍ଧାର ହେବା ପରେ ଏହି ଘଟଣାର ତଦନ୍ତ ଜୋରସୋରରେ ଚାଲିଥିଲା। ଏଥିରେ ବଡ଼ମ୍ବା ରେଞ୍ଜର, ଫରେଷ୍ଟର, ଗାର୍ଡ ଆଦି ୫ଜଣଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ବେଳେ ୬ଜଣଙ୍କୁ ଗିରଫ କରାଯାଇଥିଲା। ଆଉ ଜଣେ ଫରେଷ୍ଟରଙ୍କୁ ଜେରା କରିବା ପାଇଁ ଡକାଯାଇଥିବା ବେଳେ ସେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ପାଚେରି ଡେଇଁ ଫେରାର୍ ହୋଇଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କର ଖବର ମିଳିନାହିଁ। ତେବେ ଏହି ହାତୀ କଙ୍କାଳ ଉଦ୍ଧାର ଘଟଣାକୁ ଏବେ ବନ ବିଭାଗ ଗୁରୁତର ସହ ନେଇ ନିଜେ ତଦନ୍ତ କରିବା ଆରମ୍ଭ କରିଥିବାବେଳେ ବଡ଼ମ୍ବା ବନାଞ୍ଚଳରେ ଆଉ ଏକ ଦନ୍ତାର ମୃତଦେହ ପୋତା ଯାଇଥିବା ଖବର ମିଳିଥିଲା। ଖାରୋଡ଼ ଗ୍ରାମ ନିକଟରେ ଚନ୍ଦ୍ରଗିରି ପାହାଡ଼ ଅଞ୍ଚଳରୁ ମଙ୍ଗଳବାର ରାତିରେ ଆଉ ଏକ ଦନ୍ତା ହାତୀର କଙ୍କାଳ ଉଦ୍ଧାର କରାଯାଇଛି। ଖବର ପାଇ ଆଠଗଡ଼ ବନଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ କଙ୍କାଳ ଉଦ୍ଧାର କରିଥିବା ବେଳେ ଏବେ ଆଠଗଡ଼ ବନ ବିଭାଗ ଏହାକୁ ଉଦ୍ଧାର କରିଛି। ଅପରପକ୍ଷରେ ସେହି ବନାଞ୍ଚଳରେ ଥିବା ଏକ ଡ୍ୟାମ ନିକଟରେ ଆଉ ଏକ ହାତୀ କଙ୍କାଳ ପୋତା ହୋଇଥିବା ଶୁଣିବାକୁ ମିଳୁଥିଲେ ହେଁ ଏ ନେଇ ବନ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ପୂର୍ବରୁ ହାତୀ ମୃତ୍ୟୁ ଘଟଣାକୁ ଲୁଚାଇବାକୁ ଆଠଗଡ଼ ବନଖଣ୍ଡ ଭରପୂର ପ୍ରୟାସ କରିଥିବାବେଳେ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ଘଟଣା ଲୋକଲୋଚନକୁ ଆସିବାରେ ଲାଗିଛି।

ହାତୀ କଙ୍କାଳ ବ୍ୟବଚ୍ଛେଦ କରିବା ପାଇଁ ବଡ଼ମ୍ବା ପ୍ରାଣୀଧନ ଚିକିତ୍ସକ ଛୁଟିରେ ଥିବାରୁ ମାଣିଆବନ୍ଧ ପ୍ରାଣୀ ଚିକିତ୍ସକ ଡ. ପ୍ରକାଶ ପଣ୍ଡିତ ଘଟଣାସ୍ଥଳକୁ ଯାଇ ବ୍ୟବଚ୍ଛେଦ କରିଥିଲେ। ବ୍ୟବଚ୍ଛେଦ ପରେ ହାତୀର ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପ୍ରାୟ ୬ ମାସ ପୂର୍ବେ ହାତୀଟିକୁ ମାରି ପୋତା ଯାଇଥିବା ବେଳେ ତା'ର ଦାନ୍ତ ନ ଥିବା ସୂଚନା ମିଳିଛି। ଅର୍ଥାତ୍ ଶିକାରୀ ହାତୀ ଦାନ୍ତ ନେବା ପରେ ବନ ବିଭାଗ ଏହାକୁ ପୋତି ଦେଇ ଘଟଣାକୁ ଲୁଚାଇବା ପାଇଁ ଚେଷ୍ଟା କରିଥିଲା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଅଭିଯୋଗ କରୁଛନ୍ତି। ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫ୍‌ଓ ଯାଦବ କହିଛନ୍ତି।



ଚନ୍ଦ୍ରଗିରି ପାହାଡ଼ ଅଞ୍ଚଳରୁ ମଙ୍ଗଳବାର ରାତିରେ ମିଳିଥିବା ଦନ୍ତା ହାତୀର କଙ୍କାଳ।

### ଆଠଗଡ଼ରେ ଅସୁରକ୍ଷିତ ଗଜରାଜ

- ଲୁଚେଇଲେ ବି ଲୁଚୁନି
- ୧୫ଦିନରେ ୩ ହାତୀ କଙ୍କାଳ ଉଦ୍ଧାର
- ୨୫ବର୍ଷୀୟ ହାତୀ ଶିକାର, ଦାନ୍ତ ଗାଏବ

**ଭାଗବତ କଥାମୃତ**

**ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଗୋପୀନାଥ ଦେବ ମନ୍ଦିର ପ୍ରାଙ୍ଗଣରେ ଭାଗବତ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ନାରାୟଣ ଦାସ ପ୍ରବଚନ ଦେଇଥିଲେ। ବ୍ୟାସ ଭାବେ ଦିବାକର ମହାରାଜ, କର୍ତ୍ତା ଭାବେ ବୈକୁଣ୍ଠନାଥ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁଭାଶିଷ ରଥ, ବାଉରିବନ୍ଧୁ ପଟ୍ଟଯୋଶୀ, କପିଳ ଆଚାର୍ଯ୍ୟ, ଦୁଃଖିଶ୍ୟାମ ପରିଡ଼ା, ପ୍ରମୋଦ ମହାରଣା, ଗୋବିନ୍ଦ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା, ହତ୍ୟା ଉଦ୍ୟମ

**ସ୍ୱାମୀ ଗିରଫ, ଛୁରି ଜବତ**

**ଭୁବନେଶ୍ୱର,୧୫।୬(ବ୍ୟୁରୋ):** ସ୍ତ୍ରୀଙ୍କୁ ବାରମ୍ବାର ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀ ମାନସ ବିଶ୍ୱାଳଙ୍କୁ ବୁଧବାର ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ସେ ଲକ୍ଷ୍ମୀସାଗର ତଳ ସାହି ତ୍ରିନାଥ ମନ୍ଦିର ନିକଟରେ ରହୁଥିଲେ। ପୋଲିସ ତାଙ୍କଠାରୁ ଏକ ଛୁରି ଜବତ କରିଛି। ମାନସଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୧୫ ଜାନୁଆରୀ ୧୬ରେ ମିତା ବିଶ୍ୱାଳଙ୍କୁ ମାନସ ବିବାହ କରିଥିଲେ। ମାନସ କୌଣସି ରୋଜଗାର କରୁ ନ ଥିଲେ। ସେ ମଦ୍ୟପାନ କରି ପ୍ରାୟ ସମୟରେ ସ୍ତ୍ରୀ ମିତାଙ୍କୁ ନିର୍ଯାତନା ଦେଉଥିଲେ। ପରିବାରର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ମିତା ତଳସାହିରେ ଏକ ପାନଦୋକାନ ମଧ ଖୋଲିଛନ୍ତି। ଶନିବାର ମଦ୍ୟପାନ ପାଇଁ ମାନସ ମିତାଙ୍କୁ ଟଙ୍କା ମାଗିଥିଲେ। ମିତା ଟଙ୍କା ନ ଦେବାରୁ ମାନସ ତାଙ୍କ ତଣ୍ଟି ଚିପି ମାଡ଼ ମାରିବା ସହ ମୁଣ୍ଡକୁ ବାଡ଼େଇ ଦେଇଥିଲେ। ଏଥିସହ ଏକ ଛୁରିରେ ହତ୍ୟା କରିବାକୁ ଗୋଡ଼ାଇଥିଲେ। ମିତା ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ସେ ଥାନାରେ ମାନସଙ୍କ ନାଁରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୨୨୯/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ମିଶନ ଶକ୍ତି ପକ୍ଷରୁ ରଜପର୍ବ

**ବାଲିଅନ୍ତା,୧୫।୬(ଡି.ଏନ୍.ଏ.):** ରସୁଲଗଡସ୍ଥିତ ପାଲାମଣ୍ଡପଠାରେ ରଜପର୍ବ ପାଳିତ ହୋଇଯାଇଛି। ଭୁବନେଶ୍ୱର ସହରାଞ୍ଚଳ-୩ ସ୍ୱୟଂସିଦ୍ଧା ମିଶନ ଶକ୍ତି ବ୍ଲକ ମହାସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୪ଟି ୱାର୍ଡର ମିଶନ ଶକ୍ତିର ମହିଳା ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ପିଠା ଓ ରଜପାନ ଷ୍ଟଲ ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ କର୍ପୋରେଟର ବିପ୍ଳବ ବେହେରା, ନୁର୍ ହାସନ୍, ପୂର୍ବତନ କର୍ପୋରେଟର ସଞ୍ଜୟ ବଳିଆରସିଂ, ସୁବାସ ପାତ୍ର ଓ ମାନସୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

### ‘ଦାରୁଦିଅଁ’ ଲୋକାର୍ପିତ

**ବାଲିପାଟଣା,୧୫।୬(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ବୁଧବାର ଆଧାତ୍ମିକ ପତ୍ରିକା ‘ଦାରୁଦିଅଁ’ ଲୋକାର୍ପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଅରବିନ୍ଦ ଢାଲି, ମୁଖ୍ୟ ବକ୍ତା ଭାବେ ସଂଳାପ ଲେଖକ ଅଧାପକ ରଜନୀ ରଞ୍ଜନ ଦାଶ, ଅତିଥିଭାବେ ବରିଷ୍ଠ ଲେଖକ ତ୍ରିନାଥ ପଟ୍ଟନାୟକ, ବାଲିପାଟଣା ଥାନାଧିକାରୀ କୃପାସିନ୍ଧୁ ବରାଡ଼, ଗବେଷକ ହଂସନାଥ ସାହୁ, ନଳିନୀ ବେହେରା, ରଶ୍ମିରଞ୍ଜନ ବଳିଆରସିଂ, ହରିହର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରଜ ପର୍ବ ଅବସରରେ ଝୋଟି, ହୁଳହୁଳି, ଅଳତାଲଗା, ପାନଭଙ୍ଗା ଓ କାନ୍ଦଣା ପ୍ରତିଯୋଗିତା ହୋଇଥିଲା। ଦାରୁଦିଅଁର ପ୍ରକାଶନ ଲୋକଙ୍କ ମଧ୍ୟରେ ଧାର୍ମିକ ଭାବନା ସୃଷ୍ଟି କରିବ ବୋଲି ବକ୍ତାମାନେ କହିଥିଲେ। ଝୋଟି ପ୍ରତିଯୋଗିତାରେ ନିଷ୍ଠା ପ୍ରିୟଦର୍ଶିନୀ, ହୁଳହୁଳିରେ ସବିତା ତ୍ରିପାଠୀ, କାନ୍ଦଣାରେ କାଞ୍ଚନ ଦେଈ, ଅଳତା ଲଗାରେ ଆରତି ବେହେରା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କବି ବିପିନ ମହାନ୍ତି, ଭଗବାନ ସାହୁ ଏବଂ ଅଭିମନ୍ୟୁ ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୫ଜଣ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଦାରୁଦିଅଁର ସମ୍ପାଦକ ଦେବେନ୍ଦ୍ର ନାଥ ସେନାପତି ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁରଲୀଧର ସାହୁ, ତନୟା ଦାସ ଗୋସ୍ୱାମୀ, ରମେଶ ଚନ୍ଦ୍ର ରଥ, ରାଧାକାନ୍ତ ମହାନ୍ତି, ଦିଲୀପ ଓଝା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗାଇଡ୍‌ଲାଇନରେ ଚାଲିବ କୁକୁରଙ୍କ ଚିକିତ୍ସା

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଏଣିକି ଗାଇଡଲାଇନ ଭିତରେ କୁକୁରଙ୍କ ଚିକିତ୍ସା କରାଯିବ। ଚିକିତ୍ସା କାମରେ ଆଉ ପୂର୍ବଭଳି ଅବହେଳା କରାଯିବ ନାହିଁ। ସ୍ମାର୍ଟସିଟିରେ ପ୍ରାଣୀ ସମ୍ବଳର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଡଗ୍ ରୁଲ୍‌କୁ ଅନୁସରଣ କରି ବିଏମ୍‌ସି ଅଧୀନରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯାଉଛି। ଏହା ପ୍ରଚଳିତ ସେବା ହୋଇଥିବାବେଳେ ଏହାକୁ ନେଇ କେତେଜଣ ପ୍ରାଣୀପ୍ରେମୀଙ୍କ ସାମାଜିକ ଗଣମାଧ୍ୟମ ଉକ୍ତିକୁ ବିଏମ୍‌ସି କର୍ତ୍ତୃପକ୍ଷ ଗୁରୁତ୍ୱର ସହ ନେଇଛନ୍ତି। ଏଥିପାଇଁ ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ଶହୀଦନଗରସ୍ଥିତ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କରି ଉପସ୍ଥିତ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ ଚିକିତ୍ସାଳୟ ବୁଲି ସ୍ଥିତି ସମୀକ୍ଷା କରିଥିଲେ। ଏ ହ । ପ ରେ ପ୍ରକଳ୍ପର ବିକାଶ ପାଇଁ କେଉଁସବୁ ପଦକ୍ଷେପ ନିଆଗଲେ ତାହା ପ୍ରକଳ୍ପ ବିକାଶକୁ ତ୍ୱରାନ୍ୱିତ କରିବ ସେନେଇ ନିର୍ଦ୍ଦେଶ ଦେଇଥିଲେ।



ଅଧିକାରୀଙ୍କ ସହ ବିଏମ୍‌ସି କମିଶନର ଆଲୋଚନା କରୁଛନ୍ତି।

ସୂଚନାଯୋଗ୍ୟ, ବୁଲା କୁକୁରଙ୍କ ବନ୍ଧ୍ୟାକରଣକୁ ସେବା ପ୍ରଦାନକାରୀ ସଂସ୍ଥା ପାଇକ୍ ସିକ୍ୟୁରିଟି ସେଣ୍ଟିନେଲ୍ ମାଧ୍ୟମରେ କରାଯାଉଛି। ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ସଂସ୍ଥା ଡାକ୍ତର ଏବଂ ପାରାମେଡ଼ିକ୍ସ ନିୟୋଜିତ କରି ବନ୍ଧ୍ୟାକରଣକୁ ଆଗେଇନେବା ଉଚିତ୍। ଉଦ୍ଦିଷ୍ଟ ମାନକ କାର୍ଯ୍ୟାନ୍ୱୟନ ପଦ୍ଧତି(ଏସ୍‌ଓପି)ର ଅନୁସରଣ କରି କାର୍ଯ୍ୟ କରିବାକୁ କୁହାଯାଇଛି। ଏହି କାର୍ଯ୍ୟରେ କିଛି ତ୍ରୁଟି ବିଚ୍ୟୁତି ଲକ୍ଷ୍ୟ କରାଯାଇଥିବାରୁ ଏବଂ ପ୍ରାଣୀ ହିତ ପ୍ରେମୀଙ୍କ ଭାବାବେଗକୁ ବିଚାରକୁ ନେଇ ପ୍ରଚଳିତ ଏସ୍‌ଓପିରେ ସୁଧାର ଆଣି ଏହାକୁ ଦ୍ୱିଭାଷିକ କରିବାକୁ ବିଏମ୍‌ସି କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏହି ଏସ୍‌ଓପି ଅନୁସାରେ କିପରି ସମ୍ପୃକ୍ତ ସଂସ୍ଥା ନିୟମାନୁସାରେ କାର୍ଯ୍ୟ କରିବ ସେଥିପାଇଁ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ (ଏସ୍‌ଡିଭିଓ)ଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଥିବା ଏସ୍‌ଡିଭିଓଙ୍କୁ ବଦଳି କରାଯାଇଛି। ଏହି ଚିକିତ୍ସାଳୟରେ ୩ଟି ଶ୍ୱାନଗୃହରେ ୧୨୦ଟି କୁକୁରଙ୍କ ପାଇଁ ବନ୍ଧ୍ୟାକରଣ ବ୍ୟବସ୍ଥା ରହିଛି। ଉଭୟ ପୁରୁଖା ଓ ଯୁବ ଡାକ୍ତରଙ୍କ ଦ୍ୱାରା କାର୍ଯ୍ୟ କରିବାକୁ କୁହାଯାଇଛି। ଅଧିକ ସଂଖ୍ୟକ ସିସିଟିଭି ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି। ଚିକିତ୍ସାଳୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ସୂଚନାଫଳକ, ପୋଷ୍ଟର, ସମୟ ନିର୍ଘଣ୍ଟ, ସେବା ଯୋଗାଣକାରୀଙ୍କ ସୂଚନା ବିଭିନ୍ନ ସ୍ଥାନରେ ଲଗାଇବାକୁ କୁହାଯାଇଛି। ସେବାକୁ ଗୋଷ୍ଠୀ ଅଭିମୁଖୀ କରାଇବାକୁ ଏକ କମିଟି ଗଠନ କରିବାର ନିଷ୍ପତ୍ତି ହୋଇଛି। ସେଠାକୁ ମେୟର ସୁଲୋଚନା ଦାସ ଯାଇ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ପ୍ରକଳ୍ପକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଯେଉଁ ପଦକ୍ଷେପ ନିଆଯିବ ତାହାର ରୂପାୟନ ପାଇଁ କହିଥିଲେ।

# ଶ୍ୱଶୁରଙ୍କୁ ଗାଳି, ହତ୍ୟା ଉଦ୍ୟମ: ଅଭିନେତା ଗିରଫ

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**



- ପୁଅକୁ ନେଇ ବାପଘରକୁ ଚାଲିଗଲେ ସ୍ତ୍ରୀ
- ଦମ୍ପତିଙ୍କ ମଧ୍ୟରେ ହୋଇଥିଲା ଝଗଡ଼ା

ପାରିବାରିକ କଳହକୁ କେନ୍ଦ୍ର କରି ଶ୍ୱଶୁରଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଅଭିନେତାଙ୍କୁ ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ସୁନ୍ଦରପଦା ଆରାଧନା ନଗରରେ ରହୁଥିବା ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ରାଜେଶ କୁମାର ମିଶ୍ର(୪୦)। ଅଭିନେତା ରାଜେଶଙ୍କ ନାଁରେ ପୋଲିସ ଆଇପିସି ଦଫା ୩୪୧, ୨୯୪, ୪୨୭, ୩୦୭, ୫୦୬ରେ ଏକ ମାମଲା (ନଂ.୨୩୨/୨୨) ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଯାଇଛି। ଏହି ମାମଲାରେ ଅଧିକ ତଦନ୍ତ ଚାଲୁ ରହିଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ରାଜେଶ ଏକାଧିକ ଓଡ଼ିଆ ଧାରାବାହିକରେ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ୨୦୧୭ ନଭେମ୍ବରରେ ସେ ଲକ୍ଷ୍ମୀସାଗର ଚିନ୍ତାମଣୀଶ୍ୱର ଅଞ୍ଚଳରେ ରହୁଥିବା ଜୟନାରାୟଣ ନନ୍ଦଙ୍କ ଝିଅଙ୍କୁ ବିବାହ କରିଥିଲେ। ଜୟନାରାୟଣଙ୍କ ଝିଅ ମଧ ଏକାଧିକ ଟିଭି କାର୍ଯ୍ୟକ୍ରମରେ ଉପସ୍ଥାପନା କରୁଛନ୍ତି। ଉଭୟଙ୍କର ଏକ ଦେଢ଼ ବର୍ଷର ପୁଅ ମଧ ଅଛି। ରାଜେଶ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏକ ଜିମ୍ ଖୋଲିଥିଲେ। ହେଲେ କରୋନା କାରଣରୁ ତାଙ୍କର ଆର୍ଥିକ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ଝଗଡ଼ା ହେବାରୁ ସ୍ତ୍ରୀ ରାଜେଶଙ୍କ ଘର ଛାଡ଼ି ପ୍ରାୟ ବାପଘରୁ ଚାଲି ଆସୁଥିଲେ। ତେବେ କିଛି ଦିନ ହେଲା ରାଜେଶଙ୍କ ଘରକୁ ସ୍ତ୍ରୀ ଯାଉ ନ ଥିଲେ। ଏଥିସହ ଭରଣପୋଷଣ ପାଇଁ ରାଜେଶଙ୍କ ନାଁରେ କୋର୍ଟରେ କେସ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ରାଜେଶ ସ୍ତ୍ରୀ ଓ ପୁଅଙ୍କୁ ଦେଖା କରିବାକୁ ଶ୍ୱଶୁର ଘରକୁ ଆସିଥିଲେ। ହେଲେ ସ୍ତ୍ରୀ ବାରଣ କରିବାରୁ ଶ୍ୱଶୁରଙ୍କ ସହ ରାଜେଶ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ। ଏଥିସହ ଶ୍ୱଶୁରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ରାଜେଶଙ୍କୁ କାବୁ କରିଥିଲା। ଥାନାରେ ରାଜେଶଙ୍କ ନାଁରେ ଶ୍ୱଶୁର ଲିଖିତ ଅଭିଯୋଗ କରିଥିଲେ।

# ଫକୀରମୋହନଙ୍କ ସାହିତ୍ୟ ସୃଷ୍ଟି ଉପରେ ଆଲୋଚନା

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ବ୍ୟାସକବି ଫକୀରମୋହନ ସ୍ମୃତି ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବ୍ୟାସକବି ଫକୀରମୋହନଙ୍କ ୧୦୪ତମ ଶ୍ରାଦ୍ଧ ବାର୍ଷିକୀ ଫକୀରମୋହନ ଭବନ ନୂଆପଲ୍ଲୀଠାରେ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟ ସୃଷ୍ଟିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଜ୍ଞାନୀ ଦେବାଶିଷ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଫକୀରମୋହନଙ୍କ ଜୀବନୀ ଓ ସାହିତ୍ୟ ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋଚନା କରିଥିଲେ। ଜୀବନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ଉପସଭାପତି ଡ. ଜ୍ଞାନଚାନ୍ଦ ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଡ. ବିରାଜ ମୋହନ ଦାସ ଅତିଥି ପରିଚୟ ଏବଂ କାର୍ଯ୍ୟ ନିର୍ବାହୀ ସମ୍ପାଦକ ଅଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାକ୍ତନ ସଭାପତି କାର୍ତ୍ତିକେଶ୍ୱର ପାତ୍ର ଓ ଗୋପୀନାଥ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନିନ୍ଦିତା ଦାସ ଫକୀରମୋହନ ସଙ୍ଗୀତ ପରିବେଷଣ କରିଥିଲେ। ଆୟୋଜିତ କବିତା ପାଠୋତ୍ସବକୁ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଯୋଗେନ୍ଦ୍ର କୁମାର ନାୟକ ଓ ସଞ୍ଜୁଲତା ମହାନ୍ତି ପଟ୍ଟନାୟକ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ନିରଞ୍ଜନ ପଣ୍ଡା, ପ୍ରଫେସର ଅମିୟ ପଟ୍ଟନାୟକ, ପ୍ରଫେସର ଅଦ୍ୱୈତ ପାତ୍ର, କର୍ଣ୍ଣେଲ ଶରତ ମହାପାତ୍ର, ସଞ୍ଚିତା ମହାନ୍ତି ଓ ବିଜୟକେତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ବ୍ୟାସକବି ଫକୀରମୋହନଙ୍କ ଶ୍ରାଦ୍ଧ ବାର୍ଷିକୀ ସମାରୋହରେ ମଞ୍ଚାସୀନ ଅତିଥିମାନେ।

# ହୃଷୀକେଶଙ୍କୁ କବି ଦିଲୀପ ଦାସ ପ୍ରଥମ ସ୍ମୃତି ସମ୍ମାନ




ଡ. ହୃଷୀକେଶ ମଲ୍ଲିକଙ୍କୁ କବି ଦିଲୀପ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଉଛି।

**ବ୍ରହ୍ମପୁର ଅଫିସ୍,୧୫।୬**

**ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଦିଲୀପ ଦାସଙ୍କ ଜୟନ୍ତୀ**

ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ତରଫରୁ କବି ଦିଲୀପ ଦାସଙ୍କ ୮୧ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ମନ୍ମଥ ପାଢ଼ୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ସଭାପତି ପ୍ରଶାନ୍ତ ମିଶ୍ର ଓ ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ମଞ୍ଚାସୀନ ଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଡ. ବିଦ୍ୟୁତପ୍ରଭା ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଡ. ବିଦ୍ୟୁତପ୍ରଭା ସାହୁ ଓ ଡ. ବାୟାମାନୁ ଚର୍ଚ୍ଚିଙ୍କ ଯୁଗ୍ମ ସମ୍ପାଦନାରେ ପ୍ରକାଶିତ ଦିଲୀପ ଦାସଙ୍କ କାବ୍ୟ ସମ୍ଭାର ଏକ ଅନ୍ତାସକ୍ତ ଆକଳନ ଓ ଡ. ବିଦ୍ୟୁତପ୍ରଭା ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ତୁଳନାତ୍ମକ ସାହିତ୍ୟ ସଂଚୟନ ପୁସ୍ତକ ଲୋକାର୍ପଣ ହୋଇଥିଲା। ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ତରଫରୁ ପ୍ରଥମ ଦିଲୀପ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

# ବାଉଁଶ ଦୋଳିରେ ଝୁମିଲେ ବନବାସୀ

**ପୁରୁଣା ଭୁବନେଶ୍ୱର,୧୫।୬(ଡି.ଏନ୍.ଏ.)**

ରଜ ପର୍ବକୁ ନେଇ ଏବେ ସବୁଠି ଉତ୍ସବର ମାହୋଲ। ସହରଠୁ ଗାଁ ସବୁଠି ଜମୁଛି ରଜର ଆସର। ଏହି ଗଣପର୍ବକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିଆରା ଢଙ୍ଗରେ ପାଳନ କରାଯାଉଛି। କେଉଁଠି କୁମାରୀମାନେ ରଜପାନ ଆଉ ରଜଦୋଳିର ମଜା ନେଉଛନ୍ତି ତ ଆଉ କେଉଁଠି ଓଡ଼ିଆ ଘରର ପିଠାପଣା ମହକୁଛି। ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇ ଠାରେ ‘ସମାଜର ଦର୍ପଣ ହେଲ୍ପ ଗ୍ରୁପ’ ପକ୍ଷରୁ ରଜ ପର୍ବ ପାଳିତ ହୋଇଯାଇଛି। ବରଗଛରେ ବାଉଁଶରେ ପ୍ରସ୍ତୁତ ହୋଇଥିବା ଦୋଳିରେ ପିଲାମାନେ ଝୁଲିଥିଲେ। ଅନୁଷ୍ଠାନ ପକ୍ଷରୁ ପିଲାମାନଙ୍କୁ ନୂଆ ପୋଷାକ ସହ ଅଳତା, ଟିକିଲି, ମେହେନ୍ଦୀ ଆଦି ଯୋଗାଇ ଦିଆଯାଇଥିଲା। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ ସେନାପତି, ସମ୍ପାଦକ ଚନ୍ଦନ ସ୍ୱାଇଁ, ଉପସଭାପତି କୁଳମଣି ଭୂତିଆ, କୋଷାଧ୍ୟକ୍ଷ ଆଲୋକ ସାହୁ, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ, ପୂର୍ବତନ ସରପଞ୍ଚ ମନସ୍ୱିନୀ ମିଶ୍ର ଡେଙ୍ଗ ପ୍ରମୁଖ ଯୋଗଦେଇଥିଲେ।

# ୯୦୨୫ ଘଟଣାରେ ସେବା ଯୋଗାଇଛି ଭିସିଆର୍

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ଜନସାଧାରଣଙ୍କ ଜରୁରି ସହାୟତା ପାଇଁ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ଦ୍ୱାରା ଭିକ୍ଟୋର କଣ୍ଟ୍ରୋଲ ରୁମ୍ (ଭିସିଆର୍) କାମ କରୁଛି। ଏହି କଣ୍ଟ୍ରୋଲ ରୁମ୍‌ର ଟୋଲ୍ ଫ୍ରି ନଂ. ୧୧୨କୁ ଫୋନ ଆସିଲେ ପୋଲିସ ଓ ପିସିଆର୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସହାୟତା ଯୋଗାଉଛନ୍ତି। ଗତ ମେ’ ମାସରେ ଭିକ୍ଟୋର କଣ୍ଟ୍ରୋଲ ରୁମ୍ ଦ୍ୱାରା ଯୋଗାଇ ଦିଆଯାଇଥିବା ସେବା ସମ୍ପର୍କରେ ବୁଧବାର କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମେ’ରେ ୯୦୨୫ଟି ଘଟଣାରେ ବିଭିନ୍ନ ଅସୁବିଧାରେ ଥିବା ୪୭୩୬ ଜଣଙ୍କ ଫୋନ କଲ୍ ପାଇ ଜରୁରି ସେବା ପ୍ରଦାନ କରାଯାଇଥିଲା। ଏଥିସହ ୩୫ଟି ପିସିଆର୍ ଭ୍ୟାନ ଭିକ୍ଟୋର କଣ୍ଟ୍ରୋଲ ରୁମ୍ ଦ୍ୱାରା ସୂଚନା ପାଇ ୪୨୮୯ଟି ଘଟଣାରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଅନେକ ଗଣ୍ଡଗୋଳର ସମାଧାନ କରିବା ସହିତ ଅପରାଧୀଙ୍କୁ କାବୁ କରିଛି।

# ସେବାରତ୍ନ ସମ୍ମାନ ପ୍ରଦାନ

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ଜୟ ମା’ ଭବାନୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ୫ମ ବାର୍ଷିକ ରଜ ଉତ୍ସବ ବୁଧବାର ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଆୟକର ଅଧିକାରୀ ଶରତ ଦାସ, ମୁଖ୍ୟ ବକ୍ତା ଦାସ ବେନହୁର, ସମ୍ମାନିତ ଅତିଥି ମନୋଜ ଦାଶ ଓ ଶୁଚିସ୍ମିତା ପୃଷ୍ଟି, ସଞ୍ଜୀବ ଶତପଥୀ, ଅନୁଷ୍ଠାନର ସମ୍ପାଦକ ନାରାୟଣ ମହାପାତ୍ର, ଉପଦେଷ୍ଟା ଶାଶ୍ୱତୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସେବରତ୍ନ ସମ୍ମାନ ୨୦୨୨ ରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର ଲେଡିଜ ଫୋରମ୍ ଓ ଚିନ୍ମୟୀ କ୍ଲାସିକ ପକ୍ଷରୁ ରଜ ଗୀତ ଓ ଅନ୍ୟାନ୍ୟ ଓଡ଼ିଆ ପୁରୁଣା ଗୀତରେ ନୃତ୍ୟ ପରିବେଷିତ ହୋଇଥିଲା।

# ୪୬% ବରିଷ୍ଠ ନାଗରିକ ରୋଜଗାର ପାଇଁ କାମ କରିବାକୁ ଚାହାନ୍ତି

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ଦେଶବ୍ୟାପୀ ୨୨ଟି ସହରରେ ବରିଷ୍ଠ ନାଗରିକଙ୍କ ଉପରେ ହୋଇଥିବା ସର୍ଭେକୁ ବୁଧବାର ଭୁବନେଶ୍ୱର ଇଡ୍‌କଲ ଅଡିଟୋରିୟମଠାରେ ଲୋକାର୍ପିତ କରାଯାଇଛି। ‘ଦୂରତ୍ୱକୁ କାମ କରିବା- ବରିଷ୍ଠ ନାଗରିକଙ୍କ ଆବଶ୍ୟକତାକୁ ବୁଝିବା’ ସମ୍ପର୍କିତ ଏହି ସର୍ଭେ ଭୁବନେଶ୍ୱର ସମେତ ୨୨ଟି ସହରରେ କରାଯାଇଥିଲା। ସର୍ଭେରୁ ଜଣାପଡ଼ିଛି ଯେ, ଭୁବନେଶ୍ୱରର ୪୬% ବରିଷ୍ଠ ନାଗରିକ ଯେତେ ଦିନ ସମ୍ଭବ ଉପାର୍ଜନ ପାଇଁ କରିବାକୁ ଇଚ୍ଛୁକ ଅଛନ୍ତି। ଏହି ରିପୋର୍ଟକୁ ଉପସ୍ଥାପନ କରି ହେଲ୍‌ପ ଏଜ ଇଣ୍ଡିଆ ରାଜ୍ୟ ମୁଖ୍ୟ ଭାରତୀ ଚକ୍ର କହିଛନ୍ତି, ବରିଷ୍ଠ ନାଗରିକମାନେ ଆମର ସହଯୋଗ ଆବଶ୍ୟକ କରନ୍ତି ନାହିଁ। ତେଣୁ ଆମେ ବର୍ତ୍ତମାନଠାରୁ ହିଁ ଏ ଦିଗରେ ପଦକ୍ଷେପ ନେବା ଓ କାର୍ଯ୍ୟ କରିବା ଉଚିତ। ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି, ଆମେ ବରିଷ୍ଠ ନାଗରିକଙ୍କୁ ସମୟ ଦେବା, ଭଲ ପାଇବା ଓ ଯତ୍ନ ନେବା ଉଚିତ। ଭୁବନେଶ୍ୱରର ପ୍ରତ୍ୟେକ ୱାର୍ଡରେ ଭୁବନେଶ୍ୱର ପୌରପାଳିକା ଅଧୀନରେ ଏକ ୱାର୍ଡ କାର୍ଯ୍ୟାଳୟ ରହିବ, ଯେଉଁଠାରେ ଖୁବ୍‌ଶୀଘ୍ର ସ୍ଥାନୀୟ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମନୋରଞ୍ଜନ ସ୍ଥାନ ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି। ପିଲାମାନେ ହିଁ ବରିଷ୍ଠ ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିବେ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ପ୍ରତ୍ୟେକ ଦୂରତ୍ୱ ବା ବ୍ୟବଧାନକୁ ଆଇନର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଦୂର କରାଯାଇପାରିବ ନାହିଁ। ଆମେ ଏକ ସମାଜ ଭାବେ ମିଳିମିଶି ଏହି ବ୍ୟବଧାନକୁ ଦୂର କରିବା ଉଚିତ। ଯୁବପିଢ଼ି ନିଶ୍ଚିତ ଭାବେ ବରିଷ୍ଠ ନାଗରିକଙ୍କ ପ୍ରତି ଦୁର୍ବ୍ୟବହାରକୁ ସମାଜଠାରୁ ଦୂରେଇ ରଖିବାକୁ ପ୍ରତିଶ୍ରୁତି ନେବା ଉଚିତ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ପ୍ରଫେସର ନବନିତା ରଥ, ଟାଟା ଷ୍ଟିଲ ସିଏସ୍‌ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ହେଲ୍ପଏଜ୍ ଇଣ୍ଟରନ୍ୟାଶନାଲର ଜରୁରିକାଳୀନ ପ୍ରତିକ୍ରିୟା ବିଶେଷଜ୍ଞ ବିକାଶ ମାନ୍ନା, ପୂର୍ବତନ ଭିନ୍ନକ୍ଷମ କମିଶନର କସ୍ତୁରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ସର୍ଭେ ପୁସ୍ତିକାକୁ ଲୋକାର୍ପଣ କରୁଛନ୍ତି।




ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ବୁଧବାର ଜୟ ମା’ ଭବାନୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ୫ମ ବାର୍ଷିକ ରଜ ଉତ୍ସବରେ ସେବା ରତ୍ନ ସମ୍ମାନରେ ସମ୍ମାନିତ ବ୍ୟକ୍ତି ବିଶେଷଙ୍କ ସହ ଅତିଥି ଏବଂ ଅନ୍ୟମାନେ।



ବାଣୀବିହାରସ୍ଥିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି।




ଭଗବତୀ ଭବନଠାରେ ବୁଧବାର ଆୟୋଜିତ ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନର ଜନନେତା ତଥା ପୂର୍ବତନ ବିଧାୟକ ରାମକୃଷ୍ଣ ପତିଙ୍କ ୩୬ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ମଞ୍ଚାସୀନ ଅତିଥିମାନେ।

# ଅଣସରରେ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ

**ବ୍ରହ୍ମଗିରି,୧୫।୬(ଡି.ଏନ୍.ଏ.)**

ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ କରି ୧୪ଦିନ ଜ୍ୱରରେ ପଡ଼ିଥିବାରୁ ରତ୍ନସିଂହାସନ ଏବେ ଖାଲିପଡ଼ିଛି। ମହାପ୍ରଭୁ ଏବେ ଅଣସରରେ ରହିଥିବା ବେଳେ ଏହି ୧୪ଦିନ ଭକ୍ତମାନଙ୍କୁ ଦର୍ଶନ ନ ଦେଇ ଗୁପ୍ତ ସେବା ହୋଇଥାନ୍ତି। ମହାପ୍ରଭୁଙ୍କ ଦର୍ଶନ ନ ଦେବା ଫଳରେ ଭକ୍ତଙ୍କ ମଧ୍ୟରେ ନୈରାଶ୍ୟଭାବ ଜାତ ହୋଇଥାଏ। ଭକ୍ତମାନଙ୍କ ଏହି କଷ୍ଟକୁ ଲାଘବ କରିବା ପାଇଁ ମହାପ୍ରଭୁ ବ୍ରହ୍ମଗିରିର ଅଲାରନାଥଙ୍କ ରୂପରେ ଦର୍ଶନ ଦେଇଥାନ୍ତି। ଅଣସର ୧୪ଦିନ ପର୍ଯ୍ୟନ୍ତ ବ୍ରହ୍ମଗିରି ପାଲଟିଯାଏ ଭିନ୍ନ ଏକ ପୁଣ୍ୟପୀଠ। ଦୀର୍ଘ ଦୁଇବର୍ଷ ପରେ ମହାପ୍ରଭୁଙ୍କ ଏହି ଲୀଳାଖେଳ ଭକ୍ତଙ୍କ ଗହଣରେ ହୋଇଥିବାରୁ ବୁଧବାର ପ୍ରଥମଦିନରୁ ବ୍ରହ୍ମଗିରିକୁ ଅଗଣିତ ଭକ୍ତଙ୍କ ସୁଅ ଛୁଟିଥିଲା।

ବୁଧବାରଠାରୁ ଅଲାରନାଥ ପୀଠରେ ଆରମ୍ଭ ହୋଇଯାଇଛି ଅଣସର ଦର୍ଶନ। ଭୋର ୪ଟାରୁ ମନ୍ଦିରର ଦ୍ୱାରଫିଟା ନୀତି ସରିବା ପରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ପରେ ଶ୍ରୀଜୀଉ ସର୍ବସାଧାରଣ ଦର୍ଶନ ଦେଇଥିଲେ। ଠାକୁରଙ୍କ ଭୋଗ ନିମନ୍ତେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ପ୍ରିୟ ଖାଦ୍ୟ ଖିରି ପ୍ରସ୍ତୁତ କରି ଭୋଗ ଲଗାଯାଇଥିଲା। ସକାଳଠାରୁ ଧୀରେ ଧୀରେ ଭକ୍ତଙ୍କ ସମାଗମ ବଢ଼ିବାରେ ଲାଗିଥିଲା। ଶାନ୍ତିଶୃଙ୍ଖଳାରେ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ବ୍ୟାରିକେଡର ବ୍ୟବସ୍ଥା ହୋଇଥିଲା। ଭକ୍ତମାନେ ଏହି ବ୍ୟାରିକେଡ୍ ଦେଇ ଶୃଙ୍ଖଳିତ ଭାବେ ଧାଡ଼ିରେ ମନ୍ଦିରର ଗର୍ଭଗୃହ ମଧ୍ୟକୁ ପ୍ରବେଶ କରି ଠାକୁରଙ୍କୁ ଦର୍ଶନ କରିଥିଲେ। ପାଗ ମେଘୁଆ ଥିବାରୁ ଭକ୍ତମାନଙ୍କୁ ଠାକୁରଙ୍କୁ ଦର୍ଶନ କରିବାରେ ବିଶେଷ କଷ୍ଟ ହୋଇ ନ ଥିଲା। ଏହାସହ ସ୍ୱେଚ୍ଛାସେବୀମାନେ ଶ୍ରଦ୍ଧାଳଙ୍କୁ ଜଳସିଞ୍ଚନ କରୁଥିବାର ଦେଖିବାକୁ ମିଳିଥିଲା। ତେବେ ପ୍ରଥମଦିନରେ ପ୍ରାୟ ୧୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦର୍ଶନରେ ଶୃଙ୍ଖଳା ରକ୍ଷା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ଆଲୋଚନା କରି ବିଶେଷ ଅଧିକାରୀ ଉପସ୍ଥିତ ରହିବା ସହ ୬ ପ୍ଲାଟୁନ ପୋଲିସ ମୁତୟନ ରହିଛନ୍ତି। ଏହାସହ ପୁରୀ ଏସ୍‌ପି କନୱର ବିଶାଲ ସିଂ, ଏସ୍‌ଡିପିଓ କିଶୋର କୁମାର ମୁଣ୍ଡ ପୂର୍ବାହ୍ଣରେ ମନ୍ଦିରକୁ ଆସି ସ୍ଥିତି ପରିଦର୍ଶନ କରିଥିଲେ। ଚଳିତବର୍ଷ ଶାନ୍ତିଶୃଙ୍ଖଳାରେ ପ୍ରଥମ ଦିନ ଭକ୍ତମାନେ ଦର୍ଶନ କରିଥିବାରୁ ସେବାୟତମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଏ ନେଇ ମନ୍ଦିରର ବରିଷ୍ଠ ସେବାୟତ ନାରାୟଣ ପୂଜାପଣ୍ଡା କୁହନ୍ତି, ଭକ୍ତମାନେ ଦୁଇବର୍ଷ ପରେ ଠାକୁରଙ୍କୁ ଦର୍ଶନ କରି ଆତ୍ମ ସନ୍ତୋଷ କରିଥିବା ଦେଖିବାକୁ ମିଳିଛି। ପ୍ରଥମ ଦିନରେ କୌଣସି ବିଶୃଙ୍ଖଳା ହୋଇ ନାହିଁ। ସେହିଭଳି ତହସିଲଦାର କାହ୍ନୁଚରଣ ଘଡ଼େଇ କହିଛନ୍ତି, ଚଳିତବର୍ଷ କରୋନା କଟକଣା କୋହଳ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଦିନତମାମ ଭକ୍ତଙ୍କ ଗହଳିରେ ଏହି ପୀଠ ଚଳଚଞ୍ଚଳ ହୋଇଥିଲା। ଭିଡ ନିୟନ୍ତ୍ରଣ କରିବାକୁ ବ୍ରହ୍ମଗିରି ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବାରୁ ଶୃଙ୍ଖଳାର ସହ ଭକ୍ତ ଦର୍ଶନ କରିଛନ୍ତି।

### ପ୍ରଥମ ଦିନରେ ୧୦ହଜାର ଭକ୍ତ ଦର୍ଶନ କଲେ





ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

## ସଂକ୍ଷେପରେ

### ପୋଲିସ ଭ୍ୟାନ୍ ଧକ୍କାରେ ଛେଳିଚରାଳିଙ୍କ ମୃତ୍ୟୁ

**ବାଲୁଗାଁ,୧୫।୬(ଡି.ଏନ୍.ଏ.):** ବାଲୁଗାଁ ବାଇପାସ୍ ରାସ୍ତା ତଥା ୧୬ନଂ. ଜାତୀୟ ରାଜପଥର ନାଭାଲ ଫାଣ୍ଡି ଅଧୀନ ସୁବୁଦ୍ଧି ପାଟଣା ଛକରେ ବୁଧବାର ପୋଲିସ ଭ୍ୟାନ୍ ଧକ୍କାରେ ଜଣେ ଛେଳିଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପି. କୃଷ୍ଣଚନ୍ଦ୍ର ପାତ୍ର(୬୦)। ତାଙ୍କ ଘର ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଧୀନ ମାନାପଲ୍ଲୀ ଗ୍ରାମରେ ହୋଇଥିବା ବେଳେ ସେ ନାଭାଲ ଫାଣ୍ଡି ଅଧୀନ ବୋରିଆ ସାହି ଗ୍ରାମରେ ରହି ଛେଳିଚରାଳିଭାବେ କାର୍ଯ୍ୟ କରି ଆସୁଥିଲେ। ସୂଚନା ମୁତାବକ, ଦୈନନ୍ଦିନ ପରି ବୁଧବାର ସକାଳେ କୃଷ୍ଣଚନ୍ଦ୍ର ଛେଳି ଚରାଇବା ପାଇଁ ଯାଇଥିଲେ। ଅପରାହ୍ନ ୨ଟାରେ କୃଷ୍ଣଚନ୍ଦ୍ର ସୁବୁଦ୍ଧିପାଟଣା ଛକରେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏହି ସମୟରେ ଗଞ୍ଜାମ ଜିଲା ପୋଲିସ ବିଭାଗର ଏକ ପାଟ୍ରୋଲିଂ ଭ୍ୟାନ୍ (ଓଡି୦୫-ଏପି୨୭୪୨) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ କୃଷ୍ଣଚନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଏକ ମାମଲା (ନଂ.୧୧୬/୨୨) ରୁଜୁକରି ତଦନ୍ତ ଚଳାଇଛି।

### ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**୪ ସାଙ୍ଗଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ**

**ପୁରୀ ଅଫିସ, ୧୫।୬:** ପୁରୀ ସହରରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ିଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ଜିଲା ବରୁଆଁ ଥାନା ଅଞ୍ଚଳର ସ୍ମୃତିରଞ୍ଜନ ସାହୁ (୨୦)। ସେ ସାଙ୍ଗମାନଙ୍କ ସହ ନରେନ୍ଦ୍ର ପୁଷ୍କରିଣୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୨) ରୁଜୁ କରିଛି। ।କୁମ୍ଭାରପଡ଼ା ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀଙ୍କ ସୂଚନା ଅନୁଯାୟୀ, ସ୍ମୃତିରଞ୍ଜନ ଯାଜପୁର ଜିଲା ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ମଙ୍ଗଳବାର ସ୍ନାନଯାତ୍ରା ଥିବାରୁ ସେ ତାଙ୍କର ୪ଜଣ ସାଙ୍ଗଙ୍କ ସହିତ ପୁରୀ ବୁଲିବାକୁ ଆସିଥିଲେ। ସମସ୍ତେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ପୁରୀ ବୁଲିଥିଲେ। ବୁଧବାର ସକାଳ ପ୍ରାୟ ୯ଟାରେ ସେମାନେ ନରେନ୍ଦ୍ର ପୁଷ୍କରିଣୀକୁ ଯାଇଥିଲେ। ସ୍ମୃତିରଞ୍ଜନ ଏବଂ ତାଙ୍କର ଜଣେ ସାଙ୍ଗ ପୁଷ୍କରିଣୀରେ ଗାଧୋଉଥିବାବେଳେ ଅନ୍ୟ ୩ଜଣ ବାହାରେ ବସିଥିଲେ। ପୁଷ୍କରିଣୀରେ ଗାଧୋଉଥିବାବେଳେ ସ୍ମୃତିରଞ୍ଜନ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ଏହା ଜାଣିବା ପରେ ତାଙ୍କୁ ଖୋଜିଥିଲେ। ପରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୁମ୍ଭାରପଡ଼ା ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାରବର୍ଗ ପୁରୀରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା।

### ଗଛରେ ପିଟିଲା ବୋଲେରୋ, ୪ ଗୁରୁତର

**ପିପିଲି,୧୫।୬(ଡି.ଏନ୍.ଏ.)**

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ବାଇପାସ ରାସ୍ତାର ଡିହସାହି ଗ୍ରାମ୍ୟ ଛକଠାରେ ଥିବା ଏକ ଚାକୁଣ୍ଡା ଗଛରେ ବୁଧବାର ଏକ ବୋଲେରୋ ଭାରସାମ୍ୟ ହରାଇ ପିଟି ହୋଇଯିବାରୁ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଦଧିପୁର ଅଞ୍ଚଳର ଗୋଟିଏ ପରିବାରର ଦିଲୀପ ସ୍ୱାଇଁ, ସଂଯୁକ୍ତା ସ୍ୱାଇଁ, ପ୍ରିୟତମା ରାଉତ। ଆହତ ଗାଡିର ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଦଧିପୁର ଅଞ୍ଚଳର ଏକ ପରିବାରର ୭ଜଣ ବୋଲେରୋ ଯୋଗେ ବୁଧବାର ପୁରୀ ବୁଲିବାକୁ ଯାଇଥିଲେ। ଦର୍ଶନ ସାରି ପୁରୀରୁ କଟକ ଅଭିମୁଖେ ଫେରୁଥିବା ବେଳେ ଅପରାହ୍ନ ୩ଟା ବେଳେ ପିପିଲି ବାଇପାସ ରାସ୍ତାର ଡିହସାହି ଗ୍ରାମ୍ୟଛକଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। କୌଣସି କାରଣରୁ ଗାଡିଟି ନିୟନ୍ତ୍ରଣ ହରାଇ ରାସ୍ତାକଡରେ ଥିବା ଏକ ଚାକୁଣ୍ଡା ଗଛରେ ପିଟି ହୋଇଯାଇଥିଲା। ଖବରପାଇ ହାଇୱେ ପାଟ୍ରୋଲିଂ ପୋଲିସ ପହଞ୍ଚି ଆହତଙ୍କୁ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଉପରୋକ୍ତ ୪ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜାତୀୟ ରାଜପଥର ପାଟ୍ରୋଲିଂ ଏସ୍‌ପିଓ ଜି.ଏନ. ଖାନ ସୂଚନା ଦେଇଛନ୍ତି।

## ପ୍ରଫୁଲ୍ଲ କରଙ୍କ ସ୍ମୃତିରେ 'ଜୁଏଲ୍ସ ଅଫ୍ ଓଡ଼ିଶା'




ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ 'ଜୁଏଲ୍ସ ଅଫ୍ ଓଡ଼ିଶା' କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କାର' ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ଦିବଙ୍ଗତ ପ୍ରଫୁଲ୍ଲ କରଙ୍କ ସ୍ମୃତିରେ 'ଜୁଏଲସ୍ ଅଫ ଓଡ଼ିଶା' ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ନାଲ୍‌କୋର ଅବସରପ୍ରାପ୍ତ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତପନ କୁମାର ଚାନ୍ଦ, ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର, ଶିକ୍ଷାବିତ୍ ପ୍ରୀତି ଚାନ୍ଦ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀ, ୩୪ନଂ ୱାର୍ଡ କର୍ପୋରେଟର ପୁଷ୍ପାଞ୍ଜଳି ସେଠୀ ଏବଂ ସଂସ୍କୃତି ପ୍ରେମୀ ରାଧେଶ୍ୟାମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ଶିଳ୍ପୀ ମହାପ୍ରସାଦ କର, ଅନ୍ତରା ଚକ୍ରବର୍ତ୍ତୀ, ସୋହିନୀ ମିଶ୍ର, ମହମ୍ମଦ ଆବିଦ୍ ଏବଂ ଶର୍ମିଳା ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ର ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। 'ନମସ୍ତେ ପ୍ରଭୁ ଜଗନ୍ନାଥ'ଠାରୁ ଆରମ୍ଭ ହୋଇ କମଳ ଦେଶ ରାଜ କୁମାର, ମାନା ହୋ ତୁମ୍, ଚନ୍ଦନ ଲେପି ଦେବି ଶ୍ରୀଅଙ୍ଗେ, ପାଦରେ ପାଦ ଛନ୍ଦା ଆଦି ସଙ୍ଗୀତ ପରିବେଷଣ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ମହାଦୀପ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଏୟାରଲିଫ୍ଟ କରାଇବାକୁ କହି ୨୦ହଜାର ନେଇଗଲେ

**ଖୋର୍ଦ୍ଧା ଅଫିସ,୧୫।୬**

**ଆମ୍ବୁଲାନ୍ସରେ ମୃତଦେହ ଧରି ବୁଲୁଛନ୍ତି ସମ୍ପର୍କୀୟ**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଠିକା କର୍ମଚାରୀ ଜଣେ ମୃତ ବ୍ୟକ୍ତିଙ୍କୁ ଏୟାରଲିଫ୍ଟ ବ୍ୟବସ୍ଥା କରାଇବାକୁ କହି ତାଙ୍କ ସମ୍ପର୍କୀୟଙ୍କ ଠାରୁ ୨୦ହଜାର ଟଙ୍କା ଠକି ନେଇଯାଇଛନ୍ତି। ଫଳରେ ସମ୍ପର୍କୀୟମାନେ ଆମ୍ବୁଲାନ୍ସରେ ମୃତଦେହକୁ ଧରି ଥାନାକୁ ଯିବା ସହ ମେଡିକାଲରେ ଡେରା ପକାଇଛନ୍ତି। ସୂଚନା ଅନୁଯାୟୀ, ହରିୟାଣାର ଜଣେ ବ୍ୟକ୍ତି ଖୋର୍ଦ୍ଧା ସଦର ଥାନା ଅଞ୍ଚଳର କୌଣସି ଏକ ସଂସ୍ଥାରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଦେହ ଖରାପ ହେବାରୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସଦର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସମ୍ପର୍କୀୟମାନେ ତାଙ୍କୁ ନିଜ ଘରକୁ ନେବାଲାଗି ସ୍ଥିର କରିଥିଲେ। ଏହି ସମୟରେ ମେଡିକାଲରେ କାର୍ଯ୍ୟରତ ଜଣେ ଠିକା କର୍ମଚାରୀ ମୃତଦେହକୁ ଏୟାରଲିଫ୍ଟ ମାଧ୍ୟମରେ ଗାଁରେ ପହଞ୍ଚାଇଦେବା ଲାଗି ସମସ୍ତ ବ୍ୟବସ୍ଥା କରାଇଦେବେ ବୋଲି ସେମାନଙ୍କୁ କହିଥିଲେ। ଏଥିପାଇଁ ଆବଶ୍ୟକ କାଗଜପତ୍ର ନିମନ୍ତେ ଫୋନ ପେ'ରେ ୧୫ହଜାର ଓ ପରେ ୫ହଜାର ଟଙ୍କା ନେଇଥିଲେ। ବୁଧବାର ସମ୍ପର୍କୀୟମାନେ ମୃତଦେହ ଧରି ଏକ ଆମ୍ବୁଲାନ୍ସରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ଆବଶ୍ୟକ ଡକ୍ୟୁମେଣ୍ଟ ନ ଥିବାରୁ ବିମାନ କର୍ତ୍ତୃପକ୍ଷ ଫେରାଇ ଦେଇଥିଲେ। ସେଠାରୁ ପୁଣି ଖୋର୍ଦ୍ଧା ମେଡିକାଲକୁ ଆସିଥିଲେ।

### ରଥ କାର୍ଯ୍ୟବେଳେ ୨ ସେବକ ଆହତ

**ପୁରୀ ଅଫିସ,୧୫।୬**

ରଥଖଳାରେ ନନ୍ଦିଘୋଷ ରଥର କାର୍ଯ୍ୟ ଚାଲୁଥିବା ବେଳେ ବୁଧବାର ଅସାବଧାନତାବଶତଃରୁ ୨ ସେବକ ଆହତ ହୋଇଛନ୍ତି। ଏଥିରେ ଜଣେ ସେବକ ହାତ ଆଙ୍ଗୁଠି କଟିଯାଇଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ରଥକୁ ଛଅକାଠ ବା ପ୍ରଥମ ଭୂଇଁ ଉଠାଇବା ବେଳେ ବିଷ୍ଣୁ ଭୋଇଙ୍କ ଅସାବଧାନତା ଯୋଗୁ ପଡ଼ିଯାଇ ଡାହଣ ହାତ ବିଶି ଆଙ୍ଗୁଠିରୁ ରକ୍ତସ୍ରାବ ହୋଇଥିଲା ସମ୍ପୃକ୍ତ ସେବାୟତଙ୍କୁ ତୁରନ୍ତ ପୁରୀ ସଦରମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେହିପରି ରୂପକାର ସେବାୟତ କାହ୍ନୁଚରଣ ମହାପାତ୍ର ହାତ ହତିଆର ଧାର କରିବାବେଳେ ତାଙ୍କ ଗୋଡ଼ରେ ଆଘାତ ଲାଗିଛି। ଆଘାତ ଗୁରୁତର ନ ଥିବାରୁ ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ଫେରିଥିଲେ। ପ୍ରଶାସନ ରଥ ନିର୍ମାଣରେ ନିୟୋଜିତ ସେବକଙ୍କର ସ୍ୱାସ୍ଥ୍ୟ ଓ ଜୀବନ ବୀମାକୁ ନେଇ ସଦାସର୍ବଦା ସଚେତନ ରହିଛି ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

## ନୃତ୍ୟଗୀତରେ ସରିଲା କଳାଭୂମି ରଜ ମହୋତ୍ସବ

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

କଳାଭୂମିରେ ଦୁଇଦିନ ଧରି ଚାଲିଥିବା ରଜ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ଲୋକଙ୍କ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। କଳା, ସଂସ୍କୃତି ସହ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସମସ୍ତେ ମନ ଭରି ଉପଭୋଗ କରିଥିଲେ। ଅନେକେ ସେଠାରେ ବିଭିନ୍ନ ହସ୍ତଶିଳ୍ପ ଶିକ୍ଷା ଗ୍ରହଣ କରିଥିଲେ। ଏଥିସହ ମାଟିପାତ୍ର, କ୍ରାଫ୍ଟ ଆଦି ପ୍ରସ୍ତୁତ କରିଥିଲେ। ସୁଶାନ୍ତ କୁମାର ଜେନା ଓ ସାଥୀଙ୍କ ଦ୍ୱାରା ତବଲା ଓ ସିତାରର ଧ୍ୱନି ଦର୍ଶକଙ୍କୁ ଅପୂର୍ବ ଶାନ୍ତି ଦେଇଥିଲା। ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଜୋଷୀ ଓ ସାଥୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାକୃତିକ ପରିବେଶ ସହ ଦର୍ଶକମାନେ ଆୟୋଜିତ ନୃତ୍ୟ ଓ ବାଦ୍ୟ ସଂଗୀତ ପରିବେଷଣରେ ହଜି ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଓ ସିଡାକର ସଦସ୍ୟ ଶିଶିର କୁମାର ରଥ ଯୋଗଦେଇଥିଲେ। ଦର୍ଶକମାନେ କଳାଭୂମିରେ ସବୁ ପ୍ରକାର ମଜା ନେଇଥିଲେ।



କଳାଭୂମି ପକ୍ଷରୁ ଆୟୋଜିତ ରଜ ମହୋତ୍ସବର ଉଦ୍‌ଯାପନୀ ଦିବସରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ବାଲୁଖଣ୍ଡ ଅଭୟାରଣ୍ୟରେ ଅଗ୍ନିକାଣ୍ଡ

**କୋଣାର୍କ,୧୫।୬(ଡି.ଏନ.ଏ.)**

**୨ ଏକର ଅଞ୍ଚଳକୁ ବ୍ୟାପିଛି ନିଆଁ**



କୋଣାର୍କ ବନଖଣ୍ଡ ଅଧୀନ ବାଲୁଖଣ୍ଡ ଅଭୟାରଣ୍ୟ ଓ କୁରୁଜଙ୍ଗ ସେକ୍ସନରେ ବୁଧବାର ସନ୍ଧ୍ୟାରେ ନିଆଁ ଲାଗିଯାଇଛି। ଅଭୟାରଣ୍ୟରେ ଥିବା କେତେକ ଗଛ ଶୁଖି ଯାଇଥିବାରୁ ନିଆଁର ପ୍ରକୋପ ବଢ଼ି ପ୍ରାୟ ୨ ଏକର ଅଞ୍ଚଳକୁ ବ୍ୟାପି ଯାଇଛି। ଖବରପାଇ ସ୍ଥାନୀୟ ଗ୍ରାମବାସୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇ ନାହିଁ। ଫଳରେ ଶହ ଶହ ଏକର ଜଙ୍ଗଲ ପୋଡିଯିବାର ଆଶଙ୍କା ରହିଛି। ଅନ୍ୟପଟେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ଚନ୍ଦ୍ରଭାଗା ନିକଟସ୍ଥ ବାଲୁଖଣ୍ଡ ଅଭୟାରଣ୍ୟ ଓ କୁରୁଜଙ୍ଗ ସେକ୍ସନରେ ସନ୍ଧ୍ୟାରେ ସ୍ଥାନୀୟ ଲୋକେ ଯିବା ସମୟରେ ନିଆଁ ଲାଗିଥିବା ଦେଖିଥିଲେ। ଏହା ଜଙ୍ଗଲ ମଝିରେ ହୋଇଥିବା ବେଳେ ଖୁବ କମ୍ ସମୟ ମଧ୍ୟରେ ନିଆଁ ଚାରିଆଡ଼େ ବ୍ୟାପୀ ଯାଇଥିଲା। କୁରୁଜଙ୍ଗ ସେକ୍ସନ ଅଧୀନ ମାଗୁର ଚତରା ଓ ହରିଣ ଚତାରରେ ଲାଗିଥିବା ନିଆଁକୁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଅଗ୍ନିଶମ ବାହିନୀ ଆୟତ୍ତ କରିବା ପାଇଁ ପ୍ରୟାସ କରୁଥିଲେ ମଧ୍ୟ ନିଆଁ ଲିଭିନାହିଁ। ସେହିପରି ରାମଚଣ୍ଡୀ ଜଙ୍ଗଲରେ ମଧ୍ୟ ନିଆଁ ଲାଗିଥିବା ଜଣାପଡ଼ିଛି। ଜଙ୍ଗଲ ମଧ୍ୟକୁ ରାସ୍ତା ନ ଥିବାରୁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇପଡିଛି।

## ୨ ଦିନରେ ୫୫,୯୪୪ ପର୍ଯ୍ୟଟକ ବୁଲିଲେ ନନ୍ଦନକାନନ

**ବାରଙ୍ଗ,୧୫।୬(ଡି.ଏନ.ଏ.)**



**ଦ୍ୱିତୀୟ ରଜରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକଙ୍କ ପରିଦର୍ଶନ**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରଜ ଉତ୍ସବକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ପ୍ରଥମ ଓ ଦ୍ୱିତୀୟ ରଜ ଦିନରେ ପ୍ରାୟ ୫୫,୯୪୪ଜଣ ପର୍ଯ୍ୟଟକ ନନ୍ଦନକାନନ ବୁଲି ଆସିଥିବା ସୂଚନା ମିଳିଛି। ସେଥିମଧ୍ୟରେ ଦ୍ୱିତୀୟ ରଜରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ବୁଲିଛନ୍ତି। ଉଦ୍ୟାନର ପ୍ରାକୃତିକ ପରିବେଶ ସାଙ୍ଗକୁ ବିରଳ ଜୀବଜନ୍ତୁ ପାଖରେ ଦେଖି ବେଶ୍ ମଜା ଉଠାଇଛନ୍ତି ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକ ପହିଲି ରଜରେ ୨୧,୧୨୬ ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ବୁଧବାର ୩୪,୮୧୮ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ପର୍ଯ୍ୟଟକମାନେ ପ୍ରାଣୀଉଦ୍ୟାନ ଭିତରେ ଥିବା ବାଘ, ସିଂହ, ଭାଲୁ,ଜିରାଫ, ସିମ୍ପାଞ୍ଜି,ପାଦଚଲା ବିହଙ୍ଗ ସରଣୀ ସହ ସଫାରିର ମଜା ଉଠାଇଥିଲେ। ବୋଟିଂ, ମାଛଘର ଓ ବ୍ୟାଟେରିଚାଳିତ ଗାଡିରେ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ଭିଡ ଲାଗି ରହିଥିଲା। ଶିଶୁ ଉଦ୍ୟାନ ବନ୍ଦ ଥିବାରୁ ବହୁ ପିଲା ଦୋଳି, ଚକ୍ରି, ଖସଡା ଆଦି ଖେଳରୁ ବଞ୍ଚିତ ହୋଇଥିଲେ। ବିଶେଷକରି ଯାନ ବାହନ ନିୟନ୍ତ୍ରଣ ପାଇଁ ନନ୍ଦନକାନନ ଥାନା ଆଇଆଇସି ବିଶ୍ୱରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ୩ ପ୍ଲାଟୁନ ମହିଳା ଓ ପୁରୁଷ ପୋଲିସ ମୁତୟନ କରାଯାଇଥିଲା। ବଟାନିକାଲ ଗାର୍ଡେନ ସଂଯୋଗୀକରଣ ରାସ୍ତାକୁ ନନ୍ଦନକାନନ ପାଖରୁ ବନ୍ଦ କରାଯାଇଥିଲା। ପହିଲି ରଜରେ ନନ୍ଦନକାନନକୁ ୨୧ ହଜାର ୧୨୬ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ଅଫଲାଇନରେ ୨୦,୭୧୬ ଟିକେଟ ଓ ଅନଲାଇନରେ ୪୧୦ ଟିକେଟ ବିକ୍ରି ହୋଇଥିବା ବେଳେ ଦ୍ୱିତୀୟ ରଜରେ ୩୪୦୮୯ ଅଫଲାଇନରେ ଆସିଥିବା ବେଳେ ଅନଲାଇନରେ ୭୨୮ ଟିକେଟ ବିକ୍ରି ହୋଇଥିଲା। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୯୦୫ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର କହିଛନ୍ତି।

# ଜୀବନସାଥୀ ନ ରହିବା ସବୁଠୁ ବଡ଼ ଦୁଃଖ


କରନ ଜୋହର

**ମୁମ୍ବାଇ:** ଫିଲ୍ମ ନିର୍ମାତା କରନ ଜୋହର ତାଙ୍କ ଲଭ୍ ଲାଇଫ ଓ ବ୍ୟକ୍ତିଗତ ଜୀବନକୁ ନେଇ ଖୋଲାଖୋଲି ଆଲୋଚନା କରିଛନ୍ତି। ପାର୍ଟନର ନ ବାଛିବା ତାଙ୍କ ଜୀବନର ସବୁଠୁ ବଡ଼ ଦୁଃଖ ବୋଲି ଏକ ସାକ୍ଷାତ୍କାରରେ ସେ କହିଛନ୍ତି। ଏବେ ଜୀବନସାଥୀ ବାଛିବା ପାଇଁ ବହୁତ ଡେରି ହୋଇଯାଇଛି। ସେ ସର୍ବଦା କାମକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ନିଜକୁ ଅଧିକ ସମୟ ଦେଇପାରି ନ ଥିବାରୁ ଦୁଃଖିତ ବୋଲି ସେ ପ୍ରକାଶ କରିଛନ୍ତି। ୨୦୧୫ରେ ସରୋଗେସି ମାଧ୍ୟମରେ କରନ ୟଶ୍ ଜୋହର ଏବଂ ରୁହି ଜୋହର ଦୁଇ ଯାଆଁଳା ସନ୍ତାନଙ୍କୁ ସ୍ୱାଗତ କରିଥିଲେ। ଏହି ନିଷ୍ପତ୍ତି ମଧ୍ୟ ଆହୁରି ୫ ବର୍ଷ ଆଗରୁ ନେବାର ଥିଲା ବୋଲି ସେ କହିଛନ୍ତି। ଏହାସହ ମାତାପିତା କିମ୍ବା ପିଲାମାନେ କେବେ ଜୀବନସାଥୀଙ୍କ ସ୍ଥାନ ନେଇପାରିବେ ନାହିଁ ବୋଲି ତାଙ୍କର ବିଶ୍ୱାସ ଥିବା ପ୍ରକାଶ କରିଛନ୍ତି। ଅଭିଭାବକ ଭାବେ ସେ ନିଜକୁ ସମ୍ପୂର୍ଣ୍ଣ ମନେକରନ୍ତି। ହେଲେ ଏକ ରିଲେଶନଶିପ୍‌ରେ ରହିବା, ରୋମାନ୍ସ ଜୀବନ ଉପଭୋଗ କରିବା, ଯାହା କି କେବଳ ଜୀବନସାଥୀଙ୍କ ପାଇଁ ସଂରକ୍ଷିତ ତାହା ତାଙ୍କ ଲାଇଫ୍‌ରେ ହୋଇପାରିନାହିଁ। ଏହା ତାଙ୍କ ଜୀବନର ସବୁଠୁ ବଡ଼ ଖାଲିସ୍ଥାନ ଏବଂ ଏଥିପାଇଁ ସେ ବେଶ୍ ଦୁଃଖିତ ବୋଲି କହିଛନ୍ତି। କରନ ଜୋହର ଏବେ ତାଙ୍କ ଟକ୍ ଶୋ 'କଫି ୱିଥ୍ କରନ'ର ୭ମ ସିଜନ ଶୁଟିଂ କରିଛନ୍ତି। ଏହା ସହ 'ରକି ଔର ରାନୀ କି ପ୍ରେମ୍ କାହାନୀ'ର ନିର୍ଦ୍ଦେଶନାରେ ସେ ବ୍ୟସ୍ତ ଅଛନ୍ତି। ଏଥିରେ ଆଲିଆ ଭଟ୍ଟ, ରଣବୀର ସିଂ, ଶବାନା ଆଜ୍‌ମୀ, ଧର୍ମେନ୍ଦ୍ର, ଜୟା ବଚ୍ଚନ ପ୍ରମୁଖ ବିଭିନ୍ନ ଭୂମିକାରେ ଅଛନ୍ତି।

# ହଂକଂରୁ ହଟିଲା ଭାସମାନ ରେଷ୍ଟୁରାଣ୍ଟ

ହଂକଂ

ବ୍ରିଟେନ ମହାରାଣୀ ଏଲିଜାବେଥ ଦ୍ୱିତୀୟ, ହଲିଉଡ୍ ଅଭିନେତା ଟମ୍ କ୍ରୁସ୍‌ଙ୍କ ସମେତ ବହୁ ଜଣାଶୁଣା ବ୍ୟକ୍ତି ଓ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଚାଇନିଜ୍ ଖାଦ୍ୟ କାଣ୍ଟୋନିଜ୍, ସି ଫୁଡ୍ ଆଦି ପ୍ରସ୍ତୁତ କରୁଥିବା ହଂକଂର ଭାସମାନ ରେଷ୍ଟୁରାଣ୍ଟକୁ ସହରରୁ ମଙ୍ଗଳବାର ହଟାଯାଇଛି। କୋଭିଡ୍ ମହାମାରୀ ପରେ ଏହାକୁ ଚଳାଇବା ପାଇଁ ଅର୍ଥାଭାବ ପଡ଼ିବା ସହ ଏହି ଜୁମ୍ବୋ ଫ୍ଲୋଟିଂ ରେଷ୍ଟୁରାଣ୍ଟର ମୂଳ କମ୍ପାନୀ ଆବେରଡେନ୍ ରେଷ୍ଟୁରାଣ୍ଟ ଏଣ୍ଟରପ୍ରାଇଜେସ୍‌କୁ ନୂଆ ମାଲିକ ମିଳି ନ ଥିଲେ। ଫଳରେ ରେଷ୍ଟୁରାଣ୍ଟକୁ ସେଠାରେ ବନ୍ଦ କରିଦିଆଯାଇଛି।

**କରୋନା ମହାମାରୀର ଶିକାର**

ଚାଇନିଜ୍ ଇମ୍ପେରିଆଲ ପ୍ୟାଲେସ୍ ଢଙ୍ଗରେ ୧୯୭୬ରେ ଏହି ଭାସମାନ ରେଷ୍ଟୁରାଣ୍ଟ ଖୋଲାଯାଇଥିଲା। ସେବେଠାରୁ ପ୍ରାୟ ୩ କୋଟି ଅତିଥିଙ୍କଠାରୁ ଖାଦ୍ୟ ପାଇଁ ଅର୍ଡର ଆସିଥିଲା। ଏହା ପର୍ଯ୍ୟଟକଙ୍କ ନିମନ୍ତେ ଏକ ଆକର୍ଷଣୀୟ ସ୍ଥାନ ମଧ୍ୟ ପାଲଟିଥିଲା। ବିଶେଷକରି ଜାପାନରୁ ବହୁ ସଂଖ୍ୟାରେ ଟୁରିଷ୍ଟ ସେଠାକୁ ଯାଉଥିଲେ। କିନ୍ତୁ ୨୦୨୦ରେ କରୋନା ମହାମାରୀ ଯୋଗୁ ଏହାକୁ ବନ୍ଦ ରଖିବା ସହ ଏହାର ଷ୍ଟାଫ୍‌ମାନଙ୍କୁ ଛଟେଇ କରାଯାଇଥିଲା। ପ୍ରତିବର୍ଷ ନିୟୁତ ନିୟୁତ ହଂକଂ ଡଲାର ରେଷ୍ଟୁରାଣ୍ଟର ଦେଖାଶୁଣା ଓ ପରିଚାଳନା ନିମନ୍ତେ ଖର୍ଚ୍ଚ ହେଉଥିବାରୁ ଶେୟାର ହୋଲ୍ଡରଙ୍କ ପାଇଁ ଏହା ବଡ଼ ବୋଝ ପାଲଟିଥିଲା ବୋଲି କମ୍ପାନୀ କହିଛି। ଆଗକୁ ଏହି ବ୍ୟବସାୟ କରି ତିଷ୍ଠିବା ସମ୍ଭାବନା କମ୍ ଥିଲା। ଏଥିସହ ପରିଚାଳନା ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡ଼ିବାରୁ ବିନା କାରବାରରେ ନିବେଶ ନିମନ୍ତେ ବାଧା ସୃଷ୍ଟି ହୋଇଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପ୍ରତିଷ୍ଠିତ ଲ୍ୟାଣ୍ଡମାର୍କର ସଂରକ୍ଷଣ ପାଇଁ ପୂର୍ବରୁ ଆଇନପ୍ରଣେତାମାନେ ଦାବି କରିଥିଲେ ହେଁ ହଂକଂ ଲିଡର କ୍ୟାରି ଲାମ୍ ଟିକସଦାତାଙ୍କ ଅର୍ଥକୁ ରେଷ୍ଟୁରାଣ୍ଟର ପୁନରୁଦ୍ଧାର ନିମନ୍ତେ ଖର୍ଚ୍ଚ କରିବା ଉଚିତ ନୁହେଁ ବୋଲି କହିଥିଲେ। ଭାସମାନ ରେଷ୍ଟୁରାଣ୍ଟ ବନ୍ଦ ହେବା ଯୋଗୁ ହଂକଂ ଏହାର ଏକ ଉଜ୍ଜ୍ୱଳ ଆକର୍ଷଣକୁ ହରାଇଲା ବୋଲି ବୋଟ୍ ଅପରେଟର ୱୋଙ୍ଗ୍ ଚି-ୱା କହିଛନ୍ତି। ରେଷ୍ଟୁରାଣ୍ଟକୁ ଅନ୍ୟ କେଉଁଠି ସ୍ଥାପନ କରାଯିବ କି ନା ତାହା ସ୍ଥିର ହୋଇନାହିଁ। ତେବେ ହୋଟେଲ ପରିଚାଳନା ନିମନ୍ତେ କମ୍ ଅର୍ଥ ଲାଗୁଥିବା ସ୍ଥାନରେ ଏହାକୁ ପୁନଃ ସ୍ଥାପନ କରିବା ନିମନ୍ତେ କମ୍ପାନୀ ଯୋଜନା କରିଛି।



# ୧୪ ହଜାର ଫୁଟ ଉଚ୍ଚରେ ଡାକଘର

**ସିକିମ୍:** ଦେଶରେ ଅନେକ ସ୍ଥାନ ରହିଛି ଯାହା କି ସବୁଠୁ ନିଆରା ଏବଂ ବେଶ୍ ଲୋକପ୍ରିୟ। ସେଥିମଧ୍ୟରେ ହିମାଚଳ ପ୍ରଦେଶର ସ୍ପିତି ପାର୍ବତ୍ୟାଞ୍ଚଳରେ ଥିବା ଡାକଘର ଅନ୍ୟତମ। ଭାରତର ଅନେକ ପର୍ଯ୍ୟଟନସ୍ଥଳୀ ବିଶ୍ୱସ୍ତରୀୟ ରେକର୍ଡରେ ସାମିଲ ହୋଇଥିବାବେଳେ ସ୍ପିତି ସ୍ଥିତ ଡାକଘର ମଧ୍ୟ ଏଥିରେ ସାମିଲ ରହିଛି। ଏହି ଡାକଘର ସମୁଦ୍ର ପତ୍ତନଠାରୁ ୧୪ ହଜାର ୫୬୭ ଫୁଟ ଉଚ୍ଚରେ ଅବସ୍ଥିତ। ସର୍ବୋଚ୍ଚ ପୋଷ୍ଟ ଅଫିସ୍ ଭାବେ ଏହା ବିଶ୍ୱ ରେକର୍ଡ କରିଛି। ୧୯୮୩ରେ ଏହି ଡାକଘର ପ୍ରଥମେ ମାଟିରେ ତିଆରି କରାଯାଇଥିଲା। ସେତେବେଳେ ବହୁ ଲୋକ ଏହାକୁ ଦେଖିବାକୁ ଆସୁଥିଲେ। ଏହାକୁ ପୁନଃନିର୍ମାଣ କରାଯାଇ ନୂଆ ରୂପ ଦିଆଯାଇଛି। ନିକଟରେ ଏହି ପୋଷ୍ଟ ଅଫିସ୍‌ର ଉଦ୍‌ଘାଟନ କରାଯାଇଛି। ଏଠାରୁ ପଠାଯାଉଥିବା ଚିଠିରେ ବିଶ୍ୱର ସବୁଠୁ ଉଚ୍ଚତମ ଡାକଘରୁ ଯାଇଥିବା ଲୋକେ ଲେଖିଥାନ୍ତି।



# ଉର୍ଫିଙ୍କୁ ହ୍ୟାରିସ୍‌ଙ୍କ ପ୍ରଶଂସା

**ମୁମ୍ବାଇ:** ଭାରତୀୟ ଟିଭି ଅଭିନେତ୍ରୀ ଉର୍ଫି ଜାଭେଦ ତାଙ୍କ ଡ୍ରେସିଂ ସେନ୍ସକୁ ନେଇ ଅନେକ ସମୟରେ ଟ୍ରୋଲ ହୋଇଥାନ୍ତି। ତାଙ୍କର ଫ୍ୟାଶନ୍ ସେନ୍ସକୁ ଅନେକେ ଅଜବ ବୋଲି ବିବେଚନା କରିଥାନ୍ତି। ହେଲେ ଅନ୍ତର୍ଜାତୀୟସ୍ତରରେ ଉର୍ଫିଙ୍କୁ ଡ୍ରେସିଂ ସେନ୍ସକୁ ପ୍ରଶଂସା କରାଯାଇଛି। କିଛି ଦିନ ତଳେ ଉର୍ଫି ବ୍ରିଟିଶ୍-ଆମେରିକୀୟ ଫ୍ୟାଶନ୍ ଡିଜାଇନର୍ ହ୍ୟାରିସ ରିଡ୍‌ଙ୍କ ଡିଜାଇନ୍ ଦ୍ୱାରା ଅନୁପ୍ରାଣିତ ହୋଇ ଏକ ଆଉଟଫିଟ୍ ପ୍ରସ୍ତୁତ କରିଥିଲେ। ଏହାକୁ ଉର୍ଫି ପିନ୍ଧି ଲାଇମଲାଇଟ୍‌କୁ ଆସିଥିଲେ। ଉର୍ଫିଙ୍କ ଏହି ଆଉଟ୍‌ଫିଟ୍ ଦେଖି ହ୍ୟାରିସ୍ ତାଙ୍କୁ ପ୍ରଶଂସା କରିଛନ୍ତି। ହ୍ୟାରିସ୍ ତାଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଏକ ପୋଷ୍ଟ ଲେଖିଛନ୍ତି, ଉର୍ଫି ବହୁତ ଲୋକପ୍ରିୟ। ସେ ତାଙ୍କ ଶୋ'ର ଲୁକ୍ କ୍ୟାରି କରିଛନ୍ତି। ଉର୍ଫିଙ୍କ ଫ୍ୟାଶନ୍ ସେନ୍ସ ବହୁତ ବଢିଆ, ଯାହା ତାଙ୍କୁ ବେଶ୍ ଆକୃଷ୍ଟ କରିଛି ବୋଲି ହ୍ୟାରିସ୍ କହିଛନ୍ତି।


ଉର୍ଫି ଜାଭେଦ


ହ୍ୟାରିସ ରିଡ୍

## ରାଜ୍ୟ ଖବର

## ରାହୁଲଙ୍କୁ ଉଦ୍ଧାର କରିଥିବା ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୬(ବ୍ୟୁରୋ): ୧୦୬ ଘଣ୍ଟାର ଦୀର୍ଘ ରେସ୍‌କ୍ୟୁ ଅପରେଶନ ପରେ ମଙ୍ଗଳବାର ରାତିରେ ବୋର୍‌ୱେଲରୁ ରାହୁଲ ସାହୁଙ୍କୁ ଉଦ୍ଧାର କରାଯାଇଛି। ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ଭାରତୀୟ ସେନା ଓ ସ୍ଥାନୀୟ ପ୍ରଶାସନର ପ୍ରମୁଖ ଭୂମିକା ତୁଲାଇଥିବା ସମସ୍ତ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ସମସ୍ତଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ୧୦୦ ଘଣ୍ଟାରୁ ଅଧିକ ସମୟର ଅପରେଶନ ପରେ ଛତିଶଗଡ଼ର ଏକ ବୋର୍‌ୱେଲରୁ ରାହୁଲ ସାହୁଙ୍କୁ ସଫଳ ଉଦ୍ଧାର ପାଇଁ ଭାରତୀୟ ସେନା, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଅନ୍ୟାନ୍ୟ ସବୁ ବିଭାଗକୁ ଶୁଭେଚ୍ଛା। ଏଥିସହ ନବୀନ ରାହୁଲର ଆଶୁ ଆରୋଗ୍ୟ କାମନା ମଧ୍ୟ କରିଛନ୍ତି।

## ଝାରସୁଗୁଡ଼ା ଚାଷୀଙ୍କ ଖାତାକୁ ଗଲା କାଳିଆ ଟଙ୍କା

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

ରଜ ସଂକ୍ରାନ୍ତିରେ ଝାରସୁଗୁଡା ଜିଲାର କାଳିଆ ଯୋଜନା ହିତାଧିକାରୀଙ୍କ ଆକାଉଣ୍ଟକୁ ରାଜ୍ୟ ସରକାର ବୁଧବାର କାଳିଆ କିସ୍ତି ପ୍ରଦାନ କରିଛନ୍ତି। ଜିଲାର ୩୫ ହଜାରରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସହାୟତା ରାଶି ମିଳିଛି। ପ୍ରତ୍ୟେକ ଚାଷୀଙ୍କ ଖାତାକୁ ୨ ହଜାର ଲେଖାଏ ଟଙ୍କା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଦାନ କରିଛନ୍ତି। ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରାୟ ୭ କୋଟିରୁ ଅଧିକ ଟଙ୍କା ଯାଇଛି। ଗତ ମାସ ୩ ତାରିଖରେ ଅକ୍ଷୟ ତୃତୀୟାରେ ରାଜ୍ୟରେ କାଳିଆ ଟଙ୍କା ଚାଷୀଙ୍କ ଖାତାକୁ ଦିଆଯାଇଥିଲା। ଏହାଦ୍ୱାରା ୪୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଥିଲେ। ଏ ବାବଦରେ ରାଜ୍ୟ ସରକାର ୮୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ସେହି ସମୟରେ ଝାରସୁଗୁଡା ଜିଲାକୁ କାଳିଆ ସହାୟତା ପ୍ରଦାନ କରାଯାଇ ନ ଥିଲା। ବ୍ରଜରାଜନଗର ଉପନିର୍ବାଚନ ଲାଗି ଜିଲାରେ ଲାଗୁ ହୋଇଥିବା ଆଦର୍ଶ ନିର୍ବାଚନ ଆଚରଣ ବିଧି କାରଣରୁ କାଳିଆ ସହାୟତା ଦିଆଯାଇ ନ ଥିଲା। ନିର୍ବାଚନ ପରେ ଏବେ ଜିଲାବାସୀଙ୍କୁ କାଳିଆ ସହାୟତା ପ୍ରଦାନ କରାଯାଇଛି।

# ଡେବ୍ରିଗଡ଼କୁ ଆସିଲା ୫ ସଫାରି ଗାଡ଼ି

ସମ୍ବଲପୁର,୧୫।୬(ବ୍ୟୁରୋ)

ସମ୍ବଲପୁର ଡେବ୍ରିଗଡ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୫ ଏସି ସଫାରି ଗାଡି ବୁଧବାର ମିଳିଛି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ଉପସ୍ଥିତିରେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପୂର୍ବରୁ ୯ ଗୋଟି ସାଧାରଣ ସଫାରି ଗାଡ଼ି ରହିଥିବାବେଳେ ପ୍ରତିଥର ୧୨୦ ପର୍ଯ୍ୟଟକଙ୍କୁ ନେବାର କ୍ଷମତା ରହିଥିଲା। ଏବେ ସଫାରି ସଂଖ୍ୟା ୧୪ରେ ପହଞ୍ଚିଛି। ଫଳରେ ଅଧିକ ପର୍ଯ୍ୟଟକଙ୍କୁ ଭ୍ରମଣ ସୁବିଧା ଯୋଗାଇ ଦିଆଯାଇ ପାରିବ ବୋଲି ଡିଏଫ୍‌ଓ ଦାସ କହିଥିଲେ।

ସେ ଆହୁରି କହିଥିଲେ, ପର୍ଯ୍ୟଟନ କ୍ଷେତ୍ରରେ ଡେବ୍ରିଗଡର ସ୍ୱତନ୍ତ୍ର ପରିଚୟ ରହିଛି। ରାଜ୍ୟ ତଥା ରାଜ୍ୟ ବାହାର ଛତିଶଗଡ, ପଶ୍ଚିମବଙ୍ଗ ସହିତ ୨୫ ରାଜ୍ୟରୁ ପର୍ଯ୍ୟଟକ ଏଠାକୁ ଆସନ୍ତି।



ଡେବ୍ରିଗଡ ଅଭୟାରଣ୍ୟରେ ସଫାରୀ ଗାଡ଼ି ଶୁଭାରମ୍ଭ କରାଯାଉଛି।

କୋଭିଡ୍ ସମୟରେ ଗତବର୍ଷ ୫୫ ହଜାର ପର୍ଯ୍ୟଟକ ଆସିଥିବା ରେକର୍ଡ ରହିଛି। ଏବେ କୋଭିଡ୍ କଟକଣା ନ ଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି। ସେମାନଙ୍କ ସୁବିଧା ପାଇଁ ଆଉ ୫ ଶୀତତାପ ନିୟନ୍ତ୍ରିତ (ଏସି) ଗାଡି ଆରମ୍ଭ କରାଯାଇଛି। ୪ ଜଣ କ୍ଷମତା ଥିବା ୩ ଗୋଟି ମହିନ୍ଦ୍ରା ଗାଡି ଓ ୧୨ ଜଣ କ୍ଷମତା ଥିବା (ଏସି) ମିନିବସ୍ ରହିଛି। ପୂର୍ବରୁ ସଫାରି ଗାଡିଗୁଡିକ କେବଳ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କୁ ବୁଲାଉଥିଲେ। ଏବେ ସେମାନେ ଏହି ଗାଡ଼ିରେ ବସି ସମ୍ବଲପୁର ସମଲେଇ ମନ୍ଦିର, ସମ୍ବଲପୁରର ବିଭିନ୍ନ ବଜାର, ଡିୟର ପାର୍କ ବୁଲିବେ। ବରଗଡ ଜିଲା ନୃସିଂହନାଥ ମନ୍ଦିର, ବାରପାହାଡ ରେଞ୍ଜ ଅଧୀନରେ ଥିବା କେଦାରନାଥ ମନ୍ଦିରକୁ ଗାଡି ଚାଲିବ। ପର୍ଯ୍ୟଟକଙ୍କ ପାଇଁ ଅଭୟାରଣ୍ୟ ଭିତରେ ରହିବା, ଖାଇବା, ବୁଲିବା ଭଳି ସୁବିଧା ରହିଛି। ସାଇକେଲିଂ, ଟ୍ରାକିଂ, ବୋଟିଂ ଭଳି ମନୋରଞ୍ଜନ ସୁବିଧା ନେଇପାରିବେ। ସମ୍ବଲପୁର ଡିୟର ପାର୍କ ନିକଟରେ ଏକ ବୁକିଂ କାଉଣ୍ଟର ଖୋଲାଯାଇଛି। ପର୍ଯ୍ୟଟକମାନେ ଅନ୍‌ଲାଇନରେ ମଧ୍ୟ ଟିକେଟ ବୁକିଂ କରିପାରିବେ। ବିଧାୟିକା ଛୁରିଆ କହିଥିଲେ, ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଭାବେ ଡେବ୍ରିଗଡକୁ ଦୃଷ୍ଟିରେ ରଖିଛନ୍ତି। ଆଜିଠାରୁ ନୂତନ ଭାବେ ଆରାମଦାୟକ ୫ ଗୋଟି ସଫାରି ଶୁଭାରମ୍ଭ ହେଲା। ଏହା ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଓ ସଂଖ୍ୟା ବୃଦ୍ଧି ପାଇବ ବୋଲି କହିଥିଲେ।

# ଜାଲ୍ ଭେଣ୍ଡର ରସିଦ୍‌ରେ ୪ କୋଟି ଟଙ୍କା ହେରଫେର

ଯାଜପୁର ଅଫିସ,୧୫।୬

ଯାଜପୁର ଜିଲାର ୧୧ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ରେ ଧାନକିଣାରେ ଭେଣ୍ଡର ରସିଦ ଜାଲିଆତି କରି ହେର୍‌ଫେର୍ ହୋଇଛି। ଏଥିରେ ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ମଧ୍ୟ ସାମିଲ ରହିଛି। ପାକ୍ସ ସମ୍ପାଦକମାନେ ବିନା ଧାନରେ ଅଗ୍ରିମ ଭେଣ୍ଡର ରସିଦ ପ୍ରସ୍ତୁତ କରି ସମୁଦାୟ ୨୦, ୬୯୭.୩୪ କୁଇଣ୍ଟାଲ ଧାନ କିଣାଯାଇଥିବା ଦର୍ଶାଇଛନ୍ତି।

**ଯାଜପୁର ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା**

ଏ ଗ୍ରେଡ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ଅନୁସାରେ ଏହା ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେଉଛି। ଦୁଇଟି ପର୍ଯ୍ୟାୟରେ ହୋଇଥିବା ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଏହି କ୍ରମରେ ଯୋଗାଣ ନିଗମ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟର ତଦନ୍ତକାରୀ ଅଧିକାରୀ ତଥା ସିଭିଲ ସପ୍ଲାଏ ଅଫିସର (ସିଏସ୍‌ଓ) ବସନ୍ତ କୁମାର ପଣ୍ଡା ସମ୍ପୃକ୍ତ ସମ୍ପାଦକ ଓ ପର୍ଚେଜ ଅଫିସରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ତାଙ୍କ ତଦନ୍ତ ରିପୋର୍ଟରେ ଅନୁରୋଧ କରିଛନ୍ତି। ଏହାସହ ସମ୍ପୃକ୍ତ ସମ୍ପାଦକ ଏବଂ ୯ ମିଲର୍ସଙ୍କୁ ମଣ୍ଡି ପରିଚାଳନାରୁ ବିରତି ରଖିବାକୁ ତଦନ୍ତକାରୀ ଅଧିକାରୀ ପଣ୍ଡା ପ୍ରସ୍ତାବ ଦେଇଛନ୍ତି। ଏହି ମର୍ମରେ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକ ଏହି ମାମଲାକୁ ଅତି ଗୁରୁତ୍ୱପୂର୍ଣ୍ଣ ମନେକରି ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଗତ ୧୩ ତାରିଖରେ ଯାଜପୁର ଏଆରସିଏସ୍ (ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋପରେଟିଭ ସୋସାଇଟି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ଯାଜପୁର ଜିଲାରେ ଧାନକିଣାରେ କେମିତି ବିପୁଳ ପରିମାଣର ଅର୍ଥ ହରିଲୁଟ ହେଉଛି ତାହା ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି।

# ବିବାହର ୧୦ଦିନ ପୂର୍ବରୁ ଘରେ ବିସ୍ଫୋରଣ, ୭ ଆହତ

- ବାଣ ତିଆରି ବେଳେ ଫୁଟିଥିବା ସନ୍ଦେହ
- ଆହତଙ୍କ ମଧ୍ୟରେ ୪ ଭାଇ, ବର୍ତ୍ତିଲେ ୨୮ ଦିନର ଶିଶୁ

କୋଦଳା,୧୫।୬

ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ବେରୁଆଁବାଡି ଗ୍ରାମରେ ବୁଧବାର ଏକ ବଡ ଧରଣର ବିସ୍ଫୋରଣ ଘଟିଛି। ଏକ ଘରେ ଥିବା ବିସ୍ଫୋରକ ସାମଗ୍ରୀ ବିସ୍ଫୋରଣ ହେବାରୁ ୪ ଭାଇଙ୍କ ସମେତ ୭ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ କୋଦଳା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣରେ ୩ଟି ଘର ଭାଙ୍ଗିଛି। ସୌଭାଗ୍ୟବଶତଃ ଘରେ ଥିବା ୨୮ ଦିନର ଏକ ଶିଶୁ ବର୍ତ୍ତିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଗ୍ନିଶମ କର୍ମଚାରୀ ସେଠାରେ ଉପସ୍ଥିତ ରହିଛନ୍ତି। ବିସ୍ଫୋରଣ କିପରି ହେଲା ତାହା କେହି ଠିକ୍ ଭାବେ କହି ପାରୁନାହାନ୍ତି। ଅଗ୍ନିଶମ ବିଭାଗ ଓ କୋଦଳା ପୋଲିସ ତଦନ୍ତ ଜାରି ରଖିଛି।

ବେରୁଆଁବାଡ଼ି ଗ୍ରାମର ଶିଅଳସାହିଠାରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଦଣ୍ଡପାଣି ବେହେରାଙ୍କ ଘରୁ ହଠାତ ବିସ୍ଫୋରଣ ଶବ୍ଦ ଶୁଭିଥିଲା। ଘରର ଭଙ୍ଗା ଆଜବେଷ୍ଟସ ଓ ଆସବାବପତ୍ର ଏଣେତେଣେ ପଡିବା ସହ ପ୍ରବଳ ଧୂଆଁ ବାହାରିଥିଲା। କୌଣସି ଦୁର୍ଘଟଣା ଘଟିଥିବା ଜାଣି ଗ୍ରାମବାସୀ ରୁଣ୍ଡହୋଇ ଯାଇଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଦୁଇଟି ଘରର ଆଜବେଷ୍ଟସ ଉଡିଯାଇଥିବା ବେଳେ ଗୋଟିଏ କାନ୍ଥ ମଧ୍ୟ ଭୁଶୁଡି ପଡିଥିଲା। ଗାଁର କେତେଜଣ ଉକ୍ତ ଘର ମଧ୍ୟରେ ପଶି ଅର୍ଦ୍ଧଦଗ୍ଧ ଅବସ୍ଥାରେ ୫ ଜଣଙ୍କୁ ଉଦ୍ଧାର କରିଥିଲେ। ସେମାନେ ହେଲେ ଗୋଟିଏ ପରିବାରର ୪ ଭାଇ ବିଷ୍ଣୁ ବେହେରା, ତ୍ରିପୁରା ବେହେରା, ଶ୍ରୀହରି ବେହେରା, ବଳରାମ ବେହେରା ଓ ଜଣେ ସମ୍ପର୍କୀୟ ମିଥୁନ ବେହେରା। ବିସ୍ଫୋରଣରେ ପଡୋଶୀ କୈଳାସ ବେହେରାଙ୍କ କାନ୍ଥ ଭୁଶୁଡ଼ି ପଡ଼ିଥିବା ବେଳେ ସେ ଓ ତାଙ୍କ ପୁଅ କାହ୍ନା ମଧ୍ୟ ଗୁରୁତର ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା। ସାହିବାସିନ୍ଦାଙ୍କ କହିବା ଅନୁଯାୟୀ ଆସନ୍ତା ୨୬ ତାରିଖରେ ୨ ଭାଇ ବିଷ୍ଣୁ ଓ ଶ୍ରୀହରିଙ୍କ ବିବାହ ହେବାର ଥିଲା। ବିବାହ ନିମନ୍ତେ ବାଣ ତିଆରି କରୁଥିବା ସମୟରେ ଏହି ବିସ୍ଫୋରଣ ଘଟିଥିବା ପୋଲିସ ସନ୍ଦେହ କରିଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ରାତି ସୁଦ୍ଧା ପୋଲିସ ସେଠାରେ ଉପସ୍ଥିତ ରହିଥିଲା।


ଆହତଙ୍କ ଚିକିତ୍ସା କରାଯାଉଛି।

# ଗ୍ରାମବାସୀଙ୍କୁ ଏକାଠି କରି ସ୍ୱାମୀଙ୍କୁ ମାଡ଼ ମାରିଲେ ସ୍ତ୍ରୀ

**ଅନ୍ୟ ମହିଳାଙ୍କ ସହ ଅନୈତିକ ସମ୍ପର୍କ**

ମାଲକାନଗିରି, ୧୫।୬(ଡି.ଏନ.ଏ.)

ଜଣେ ବିବାହିତ ବ୍ୟକ୍ତି ଅନ୍ୟ ଜଣେ ମହିଳାଙ୍କ ସହ ପ୍ରେମସମ୍ପର୍କ ରଖିବା ତାଙ୍କୁ ମହଙ୍ଗା ପଡିଛି। ଏହା ଜାଣିବା ପରେ ତାଙ୍କ ସ୍ତ୍ରୀ ଗ୍ରାମବାସୀଙ୍କୁ ଏକାଠି କରି ସ୍ୱାମୀଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଉଲଗ୍ନ କରି ଗାଁ ଦାଣ୍ଡରେ ବୁଲାଇଛନ୍ତି। ଏପରି ଅଭାବନୀୟ ଘଟଣା ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ କୋଣ୍ଡାଗାଁ ଜିଲାର ଉରଣ୍ଡାବେଡା ଥାନା ଅନ୍ତର୍ଗତ ବଡ଼ଗୋଇ ଅଞ୍ଚଳରେ ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି, ଉରଣ୍ଡାବେଡା ଥାନା ଅଞ୍ଚଳର ଜଣେ ବିବାହିତ ବ୍ୟକ୍ତି ସେହି ଗ୍ରାମର ଜଣେ ମହିଳାଙ୍କ ସହ ଦୀର୍ଘଦିନ ଧରି ପ୍ରେମସମ୍ପର୍କ ରଖିଥିଲେ। ଉଭୟେ ଲୁଚି ଲୁଚି ପରସ୍ପରକୁ ଭେଟୁଥିଲେ। ଏନେଇ ସୂଚନା ପାଇ ସମ୍ପୃକ୍ତ ବିବାହିତ ଯୁବକଙ୍କୁ ତାଙ୍କ ସ୍ତ୍ରୀ ସନ୍ଦେହ କରି ଦିନେ ସ୍ୱାମୀ ଓ ସମ୍ପୃକ୍ତା ମହିଳାଙ୍କୁ ଗୋଟିଏ ଘରେ ଅସଂଯତ ଅବସ୍ଥାରେ ଥିବା ଦେଖିନେଇଥିଲେ। ପରେ ମହିଳା ଜଣକ ଗ୍ରାମବାସୀଙ୍କୁ ଏକାଠି କରି ଉଭୟଙ୍କୁ ଘରୁ ବାହାରକୁ ଆଣି ନିସ୍ତୁକ ମାଡ଼ ମାରିଥିଲେ। ପରେ ଏକ ବାଉଁଶରେ ସ୍ୱାମୀଙ୍କ ହାତକୁ ବାନ୍ଧି ଗାଁସାରା ବୁଲାଇଥିଲେ। ଘଟଣା ନେଇ ଗ୍ରାମର କେତେଜଣ ଯୁବକ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ସୋସିଆଲ ମିଡିଆରୁ ଭିଡିଓ ଦେଖି ଉରଣ୍ଡାବେଡା ଥାନା ପୋଲିସ ନିଜଆଡୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ପୀଡ଼ିତଙ୍କ ସ୍ତ୍ରୀ ଓ ଗ୍ରାମର ୩ ଜଣଙ୍କୁ ଆଇପିସି ଦଫା ୩୩୫/୩୫୪ସି/୫୦ବି ଓ ୫୦୯ସିରେ ଗିରଫ କରିଛି। ଏହି ଘଟଣାରେ ସାମିଲ ଥିବା ଅନ୍ୟମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଉରଣ୍ଡାବେଡା ଥାନା ଭାରପ୍ରାପ୍ତ ଅଧିକାରୀ କହିଛନ୍ତି।

## ରାମଲୀଳା ଉଦ୍‌ଯାପିତ

ଖୁଣ୍ଟୁଣୀ,(ଡି.ଏନ.ଏ.): ଆଠଗଡ଼ ବ୍ଲକ ଅଧୀନ କୁସପଙ୍ଗି ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ରାମଲୀଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କୁସପଙ୍ଗୀ ଗ୍ରାମ୍ୟ କମିଟି ସହଯୋଗରେ ଆୟୋଜିତ ରାମଲୀଳାରେ ସୀତା ସ୍ୱୟଂବର, ତାଡକା ବଦ୍ଧ, ସୀତା ଚୋରି ଓ ଠାବ ଓ ରାବଣ ବଦ୍ଧ ପରିବେଶିତ ହୋଇଥିଲା। ଏହାକୁ ଓରନ୍ଦା, କୁସପଙ୍ଗୀ, କୟଲପଡା, କୁମାରପୁର ପଞ୍ଚାୟତର ଦର୍ଶକ ଉପଭୋଗ କରିଥିଲେ।

## ସଂକ୍ଷେପରେ

### ଦି ରିସର୍ଚ୍ଚର୍ସ ଆସୋସିଏଶନର ଜାତୀୟ ଆଲୋଚନାଚକ୍ର

କଟକ ଅଫିସ, ୧୫।୬: ପଦ୍ମଭୂଷଣ ଇଂଲିଶ ପ୍ରଫେସର ସି. ଡି. ନରସିଂହୟା ଓ ପଦ୍ମଭୂଷଣ ପ୍ରଫେସର ଶିବ କେ. କୁମାରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଦି ରିସର୍ଚ୍ଚର୍ସ ଆସୋସିଏଶନ ପକ୍ଷରୁ କଟକସ୍ଥିତ ଏକ ହୋଟେଲରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ରାଜୀବ ବର୍ମା ଉଦ୍‌ଘାଟନ କରିଥିଲେ। ପ୍ରଫେସର ବିଜୟ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସି. ଏନ୍. ଶ୍ରୀନାଥ ଯୋଗଦେଇ ଟି. ଏସ୍. ଇଲିଅଟ୍‌ଙ୍କ କବିତା ଓ ସମାଲୋଚନା ସାହିତ୍ୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅବସରରେ ‘ଏ ମେମୋରିଆଲ ଭଲ୍ୟୁମ ଇନ୍ ହନର୍ ଅଫ ଟୁ ପଦ୍ମ ବିଭୂଷଣ ଆୱାର୍ଡ ଉଇନିଂ ପ୍ରଫେସର୍ସ ଅଫ ଇଂଲିଶ: ସି. ଡି. ନରସିଂହୟା ଆଣ୍ଡ୍ ଶିଭ କେ. କୁମାର’ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସେହିପରି ପ୍ରଫେସର ବିଜୟ କୁମାର ଦାସଙ୍କ ପୁସ୍ତକ ‘ଟୋଏଣ୍ଟି ସେଞ୍ଚୁରି ଲିଟେରାରି କ୍ରିଟିସିଜମ୍’ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ହୋଇଥିବା ଆଲୋଚନାଚକ୍ରରେ ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ, ଅଶୋକ ମହାନ୍ତି, ଡ. ସତ୍ୟସିନ୍ଧୁ ଘୋଷ, ଡ. ଉଜ୍ଜ୍ୱଳ ଦତ୍ତ, ଡ. ତପୁ ବିଶ୍ୱାସ ପ୍ରମୁଖ ଯୋଗ ଦେଇଥିଲେ। ଡ. ସୋନାଲି ଦାସ, ଡ. ପ୍ରେମଲତା ରାଉତ ଓ ଡ. ଡୋଲନ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ବଜ୍ରପାତରେ ୩ ଗୋରୁ ମୃତ

ଡିଗିରିଆ,୧୫।୬ (ଡି.ଏନ୍.ଏ.): ଡିଗିରିଆ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀଜନିତ ବର୍ଷା ଘଡ଼ଘଡ଼ି ହୋଇଥିଲା। ବାଲିପୁଟ ପଞ୍ଚାୟତର ବାଣେଶ୍ୱରପଡ଼ା ଗାଁ ନିକଟସ୍ଥ ବିଲରେ ଗୋରୁ ଚରୁଥିବାବେଳେ ଅପରାହ୍ନ ୨ଟାରେ ବଜ୍ରପାତରେ ୩ଟି ଗୋରୁ ମରି ପଡିଥିବା ଦେଖିବାକୁ ମିଳିଛି। ଗୋରୁ ମରି ପଡ଼ିଥିଲେ ହେଁ ସନ୍ଧ୍ୟା ସୁଦ୍ଧା କାହାର ବୋଲି କେହି ଦାବି କରିନାହାନ୍ତି।

### ରଜ ମହୋତ୍ସବ

ଫୁଲନଖରା,୧୫।୬(ଡି.ଏନ୍.ଏ.): ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମସ୍ଥିତ ଖାରବେଳ ଇଷ୍ଟେଟରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଖାରବେଳ ଉନ୍ନୟନ ପରିଷଦ ମାତୃ ମଣ୍ଡଳୀ ପକ୍ଷରୁ ଆୟୋଜିତ ଉତ୍ସବରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଶନ ମାର୍ଟର ଅଶୋକ କୁମାର ରାଉତ, ଉନ୍ନୟନ ପରିଷଦର ଉପସଭାପତି ପ୍ରମୋଦ ରାଉତ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଏମ୍‌ସି ୪ ନଂ. ୱାର୍ଡ ଅଫିସର ଶ୍ରୀକାନ୍ତ ମହାନ୍ତି, ମାତୃମଣ୍ଡଳୀ ସଭାନେତ୍ରୀ ଗୀତାଞ୍ଜଳି ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ରଜ କୁଇନ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବିଜୟାନୀ ରାଇସା ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ମାତୃମଣ୍ଡଳୀର ସଦସ୍ୟାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତପସ୍ୱିନୀ ରାଉତ, ରମା ଜେନା ପ୍ରଧାନ, ରଞ୍ଜିତା ରାଉତ, ପୁଷ୍ପାଞ୍ଜଳି ଦାଶ, ରାଣାପ୍ରତାପ ରାୟ, ଲାଲୁ ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩ ବର୍ଷର ପୁଅକୁ ହତ୍ୟା ଅଭିଯୋଗ

ମାହାଙ୍ଗା,୧୫।୬(ସ୍ୱ.ପ୍ର.)

ବୁଧବାର ଥିଲା ଭବାନୀଙ୍କ ଜନ୍ମଦିନ। ଆଜିଠାରୁ ତାଙ୍କୁ ୩ ବର୍ଷ ପୂରି ୪ ବର୍ଷ ଚାଲି ଚାଲିଥାଆନ୍ତା। ହେଲେ ଈଶ୍ୱରଙ୍କ ଇଚ୍ଛା ଥିଲା ଅଲଗା। ରଜ ସଂକ୍ରାନ୍ତିରେ ସମସ୍ତେ ପିଠାପଣା, ହସ ଖୁସିରେ ଦିନ କାଟୁଥିବା ବେଳେ ଭବାନୀଙ୍କର ଖଟରୁ ପଡି ମୃତ୍ୟୁ ଘଟିଥିଲା। ଭବାନୀ ବଡ ମା’ ବାପାଙ୍କ ନିକଟରେ ଶୋଇଥିବାବେଳେ ମଙ୍ଗଳବାର ରାତିରେ ଏହି ଦୁଃଖଦ ଘଟଣା ଘଟିଛି। ହେଲେ ନିଜ ପୁଅର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ମା’ ନିବେଦିତା । ସେ ଏ ସଂକ୍ରାନ୍ତରେ କଟକ ଜିଲା ମାହାଙ୍ଗା ଥାନାରେ ଅଭିଯୋଗ କରି ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ଦର୍ଶାଇଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ଲଳିତଗିରି ପଞ୍ଚାୟତ ତାଳଗିରିର ଦିଲୀପ ସ୍ୱାଇଁ ରାଜ୍ୟ ବାହାରେ ରହି କାମ କରନ୍ତି। ତାଙ୍କ ସ୍ତ୍ରୀ ନିବେଦିତା ଓ ୩ ବର୍ଷର ପୁଅ ଭବାନୀ ଗାଁରେ ରୁହନ୍ତି। ସପ୍ତାହେ ହେବ ନିବେଦିତା ଓ ଭବାନୀ ଛତିଆ ଅଞ୍ଚଳରେ ଥିବା ବାପଘରକୁ ଯାଇଥିଲେ। ମଙ୍ଗଳବାର ପ୍ରଥମ ରଜରେ ଦିଲୀପଙ୍କ ଭଣଜା ମନୋଜ ସ୍ୱାଇଁ ଯାଇ ଭବାନୀକୁ ଗାଁକୁ ଆଣିଥିଲେ। ସେଦିନ ରାତିରେ ଭବାନୀ ବଡ ବାପା ଅକ୍ଷୟ ଓ ବଡ ମା’ ବାସନ୍ତୀ ରାଉତଙ୍କ ଖଟ ମଝିରେ ଶୋଇଥିଲେ। କିନ୍ତୁ ବୁଧବାର ସକାଳୁ ଖଟ ତଳେ ଭବାନୀ ପଡିଥିବା ଦେଖି ବଡ ମା’ବାପା ପରିବାର ଲୋକଙ୍କୁ ଡାକିଥିଲେ। ଭବାନୀଙ୍କ ଚିକିତ୍ସା ପାଇଁ ପ୍ରଥମେ ନଡିଆସାହାସପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୨)ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲ ପଠାଇଛି।

କିଛିବର୍ଷ ହେବ ଦିଲୀପଙ୍କ ବଡ ଭାଇ ଓ ଭାଉଜଙ୍କ ସହିତ ସୁସମ୍ପର୍କ ନ ଥିଲା। ଅନ୍ୟପକ୍ଷେ ଯଦି ଭବାନୀ ରାତିରେ ଖଟ ମଝିରେ ଶୋଇଥିଲେ, ତେବେ କଡରେ ପଡିବା ସମୟରେ କିପରି ବଡ ମା’ ବାପା ଜାଣିପାରିଲେ ନାହିଁ ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ବଡ ମା’ ବାସନ୍ତୀଙ୍କ କହିବା ଅନୁଯାୟୀ, ସକାଳୁ ଉଠି ଦେଖିବା ବେଳକୁ ଭବାନୀ ତଳେ ପଡି ଲାଠି ହୋଇଯାଇଥିଲା। ଜେଜେବାପା କହିଛନ୍ତି, ଭବାନୀ ଜୀବିତ ଥିଲା। ବଡ ମା’ ଓ ଜେଜେବାପା ଦୁଇଜଣଙ୍କ କଥାରେ ତାଳମେଳ ରହୁନାହିଁ। ନିବେଦିତା ବୁଧବାର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ମଙ୍ଗଳବାର ଅପରାହ୍ନରେ ପୁଅକୁ ଶାଶୁଘର ଲୋକେ ମୋ ପାଖରୁ ନେଇ ଆସିଥିଲେ । ରାତିରେ ମୋ ପୁଅକୁ ହତ୍ୟା କରିଛନ୍ତି । କେବଳ ସେତିକି ନୁହେଁ, ମୃତଦେହକୁ ସରକାରୀ ଆମ୍ବୁଲାନ୍ସରେ ନେବାର ବ୍ୟବସ୍ଥା ଥିବାବେଳେ ଅତି ତରବରିଆ ଭାବେ ଏକ ଡାଲା ଅଟୋରେ ଘରକୁ ନେଇ ଆସିଥିଲେ। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ପ୍ରୀତିରଞ୍ଜନ ରାୟଙ୍କୁ ପଚାରିବାରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ସେ କହିଛନ୍ତି।

■ଥାନାରେ ଏତଲା ଦେଲେ ମା’





କଟକ ଶହୀଦ ଭବନରେ ବୁଧବାର ପରିବେଷିତ ନାଟକ ‘ଘଡ଼ିକେ ଘୋଡ଼ା ଛୁଟୁଛି’ର ଏକ ଦୃଶ୍ୟ।

## ମନମୋହିଲା ନାଟକ ‘ଘଡ଼ିକେ ଘୋଡ଼ା ଛୁଟୁଛି’

କଟକ ଅଫିସ,୧୫।୬

ସାଧନା ପରିଜାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାଧନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କଟକ ଶହୀଦ ଭବନଠାରେ ନାଟ୍ୟ ସମାହାର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉଦ୍‌ଘାଟନ କରି କହିଥିଲେ, ସାଧନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜନ କରାଯାଇଥିବା କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ। ଏଥିରେ ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ପ୍ରଫେସର ସୁରେନ୍ଦ୍ର ନାଥ ସେନାପତି, ସିଏମ୍‌ସିର ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ, ନାଟ୍ୟକାର ମନୋଜ ପଟ୍ଟନାୟକ, ଅଭିନେତା ଶ୍ରୀତମ ଦାସ, ବିକ୍ରମ ମହାନ୍ତି ଓ ଦୀପକ ମହାପାତ୍ର ଯୋଗଦେଇ ସାଧନାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ କୁମାର ପରିଜାଙ୍କୁ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ମନୋଜ ପଟ୍ଟନାୟକଙ୍କ ନିର୍ଦ୍ଦେଶନା ଓ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ରଚନାରେ ନାଟକ ‘ଘଡ଼ିକେ ଘୋଡ଼ା ଛୁଟୁଛି’ ଭୁବନେଶ୍ୱରସ୍ଥିତ ମନନ ନାଟ୍ୟ ସଂସ୍ଥା ପକ୍ଷରୁ ପରିବେଷିତ ହୋଇଥିଲା। ଏହା ଦର୍ଶକଙ୍କ ମନ ମୋହିଥିଲା। ଡ. ଶ୍ରୀନିବାସ ଘଟୁଆରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଦିପ୍ତିମୟୀ ସାମନ୍ତରାୟ କବିତା ପାଠ ଓ ହିମାଂଶୁ ପରିଜା ଧନ୍ୟବାଦ ଦେଇଥିଲେ।

## ବନମାଳୀପୁରରେ ପୁଣି ବୋମାମାଡ଼

ଡିଗିରିଆ,୧୫।୬ (ଡି.ଏନ୍.ଏ.)

ଡିଗିରିଆ ଥାନା ଅନ୍ତର୍ଗତ ଜେମାଦେଈପୁର ପଞ୍ଚାୟତର ବନମାଳୀପୁର ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ବୋମାମାଡ଼ ଘଟିଛି। ଗାଁର ରସାନନ୍ଦ ଜେନା ଅସହ୍ୟ ଗରମ ଯୋଗୁ ଛାତ ଉପରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ମାରିବା ଉଦ୍ଦେଶ୍ୟରେ ୩ଟି ହାତବୋମା ଫୋପାଡ଼ି ଥିଲେ। ପ୍ରାଣ ବିକଳରେ ସେ ଦୌଡ଼ି ତଳକୁ ଆସିବା ବେଳେ ୪ଜଣ ବ୍ୟକ୍ତି ତାଙ୍କ ଘର ପାଖରୁ ଦୌଡ଼ି ପଳାଇ ଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ରସାନନ୍ଦଙ୍କ ଏତଲାକୁ ଆଧାର କରି ପୋଲିସ ନଂ. ୧୨୭/୨୨ରେ ମାମଲା ରୁଜୁ କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମାଗୁଡ଼ିକ ଫୁଟିବା ପରେ ବିଛାଡ଼ି ହୋଇ ପଡ଼ିଥିବା ସୁତୁଲି, ଗୋଡି, କାଚଗୁଣ୍ଡକୁ ଜବତ କରି ତଦନ୍ତ ଚଳାଇଛି। ବୋମାମାଡ଼ରେ ରସାନନ୍ଦ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମେ ୩୧ତାରିଖ ବିଳମ୍ବିତ ରାତିରେ ଅନୁରୂପ ଭାବେ ଗ୍ରାମ ସଭାପତି ଶରତ ରାଉତଙ୍କ ଘରକୁ ବୋମାମାଡ଼ ହୋଇଥିଲା। ସେଥିରେ ସଭାପତିଙ୍କ ପୁଅ ଏବଂ ଝିଆରୀ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିଲା।

## ସାମାଜିକ କର୍ମୀ ସମରେନ୍ଦ୍ର ବୋଷଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ମାହାଙ୍ଗା୧୫।୬(ସ୍ୱପ୍ର)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତର ବିଶିଷ୍ଟ ସାମାଜିକ କର୍ମୀ, ସାଂସ୍କୃତିକ ସଙ୍ଗଠକ ସ୍ୱର୍ଗତ ସମରେନ୍ଦ୍ର ବୋଷଙ୍କ ପ୍ରଥମ ବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମାହାଙ୍ଗା ଆଞ୍ଚଳିକ ଟାଇଗର କ୍ଲବ ଆନୁକୂଲ୍ୟରେ ତାଙ୍କ ବାସଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ତଥା ସତ୍ୟମ୍ ଶିବମ୍ ସୁନ୍ଦରମ୍ ପୁସ୍ତକର ସମ୍ପାଦକ ଇଂ. ଜିତେନ କୁମାର ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ କବି ପ୍ରଶାନ୍ତ କୁମାର କର, କବି ଡମ୍ବରୁଧର ପରିଡା, ଆଇନଜୀବୀ ଦୀପକ କୁମାର ମହାନ୍ତି, କବୟିତ୍ରୀ ଲବଙ୍ଗଲତା ରାଉତ, କବି ନରେନ୍ଦ୍ର ପରିଡା, ଡ. କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ବିଜୟ କୁମାର ସିହ୍ନା, କ୍ଲବ ସମ୍ପାଦକ ରବି ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବୋଷଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ମଙ୍ଗଳବାର ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ସ୍ୱର୍ଗତ ବୋଷଙ୍କ ବାସଭବନରେ ପହଞ୍ଚି ତାଙ୍କ ଲିଖିତ ପୁସ୍ତକ ‘‘ଐଶରିକ ଶକ୍ତିର ଅନୁସନ୍ଧାନ’କୁ ଉନ୍ମୋଚନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ରବି ଦାସ, ହୃଷୀକେଶ ସ୍ୱାଇଁ, ସରପଞ୍ଚ ରାଜେଶ ବଳ, ମମତାରାଣୀ ବୋଷ, ସ୍ମୃତିରାଣୀ ବୋଷ, ଦିଲ୍ଲୀପ ବର୍ଦ୍ଧନ, ଯୋଗମାୟା ରାୟ, ମହାମାୟା ମିତ୍ର, ଆଶୁତୋଷ ବୋଷ, ଆଶିଷ ଚନ୍ଦ୍ର ବୋଷ, ଓଁକାର ନାଥ ଘୋଷ, ଲକ୍ଷ୍ମୀନାରାୟଣ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶୋଭନ ବୋଷ ଧନ୍ୟବାଦ ଦେଇଥିଲେ।



କଟକ କାଇଟ୍ ଉତ୍ସବ ଅବସରରେ ସ୍ଥାନୀୟ ବାରବାଟୀ ପ୍ୟାଲେସ ପରିସରରେ ଖୋଲିଥିବା ଷ୍ଟଲରେ ବୁଧବାର ପିଲାମାନେ ଖେଳଣା ଦେଖୁଛନ୍ତି।

## ଟ୍ରାନ୍ସଫର୍ମରରୁ କଏଲ ଚୋରି, ଅନ୍ଧାରରେ ବିଦ୍ୟୁତ୍ ଉପଭୋକ୍ତା

ଖୁଣ୍ଟୁଣୀ,୧୫।୬(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଣୀବଣିଆ ଆଦିବାସୀ ବସ୍ତିରୁ ଏକ ବିପିଏଲ ଟ୍ରାନ୍ସଫର୍ମରରୁ ତମ୍ବା କଏଲ ଓ ତେଲ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏଥିଯୋଗୁ ବସ୍ତିର ୫୦ରୁ ଅଧିକ ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। ଏବେ ଅସହ୍ୟ ତାତି ଓ ଗୁଳୁଗୁଳି ସହ ବିଦ୍ୟୁତ୍ ସମସ୍ୟା ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଖୁଣ୍ଟୁଣୀ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡ଼ ବର୍ଷା ହୋଇଥିଲା। ଫଳରେ ବସ୍ତିରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଉକ୍ତ ଟ୍ରାନ୍ସଫର୍ମରରୁ ତମ୍ବା କଏଲ ଓ ତେଲ ଚୋରି କରି ନେଇଥିଲେ। ବୁଧବାର ସକାଳେ ଗ୍ରାମବାସୀ ଏ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ସରପଞ୍ଚ, ପୋଲିସ ଓ ଖୁଣ୍ଟୁଣୀସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ କର୍ମଚାରୀଙ୍କୁ ଜଣାଇଥିଲେ। ତେବେ ଚୋରି ହୋଇଥିବା ସ୍ଥାନଠାରୁ ଆଉ ଏକ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ରାସ୍ତାରେ ଟ୍ରାନ୍ସଫର୍ମର ତେଲ ପଡିଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହି ଟ୍ରାନ୍ସଫର୍ମରରୁ ତମ୍ବା କଏଲ ଓ ତେଲ ଚୋରି ପଛରେ ସ୍ଥାନୀୟ ଅଞ୍ଚଳର ଏକ ଗ୍ୟାଙ୍ଗ ସାମିଲ ଥିବା ସନ୍ଦେହ କରାଯାଉଛି। ଗତ ଦୁଇବର୍ଷ ମଧ୍ୟରେ ଏହି ସେକ୍ସନ ଅଞ୍ଚଳର ଖୁଣ୍ଟୁଣୀ, ରାଧାକୃଷ୍ଣପୁର ଓ କଣ୍ଡରେଇ ଅଞ୍ଚଳରୁ ୨୦ରୁ ଅଧିକ ଟ୍ରାନ୍ସଫର୍ମରକୁ ଦୁର୍ବୃତ୍ତ ଚୋରି କରି ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର୍ ପୋଲିସ ପାଇପାରିନାହିଁ। ଖୁଣ୍ଟୁଣୀରେ ବେଆଇନ ଭାବେ ଚାଲୁଥିବା କବାଡ଼ିଆ ଦୋକାନ ଯୋଗୁ ଏହି ଅଞ୍ଚଳ ଏବେ ଲୁହା ଓ ତମ୍ବା ସାମଗ୍ରୀ ଚୋରି ବଢ଼ିବାରେ ଲାଗିଛି। ପୋଲିସ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି।

## ‘ନିଃସ୍ୱାର୍ଥପର ଜନସେବକ ଥିଲେ ଅନ୍ନଦା ରାୟ’



ସାରସ୍ୱତ ସାଧକ ଅନ୍ନଦା ପ୍ରସାଦ ରାୟଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

କଟକ ଅଫିସ,୧୫।୬

ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ସାରସ୍ୱତ ସାଧକ, ରାଜନେତା ଓ ସାମାଜିକ କର୍ମୀ ଅନ୍ନଦା ପ୍ରସାଦ ରାୟଙ୍କ ସ୍ମୃତିସଭା କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ଏ.ଏସ୍. ନାଇଡୁ ଉଦ୍‌ଘାଟନ କରି ରାୟ ଜଣେ ଦରଦୀ ମଣିଷ ତଥା ନିଃସ୍ୱାର୍ଥପର ଜନସେବକ ଥିଲେ ବୋଲି କହିଥିଲେ। ସଂସଦର ସଭାପତି ଡ. ସତ୍ୟ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରାୟ ଜଣେ ଭଲ ମଣିଷ ତଥା ସତ୍ୟର ଉପାସକ ଥିଲେ। ଏଥିରେ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ମୁଖ୍ୟବକ୍ତା ଓ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କୁ ଅନ୍ନଦା ପ୍ରସାଦ ରାୟ ସାରସ୍ୱତ ସମ୍ମାନ ଓ ଡ. ନିମାଇଁ ଚରଣ ପରିଜାଙ୍କୁ ଡାକ୍ତର ଭକ୍ତିଲତା ରାୟ ସ୍ୱାସ୍ଥ୍ୟସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସଭାରେ ନୀଳଚକ୍ର ଅନୁଷ୍ଠାନର ସଭାନେତ୍ରୀ ନମିତା ପଣ୍ଡା, ଡ. ହୁସେନ ରବିଗାନ୍ଧୀ, ଆଇନଜୀବୀ ଶଶିଭୂଷଣ ଦାସ, ଇଂ. କୃଷ୍ଣ କୁମାର ଦାସବର୍ମା, ଚୌଧୁରୀ ଶରତ ଦାଶ, ଡ. ହେମେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗଦେଇ ରାୟଙ୍କ ସ୍ମୃତିଚାରଣ କରିଥିଲେ। ଅଧ୍ୟାପିକା ମୀରା ବେଉରା ମାନପତ୍ର ପାଠ, ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ସ୍ୱାଗତ ଭାଷଣ ଓ ଭୁବନାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ‘ଆଧୁନିକ ଓଡ଼ିଆ କଥା ସାହିତ୍ୟର ପ୍ରତିଷ୍ଠାତା ଫକୀରମୋହନ’

କଟକ ଅଫିସ, ୧୫।୬

କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବ୍ୟାସକବି ଫକୀରମୋହନ ଆଧୁନିକ ଓଡ଼ିଆ କଥା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା। ଶିକ୍ଷାବିତ୍ ଚୌଧୁରୀ ଶରତ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଚିତ୍ରାନନ୍ଦ ମିଶ୍ର ସମ୍ମାନୀତ ଅତିଥି ଓ ତ୍ରିଲୋଚନ ମହାକୁଡ଼ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମାଧବ ମିଶ୍ର, ଭୁବନାନନ୍ଦ ମହାନ୍ତି, ଗୋପାଳ ଚନ୍ଦ୍ର ମିଶ୍ର, ମୁକେଶ ସୋନୀ, ଅଶ୍ୱିନୀ କୁମାର ସେଠୀ, ଅରୁଣା ସାମନ୍ତରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।




କଟକ ତେଲେଙ୍ଗା ବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧ ଉତ୍ସବରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

## ଗାଁରେ ବଞ୍ଚିରହିଛି ଓଡ଼ିଶା ସଂସ୍କୃତି

ନିଶ୍ଚିନ୍ତକୋଇଲି/ନିଆଳି/ଚୌଦ୍ୱାର, ୧୫।୬(ସ୍ୱ.ପ୍ର./ଡି.ଏନ୍.ଏ.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ପୁରପଲ୍ଲୀରେ ରଜ ମହୋତ୍ସବ ଅନୁଷ୍ଠିତ ହେଉଛି। ଗାଁ ଗାଁରେ ପାରମ୍ପରିକ ନୃତ୍ୟଗୀତ ସାଙ୍ଗକୁ କବାଡି, ଲୁଡୁ ଓ ତାସଖେଳର ନଜିର ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳର ନଦୀପଠା, ଆମ୍ବତୋଟାରେ ପାରମ୍ପରିକ ଦୋଳି ଦେଖିବାକୁ ମିଳିଛି। ମହିଳା ଓ କୁମାରୀମାନେ ଦଳ ଦଳ ହୋଇ ଗାଁ ବୁଲି ଦୋଳି ଖେଳିବା ସହ ପାରମ୍ପରିକ ପିଠା ଓ ରଜପାନ ଖାଇ ମଜା ନେଉଛନ୍ତି। ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ଓ ରଜ ରାଜକୁମାରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବୁଧବାର ରଜ ସଂକ୍ରାନ୍ତିରେ ବ୍ଲକର ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ, ହରଚଣ୍ଡୀ ପୀଠ, ସିଦ୍ଧଦେବୀ ପୀଠ, ରଘୁନାଥ ମନ୍ଦିର ଆଦିରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସରପଡା ପଞ୍ଚାୟତ ସାଧୁପୁର ଗାଁରେ ପାରମ୍ପରିକ ସିଡୀ ଦୋଳି, ଚରକି ଦୋଳି, ପଟାଦୋଳିର ବ୍ୟବସ୍ଥା କରାଯାଇଛି। ସେହିପରି ଭାବେ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗାଁର ଭଗବତୀ ନିକଟରେ ରଜ ମହୋତ୍ସବ ଓ ରାଜକୁମାରୀ ପ୍ରତିଯୋଗିତା କରାଯାଇଛି।



ନିଶ୍ଚିତକୋଇଲିରେ ଅନୁଷ୍ଠିତ ରଜ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ରଜ ମହୋତ୍ସବ
■ପୁରାତନ ଦୋଳି ସାଙ୍ଗକୁ ଖିଲିପାନ, ପୋଡ଼ପିଠା

ବିଭିନ୍ନ ନୃତ୍ୟ ଗୀତକୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ସେହିପରି ନିଶ୍ଚିନ୍ତକୋଇଲି ପଞ୍ଚାୟତ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ରଜ ମହୋତ୍ସବ ୨୦୨୨ ପାଳିତ ହୋଇଯାଇଛି। ଦୌଡି ଡିଆଁ, ପୁଚି, ହୁଳହୁଳି, ଝୋଟି, ମ୍ୟୁଜିକ୍ ଚେୟାର ଓ ନୃତ୍ୟଗୀତ ପ୍ରତିଯୋଗିତା କରାଯାଇଛି। ଏଥିସହ ଦାଉଦପୁର, ଝାଡେଶ୍ୱରପୁର, ବୁହାଳରେ ମଧ ରଜ ମହୋତ୍ସବ ଅନୁଷ୍ଠିତ ହେଉଛି।

ରଜ ପର୍ବ ଅବସରରେ ନିଆଳି ବ୍ଲକ ଜଲାରପୁର ପଞ୍ଚାୟତରେ ରଜ ଦୋଳି, କବାଡି, ପୁଚି, ଝୋଟି, ମେହେନ୍ଦି ଓ ତାସ୍ ଖେଳ ଆୟୋଜନ କରାଯାଇଥିଲା। ଏଥିରେ ଶତାଧିକ କୁଆଁରୀ, ଯୁବକ, ବୃଦ୍ଧାବୃଦ୍ଧ ସାମିଲ ହୋଇଥିଲେ। ଏହି ଉତ୍ସବରେ ପୂର୍ବତନ ସରପଞ୍ଚ ସର୍ବେଶ୍ୱର ରାଉତ, ସରପଞ୍ଚ ମଞ୍ଜୁଲତା ପଣ୍ଡା, ସମିତି ସଭ୍ୟ ପବିତ୍ର ସେଠ୍, ଶିକ୍ଷାବିତ୍ କୈଳାସ ସୁର, ସାମାଜିକ କର୍ମୀ ସୀମା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ନିଆଳି ପଞ୍ଚାୟତ କାର୍ଯ୍ୟାଳୟରେ ପାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ବବିତାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନିଆଳି ବ୍ଲକ ଅଧକ୍ଷ ଉମେଶ ବେହେରା, ଆତ୍ମାର ଅଧକ୍ଷ ଆଦିତ୍ୟ ପାଣି, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂହ, ଜିଲାପରିଷଦ ସଦସ୍ୟ ଦେବାଶିଷ ଷଡଙ୍ଗୀ, ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ନିଆଳି ପାନ ବିଷୟରେ ଆଲୋଚନା କରିଥିଲେ। ସେହିପରି ଚୌଦ୍ୱାର ଅଞ୍ଚଳରେ ମଧ ରଜପର୍ବ ପାଳନ ହୋଇଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ପିଠା ତିଆରି, ପୁଚି ଖେଳ, ପିଠା ଖିଆ ଭଳି ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା।

## ପେଟ୍ରୋଲ୍-ଡିଜେଲ୍ ବିକ୍ରିରେ ବୃଦ୍ଧି

ନୂଆଦିଲ୍ଲୀ: ଜୁନ୍ ମାସ ପ୍ରଥମ ଦୁଇ ସପ୍ତାହରେ ପେଟ୍ରୋଲ୍-ଡିଜେଲ୍ ବିକ୍ରିରେ ସୁଧାର ଦେଖିବାକୁ ମିଳିଛି। ଜୁନ୍ ମାସର ପ୍ରଥମ ୧୫ ଦିନରେ ପେଟ୍ରୋଲ୍ ବିକ୍ରି ୫୪% ବୃଦ୍ଧି ପାଇଛି। ସେହିପରି ଡିଜେଲ୍ ବିକ୍ରିରେ ମଧ୍ୟ ୪୮% ବୃଦ୍ଧି ଦେଖିବାକୁ ମିଳିଛି। ଏହି ସମୟ ମଧ୍ୟରେ ସାର୍ବଜନିକ କ୍ଷେତ୍ରର ପେଟ୍ରୋଲ୍ କମ୍ପାନୀଗୁଡ଼ିକରେ ୧୨.୮ ଲକ୍ଷ ଟନ୍ ପେଟ୍ରୋଲ୍ ଏବଂ ୩୪ ଲକ୍ଷ ଟନ୍ ଡିଜେଲ୍ ବିକ୍ରି କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ଅର୍ଥାତ୍ ମେ'ରେ କେନ୍ଦ୍ର ସରକାର ପେଟ୍ରୋଲ୍-ଡିଜେଲ୍ ଉପରେ ଏକ୍ସାଇଜ୍ ଡ୍ୟୁଟି ହ୍ରାସ କରିଥିଲେ। ଫଳରେ ପେଟ୍ରୋଲ୍ ଦରରେ ୮ଟଙ୍କା ଏବଂ ଡିଜେଲ୍ ଦରରେ ୬ଟଙ୍କା ହ୍ରାସ ଘଟିଥିଲା। ଏହା ପରଠାରୁ ପେଟ୍ରୋଲ୍ ଏବଂ ଡିଜେଲ୍ ଚାହିଦାରେ ବୃଦ୍ଧି ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### କମୁଛି ଭାରତୀୟ ମୁଦ୍ରା ମୂଲ୍ୟ

ନୂଆଦିଲ୍ଲୀ,୧୫।୬: ଗତ କିଛି ମାସ ହେବ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଏପରିକି ବୁଧବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ନିମ୍ନ ସ୍ତରରେ ପହଞ୍ଚିଛି। ଫେଡେରାଲ୍ ବ୍ୟାଙ୍କ୍ ଦ୍ୱାରା ଦରଗୁଡ଼ିକରେ ବୃଦ୍ଧି ଆଶଙ୍କା ଦ୍ୱାରା ଡଲାର ଦୃଢ଼ ସ୍ଥିତିରେ ପହଞ୍ଚିଥିବା ବେଳେ ଭାରତୀୟ ମୁଦ୍ରା ନିମ୍ନ ସ୍ଥିତିରେ ବନ୍ଦ ହୋଇଛି। ଦିନରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୧୩ ପଇସା ହ୍ରାସ ଘଟି ୭୮.୧୭ର ସର୍ବକାଳୀନ ନିମ୍ନ ସ୍ତରରେ ବନ୍ଦ ହୋଇଛି। ବିଦେଶୀ ବଜାରରେ ନକାରାତ୍ମକ ସଙ୍କେତ ସହ ବିଦେଶୀ ନିବେଶକଙ୍କର ବଜାରରେ କ୍ଷତି ଏବଂ ଘରୋଇ ଶେୟାର ବଜାରରେ ଚାପ କାରଣରୁ ନିବେଶକଙ୍କ ମଧ୍ୟରେ ବ୍ୟବସାୟିକ ମନୋଭାବ ଖରାପ ହୋଇଥିଲା। ଭାରତୀୟ ମୁଦ୍ରା ବୁଧବାର ୭୭.୯୯ ସ୍ତରରେ ଖୋଲିଥିବା ବେଳେ କାରବାର ଶେଷ ସୁଦ୍ଧା ପୂର୍ବ ଦିନର ୭୮.୦୪ ବନ୍ଦ ତୁଳନାରେ ୧୩ ପଇସା ହ୍ରାସ ଘଟି ୭୮.୧୭ର ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଥିଲା।

### ଏଲ୍ଆଇସି ଶେୟାରରେ ୫% ବୃଦ୍ଧି

ନୂଆଦିଲ୍ଲୀ,୧୫।୬: ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍ଇ)ରେ ତାଲିକାଭୁକ୍ତ ହେବା ପରଠାରୁ ଲଗାତର ହ୍ରାସର ସାମ୍ନା କରୁଥିବା ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ଶେୟାରରେ ବୁଧବାର ୫% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ ବହୁଦିନ ପରେ ଏହାର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି କାରବାର ସମୟରେ ଏଲ୍ଆଇସି ଶେୟାରରେ ୫% ବୃଦ୍ଧି ଘଟି ୭୦୯.୭୦ ଟଙ୍କାରେ ପହଞ୍ଚିଥିବା ବେଳେ ଏହି ବୃଦ୍ଧି ସ୍ଥିର ହୋଇପାରି ନ ଥିଲା। ଫଳସ୍ୱରୂପ କାରବାର ଶେଷ ବେଳକୁ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍(ଏନ୍ଏସ୍ଇ)ରେ ୨.୧୧% ବୃଦ୍ଧି ସହ ଏଲ୍ଆଇସିର ଶେୟାର ୬୮୮.୫୫ ଟଙ୍କାରେ ବନ୍ଦ ହୋଇଥିଲା। ଏହା ପୂର୍ବରୁ ମଙ୍ଗଳବାର ଏଲ୍ଆଇସି ଶେୟାରରେ ଲଗାତର ୧୦ ଦିନ ଧରି ଚାଲିଥିବା ହ୍ରାସ ଥମି ୧% ବୃଦ୍ଧି ସହ ବନ୍ଦ ହୋଇଥିଲା।

### ଏଲ୍ପିଜି ସଂଯୋଗ ଦର ବୃଦ୍ଧି

ନୂଆଦିଲ୍ଲୀ,୧୫।୬: ଦେଶର ପ୍ରମୁଖ ତୈଳ ବିତରଣ କମ୍ପାନୀଗୁଡ଼ିକ ବୁଧବାର ଘରୋଇ ଗ୍ୟାସ୍ର ନୂତନ ସଂଯୋଗ ଗ୍ରହଣ ସମ୍ପର୍କିତ ଦରବୃଦ୍ଧି କରିଛନ୍ତି। ଏହା ଫଳରେ ୧୪.୨ କିଲୋଗ୍ରାମ୍ ଓଜନର ଘରୋଇ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍(ଏଲ୍ପିଜି) ସିଲିଣ୍ଡରର ନୂତନ ସଂଯୋଗ କଲେ ୨୨୦୦ ଟଙ୍କା ଖର୍ଚ୍ଚ କରିବାକୁ ହେବ। ପୂର୍ବରୁ ଏଲ୍ପିଜି ସଂଯୋଗୀକରଣ ପାଇଁ ୧୪୫୦ଟଙ୍କା ଦେବାକୁ ପଡୁଥିଲା। ଦରବୃଦ୍ଧି ଫଳରେ ଗ୍ରାହକଙ୍କୁ ଅଧିକ ୭୫୦ଟଙ୍କା ଦେବାକୁ ହେବ। ବର୍ତ୍ତମାନ ନୂଆ କନେକ୍ସନରେ ଲାଗିବାକୁ ଥିବା ରେଗୁଲେଟର ପାଇଁ ଗ୍ରାହକଙ୍କୁ ୧୫୦ ଟଙ୍କା ସ୍ଥାନରେ ୨୫୦ ଟଙ୍କା ଦେବାକୁ ହେବ। ଇଣ୍ଡିଆନ୍ ଅଏଲ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଅନୁସାରେ ୫ କି.ଗ୍ରା. ସିଲିଣ୍ଡରର ସିକ୍ୟୁରିଟି ପାଇଁ ୮୦୦ ଟଙ୍କା ସ୍ଥାନରେ ୧୧୫୦ ଟଙ୍କା ଦେବାକୁ ହେବ। ଏହି ବର୍ଦ୍ଧିତ ଦର ଜୁନ୍ ୧୬ଠାରୁ ଲାଗୁ ହେବବୋଲି ସୂଚନା ମିଳିଛି।

### ଅଭିବୃଦ୍ଧି ହେବ ଜିଡିପି ହାର

ନୂଆଦିଲ୍ଲୀ,୧୫।୬: ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ସମଗ୍ର ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ଯଦି ୭% ରୁ ୭.୫% ରହିବ, ତାହା ସନ୍ତୋଷଜନକ ବୋଲି ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟ କହିଛନ୍ତି। ଦେଶର ଜିଡିପି ଅଭିବୃଦ୍ଧି ଆକଳନ ଆଧାରରେ ଦେବରାୟ ବିଭିନ୍ନ ଏଜେନ୍ସିକୁ ଏହି ସୂଚନା ଦେଇଛନ୍ତି। ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, କରୋନା ମହାମାରୀ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସତ୍ତ୍ୱେ ଭାରତର ଜିଡିପି ଅଭିବୃଦ୍ଧି ଉତ୍ତମ ରହିଛି। ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ବିଶ୍ୱ ବ୍ୟାଙ୍କ୍ ପକ୍ଷରୁ ଭାରତର ଆର୍ଥିକ ଅଭିବୃଦ୍ଧି ଆକଳନ ୮.୫%ରୁ ୭.୫%କୁ ହ୍ରାସ କରିବା ପରେ ଦେବରାୟ ଏହି ବୟାନ ଦେଇଛନ୍ତି। ଗତ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ସମ୍ପର୍କରେ କୌଣସି ସରକାରୀ ତଥ୍ୟ ପ୍ରକାଶ କରାଯାଇନାହିଁ। ତେବେ ସରକାରୀ ଏଜେନ୍ସିଗୁଡ଼ିକର ଆକଳନ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ୮.୭% ରହିବ। କୋଭିଡ୍ ମହାମାରୀ କାରଣରୁ ଆର୍ଥିକ ବର୍ଷ ୨୦୨୦-୨୧ରେ ଦେଶର ଆର୍ଥିକ ଅଭିବୃଦ୍ଧି ୬.୬% ରହିଥିଲା।

# ବ୍ୟବସାୟିକ ରପ୍ତାନିରେ ଅଭିବୃଦ୍ଧି

- ଇଞ୍ଜିନିୟରିଂ, ପେଟ୍ରୋଲିୟମ୍,କେମିକାଲ ପଦାର୍ଥର ରପ୍ତାନିରେ ଆଖିଦୃଶିଆ ସଫଳତା
- ବ୍ୟବସାୟିକ ନିଅଣ୍ଟ ୨୪.୨୯ ବିଲିୟନ ଡଲାରକୁ ବୃଦ୍ଧି



ନୂଆଦିଲ୍ଲୀ,୧୫।୬: ଭାରତର ବ୍ୟବସାୟିକ ରପ୍ତାନି ଚଳିତ ବର୍ଷ ମେ' ମାସରେ ୨୦.୫୫% ବୃଦ୍ଧି ଘଟି ୩୮.୯୪ ବିଲିୟନ ଡଲାରରେ ପହଞ୍ଚିଛି। ତେବେ ବ୍ୟବସାୟିକ ନିଅଣ୍ଟରେ ମଧ୍ୟ ବୃଦ୍ଧି ଘଟି ୨୪.୨୯ ବିଲିୟନ ଡଲାର ହୋଇଛି। ବୁଧବାର ଜାରି ହୋଇଥିବା ସରକାରୀ ତଥ୍ୟରୁ ଏନେଇ ସୂଚନା ମିଳିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ମେ ମାସରେ ଦେଶର ସର୍ବମୋଟ୍ ରପ୍ତାନିରେ ପ୍ରାୟ ୨୫% ବୃଦ୍ଧି ଘଟି ୭୮.୭୨ ବିଲିୟନ ଆମେରିକୀୟ ଡଲାର ସ୍ତରରେ ପହଞ୍ଚିଛି। ଅନ୍ୟପଟେ ଏପ୍ରିଲ-ମେ ଅବଧିରେ ଆମଦାନୀ ୪୫.୪୨% ବୃଦ୍ଧି ଘଟି ୧୨୩.୪୧ ବିଲିୟନ ଡଲାର ହୋଇଛି। ଚଳିତ ଆର୍ଥିକ ବର୍ଷ ଆରମ୍ଭର ୨ମାସ ଅବଧିରେ ବ୍ୟବସାୟିକ ନିଅଣ୍ଟ ବୃଦ୍ଧି ଘଟି ୪୪.୬୯ ବିଲିୟନ ଡଲାର ହୋଇଯାଇଛି। ପୂର୍ବ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ର ଉକ୍ତ ଅବଧି ମଧ୍ୟରେ ବ୍ୟବସାୟିକ ନିଅଣ୍ଟ ହାର ୨୧.୮୨ ବିଲିୟନ ଡଲାର ସ୍ତରରେ ରହିଥିଲା। ଏହି ଅବଧିରେ ଇଞ୍ଜିନିୟରିଂ ସାମଗ୍ରୀର ରପ୍ତାନି ୧୨.୬୫% ବୃଦ୍ଧି ଘଟି ୯.୭ ବିଲିୟନ ଡଲାର ରହିଥିବା ବେଳେ ପେଟ୍ରୋଲିୟମ ପଦାର୍ଥର ରପ୍ତାନିରେ ୬୦.୮୭% ବୃଦ୍ଧି ଘଟି ୮.୫୪ ବିଲିୟନ ଡଲାର ସ୍ତରରେ ପହଞ୍ଚିଛି। ଜେମ୍ସ ଆଣ୍ଡ୍ ଜୁଏଲେରି ରପ୍ତାନି ଚଳିତ ବର୍ଷ ମେ' ମାସରେ ୩.୨୨ ବିଲିୟନ ଡଲାର ରହିଛି। ସେହିପରି କେମିକାଲ ରପ୍ତାନିରେ ୧୭.୩୫% ବୃଦ୍ଧି ଘଟି ୨.୫ ବିଲିୟନ ଡଲାର ସ୍ତରରେ ପହଞ୍ଚିଛି। ଏହିଭଳି ଭାବରେ ଫାର୍ମା ଏବଂ ଟେକ୍ସଟାଇଲ୍ ଗାର୍ମେଣ୍ଟ ରପ୍ତାନିରେ ମଧ୍ୟ ବୃଦ୍ଧି ରେକର୍ଡ କରାଯାଇଛି। ତେବେ ଆଇରନ୍, କାଜୁ, ହସ୍ତଶିଳ୍ପ, ପ୍ଲାଷ୍ଟିକ୍ ଏବଂ ମସଲା ରପ୍ତାନି କ୍ଷେତ୍ରରେ ହ୍ରାସ ଘଟିଛି। ଗତ ମେ' ମାସରେ ପେଟ୍ରୋଲିୟମ ଏବଂ ଅଶୋଧିତ ତୈଳ ଆମଦାନୀ ୧୦୨.୭୨% ବୃଦ୍ଧି ଘଟି ୧୯.୨ ବିଲିୟନ ଡଲାର ହୋଇଯାଇଥିବା ବେଳେ କୋଇଲା, କୋକ୍ ଏବଂ ବ୍ରିକେଟ୍ସ ଆମଦାନୀରେ ବୃଦ୍ଧି ଘଟି ୫.୫ ବିଲିୟନ ଡଲାର ହୋଇଯାଇଛି। ପୂର୍ବ ବର୍ଷ ଅର୍ଥାତ୍ ୨୦୨୧ରେ ଏହା ୨ ବିଲିୟନ ଡଲାର ସ୍ତରରେ ଥିଲା। ସେହିପରି ସୁନା ଆମଦାନୀରେ ମଧ୍ୟ ବୃଦ୍ଧି ଘଟି ୬ ବିଲିୟନ ଡଲାର ସ୍ତରରେ ପହଞ୍ଚିଛି। ୨୦୨୧ ମେ' ମାସରେ ଏହା ୬୭.୭ କୋଟି ଡଲାର ରହିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଅରୁନ୍ଧତୀ ଜୁଏଲର୍ସରେ ମେଗା ଏକ୍ସଚେଞ୍ଜ ଅଫର

### ରଜ ପରୀ ସିଜନ-୪ ସମ୍ପର୍କରେ ଘୋଷଣା




ଭୁବନେଶ୍ୱର, ୧୫।୬: ରାଜ୍ୟର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ 'ଅରୁନ୍ଧତୀ ଜୁଏଲର୍ସ' ପକ୍ଷରୁ ରଜ ମହୋତ୍ସବ ସହ ସୋସିଆଲ ମିଡିଆ ମାଧ୍ୟମରେ 'ରଜ ପରୀ ସିଜନ୍-୪' ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅରୁନ୍ଧତୀ ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୧୫ରୁ ୩୦ବର୍ଷର ଝିଅମାନେ ଅଂଶ ଗ୍ରହଣ କରିପାରିବେ। ବିଶେଷକରି ପ୍ରତିଯୋଗୀମାନେ ଅରୁନ୍ଧତୀ ଜ୍ୱେଲର୍ସର ଅଫିସିଆଲ ଫେସବୁକ୍ ପେଜକୁ ଯାଇ ନିଜର ନାମ ପଞ୍ଜିକରଣ ସହ ନିଜର ପ୍ରତିଭା ଦେଖାଇ ଅରୁନ୍ଧତୀ ଜୁଏଲର୍ସ 'ରଜପରୀ ସିଜନ୍-୪'ର ବିଜୟିନୀ ହେବାର ସୌଭାଗ୍ୟ ଅର୍ଜନ କରିପାରିବେ। ସେହିଭଳି ଚଳିତ ରଜ ପର୍ବରେ ଗ୍ରାହକମାନଙ୍କ ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏକ ମେଗା ଏକ୍ସଚେଞ୍ଜ ଅଫର ମଧ୍ୟ ଗ୍ରାହକଙ୍କୁ ଦିଆଯାଉଛି। ଗ୍ରାହକମାନଙ୍କୁ ଉଭୟ ନୂଆ ଏବଂ ପୁରୁଣା ସୁନାରେ ଉକ୍ତ ଅଫର ଯଥା ପୁରୁଣା ସୁନାର ବଦଳ ମୂଲ୍ୟ ଉପରେ ୧.୫% ପର୍ଯ୍ୟନ୍ତ ଅଧିକ ମୂଲ୍ୟ ସହ ନୂତନ ସୁନା ଗହଣାର ଗଢ଼ାମଜୁରି ଉପରେ ୨୦୦୦ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ସେହିପରି ହୀରା ଗହଣାର କ୍ରୟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଓ ରୁପାର ଗଢ଼ାମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇପରିବେ । ଏହି ଅଫରଟି ଅରୁନ୍ଧତୀ ଜୁଏଲର୍ସର ସମସ୍ତ ଶାଖାରେ ଉପଲବ୍ଧ ରହିବ। ଅପରପକ୍ଷରେ ଦେଶ ବିଦେଶରୁ ବଛାବଛା ୧୦,୦୦୦ରୁ ଅଧିକ ସୁନ୍ଦର କାରୁକାର୍ଯ୍ୟ ଭରା ଅଳଙ୍କାର ସହ ଉଭୟ ନୂତନ ଏବଂ ପୁରୁଣା ସୁନା ଉପରେ ଅଫରର ସମ୍ପୂର୍ଣ୍ଣ ଲାଭ ନେବା ପାଇଁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ସାଦର ନିମନ୍ତ୍ରଣ କରାଯାଇଛି।

## ଆଠଗଡ଼ରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଶୋ'ରୁମ୍



ଭୁବନେଶ୍ୱର,୧୫।୬: ବହୁ ପ୍ରତୀକ୍ଷିତ ତଥା ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ନୂତନ ଫାଗ୍‌ଶିପ୍ ଶୋ'ରୁମ୍ ବର୍ତ୍ତମାନ ଆଠଗଡ଼(ଚାନ୍ଦବାଲି ଛକ)ରେ ଶୁଭାରମ୍ଭ ହୋଇଯାଇଛି। ଏପରିକି କଟକ ଆଠଗଡ଼ ସହରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ୨୬ତମ ଏକ୍ସକ୍ଲୁସିଭ ଶୋ'ରୁମ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ପରିଚାଳନା ନିର୍ଦ୍ଦେଶକ ରାଜେଶ କୁମାର ଗୁପ୍ତା ଏବଂ ଶ୍ରୀମତୀ ସନ୍ତୋଷ ଗୁପ୍ତା ଏହାର ଉଦ୍‌ଘାଟନ କରିଥିଲେ। ୨ମହଲା ବିଶିଷ୍ଟ ୭୦୦୦ ବର୍ଗଫୁଟର ବିଶାଳ ଶୋ'ରୁମ୍ ପରିସରରେ ରହିଛି ଏହି ଆକର୍ଷଣୀୟ ଏବଂ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ, ଆଇଟି ଏବଂ ଗୃହୋପକରଣ ସାମଗ୍ରୀର ଏକ ବିଶାଳ ଡିସ୍‌ପ୍ଲେ। ବିଶେଷକରି ଆଠଗଡ଼ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନଙ୍କ ଆଗ୍ରହ ଏବଂ ଇଚ୍ଛାକୁ ସମ୍ମାନ ଜଣାଇ ଉକ୍ତ ଶୋ'ରୁମ୍‌ର ଉଦ୍‌ଘାଟନ କରାଯାଇଛି ବୋଲି କହିଛନ୍ତି ଏହାର ପରିଚାଳନା ନିର୍ଦ୍ଦେଶକ ରାଜେଶ କୁମାର ଗୁପ୍ତା। ସେହିଭଳି ଆଠଗଡ଼ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନଙ୍କ ପାଇଁ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏହି ଷ୍ଟୋର ଆବଶ୍ୟକତା ପୂରଣ କରିବା ସାଙ୍ଗକୁ ଗ୍ରାହକଙ୍କ ଚାହିଦା ମଧ୍ୟ ମେଣ୍ଟାଇବ। ଅପରପକ୍ଷରେ ଡିଜିଟାଲ ପ୍ରୋସେସିଂ ମାଧ୍ୟମରେ ପେପରଲସ୍ ଫାଇନାନ୍ସ, ଇଏମ୍ଆଇ କାର୍ଡ ଇତ୍ୟାଦି ଅତି କମ୍ ସମୟରେ ହେଉଥିବାରୁ ଗ୍ରାହକମାନେ ସହଜ ଫାଇନାନ୍ସିଂରେ ପ୍ରଡକ୍ଟ କିଣିପାରିବେ। ଏହା ସହିତ ଗୋଟିଏ ପ୍ରଡକ୍ଟ କିଣିଲେ ଗ୍ରାହକ ୫ଟି ଆକର୍ଷଣୀୟ ଉପହାର ସହ ପ୍ରଥମ ୧୦୦ ଭାଗ୍ୟଶାଳୀ ଗ୍ରାହକଙ୍କ ପାଇଁ ଲକି ଡ୍ରର ଯୋଜନା ମଧ୍ୟ କରାଯାଇଛି।

## ଭାରତରେ ୨୦୫ରୁ ଉର୍ଦ୍ଧ୍ୱ ଗ୍ରାହକ ଟଚ୍ ପଏଣ୍ଟ

ନୂଆଦିଲ୍ଲୀ,୧୫।୬: ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ସ୍କୋଡା ଅଟୋ ଇଣ୍ଡିଆ'ର ଗ୍ରାହକ ଟଚ୍ ପଏଣ୍ଟ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟରେ କମ୍ପାନୀର ନୂଆ କୋଡିଆକ୍, ସ୍ଲାଭିଆ ଓ କୁସାକ୍ ମଣ୍ଟେକାର୍ଲୋ ଭଳି କାର୍‌ଗୁଡ଼ିକର ଚାହିଦା ମଧ୍ୟ ବୃଦ୍ଧି ପାଇଛି। ଫଳରେ କମ୍ପାନୀର ଇଣ୍ଡିଆ ୨.୦ର କାର୍ଯ୍ୟକ୍ରମ ଜରିଆରେ ବିକ୍ରି ପରବର୍ତ୍ତୀ ସେବାକୁ ଗୁରୁତ୍ୱ ଦେଉଛି। ଏପରିକି ଗୋଟିଏ ପର୍ଯ୍ୟାୟରେ ଉତ୍ପାଦ ପ୍ରସ୍ତୁତ କରାଯାଇଥିବା ବେଳେ ଅନ୍ୟ ପର୍ଯ୍ୟାୟରେ ଉନ୍ନତ ଗ୍ରାହକ ସନ୍ତୁଷ୍ଟି ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଉଛି। ବର୍ତ୍ତମାନ ଦେଶର ସମସ୍ତ ୪ଟି କ୍ଷେତ୍ର ଓ ୧୨୩ ସହରରେ କମ୍ପାନୀ ୨୦୫ରୁ ଉର୍ଦ୍ଧ୍ୱ ଗ୍ରାହକ ଟଚ୍ ପଏଣ୍ଟ ଅତିକ୍ରମ କରିଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଜାକ୍ ହୋଲିସ୍ କହିଛନ୍ତି, ଯେତେବେଳେ କି ଉତ୍ପାଦଗୁଡ଼ିକ ହେଉଛନ୍ତି ଆମର ହିରୋ, ଇଣ୍ଡିଆ ୨.୦ ସମସ୍ତ କ୍ଷେତ୍ରରେ ଆମର ଗ୍ରାହକଙ୍କ ନିକଟତର ହୋଇପାରିଛି। ଦ୍ରୁତଭାବେ ଗ୍ରାହକ ଟଚ୍ ପଏଣ୍ଟକୁ ବୃଦ୍ଧିକରି ଓ ନେଟ୍‌ୱର୍କକୁ ସମ୍ପ୍ରସାରିତ କରି ଭାରତରେ ସ୍କୋଡା ବ୍ରାଣ୍ଡର ସର୍ବବୃହତ୍ ଉପସ୍ଥିତି ରହିଛି। ଆମେ କେବଳ ପରିମାଣକୁ ସମ୍ପ୍ରସାରିତ କରିନାହୁଁ, କିନ୍ତୁ ଆମର ବୈପ୍ଳବିକ ଡିଜିଟାଇଜ୍‌ଡ ଶୋ'ରୁମ ମାଧ୍ୟମରେ ଗୁଣମାନ ଉପରେ ଧ୍ୟାନ ପ୍ରଦାନ କରିଛୁ। ୨୦୨୧ର ଶେଷ ସୁଦ୍ଧା ସ୍କୋଡା ଅଟୋ ଇଣ୍ଡିଆର ୧୭୫ ଟଚ୍ ପଏଣ୍ଟ ୧୧୭ ସହରରେ ରହିଥିଲା ହେଲେ ୨୦୨୨ ଶେଷ ସୁଦ୍ଧା ୨୫୦ ଟଚ୍ ପଏଣ୍ଟରେ ପହଞ୍ଚିବାର ଲକ୍ଷ୍ୟ ରଖିଛି। ସ୍କୋଡା ଅଟୋ ଇଣ୍ଡିଆ ଭାରତର ପ୍ରତି ଜୋନ୍‌ରେ ୧୦ରୁ ଅଧିକ ଗ୍ରାହକ ଟଚ୍ ପଏଣ୍ଟ ସହ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜାରି ରଖିବ। ଏହି ସମ୍ପ୍ରସାରଣ ସହ ସ୍କୋଡାର ପ୍ରମୁଖ ଲକ୍ଷ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ ବଜାର ମଧ୍ୟରେ ପ୍ରବେଶ କରିବା, ଯେଉଁଠିରେ ଉଭୟ ମେଟ୍ରୋ ଓ ଅଣ ମେଟ୍ରୋ ସହର ଉପଲବ୍ଧ ରହିଛି।

## 'ଲାଇଫଷ୍ଟାଇଲ୍ ମିସ୍ ରଜ-୨୨'




ଭୁବନେଶ୍ୱର,୧୫।୬: ଦେଶର ପ୍ରମୁଖ ଫ୍ୟାଶନ ସ୍ଥଳ 'ଲାଇଫ୍ ଷ୍ଟାଇଲ୍' ପକ୍ଷରୁ ଲାଇଫଷ୍ଟାଇଲ୍ ମିସ୍ ରଜ-୨୦୨୨ର ଉଦ୍‌ଯାପନୀ କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ଏସ୍‌ପ୍ଲାନେଡ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷୀରେ ମଲ୍ ପରିସରରେ ଥିବା 'ଲାଇଫଷ୍ଟାଇଲ୍ ଷ୍ଟୋର ପକ୍ଷରୁ ୩ଦିନିଆ ରଜ ପର୍ବ ସହ ନାରୀତ୍ୱର ଭାବକୁ ପାଳନ କରିବା ପାଇଁ ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ସେହିଭଳି ଯେଉଁମାନଙ୍କୁ ଲାଇଫଷ୍ଟାଇଲ୍‌ର ନୂତନ ଟ୍ରେଣ୍ଡ ପିନ୍ଧିବା ସହ ନିଜର ରୂପଚର୍ଯ୍ୟା କରିବାକୁ ଆମନ୍ତ୍ରଣ କରାଯାଇଥିଲା। ପ୍ରି-ଫାଇନାଲିଷ୍ଟମାନେ ସେମାନଙ୍କ ସେହି ଫଟୋକୁ ଭୋଟିଂ ପର୍ଯ୍ୟାୟ ପାଇଁ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଅପ୍‌ଲୋଡ୍ କରିଥିଲେ ଏବଂ ସର୍ବାଧିକ ଲାଇକ୍ ହାସଲ କରିଥିବା ଦେବାଙ୍ଗିନୀ ବେହେରାଙ୍କୁ ଚଳିତ ସିଜନ୍‌ର ଲାଇଫଷ୍ଟାଇଲ୍ ମିସ୍ ରଜ ୨୦୨୨ ଟାଇଟଲ୍ ପ୍ରଦାନ କରାଯାଇଥିଲା। ଶୋ'ରୁମ୍ ପକ୍ଷରୁ ଆୟୋଜିତ ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାଶ ଯୋଗଦେଇ ବିଜେତାଙ୍କୁ ଟାଇଟଲ ସହ ୫୦,୦୦୦ ଟଙ୍କା ମୂଲ୍ୟର ଲାଇଫଷ୍ଟାଇଲ୍ ଭାଉଚର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଲାଇଫଷ୍ଟାଇଲ୍‌ର ସହକାରୀ ଉପସଭାପତି, ମାର୍କେଟିଂ ରୋହିଣୀ ହଲଦିଆ କହିଛନ୍ତି, ଓଡ଼ିଶାରେ ନାରୀତ୍ୱ ଭାବକୁ ପାଳନ କରିବାର ଏକ ସ୍ୱତନ୍ତ୍ର ଅବସର ହେଉଛି ରଜ ପର୍ବ।

## ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେଉଛି ଏଏମ୍-ଏନ୍ଏସ୍

ଭୁବନେଶ୍ୱର,୧୫।୬: ଓଡ଼ିଶାରେ ଅବସ୍ଥିତ ନିଜ ପ୍ଲାଣ୍ଟରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ୯୨%ରୁ ଅଧିକ ସ୍ଥାନୀୟ ବାସିନ୍ଦା ବୋଲି ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ବର୍ତ୍ତମାନ ଏଏମ୍-ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ପ୍ଲାଣ୍ଟରେ ଉଭୟ ସ୍ଥାୟୀ ଏବଂ ଚୁକ୍ତିଭିତ୍ତିକ ଭାବେ ସମୁଦାୟ ୨,୩୭୧ କର୍ମଚାରୀ କାର୍ଯ୍ୟରତ। ପ୍ଲାଣ୍ଟର ସମସ୍ତ ଅଣକୁଶଳୀ ବା ଅର୍ଦ୍ଧକୁଶଳୀ କର୍ମଚାରୀଙ୍କ ମଧ୍ୟରୁ ୯୨% ସ୍ଥାନୀୟ ବାସିନ୍ଦା ଥିବାବେଳେ କୁଶଳୀ କର୍ମଚାରୀଙ୍କ ମଧ୍ୟରୁ ୯୮% ଏବଂ ସୁପରଭାଇଜର ବା ମ୍ୟାନେଜରିଆଲ କର୍ମଚାରୀଙ୍କ ମଧ୍ୟରୁ ୭୯% ସ୍ଥାନୀୟ ବାସିନ୍ଦା ଅଛନ୍ତି। କମ୍ପାନୀର ପ୍ଲାଣ୍ଟରେ ଅଣକୁଶଳୀ ବା ଅର୍ଦ୍ଧକୁଶଳୀ, କୁଶଳୀ, ସୁପରଭାଇଜର ବା ମ୍ୟାନେଜରିଆଲ କର୍ମଚାରୀଙ୍କ ମଧ୍ୟରୁ ଯଥାକ୍ରମେ ୯୦%, ୬୦% ଏବଂ ୩୦% ସ୍ଥାନୀୟ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ରହିଛି। କିନ୍ତୁ ଏଏମ୍-ଏନ୍ଏସ୍ ଇଣ୍ଡିଆ ଧାର୍ଯ୍ୟ ସୀମାଠାରୁ ବହୁ ଅଧିକ ସ୍ଥାନୀୟ ନିଯୁକ୍ତି ଦିଆଯାଇଛି ବୋଲି ଏଏମ୍-ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା. ଜି କହିଛନ୍ତି।

## 'କେଏଫ୍‌କନ୍‌ସିଅସ'ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୫।୬: ସ୍ଥାୟୀ ସମାଧାନ କରିବା ଏବଂ ଅଧିକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାର ଲକ୍ଷ୍ୟ ସହ କେଏଫ୍‌ସି ଇଣ୍ଡିଆ ପକ୍ଷରୁ କେଏଫ୍‌କନ୍‌ସିଅସ୍ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତରେ କ୍ୟୁଏସ୍ଆର୍ ଶିଳ୍ପ ପାଇଁ ପ୍ରଥମ ପଦକ୍ଷେପ, ପରିବେଶ ପ୍ରତି ଯତ୍ନକାରୀ ହେବା ଆବଶ୍ୟକ। ସେହିଭଳି ସ୍ଥାୟୀ ରୂପେ ବିକଶିତ ହେବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତା କ୍ଷେତ୍ରରେ ଏକ ଚିହ୍ନ ଭାବେ ବ୍ରାଣ୍ଡ ପକ୍ଷରୁ ଚେନ୍ନାଇର ଟିଏନ୍‌ନଗରଠାରେ ଏହାର ସବୁଠାରୁ ସଷ୍ଟେନେବୁଲ ରେଷ୍ଟୁରାଣ୍ଟର ଶୁଭାରମ୍ଭ କରାଯାଇଛି। ଏପରିକି ୨୦୨୨ ସୁଦ୍ଧା କମ୍ପାନୀ ଆଉ ୨୦ଟି ରେଷ୍ଟୁରାଣ୍ଟର ଶୁଭାରମ୍ଭ କରିବାକୁ ଯୋଜନା ରଖିଛି। ଏ ସମ୍ପର୍କରେ କେଏଫ୍‌ସି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସମିର ମେନନ୍ କହିଛନ୍ତି, ଆମେ ଭବିଷ୍ୟତରେ ଅଧିକ ଉଦ୍ଦେଶ୍ୟ ସହିତ ଖାଦ୍ୟ ପରଷିବା ପାଇଁ ଆଗ୍ରହୀ ରହିଛୁ ଏବଂ ଆମର ଗ୍ରାହକ, ସମୁଦାୟ ଓ ପରିବେଶ ପାଇଁ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି କରିବା ଲାଗି ପ୍ରତିବଦ୍ଧ ରହିଛୁ।

## ହାଭେଲ୍ସର ଫ୍ଲାଗ୍‌ଶିପ ଷ୍ଟୋର

ଭୁବନେଶ୍ୱର,୧୫।୬: ଦେଶର ପ୍ରମୁଖ ବିଦ୍ୟୁତ୍ ସାମଗ୍ରୀ ନିର୍ମାଣକାରୀ କମ୍ପାନୀ ହାଭେଲ୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍ଆଇଏଲ୍)ର ଆଉ ଏକ ବ୍ରାଣ୍ଡ ଷ୍ଟୋର 'ହାଭେଲ୍ସ ଗ୍ୟାଲେରି' ନିକଟରେ ସ୍ଥାନୀୟ ବଡ଼ଗଡ଼ କେନାଲ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଷ୍ଟୋର ଗୀତାଞ୍ଜଳି ଟ୍ରେଡର୍ସ ଆନୁକୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସମେତ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି)ର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍ଆଇଏଲ୍‌ର ଏଭିପି (ହାଭେଲ୍ସ ଇଣ୍ଡିଆ ଲିମିଟେଡ୍, ଭୁବନେଶ୍ୱରର ବ୍ୟବସାୟିକ ମୁଖ୍ୟ) ଦେବାଶିଷ ମିତ୍ର, ବିଏମସି କର୍ପୋରେଟର ୪୫ ନଂ. ୱାର୍ଡର ଅମରେଶ ଜେନା ଏବଂ ୪୪ ନଂ. ୱାର୍ଡର ଅଜିତ ବେହେରା,ସାଇ ଅଙ୍କିତ ନନ୍ଦ,ଗୀତାଞ୍ଜଳି ନନ୍ଦ,ସୁଧାଂଶୁ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଓଡ଼ିଶାରେ ହାଭେଲ୍ସର ଏହା ହେଉଛି ୨୭ ତମ ଏବଂ ଭୁବନେଶ୍ୱରରେ ୭ମ ବ୍ରାଣ୍ଡ ଷ୍ଟୋର।



## ମହିନ୍ଦ୍ରା ଟ୍ରାକ୍ଟର୍ସର ୬ ନୂଆ ମଡେଲ ଉନ୍ମୋଚିତ




ନୂଆଦିଲ୍ଲୀ,୧୫।୬ : ମହିନ୍ଦ୍ରା ଟ୍ରାକ୍ଟର୍ସ ପକ୍ଷରୁ ନିକଟରେ ଶୁଭାରମ୍ଭ କରାଯାଇଥିବା ୟୁଭୋ ଟେକ୍+ ବ୍ରାଣ୍ଡ ଅଧୀନରେ ୬ ନୂଆ ଟ୍ରାକ୍ଟର ମଡେଲର ଉନ୍ମୋଚନ କରାଯାଇଛି। ଫଳରେ କମ୍ପାନୀ ଗତବର୍ଷ ଉନ୍ମୋଚନ କରିଥିବା ଟ୍ରାକ୍ଟର ପ୍ଲାଟ୍‌ଫର୍ମକୁ ଅଧିକ ସୁଦୃଢ଼ କରୁଛି। ମହିନ୍ଦ୍ରା ୟୁଭୋ ଟେକ୍+ କୁ ଚେନ୍ନାଇଠାରେ ବିଶ୍ୱସ୍ତରୀୟ ମାନକ ସହ ମହିନ୍ଦ୍ରାର ରିସର୍ଚ୍ଚ ଭ୍ୟାଲି (ଏମ୍ଆର୍‌ଭି) ଠାରେ ଡିଜାଇନ ଓ ବିକଶିତ କରାଯାଇଛି। ଏପରିକି ଉକ୍ତ ନୂଆ ଟ୍ରାକ୍ଟରଗୁଡିକ ମହିନ୍ଦ୍ରା ଟ୍ରାକ୍ଟରର ନୂଆ ଏମ୍-ଜିପ୍ ୩-ସିଲିଣ୍ଡର ଓ ଇଏଲ୍ଏସ୍ ୪-ସିଲିଣ୍ଡର ଇଞ୍ଜିନ୍ ଦ୍ୱାରା ପରିଚାଳିତ ବୋଲି ସୂଚନା ମିଳିଛି। କମ୍ପାନୀର ଏହି ମଡେଲଗୁଡିକ ସର୍ବୋତ୍ତମ ଶ୍ରେଣୀର ପାୱାର, ଟର୍କ ଓ ମାଇଲେଜ୍ ପ୍ରଦାନ କରୁଛି। ୟୁଭୋ ଟେକ୍+ ରେଞ୍ଜ୍‌କୁ ବିସ୍ତାରକରି ଏହି ୬ଟି ନୂଆ ମଡେଲକୁ ୩୭-୫୦ଏଚ୍‌ପି ପାୱାର ବ୍ରାଣ୍ଡରେ ଉନ୍ମୋଚନ କରାଯାଇଛି। ଏଥିରେ ୬ଟି ପ୍ରମୁଖ ଫିଚର ଯଥା ୪-ହ୍ୱିଲ୍ ଡ୍ରାଇଭ୍, ଡୁଆଲ କ୍ଲଚ୍, ସ୍ଲିପଟୁ, ଅକ୍ସିଲିଆରି ଭାଲ୍‌ଭ ଓ ୨-ସ୍ପିଡ୍ ପିଟିଓ ସହ ଆସୁଛି ଯାହା ଏହାକୁ ୩୦ରୁ ଅଧିକ କୃଷି ପରିଚାଳନା ପାଇଁ ଉପଯୁକ୍ତ କରୁଛି। ୟୁଭୋ ଟେକ୍+ ରେଞ୍ଜ୍ ବିଭିନ୍ନ ମୃତ୍ତିକା ପ୍ରକାର ଓ କୃଷି ପ୍ରୟୋଗ ଉପରେ ଆଧାରକରି ଉନ୍ନତ ପ୍ରଦର୍ଶନ ପାଇଁ ୧୨ଏଫ୍ (ଫର୍‌ୱାର୍ଡ) + ୩ଆର୍ (ରିଭର୍ସ) ଟ୍ରାନ୍ସମିଶନ ଟେକ୍ନୋଲୋଜି, ଡୁଆଲ କ୍ଲଚ୍ ଓ ୪ଡବ୍ଲ୍ୟୁଡି, ଏକ ୩-ସ୍ପିଡ୍ ଅପ୍‌ସନ (ଏଚ୍-ଏମ୍-ଏଲ୍) ସହ ଆସୁଛି। ଏ ସମ୍ପର୍କରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ଫାର୍ମ ଇକ୍ୱିପ୍‌ମେଣ୍ଟ ସେକ୍ଟରର ଅଧ୍ୟକ୍ଷ ହେମନ୍ତ ସିକ୍କା କହିଛନ୍ତି, ୟୁଭୋ ଟେକ୍+ କମ୍ପାନୀର 'ଟେକ୍ନୋଲୋଜି ମେଁ ନମ୍ବର ୱାନ୍, ହର୍ କାମ୍ ମେଁ ନମ୍ବର ୱାନ୍' ବ୍ରାଣ୍ଡ ପ୍ରତିଶ୍ରୁତି ପ୍ରଦାନ କରିବା ସହ କୃଷିକୁ ରୂପାନ୍ତର କରିବା ଓ ଜୀବନକୁ ସମୃଦ୍ଧ କରିବା ନେଇ ମହିନ୍ଦ୍ରା ଫାର୍ମ ଇକ୍ୱିପମେଣ୍ଟ ସେକ୍ଟରର ଉଦ୍ଦେଶ୍ୟମୂଳକ ପ୍ରତିଫଳନ କରୁଛି।

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଓମନୋରମା ମିଶ୍ର (ମଣି)
ଏ.ଏଲ.୭୩, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ: ଆଷାଢ଼, କୃଷ୍ଣପକ୍ଷ ଦ୍ୱିତୀୟା, ୨୦୧୭ ମସିହା
ଆଜି ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ ପରିବାରବର୍ଗ :-
ଧ-୭୧୭



## ପାଠ ପଢ଼ାଇବେ ଅନନ୍ୟା

ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ଏବେ ପାଠ ପଢ଼ାଇବେ। ଏହାର ଅର୍ଥ ନୁହେଁ ଯେ, ସେ ଆକ୍ଟିଂକୁ ଗୁଡ୍‌ବାୟ କରି ଶିକ୍ଷକତା ଲାଇନ୍‌କୁ ଚଏସ କରିଛନ୍ତି। ଅସଲ କଥା ହେଲା ଖୁବ୍‌ଶୀଘ୍ର ସେ ବଡ଼ ପରଦାରେ ଶିକ୍ଷୟିତ୍ରୀ ଭୂମିକାରେ ଦେଖାଦେବେ। ଏ ନେଇ ଏବେଠାରୁ ସେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏଭଳି ଭୂମିକା ସମ୍ପର୍କରେ ଅନନ୍ୟା କହନ୍ତି, 'ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ ସ୍ୱୀକାର କରି ନିଜ ପରିବାରକୁ ଚଳାଉଛି ପୁଣି ତା' ଚଲାପଥରେ କେତେ ବାଧାବିଘ୍ନ ଆସୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି। ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। କେବଳ ସେତିକି ନୁହେଁ, କେତେଜଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ପାଠପଢ଼ାଇବାର ତରିକା ମଧ୍ୟ ଶିଖୁଛି। ଆଶା ରଖିଛି ମୋର ଏହି ଭୂମିକାକୁ ଦର୍ଶକ ପସନ୍ଦ କରିବେ। ଅନ୍ୟପକ୍ଷରେ କରନ୍ ଜୋହରଙ୍କ ଆଗାମୀ ଫିଲ୍ମରେ ଅନନ୍ୟା ଅଭିନୟ କରିବାର ଯୋଜନା ରହିଛି।

## ଦୋଛକିରେ ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ କିଛି ଦିନ ପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ଏବେ ପୁଣି ଥରେ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତରେ ନାଚିବାକୁ ତାଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ମୃଣାଳ କହନ୍ତି, 'ଏହି ଫିଲ୍ମର ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ ନମ୍ବର ଯୋଡା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ। ଏ ନେଇ କିଛି ନିଷ୍ପତ୍ତି ନେଇନି।



ରିଲିଜ ଅପେକ୍ଷାରେ

## ମାୟାଦର୍ପଣ

ନୂଆ ଦ୍ୱିଭାଷୀ (ଓଡ଼ିଆ-ହିନ୍ଦୀ) ଚଳଚ୍ଚିତ୍ର 'ମାୟାଦର୍ପଣ' ଆସନ୍ତା ମାସ ୧ ଅର୍ଥାତ୍ ରଥଯାତ୍ରା ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୂର୍ଣ୍ଣ ଗାଁର ପଟ୍ଟଭୂମିକୁ ନେଇ ଏହାର କାହାଣୀ ଗତିଶୀଳ। ମହାକାଳ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଝରଣା ସାମଲ। ଉକ୍ତ ଚିତ୍ରର କାର୍ଯ୍ୟକାରୀ ପ୍ରଯୋଜିକା ଅଛନ୍ତି ପ୍ରତିଭା ପଣ୍ଡା। ଏହାର କାହାଣୀ, ସଂଳାପ ଏବଂ ଗୀତ ରଚନା କରିଛନ୍ତି ରଞ୍ଜନ କୁମାର ଦାସ। ବିକାଶ ଶୁକ୍ଳାଙ୍କ ସ୍ୱର ସଂଯୋଜନାରେ ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ଦୀପ୍ତିରେଖା ପାଢ଼ୀ ଏବଂ ସଂଗ୍ରାମ ମହାନ୍ତି। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ରାଜୀବ ମହାନ୍ତି। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ପ୍ରତିଭା ପଣ୍ଡା, ଅଙ୍କିତ, ପୂଜା, କୁନା ତ୍ରିପାଠୀ, ଜୀବନ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ରତନ ମେହେର, ଅନନ୍ତ ଦାସ, ମମତା, ସ୍ୱାଗତିକା, ସଞ୍ଜିତା,



ଚକ୍ରଧର, ଅଂଶୁମାନ, ତାପସ, ଭାଗ୍ୟଲକ୍ଷ୍ମୀ, ଶ୍ରେୟାନ୍ସ, ଦିବ୍ୟାଂଶୁ ପ୍ରମୁଖ କଳାକାର। ଚଳଚ୍ଚିତ୍ରକୁ ହିନ୍ଦୀ ଭାଷାରେ ରୂପାନ୍ତର କରିଛନ୍ତି ଉଦୟନ ସୁପରକର। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

## ରଥଯାତ୍ରାରେ 'ବିଦ୍ୟାରାଣ'

ସବୁ ପ୍ରତୀକ୍ଷାର ଅବସାନ ଘଟାଇ ବିଗ୍ ବଜେଟ୍ ଓଡ଼ିଆ ଚଳଚ୍ଚିତ୍ର 'ବିଦ୍ୟାରାଣ' ଚଳିତ ବର୍ଷ ରଥଯାତ୍ରା (ଜୁଲାଇ ୧)ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଖାସ୍ କଥା ହେଲା, ଓଲିଉଡ୍‌ର ଲଭରବୟ ବାବୁସାନଙ୍କୁ ଏଥିରେ ସିକ୍ସ ପ୍ୟାକ୍ ବଡି ସହ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ଏହି ଚିତ୍ରରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଚୁଲବୁଲି ଶିବାନୀ। ତଥ୍ୟ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜକ ସାଜିଛନ୍ତି ନବାଗତ ନିରଞ୍ଜନ ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜ୍ୟୋତି ଦାସ। ପ୍ରଥମ ଥର ପାଇଁ ଜ୍ୟୋତିଙ୍କ ନିର୍ଦ୍ଦେଶନାରେ ବାବୁସାନ୍ ଅଭିନୟ କରୁଛନ୍ତି। ବାପୁ ଗୋସ୍ୱାମୀ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଆମରା ମ୍ୟୁଜିକର ୟୁଟ୍ୟୁବ ଚ୍ୟାନେଲରେ ଏହାର ଗୀତଗୁଡ଼ିକୁ ଦର୍ଶକ ଦେଖିପାରିବେ। 'ଏହି ଫିଲ୍ମରେ କେବଳ ଆକ୍ସନ ନୁହେଁ, ଲଭ୍ ଏବଂ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। କାହାଣୀଟିକୁ ଏପରି ଉପସ୍ଥାପନା କରାଯାଇଛି ଯାହା ପ୍ରତିଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ନିର୍ଦ୍ଦେଶକ ଜ୍ୟୋତି।' ବାବୁସାନ୍-ଶିବାନୀ ଯୋଡି ବ୍ୟତୀତ ଏଥିରେ ଉତ୍ତମ ମହାନ୍ତି, ସୁଜିତ ପାଇକରାୟ, ପୁପୁଲ ଭୂୟାଁ, ସାହେବ ସିଂ, ପ୍ରିୟଙ୍କା, ପୀୟୂଷ, ବିଭୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

## ଶେଷରେ ବୁଝିଲେ

ଯାହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି। କଥା କ'ଣ କି, ରଶ୍ମିକା ମାନ୍ଧାନାଙ୍କୁ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାଇନ୍ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ବୋଲ୍ଡ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ ୩-୪ଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ରଶ୍ମିକା କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ତା'ସହ ମୋତେ ମାତ୍ର ଦୁଇଟି ବୋଲ୍ଡ ଶଟ୍ ଦେବାକୁ ପଡିବ, ଯାହାର କାହାଣୀ ସହ ସମ୍ପର୍କ ରହିଛି। ଏ ନେଇ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ମୋ ମନରେ ଉଙ୍କି ମାରିଥିବା ସନ୍ଦେହ ଦୂର ହୋଇଥିଲା। ବର୍ତ୍ତମାନ ଆମ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।'

## ଗ୍ୟାଙ୍ଗ୍‌ସ ଅଫ୍ ପୁରୀ

ଜଗନ୍ନାଥ ଧାମ ପୁରୀ। ଏପରି ପବିତ୍ର ଜାଗାରେ ଅପରାଧୀ ଗ୍ୟାଙ୍ଗର ରାଜୁତିକୁ ନେଇ ଗତି କରିଛି କାହାଣୀ। ହେଲେ ଏଭଳି ସ୍ଥାନରେ ସେମାନଙ୍କର ଅନ୍ତ କିପରି ହେଉଛି ତାହାକୁ ବେଶ୍ ସୁନ୍ଦର ଭାବରେ ୱେବ୍‌ସିରିଜ 'ଗ୍ୟାଙ୍ଗ୍‌ସ ଅଫ୍ ପୁରୀ'ରେ ଉପସ୍ଥାପନା କରାଯାଇଛି। ଚଳିତ ମାସ ୨୪ରୁ ଏହି ସିରିଜ୍ ଓଟିଟି ପ୍ଲାଟ୍‌ଫର୍ମ 'କଞ୍ଚାଲଙ୍କା'ରେ ଷ୍ଟ୍ରିମିଂ ହେବାକୁ ଯାଉଛି। କ୍ରିଷ୍ଣା କର (କେକେ), ଅମନ୍, ଚୌଧୁରୀ ଜୟ ପ୍ରକାଶ ଦାସ, ହର ରଥ, ରବି ମିଶ୍ର, ଅଙ୍କିତା ମହାନ୍ତି, ଭକ୍ତି ପ୍ରଣବ ରଥ ଆଦି କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅନୁପମ ପଟ୍ଟନାୟକ ଓ ଜଗଦୀଶ ମିଶ୍ର। ଏହି ୱେବ୍‌ସିରିଜକୁ ନେଇ 'କଞ୍ଚାଲଙ୍କା'ର ସହ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଅକ୍ଷୟ କୁମାର ପରିଜା କହନ୍ତି, 'କ୍ରାଇମ ଓ ଆକ୍ସନ୍ ଉପରେ ଆଧାରିତ ଏହି ୱେବ୍‌ସିରିଜ୍‌ଟି ଓଡ଼ିଆ ଦର୍ଶକମାନଙ୍କ ପାଇଁ କିଛି ନୂତନତ୍ୱ ଆଣିବ ବୋଲି ମୋର ଆଶା ଓ ଭରସା ରହିଛି। ଭବିଷ୍ୟତରେ ଏଭଳି ନୂଆ ନୂଆ କାହାଣୀକୁ ନେଇ ୱେବ୍‌ସିରିଜ୍ ପ୍ରସ୍ତୁତ କରିବାକୁ ଯୋଜନା ରହିଛି।'



## ଚକୋଲେଟ୍ ପ୍ରିୟ ସାନ୍ୟା

ସାନ୍ୟା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ଚକୋଲେଟ୍। ସାନ୍ୟା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ କିଛି ଚକୋଲେଟ୍ ନେଇଯାଆନ୍ତି। ଏ ନେଇ ସାନ୍ୟା କହନ୍ତି, 'ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ। ତାହା ହେଲା ଚକୋଲେଟ୍। କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ। ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି। କୌଣସି ଅକେଜନ୍‌ରେ ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ।



'ବିଦ୍ୟାରାଣ' ଚଳଚ୍ଚିତ୍ରରେ ବାବୁସାନ୍-ଶିବାନୀ



ରଶ୍ମିକା

ଅପେରା ହାଲ୍‌ଚାଲ୍

## ଚ୍ୟାଲେଞ୍ଜ ଦେବ ସ୍ୱର୍ଣ୍ଣମହଲ

ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ଅପେରା ପାର୍ଟି 'ସ୍ୱର୍ଣ୍ଣମହଲ' ଆସନ୍ତା ଯାତ୍ରା ସିଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ସ୍ୱାଇଁ ବ୍ରଦର୍ସ ପ୍ରଯୋଜିତ ଏହି ପାର୍ଟିର ଆଖଡା ପୂଜା ଚଳିତ ମାସ ୨୩ରୁ ବାଙ୍କୁଆଳଠାରେ ହେବ ବୋଲି ସୂଚନା ଦେଇଛନ୍ତି ଏହାର ମୁଖ୍ୟ ଉପଦେଷ୍ଟା କ୍ଷୀରୋଦ ସ୍ୱାଇଁ। ୨୦୨୨-୨୩ ପାଇଁ ଏଥର ଚାରୋଟି ନାଟକ ପ୍ରସ୍ତୁତ ହେଉଛି। ସୁଶ୍ରୀ ସଙ୍ଗୀତା ଦାସଙ୍କ ରଚିତ ନାଟକ




'ହାଟ ବସେଇଛି ହଟ ନାଗରୀ'ର ନିର୍ଦ୍ଦେଶନା ଦେବେ କିଶୋର ଖଣ୍ଟୁଆଳ। ଅରୁଣ ବାରିକଙ୍କ ନାଟକ 'ଅଧା ବାଟରେ ଅନ୍ଧାର ହେଲା'ର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ତାପସ ସ୍ୱାଇଁ। ଅନ୍ୟପକ୍ଷରେ 'ଆଲ୍ଲାର ସେ ଗେହ୍ଲା ପୁଅ' (ରଚନା-ଗଣେଶ ରାଉତ, ନିର୍ଦ୍ଦେଶନା-ଗୁରୁ ମିଶ୍ର) ଏବଂ ଆଗଧାଡିର ତଥା ଅନ୍ୟତମ ଲୋକପ୍ରିୟ ନାଟ୍ୟକାର ତଥା ନିର୍ଦ୍ଦେଶକ ପ୍ରଦୀପ ବେହେରାଙ୍କର ଏକ ଭିନ୍ନ ସ୍ୱାଦର ନାଟକ 'ମୁଁ ଏକା ତୁମର' ଆସନ୍ତା ସିଜନରେ ମଞ୍ଚସ୍ଥ ହେବ। ଏଥର ମଧ୍ୟ ସ୍ୱର୍ଣ୍ଣମହଲରେ ଅଜୁ-ଆପୁ, କାବେରୀ, ଚିତ୍ତ-ଅନିମା, ଖଳନାୟକ ଜ୍ଞାନ, ହାପି କର, ଜିନୁ, କମେଡିଆନ୍ ଭିକାରୀ ସ୍ୱାଇଁ ଏବଂ ଗୋବିନ୍ଦ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ତେବେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏହି ପାର୍ଟି ଯାତ୍ରାପ୍ରେମୀଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି କ୍ଷୀରୋଦ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୬/୨୦୨୨ Bhubaneswar, Thursday, June 16/ 2022


# ହାର୍ଦ୍ଦିକଙ୍କୁ ନେତୃତ୍ୱ, ତ୍ରିପାଠୀ ନୂଆ ମୁହଁ

### ଆୟର୍ଲାଣ୍ଡ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା



ସଞ୍ଜୁ ସାମସନ, ଭେଙ୍କଟେଶ୍ ଆୟାର ଓ ରାହୁଲ ତ୍ରିପାଠୀ।

ମୁମ୍ବାଇ,୧୫।୬

ଚଳିତ ମାସର ଶେଷ ଭାଗରେ ଭାରତୀୟ ଦଳ ଆୟର୍ଲାଣ୍ଡ ଗସ୍ତ କରି ଦୁଇଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଏହି ସିରିଜ୍ ଲାଗି ବୁଧବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏହି ଦଳର ନେତୃତ୍ୱ ଭାର ଦିଆଯାଇଛି। ମହାରାଷ୍ଟ୍ର ତଥା ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ୍ ବ୍ୟାଟର ରାହୁଲ ତ୍ରିପାଠୀ ନୂଆ ଚେହେରା ଭାବେ ଦଳରେ ସ୍ଥାନ ପାଇଛନ୍ତି। ଏହାବାଦ୍ ଚର୍ଚ୍ଚିତ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନ ମଧ୍ୟ ଦଳକୁ ଫେରିଛନ୍ତି। ତେବେ ଏଜବାଷ୍ଟନଠାରେ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ପୂର୍ବରୁ ପ୍ରସ୍ତୁତି ଲାଗି ଭାରତୀୟ ଟେଷ୍ଟ ଦଳର ସଦସ୍ୟଙ୍କୁ ଆୟର୍ଲାଣ୍ଡ ସିରିଜ୍ ଲାଗି ବାଦ୍ ଦିଆଯାଇଛି। ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ହାର୍ଦ୍ଦିକ ଉପ ଅଧିନାୟକ ଭାବେ ରିଷଭ ପନ୍ତଙ୍କୁ ସହାୟତା କରୁଛନ୍ତି। ନିକଟରେ ୨୮ ବର୍ଷୀୟ ଅଲରାଉଣ୍ଡରଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ତା'ର ପଦାର୍ପଣ ସିଜନରେ ଟାଇଟଲ ହାତେଇଥିଲା। ଅଭିଜ୍ଞ ସୁଇଙ୍ଗ ପେସର ଭୁବନେଶ୍ୱର କୁମାରଙ୍କୁ ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଚଳିତ ସିରିଜ୍‌ରେ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ କେବଳ ପନ୍ତ, ଶ୍ରେୟାସ ଆୟାରଙ୍କୁ ଟେଷ୍ଟ ଦଳରେ ଯାଗା ମିଳିବ। ସେମାନଙ୍କ ସ୍ଥାନରେ ସାମସନ ଓ ତ୍ରିପାଠୀଙ୍କୁ ଦଳରେ ନିଆଯାଇଛି। ସାମସନ ଆଇପିଏଲ ୨୦୨୨ରେ ୧୪୭.୨୪ ଷ୍ଟ୍ରାଇକରେଟ୍‌ରେ ୩୭୪ ରନ୍ କରିଥିଲେ। ତାଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ଉପ ବିଜେତା ଭାବେ ଅଭିଯାନ ଶେଷ କରିଥିଲା। ସେହିଭଳି ତ୍ରିପାଠୀ ୧୫୮.୨୩ ଷ୍ଟ୍ରାଇକରେଟ୍‌ରେ ୪୧୩ ରନ୍ କରିଥିଲେ। ଆଇପିଏଲର ଅନ୍ତିମ ଭାଗ ଓ ଚଳିତ ଦକ୍ଷିଣ ଆଫ୍ରିକା ସିରିଜ୍‌ରୁ ବାଦ୍ ପଡ଼ିଥିବା ସୂର୍ଯ୍ୟକୁମାର ଯାଦବ ଦଳକୁ ଫେରିଛନ୍ତି। ଭାରତୀୟ ଦଳ ମାଲାହାଇଡ୍‌ଠାରେ ଚଳିତ ମାସ ୨୬ ଓ ୨୮ରେ ଦୁଇଟି ଟି୨୦ ମ୍ୟାଚ୍ ଖେଳିବ। ଏହି ଗସ୍ତରେ ଭିଭିଏସ୍ ଲକ୍ଷ୍ମଣ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ। ସହକାରୀ କୋଚ୍ ଶିତାଂଶୁ କୋଟାକ (ବ୍ୟାଟିଂ କୋଚ୍), ସାଇରାଜ ବାହୁତୁଲେ(ବୋଲିଂ କୋଚ୍) ଓ ମୁନୀଶ ବାଲି (ଫିଲ୍ଡିଂ କୋଚ୍) ଭାରତୀୟ ଦଳ ସହ ଗସ୍ତ କରିବେ।

**ଭାରତୀୟ ଦଳ:** ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ଭୁବନେଶ୍ୱର କୁମାର (ଉପଅଧିନାୟକ), ଇଶାନ କିଶନ, ଋତୁରାଜ ଗାଏକ୍ୱାଡ, ସଞ୍ଜୁ ସାମସନ, ସୂର୍ଯ୍ୟକୁମାର ଯାଦବ, ଭେଙ୍କଟଶ ଆୟାର, ଦୀପକ ହୁଡା, ରାହୁଲ ତ୍ରିପାଠୀ, ଦୀନେଶ କାର୍ତ୍ତିକ (ଉଇକେଟକିପର), ୟୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ହର୍ଷଲ ପଟେଲ, ଆଭେଶ ଖାନ୍, ଅର୍ଶଦୀପ ସିଂ ଓ ଉମ୍ରାନ ମଲିକ।

## ଆୟର୍ଲାଣ୍ଡ ଟି୨୦ ଦଳ ଘୋଷିତ

ଆୟର୍ଲାଣ୍ଡ ଦଳ: ଆଣ୍ଡ୍ରୁ ବଲବିର୍ନି (ଅଧିନାୟକ), ମାର୍କ ଆଦେର, କର୍ଟିସ କାମ୍ଫର, ଗାରେଥ ଡେଲନି, ଜର୍ଜ ଡକରେଲ, ଷ୍ଟିଫେନ ଡୋହେନି, ଜୋଶ ଲିଟଲ, ଆଣ୍ଡ୍ରୁ ମ୍ୟାକବ୍ରାଇନ, ବାରି ମ୍ୟାକ୍‌କାର୍ଥି, କନର ଓଲଫର୍ଟ, ପଲ ଷ୍ଟ୍ରିଲିଙ୍ଗ, ହାରି ଟେକଟର, ଲୋର୍କାନ ଟକର ଓ କ୍ରେଗ ୟଙ୍ଗ।

## ଫିଫା ବିଶ୍ୱକପ୍‌ରେ ଏସିଆରୁ ରେକର୍ଡ ୬ ଦଳ

**ସେଉଲ,୧୫।୬ (ଏପି):** ଚଳିତ ବର୍ଷ ନଭେମ୍ବର ୨୧ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ କତାରଠାରେ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ଲାଗି ଏସିଆ ମହାଦେଶରୁ ରେକର୍ଡ ୬ ଦଳ ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ସପ୍ତାହରେ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେଅଫ୍‌ସରେ ପେରୁକୁ ହରାଇ ଅଷ୍ଟ୍ରେଲିଆ ୬ଷ୍ଠ ଦଳ ଭାବେ ଏସିଆରୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଦଳମାନଙ୍କ ମଧ୍ୟରେ ଆୟୋଜକ କତାର ବ୍ୟତୀତ ସୌଦି ଆରବ, ଜାପାନ, ଇରାନ, ଅଷ୍ଟ୍ରେଲିଆ ଓ ଦକ୍ଷିଣ କୋରିଆ ରହିଛନ୍ତି। ୨୦୦୨ ବିଶ୍ୱକପ୍ ପରେ ପ୍ରଥମ ଥର ପାଇଁ ଏସିଆନ୍ କନଫେଡେରେଶନର ଏତେ ସଂଖ୍ୟାରେ ସଦସ୍ୟ ମୁଖ୍ୟ ଇଭେଣ୍ଟରେ ଖେଳିବାକୁ ଯାଉଛନ୍ତି।

# ଟପ୍-୧୦ରେ କିଶନ



ଇଶାନ କିଶନ

ଦୁବାଇ,୧୫।୬

ଟି୨୦ ବ୍ୟାଟରଙ୍କ ମଧ୍ୟରେ ଟପ୍-୧୦ରେ ପ୍ରବେଶ କରିଛନ୍ତି ଭାରତୀୟ ଓପନର ଇଶାନ କିଶନ। ପୂର୍ବ ଅପେକ୍ଷା ସେ ୬୮ଟି ସ୍ଥାନ ଉପରକୁ ଉଠି ୭ମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ବ୍ୟତୀତ ଅଭିଜ୍ଞ ଭାରତୀୟ ପେସର ଭୁବନେଶ୍ୱର କୁମାର ଓ ଲେଗ୍ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଆସିଥିବା ସଦ୍ୟପ୍ରକାଶିତ ଆଇସିସି ଟି୨୦ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ ଦର୍ଶାଇଛି।

ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍‌ରେ କିଶନ ସ୍ଥିର ପ୍ରଦର୍ଶନ କରିଛନ୍ତି। ୩ ମ୍ୟାଚ୍‌ରେ ଦୁଇ ଅର୍ଦ୍ଧଶତକ ସହିତ ୧୬୪ ରନ୍ କରିଛନ୍ତି। ଏଭଳି ପ୍ରଦର୍ଶନ ଯୋଗୁ କ୍ୟାରିୟରରେ ପ୍ରଥମ ଥର ପାଇଁ ସେ ଟପ୍-୧୦ରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ଶୀର୍ଷ ୧୦ ବ୍ୟାଟରଙ୍କ ମଧ୍ୟରେ ୨୩ ବର୍ଷୀୟ କିଷନ ଏକମାତ୍ର ଭାରତୀୟ। ତାଙ୍କ ନିକଟସ୍ଥ ଭାରତୀୟ ବ୍ୟାଟର ହେଉଛନ୍ତି ଲୋକେଶ ରାହୁଲ। ସେ ଏବେ ୧୪ତମ ସ୍ଥାନରେ ଅଛନ୍ତି। ଶ୍ରେୟାସ ଆୟାର ଏବଂ ରୋହିତ ଶର୍ମା ଗୋଟିଏ ଲେଖାଏ ସୋପାନ ତଳକୁ ଖସି ଯଥାକ୍ରମେ ୧୬ ଓ ୧୭ତମ ସ୍ଥାନରେ ପହଞ୍ଚିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ଦୁଇଟି ସ୍ଥାନ ଖସି ଏବେ ୨୧ତମ ସ୍ଥାନରେ ଅଛନ୍ତି। ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର ୭ ସ୍ଥାନ ଉପରକୁ ଆସି ୧୧ତମ ସ୍ଥାନ ଅଧିକାର କରିଥିବା ବେଳେ ଚହଲ ୨୬ତମ ସ୍ଥାନକୁ ଉଠିଛନ୍ତି। ସେ ପୂର୍ବରୁ ୩୦ରେ ଥିଲେ। ଅଷ୍ଟ୍ରେଲିଆର ଜୋଶ ହାଜେଲଉଡ୍ ଶୀର୍ଷରେ ଅଛନ୍ତି।

## ସଲିମଙ୍କ ବିୟୋଗରେ ଓସିଏର ଶୋକ



**ଭୁବନେଶ୍ୱର, ୧୫।୬ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ଖେଳାଳି ମହମ୍ମଦ ସଲିମଙ୍କ ପରଲୋକ ହୋଇଯାଇଛି। ଏଥିରେ ଓସିଏ କର୍ମକର୍ତ୍ତା ଓ ସଦସ୍ୟଗଣ ଶୋକ ପ୍ରକାଶ କରିଛନ୍ତି। ସରାଇପାଲିଠାରେ ଏକସଡ଼କ ଦୁର୍ଘଟଣାରେ ସଲିମଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ୩୮ ବର୍ଷ ହୋଇଥିଲା। ସେ ବରଗଡ଼ ଜିଲାର ଜଣେ ଖେଳାଳି ଥିଲେ। ଜୁନିୟର ସ୍ତରରେ ସେ ଓଡ଼ିଶା ତରଫରୁ ଅନେକଥର ପ୍ରତିନିଧିତ୍ୱ କରିଛନ୍ତି। କ୍ରିକେଟ ପ୍ରତି ତାଙ୍କର ଅବଦାନ ସବୁବେଳେ ମନେ ରହିବ। ଓସିଏ ତରଫରୁ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିବା ବେଳେ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଛି।

## ଆଥ୍‌ଲେଟଙ୍କ ପକେଟ ଭତ୍ତା ବାହାରେ ଖର୍ଚ୍ଚ ପାଇଁ ୬.୫୨କୋଟି ମଞ୍ଜୁର

ନୂଆଦିଲ୍ଲୀ, ୧୫।୬(ପି.ଟି.)

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପକେଟ ଭତ୍ତା ବାହାରେ ୨୧ଟି କ୍ରୀଡ଼ାର ୨, ୧୮୯ ଖେଲୋ ଇଣ୍ଡିଆ ଆଥଲେଟଙ୍କ ଲାଗି ଏପ୍ରିଲରୁ ଜୁନ୍ ପାଇଁ ମୋଟ ୬.୫୨ କୋଟି ଟଙ୍କା ମଞ୍ଜୁର କରିଛି। ବାର୍ଷିକ ଖେଲୋ ଇଣ୍ଡିଆ ସ୍କଲାରଶିପ୍ ଅନୁସାରେ ସ୍ୱୀକୃତିପ୍ରାପ୍ତ ଏକାଡେମୀଗୁଡ଼ିକରେ ଟ୍ରେନିଂ ନେଉଥିବା ପ୍ରତ୍ୟେକ ଆବାସିକ ଆଥଲେଟଙ୍କୁ ୬.୨୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିବ। ତନ୍ମଧ୍ୟରେ ପକେଟ ଭତ୍ତା ବାହାରେ ୧.୨୦ ଲକ୍ଷ ଟଙ୍କା (ବାର୍ଷିକ) ଅନ୍ତର୍ଭୁକ୍ତ। ଆଥ୍‌ଲେଟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟ୍ରାନ୍ସଫର କରାଯିବ। ଅବଶିଷ୍ଟ ରାଶି ଆଥଲେଟ ଜଣକ ଯେଉଁ ଖେଲୋ ଇଣ୍ଡିଆ ଏକାଡେମୀ ସହ ସମ୍ପୃକ୍ତ ସେଠାରେ ତାଙ୍କର ଟ୍ରେନିଂ, ଖାଦ୍ୟ, ରହଣି ଓ ଶିକ୍ଷା କ୍ଷେତ୍ରରେ ବ୍ୟୟ ହେବ। ଏହାଛଡ଼ା ଆଥ୍‌ଲେଟଙ୍କ ନିଜ ସହରକୁ ଯାତାୟାତ, ଘରେ ପୁଷ୍ଟିକର ଖାଦ୍ୟ ଏବଂ ତାଙ୍କର ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ଏଥିରେ ରହିଛି। ଖେଲୋ ଇଣ୍ଡିଆ ଟ୍ୟାଲେଣ୍ଟ ଡେଭଲପମେଣ୍ଟ (କେଆଇଟିଡି) ଏଥିପାଇଁ ପାଣ୍ଠି ଯୋଗାଇ ଦେଇଛି।

# ଶୁଟର ହତ୍ୟା ଘଟଣା: ମୁଖ୍ୟ ବିଚାରପତିଙ୍କ ଝିଅ ଗିରଫ

ନୂଆଦିଲ୍ଲୀ, ୧୫।୬ (ପିଟି)

୬ ବର୍ଷ ତଳେ ଚଣ୍ଡିଗଡ଼ରେ ଜଣେ ଜାତୀୟ ସ୍ତରର ଶୁଟର ତଥା ଓକିଲ ସୁଖମନପ୍ରୀତ ସିଂ ଓରଫ ସିପି ସିଦ୍ଧୁଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସିବିଆଇ ବୁଧବାର ହିମାଚଳ ପ୍ରଦେଶ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ ଝିଅ କଲ୍ୟାଣି ସିଂଙ୍କୁ ଗିରଫ କରିଛି। ସିଦ୍ଧୁଙ୍କ ସହ କଲ୍ୟାଣିଙ୍କ ପ୍ରେମ ସମ୍ପର୍କ ଥିଲା ଏବଂ ଏହା ହିଁ ହତ୍ୟା ପଛର କାରଣ ବୋଲି ସିବିଆଇ ଜାଣିବା ପରେ ତାଙ୍କୁ ପଚରାଉଚରା ପାଇଁ ସିବିଆଇ କାର୍ଯ୍ୟାଳୟ ଡକାଯାଇଥିଲା। ପଚରାଉଚରା ବେଳେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସବିନା ସିଂଙ୍କ ଝିଅ କଲ୍ୟାଣି ନିଜ ଅପରାଧ ସ୍ୱୀକାର କରିବା ପରେ ତାଙ୍କୁ ଗିରଫ କରାଯାଇଛି।

ମୃତକ ସିଦ୍ଧୁ ପଞ୍ଜାବ ଓ ହରିୟାଣାର ଜଣେ ପୂର୍ବତନ ବିଚାରପତିଙ୍କ ନାତି ଏବଂ ଜଣାଶୁଣା ଓକିଲଙ୍କ ପୁଅ ଥିଲେ। ତାଙ୍କୁ ୨୦୧୫, ସେପ୍ଟେମ୍ବର ୨୦ ତାରିଖରେ ଶର୍ଟ ଗନ ଫାୟାରଆର୍ମର ଗୁଳି କରି ହତ୍ୟା କରାଯାଇଥିଲା। ପରଦିନ ଚଣ୍ଡିଗଡ଼ ସେକ୍ଟର ୨୭ରୁ ତାଙ୍କର ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ଚଣ୍ଡିଗଡ଼ ପ୍ରଶାସନର ଅନୁରୋଧ କ୍ରମେ ୨୦୧୬ ଏପ୍ରିଲ ୧୩ରେ ସିଦ୍ଧୁଙ୍କ ହତ୍ୟା ମାମଲାର ତଦନ୍ତ ଭାର ନେଇଥିଲା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା। ସିଦ୍ଧୁଙ୍କ ହତ୍ୟାକାରୀ ସହ ଘଟଣାସ୍ଥଳରେ ଜଣେ ମହିଳା ଥିବା ଜଣାପଡ଼ିବା ପରେ ସିବିଆଇ କଲ୍ୟାଣି ସିଂଙ୍କ ଉପରେ ନଜର ରଖିଥିଲା। ୨୦୨୦ରେ ଯଥେଷ୍ଟ ପ୍ରମାଣ ଅଭାବରୁ ସିବିଆଇ ତାଙ୍କ ନାମକୁ ଚାର୍ଜଶିଟରେ ସ୍ଥାନ ଦେଇ ନ ଥିଲା। କିନ୍ତୁ ତାଙ୍କ ଉପରେ ପ୍ରବଳ ସନ୍ଦେହ ଥିବାରୁ ତଦନ୍ତ ଜାରି ରଖିବା ଲାଗି ଅନୁମତି ମାଗିଥିଲା। ଘଟଣାସ୍ଥଳରେ ଦେଖାଯାଇଥିବା ମାରୁତି ଜେନ କାରକୁ ମଧ୍ୟ ଜବତ କରାଯାଇଛି।

# ପ୍ରଣୟ ଜିତିଲେ: ସେନ୍, ଶ୍ରୀକାନ୍ତ ହାରିଲେ

### ଇଣ୍ଡୋନେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ



ଏଚ୍.ଏସ୍. ପ୍ରଣୟ

**ଜାକର୍ତ୍ତା, ୧୫।୬ (ପି.ଟି.):** ବିଶ୍ୱର ୮ ନମ୍ବର ମାନ୍ୟତାପ୍ରାପ୍ତ ଭାରତର ଲକ୍ଷ୍ୟ ସେନ୍ ଓ କିଦାମ୍ବି ଶ୍ରୀକାନ୍ତ ଇଣ୍ଡୋନେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ବୁଧବାର ଏକ ଅଲ୍-ଇଣ୍ଡିଆ ପ୍ରଥମ ରାଉଣ୍ଡ ପୁରୁଷ ସିଙ୍ଗଲ୍ସ ମୁକାବିଲାରେ ସେନ୍ ନିଜ ଦେଶର ଏଚ୍.ଏସ୍. ପ୍ରଣୟଙ୍କଠାରୁ ୧୦-୨୧, ୯-୨୧ରେ ହାରିଯାଇଛନ୍ତି। କୌତୂହଳର କଥା ଏହି କି ଯେ, ଦୁଇ ଖେଳାଳି ୩ଥର ପରସ୍ପରକୁ ଭେଟିଛନ୍ତି। ପ୍ରଣୟଙ୍କ ବିରୋଧରେ ସେନ୍‌ଙ୍କର ଏହା ହେଉଛି ପ୍ରଥମ ବିଜୟ। ଅନ୍ୟ ଏକ ସିଙ୍ଗଲ୍ସ ମ୍ୟାଚରେ ଶ୍ରୀକାନ୍ତ ଫ୍ରାନ୍ସର ବ୍ରାଇସ୍ ଲିଭରଡେଜ୍‌ଙ୍କଠାରୁ ୨୧-୨୩, ୧୦-୨୧ରେ ହାରିଯାଇଛନ୍ତି। ୩୬ ବର୍ଷୀୟ ଫ୍ରାନ୍ସ ଖେଳାଳିଙ୍କ ବିପକ୍ଷରେ ତାଙ୍କର ଏହା ପ୍ରଥମ ପରାଜୟ। ପୁରୁଷ ଡବଲ୍ସରେ ଏମ୍.ଆର୍. ଅର୍ଜୁନ ଓ ଧ୍ରୁବ କାପିଲା ବିଜୟ ସହ ସେମାନଙ୍କ ଖାତା ଖୋଲିଛନ୍ତି। ଏହି ଯୋଡ଼ି ସେମାନଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଜାପାନିଜ୍ ଯୋଡ଼ି କେଲିଚିରୋ ମାତ୍‌ସୁଇ ଓ ୟୋଶିନୋରି ତାକେଉଚିଙ୍କୁ ୨୭-୨୫, ୧୮-୨୫ରେ ହରାଇ ଦେଇଛନ୍ତି। ତେବେ ଭାରତର ଦୁଇ ମହିଳା ଯୋଡ଼ି ଅଶ୍ୱିନୀ ଭଟ ଓ ଶିଖା ଗୌତମ ଏବଂ ହରିଥା ଏମ୍. ହରିନାରାୟଣ ଏବଂ ଆଶନା ନଏ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି।

## ପାରାମାଉଣ୍ଟ ଷ୍ଟ୍ରାଇକର୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୫।୬ (ସ୍ପୋର୍ଟ୍ସ ବ୍ୟୁରୋ):** ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୫ମ ଅରବିନ୍ଦ ମେମୋରିଆଲ କ୍ରିକେଟ ଲିଗ୍‌ର ଫାଇନାଲରେ ପାରାମାଉଣ୍ଟ ଷ୍ଟ୍ରାଇକର୍ସ ୧୬୩ ରନରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ଦଳ ଭାବେ ପାରାମାଉଣ୍ଟ ଷ୍ଟ୍ରାଇକର୍ସ ୧୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତ୍ୟୁଷ ପ୍ରକାଶ ସାହୁ (ପାରାମାଉଣ୍ଟ) ଟୁର୍ନାମେଣ୍ଟର ଶ୍ରେଷ୍ଠ ବୋଲର, ସ୍ୱାଗତ ମିଶ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ (ପାରାମାଉଣ୍ଟ), ଆୟୁଷ ଚାନ୍ଦ (ଗ୍ରୀନ୍ସ କ୍ରିକେଟ ଏକାଡେମୀ) ମ୍ୟାନ ଅଫ୍ ଦି ସିରିଜ, ସୟଦ ତୌଫେଲ ଅହମଦ (ପାରାମାଉଣ୍ଟ) ଏବଂ ସ୍ୱାଗତ ମିଶ୍ର (ପାରାମାଉଣ୍ଟ) ମ୍ୟାନ ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କେ. ଶାନ୍ତି, ଅଜିତ କୁମାର ବେହେରା, ଅମରେଶ ଜେନା ଓ ସନ୍ତୋଷ ସିଂ ପ୍ରମୁଖ କର୍ପୋରେଟର ବୃନ୍ଦ, ଭୁବନେଶ୍ୱର ଦୌଡ଼କୁଦ ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଡ଼ା, ବିଜେଇଏମ୍ ସ୍କୁଲର ଚେୟାରମ୍ୟାନ ରଘୁନାଥ ମିଶ୍ର ଓ ବିଜେବି ନଗର ଆବାସିକ ସଂଘ ସଭାପତି ଶ୍ରୀପତି ମିଶ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଡେଷ୍ଟ୍ରଏଡ୍ କ୍ଲବ ଜିତିଲା ଲିଙ୍ଗରାଜ କପ୍ ଫୁଟବଲ

**ଭୁବନେଶ୍ୱର,୧୫।୬ (ସ୍ପୋର୍ଟ୍ସ ବ୍ୟୁରୋ):** ଲିଙ୍ଗରାଜ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବିଏମ୍ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟରେ ଡେଷ୍ଟ୍ରଏଡ୍ କ୍ଲବ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଡେଷ୍ଟ୍ରଏଡ୍ କ୍ଲବ ୧-୦ ଗୋଲରେ ର୍‍ୟାଣ୍ଡମ କ୍ଲବକୁ ହରାଇ ଦେଇଥିଲା। ୧୬ ଦଳକୁ ନେଇ ଅନୁଷ୍ଠିତ ଦୁଇଦିନିଆ ଫୁଟବଲ ଲିଗ୍ କମ୍ ନକଆଉଟ୍ ପ୍ରତିଯୋଗିତାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କର୍ପୋରେଟର ଶିବ ପ୍ରସାଦ ବେହେରା, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଦାଶରଥି ଗରାବଡୁ, ପ୍ରଶାନ୍ତ ପ୍ରହରାଜ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୭ ହଜାର ଓ ରନର୍ସଅପ୍ ଦଳକୁ ୪ ହଜାର ଟଙ୍କା ସହ ଟ୍ରଫି ଦିଆଯାଇଥିଲା।

# ତାମୋରଙ୍କ ଶତକ: ମୁମ୍ବାଇ ୩୯୩



ଶତକ ହାସଲ ପରେ ହାର୍ଦ୍ଦିକ ତାମୋର।

ବେଙ୍ଗାଲୁରୁ, ୧୫।୬ (ପି.ଟି.)

ଉତ୍ତର ପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚର ଦ୍ୱିତୀୟ ଦିବସରେ ମୁମ୍ବାଇ ୩୯୩ ରନରେ ଅଲଆଉଟ ହୋଇଯାଇଛି। ବୁଧବାର ଖେଳର ଆକର୍ଷଣ ଥିଲା ମୁମ୍ବାଇ ଉଇକେଟ କିପର-ବ୍ୟାଟର ହାର୍ଦ୍ଦିକ ତାମୋରଙ୍କ ଷ୍ଟ୍ରୋକ୍‌ଭରା ୧୧୫ ରନ। ଜବାବରେ ଉତ୍ତର ପ୍ରଦେଶ ଷ୍ଟମ୍ପ ଅପସାରଣ ବେଳକୁ ୨ ଉଇକେଟ ବିନିମୟରେ ୨୫ ରନ କରି ସଂକଟରେ ପଡ଼ିଛି। ସମରଥ ସିଂ (୦) ଓ ପ୍ରିୟମ ଗର୍ଗ (୫) ଶୀଘ୍ର ଆଉଟ ହୋଇଯାଇଛନ୍ତି। ଏକାଡେମୀ ଗ୍ରାଉଣ୍ଡରେ ମଙ୍ଗଳବାର ପ୍ରଥମ ଦିବସ ଖେଳରେ ମୁମ୍ବାଇ ଯୁବ ଓପନର ଜଶସ୍ୱୀ ଜୟସ୍ୱାଲ ତାଙ୍କ ଦ୍ୱିତୀୟ ପ୍ରଥମ ଶ୍ରେଣୀ ଶତକ ହାସଲ କରିଥିଲେ। ବୁଧବାର ତାମୋରଙ୍କ ଦିନ ଥିଲା। ଆଦିତ୍ୟ ତାରେ ଆଘାତପ୍ରାପ୍ତ ଥିବାରୁ ଏହି ଖେଳାଳିଙ୍କୁ ଦଳରେ ସ୍ଥାନ ମିଳିଥିଲା। ଆଉଟ ଫିଲ୍ଡ ଓଦା ଥିବାରୁ ବିଳମ୍ବରେ ଖେଳ ଆରମ୍ଭ ହୋଇଥିଲା। ତାମୋର ଓ ଅଲରାଉଣ୍ଡର ଶାମ୍ସ ମୁଲାନୀ (୫୦) ଉତ୍ତର ପ୍ରଦେଶ ବୋଲିଂ ଆକ୍ରମଣକୁ ହତାଶ କରିଥିଲେ। ଉଭୟେ ୬ଷ୍ଠ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୧୧୩ରନ ଯୋଗ କରିଥିଲେ। ତାମୋର ତାଙ୍କ ଇନିଂସରେ ୨୩୩ ବଲ୍ ସାମ୍ନା କରି ୧୨ ଚୌକା ଓ ଗୋଟିଏ ଛକା ମାରିଥିଲେ। ମୁଲାନୀ ତାଙ୍କ ଅର୍ଦ୍ଧଶତକୀୟ ଇନିଂସରେ ୫ ଚୌକା ମାରିଥିଲେ। କିନ୍ତୁ ଉତ୍ତର ପ୍ରଦେଶ ବୋଲର ବିଶେଷ କରି ବାମହାତୀ ସ୍ପିନର ସୌରଭ କୁମାର (୩/୧୦୭)ଙ୍କ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନଯୋଗୁ ମୁମ୍ବାଇର ଶେଷ ୪ଟି ଉଇକେଟ ୪୭ରନରେ ପତନ ଘଟିଥିଲା।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୧୪୦.୪ ଓଭରରେ ୩୯୩ (ହାର୍ଦ୍ଦିକ ତାମୋରେ-୧୧୫, ଯଶସ୍ୱୀ ଜୟସ୍ୱାଲ-୧୦୦, ଶାମ୍ସ ମୁଲାନୀ-୫୦, ସର୍ଫରାଜ ଖାନ୍-୪୦, ସୁଭେଦ୍ ପାର୍କର-୩୨ ; କରନ ଶର୍ମା-୪/୪୬, ସୌରଭ କୁମାର ୩/୧୦୭, ୟାଶ ଦୟାଲ -୨/୫୧)। ଉତ୍ତରପ୍ରଦେଶ ପ୍ରଥମ ଇନିଂସ: ୨୫/୨।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ରଜ ପାଇଁ ଉତ୍ସବ ମୁଖରିତ ଶାନ୍ତି ଆନନ୍ଦ ଆଶ୍ରମ**

କଣାସ,(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମ ରଜ ଉପଲକ୍ଷେ ଉତ୍ସବମୁଖର ହୋଇଉଠିଛି। କରୋନା ମହାମାରୀ ଯୋଗୁ ୨ ବର୍ଷ ହେଲା ଆଶ୍ରମକୁ ଭକ୍ତମାନଙ୍କ ଆଗମନ ବନ୍ଦ ରହିଥିଲା। ଚଳିତବର୍ଷ କଟକଣା ଉଠିଯାଇଥିବାରୁ ଦୈନନ୍ଦିନ ଠାକୁରଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶହ ଶହ ଭକ୍ତ ଆଶ୍ରମକୁ ଆସୁଛନ୍ତି।




୧୫।୬।୨୦୨୨

| | |
|---|---|
| ୧,୭୫,୭୨୨ ଟଙ୍କା | |
| ସୁନା | ୪୫୦ ମିଲିଗ୍ରାମ |
| ରୁପା | ମିଳି ନାହିଁ |

# ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ଆରମ୍ଭ

ପୁରୀ ଅଫିସ, ୧୫।୬



ସ୍ନାନ ପୂର୍ଣ୍ଣିମା ପରେ ଅଣସରରେ ବିଶ୍ରାମ ନେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ବୁଧବାରଠାରୁ ମହାପ୍ରଭୁଙ୍କ ୧୪ଦିନିଆ ଅଣସରର ଗୁପ୍ତନୀତି ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଅନ୍ଧାର କୋଠରି ଭିତରେ ଶ୍ରୀବିଗ୍ରହଙ୍କ ଗୁପ୍ତ ସେବା ଆରମ୍ଭ କରିଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିରରେ ଦଶାବତାର ଠାକୁରଙ୍କ ସହ ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଛି।

ଶ୍ରୀବିଗ୍ରହ ସ୍ନାନ କରି ହାତୀ ବେଶରେ ଦର୍ଶନ ଦେବା ପରେ ମଙ୍ଗଳବାର ରାତି ୯ଟା ୫୫ରେ ମଇଲମ ଓ ଅନ୍ୟ ନୀତି ହୋଇ ୧୦ଟା ୫୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିଙ୍କୁ ବିଜେ କରିଥିଲେ। ପ୍ରଥମେ ମଦନମୋହନ ଏବଂ ରାମକୃଷ୍ଣଙ୍କ ପହଣ୍ଡି ପରେ କ୍ରମ ଅନୁସାରେ ସୁଦର୍ଶନ, ବଡ ଠାକୁର, ମା ସୁଭଦ୍ରା ଏବଂ ରାତି ପ୍ରାୟ ୧ଟା ୧୦ରେ ମହାପ୍ରଭୁଙ୍କ ଗୋଟି ପହଣ୍ଡି ହୋଇଥିଲା। ରାତି ପ୍ରାୟ ୨ଟା ୩୫ ମିନିଟ୍‌ରେ ପହଣ୍ଡି ଶେଷ ହୋଇ ଶ୍ରୀମନ୍ଦିରକୁ ଶୋଧ କରାଯାଇଥିଲା। ରାତ୍ର ୩ଟାରେ ରାହୁ ରେଖା ମଇଲମ, କୋଠ ସୁଆଁସିଆମାନେ ଦଶାବତାର ତାଟି ବାନ୍ଧିବା ପାଇଁ ଭୋର ପ୍ରାୟ ୪ଟାରେ ପ୍ରବେଶ କରିଥିଲେ। ଅପରପକ୍ଷେ ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, ବୈଜୟନ୍ତି ବାଜା କାହାଳୀ ଏବଂ ଲେଙ୍କା ସେବାୟତ ପଟିଦିଅଁ ଆଣିବା ପାଇଁ ଚିତ୍ରକାର ସେବକଙ୍କ ଘରକୁ ଯାଇଥିଲେ। ଭୋର ୪ଟା ୫୦ରେ ପଟିଦିଅଁ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ପରେ କୋଠ ସୁଆଁସିଆମାନେ ତାଟି ବାନ୍ଧି ସକାଳ ୭ଟାରେ ବାହାରିଥିଲେ। ପରେ ପଟି ଠାକୁରଙ୍କ ରୁନ୍ଧା କାର୍ଯ୍ୟ ୭ଟା ୩୫ରେ ସରିଥିଲା। ପରେ ୧୦ ଅବତାର ଠାକୁର ତାଟି ନିକଟ ଖଟକୁ ବିଜେ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଅନନ୍ତ ନାରାୟଣ ରୂପରେ, ବଳଭଦ୍ରଙ୍କ ଅନନ୍ତ ବାସୁଦେବ ଏବଂ ଦେବୀ ସୁଭଦ୍ରା ମା ଭୁବନେଶ୍ୱରୀ ରୂପରେ ପଟିଦିଅଁ ଭାବେ ଅଣସର ସମୟରେ ପୂଜିତ ହେବେ। ତେବେ ଦଶ ଅବତାର ବିଜେ ପରେ ମହାସ୍ନାନ ନୀତି ବଢିଥିଲା। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପଟିଦିଅଁକୁ ଦର୍ଶନ କରିଥିଲେ। ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନ ଅନନ୍ତ ନାରାୟଣ ଭାବରେ ପଟିରେ ସ୍ଥାନିତ ହୋଇଛନ୍ତି। ଦଇତାପତିମାନେ ଠାକୁରଙ୍କ ଗୁପ୍ତ ସେବା କରୁଥିବାରୁ ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ କରାଯାଇଛି।

**ରଥଖଳାରୁ**

## ରଥର ଚାରିନାହାକାରେ ପ୍ରଥମ ଭୂଇଁ ଚଉତା କାର୍ଯ୍ୟ ଶେଷ



ପୁରୀ ଅଫିସ, ୧୫।୬

ରଥଖଳାରେ ତିନି ରଥର ପ୍ରଥମ ଭୂଇଁ ଫ୍ରେମ ଖଞ୍ଜା ହୋଇ ନମ୍ବରିଂ ପରେ ତାହା ଖୋଲାଯାଇ ଡେରା କାର୍ଯ୍ୟ ସରିଥିଲା । ତେବେ ବୁଧବାର ତିନିରଥର ଚାରିନାହାକାରେ ପ୍ରଥମ ଭୂଇଁ ଚଉତା ବା ଛକାଠ ସେଟିଂ ହୋଇଛି। ତିନିରଥରେ ଚଉଦ ନାହାକା ଉଠିଲା ପରେ ପ୍ରଥମ ଭୂଇଁର ବାକି ଅଂଶ ସଂଯୋଗ ହେବ। ଏଣୁ ତିନି ରଥରେ ଚଉଦ ନାହାକା ଉଠିବା ପୂର୍ବରୁ ଅଖ ଦଣ୍ଡା ଉପରେ ଆଡିକରି ଖଦିଓରା ବା ନଡ଼ିଆ ଗଛ ଗର ଦୁଇପଟ ଚାଞ୍ଛି ୬ଫୁଟ ସାଇଜ ନ ଗଡ଼ିବା ପାଇଁ ଖାପ ଏବଂ ବିନ୍ଧ ହୋଇ ଅଖ ଦଣ୍ଡାରେ ଫିଟିଙ୍ଗ ପରେ ଚଉଦ ନାହାକା ତିନିରଥର ଉଠିବ। ତେଣୁ ରଥ ପାଇଁ ଆବଶ୍ୟକ ଖଦି ଓରା କରତି ସେବକ କାଟି ତିନିରଥ ମହାରଣାଙ୍କୁ ଯୋଗାଇଛନ୍ତି। ଏଥିସହ ତିନିରଥର ଦ୍ୱିତୀୟ ଭୂଇଁ ଏବଂ ତୃତୀୟ ଭୂଇଁ ପାଇଁ ଫ୍ରେମ ସେଟିଂ ସହ ନମ୍ବରିଂ ସମ୍ପୂର୍ଣ୍ଣ ହୋଇଛି। ସେହିପରି ତିନିରଥର ଦୁଆରବେଢ଼ା ତଳେ ନାଟଗୋଡ଼ ଉପରେ ଲାଗିବା ପାଇଁ ୮ଟି ଲେଖାଏ ଗାରେଡି ଏବଂ ୪ଟି ଲେଖାଏ ଅଁଳା ନିର୍ମାଣ କାର୍ଯ୍ୟ ସରିଛି। ଏଥିସହ ତିନି ରଥର ଗୋଟିଏ ଲେଖାଏ ସାନ କଳସ ପେଣ୍ଡି ନିର୍ମାଣ ହୋଇ ବିନ୍ଧ କାର୍ଯ୍ୟ ଜାରି ରହିଛି। ଏଥିସହ ତିନିରଥର ଗୋଟିଏ ଲେଖାଏ ଚାର ପରିଛା ଚଉପଟ ପରେ ରଂଜା ମରା ଶେଷ ହୋଇ ଆବଶ୍ୟକ କାପ ଏବଂ ବିନ୍ଧ ଶେଷ ହୋଇଛି। ଏଥିରେ ରୂପକାର ସେବକ କୁମ୍ଭ, ଡାଳି ଲତା ଏବଂ ପଦ୍ମ ପାଖୁଡ଼ା ଖୋଦେଇ ପରେ ଚିତ୍ରକାର ସେବକ ରଙ୍ଗ କାର୍ଯ୍ୟ କରିବେ। ଏହି ଚାର ପରିଛା ରଥର ଘୋଡା ସେଟିଂ ଏବଂ ଚାର ବନ୍ଧା ସ୍ଥାନରେ ଫିଟିଂ ହେବ। ତିନିରଥର ରୂପକାର ସେବକମାନେ ତିନିରଥର ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥ ଭୂଇଁ ପାଇଁ ବିଡିଆ କଣ୍ଟା, ପୋଟଳ ଓରା କଣ୍ଟା ନିର୍ମାଣ ସହ ତୃତୀୟ ଭୂଇଁ ଉପର ଗୋଡି ଛାଲ କଣ୍ଟା ଏବଂ ବାଗିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

**ସଂକ୍ଷେପରେ**

## ବୋଧିଚକ୍ର ପକ୍ଷରୁ ମାସିକ ଅଧିବେଶନ

**ପୁରୀ ଅଫିସ, ୧୫।୬:** ସ୍ନାନ ପୂର୍ଣ୍ଣିମା ଅବସରରେ ବୋଧିଚକ୍ର ଅନୁଷ୍ଠାନର ମାସିକ ଅଧିବେଶନ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗିରିଜ ଶଙ୍କର ପାଢ଼ୀଙ୍କ ଅଧକ୍ଷତା କରି କହିଥିଲେ ସମଗ୍ର ବିଶ୍ୱରେ ଜଗନ୍ନାଥ ଦେଶ ନାମରେ ଖ୍ୟାତି ଲାଭ କରିଛି। ଯେପରି ସମସ୍ତ ନଦନଦୀ ସାଗରରେ ବିଲୀନ ହୋଇ ସତ୍ତା ହରାଇଥାନ୍ତି ସେହିପରି ସମସ୍ତ ଧର୍ମ ଶ୍ରୀଜଗନ୍ନାଥଙ୍କଠାରେ ଅନ୍ତଲୀନ ହୋଇପଡିଛନ୍ତି। ସମସ୍ତ ଧର୍ମର ସମନ୍ୱିତ ରୂପ ହିଁ ଜଗନ୍ନାଥ ରୂପ। ଯାହାକି ପ୍ରତ୍ୟେକ ଓଡ଼ିଆର ପ୍ରେମ ଓ ଶ୍ରେୟ ବୋଲି ମତବ୍ୟକ୍ତ କରିଥିଲେ। ଉପାସକ ଉମେଶ ଚନ୍ଦ୍ର ଦାସ ଧର୍ମପଦ ଗ୍ରନ୍ଥରୁ ଯମକ ବର୍ଗର କେତୋଟି ଗାଥା ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରିୟପତ୍ରର ସମ୍ପାଦକ ସାହିତ୍ୟିକ ବିପିନ ବିହାରୀ ଦଳାଇ ଯୋଗଦେଇ ଅଷ୍ଟମ ଶତାବ୍ଦୀର ଉଡୀୟାନ ରାଜ୍ୟ ଅନ୍ତର୍ଗତ ସମ୍ବଳର ରାଜା ତଥା ବ୍ରଜ ଯାନର ପ୍ରବର୍ତ୍ତକ ଇନ୍ଦ୍ର ଭୂତୀ ଜଗନ୍ନାଥଙ୍କୁ ବୁଦ୍ଧ ଭାବେ ତାଙ୍କ ରଚିତ ଜ୍ଞାନସିଦ୍ଧି ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି। ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଭାକର ମିଶ୍ର, ଅଧିବକ୍ତା ଆଶୋକ ପାଢ଼ୀ, ବୁଦ୍ଧ ମନ୍ଦିର ସଂସ୍ଥାପକ ରବିନାରାୟଣ ସାହୁ, ଏନ. କୋଟେଶ୍ୱର ପାତ୍ର, ପଦ୍ମିନୀ ପାତ୍ର, କୃଷ୍ଣ ଚନ୍ଦ୍ର ଉପାଧାୟ ଏବଂ ସୁପ୍ରିୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ରମାବଲ୍ଲଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମଙ୍ଗଳା ମନ୍ଦିରରେ ଭାଗବତ ସପ୍ତାହ, ଗୀତା ଜ୍ଞାନଯଜ୍ଞ

**କାକଟପୁର,୧୫।୬(ଡି.ଏନ୍.ଏ.):** କାକଟପୁରସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଥିବା ପୁରାଣ ମଣ୍ଡପରେ ବୁଧବାରଠାରୁ ୯ ଦିନ ବ୍ୟାପୀ ଶ୍ରୀମଦ୍ ଭାଗବତ ସପ୍ତାହ ଓ ଗୀତା ଜ୍ଞାନଯଜ୍ଞ ଆରମ୍ଭ ହୋଇଯାଇଛି। ସକାଳ ୬ଟାଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ଆଧାତ୍ମିକ ପ୍ରବଚନରେ ଏ କଳି ଯୁଗରେ ସଂସାର ରୂପୀ ଡଙ୍ଗାକୁ କିପରି ଚଳାଇ ବୈତରଣୀ ପାରି ହେବା ସହିତ ନିଜ ଭିତରେ ଭାଇଚାରା ବଜାୟ ରଖିବା ଉଦ୍ଦେଶ୍ୟରେ ବାବା ବୈକୁଣ୍ଠନାଥ ପ୍ରଚାର କମିଟି ଦୀର୍ଘବର୍ଷ ହେବ ଏହି କାର୍ଯ୍ୟକ୍ରମ କରିଆସୁଛି। ଏଥିରେ ଯୋଗଦେବା ପାଇଁ ସୁଧାଂଶୁ ଦୀକ୍ଷିତ, ଶାନ୍ତନୁ ଦୀକ୍ଷିତ, ଜଗବନ୍ଧୁ ସ୍ୱାଇଁ ଏବଂ ମନ୍ଦିର ପରିଚାଳନା କମିଟିର ପରିବାର ପ୍ରମୁଖ ସମସ୍ତଙ୍କୁ ନିବେଦନ କରିଛନ୍ତି।



କୋଣାର୍କ ରଜ ଉତ୍ସବର ଦ୍ୱିତୀୟ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଗଣଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥି।

## ଭଗବତୀଙ୍କ ପୀଠ ଉନ୍ନତୀକରଣ ପ୍ରତିଶ୍ରୁତି ଦେଲେ ୨ ମନ୍ତ୍ରୀ

**କୋଣାର୍କ ରଜ ଉତ୍ସବର ଦ୍ୱିତୀୟ ଦିବସ**

କୋଣାର୍କ,୧୫।୬ (ଡି.ଏନ୍.ଏ.)

କୋଣାର୍କର ରଜ ଉତ୍ସବର ଦ୍ୱିତୀୟ ଦିବସରେ ମା' ଭଗବତୀଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। 'ଅର୍କଶ୍ରୀ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବହୁ ଦୂରଦୂରାନ୍ତରୁ ଆସି ରଜଦୋଳି ଖେଳିବା ସହ ଝୋଟି, ମେହେନ୍ଦୀ, ଲୁଡୁ, ତାସ୍, କାନ୍ଦଣା, ହୁଳହୁଳି ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ମଉଜ କରିଥିଲେ। ସୁସଜ୍ଜିତ ହୋଇଥିବା ରଜଦୋଳି ଖେଳିବା ସହ ଦୋଳି ସହ ସେଲଫି ଓ ଫଟୋ ଉଠାଇବା ପାଇଁ ଝିଅମାନଙ୍କ ମଧ୍ୟରେ ଏକରକମର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଦିନତମାମ ଭଜନ ପରିବେଷଣ, ସଂକୀର୍ତ୍ତନ, ନୃତ୍ୟ, ଗୀତର ମଜା ସହ ଲୋକେ ନାନାପ୍ରକାର ଖାଦ୍ୟ ଖାଇବାର ମଜା ଉଠାଇଥିଲେ।

ମଧ୍ୟାହ୍ନରେ ଅଭିନେତା ଚନ୍ଦନ କର ଉତ୍ସବରେ ପହଞ୍ଚି ଲୋକମାନଙ୍କୁ ଉତ୍ସାହିତ କରିବା ସହ ନିଜର ଆଗାମୀ ଓଡ଼ିଆ ସିନେମା ଉପରେ ମତବ୍ୟକ୍ତ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ରେଡିଓ ନମସ୍କାର ଅଧକ୍ଷ ଶାହା ଅନସାରୀ, ଗୋପାଳ ବେହେରା, ତ୍ରିବିକ୍ରମ ମହାପାତ୍ରଙ୍କ ସମେତ ଅନେକ ଅତିଥି ଯୋଗଦେଇ ପୁରୁଣା କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଜାରି କରିଥିବା ଅର୍କଶ୍ରୀ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏଥିସହ ସ୍ଥାୟୀ ସଭା ମଣ୍ଡପ, ପାର୍କିଂ ବ୍ୟବସ୍ଥା ସହ ଭଗବତୀଙ୍କ ପୀଠର ଉନ୍ନତି ପାଇଁ ଦୁଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ 'ଅର୍କଶ୍ରୀ'ର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିବାବେଳେ ପ୍ରତାପ ରାଉତ, ସୁରେଶ ସ୍ୱାଇଁ, ଗନ୍ଧର୍ବ ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

## ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୧୫।୬ (ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପାଟପୁର ଗ୍ରାମର ନବ ବିବାହିତା ଦୀପ୍ତିମୟୀ ନାୟକ (୧୯)ଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ରାତିରେ ଜବତ ହୋଇଛି। ଏନେଇ ନିମାପଡ଼ା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୨) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଜଗତ୍‌ସିଂହପୁର ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ୬ ମାସ ତଳେ ଗ୍ରାମର ବବୁଲୁ ନାୟକଙ୍କୁ ଦୀପ୍ତିମୟୀ ପ୍ରେମ ବିବାହ କରିଥିଲେ। ତେବେ ମଙ୍ଗଳବାର ରାତିରେ ଦୀପ୍ତିଙ୍କ ସ୍ୱାମୀ ବଜାରରୁ ଫେରି ତାଙ୍କୁ ଡାକିଥିଲେ। କିନ୍ତୁ ଦୀପ୍ତି ଉତ୍ତର ନ ଦେବାରୁ ଶାଶୁଘର ଲୋକେ ଶୋଇବା ଘର କବାଟ ଭାଙ୍ଗିବାବେଳେ ସେ ବେକରେ ଲୁଙ୍ଗି ବାନ୍ଧି ଆଜବେଷ୍ଟ ଶେଣିରେ ଝୁଲୁଥିଲେ। ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏବଂ ବବୁଲୁଙ୍କ ପରିବାର ପକ୍ଷରୁ ମୃତା ଦୀପ୍ତିଙ୍କ ବାପଘର ଲୋକଙ୍କୁ ଝିଅର ମୃତ୍ୟୁ ଖବର ଦିଆଯାଇଥିଲା। ତେବେ ଦୀପ୍ତିଙ୍କ ବାପଘର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## 'ହଜିଯାଉଥିବା ପରମ୍ପରାକୁ ଆମେ ବଞ୍ଚାଇ ରଖିବା'

ଗୋପ,୧୫।୬ (ଡି.ଏନ୍.ଏ.)

ଆମେ ଓଡ଼ିଆ, ଆମ ସଂସ୍କୃତି, ପରମ୍ପରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡ଼ିତ। ଆମେମାନେ ହଜିଯାଉଥିବା ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବା। ବୁଧବାର ଗୋପ ବ୍ଲକ ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର କୋରୁଆଳ ପଞ୍ଚେଣାଠାରେ ମହିଳା ସଂଘ ପକ୍ଷରୁ ଆୟୋଜିତ ରଜ ଉତ୍ସବରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଏହା କହିଛନ୍ତି। ସରପଞ୍ଚ ନରହରି ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ନିହାରିକା ନାୟକ, ସମିତି ସଭ୍ୟା ବନିତା ପ୍ରଧାନ, ଯୁବନେତା ସମୀର ମହାନ୍ତି, ସଞ୍ଜୟ ଦାଶ ପ୍ରମୁଖ ଯୋଗଦେଇଥିଲେ। କିଛି ବର୍ଷ ହେବ ଗ୍ରାମାଞ୍ଚଳରେ ରଜ ପର୍ବ ସହିତ ବିଭିନ୍ନ ପରମ୍ପରା ଓ ସଂସ୍କୃତିଭିତ୍ତିକ ପର୍ବପର୍ବାଣି ଦେଖିବାକୁ ମିଳୁନାହିଁ। ଏବେଠାରୁ ଆମେ ବାର ମାସରେ ତେରପର୍ବ ପ୍ରତି ଗୁରୁତ୍ୱ ଦେବାକୁ ଅତିଥିମାନେ ସମସ୍ତଙ୍କୁ ନିବେଦନ କରିଥିଲେ। ମହିଳା ସଂଘ ପକ୍ଷରୁ ରଜଦୋଳି, ଶଙ୍ଖ, ପାନଭଙ୍ଗା, ପିଠାପଣା ସହିତ ଆଉ ଅନେକ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ।



ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ଭୋଗ ହୋଇଥିବା ଠାକୁରଙ୍କ ପ୍ରିୟ ଖାଦ୍ୟ ଖିରିକୁ ସେବକମାନେ ନେଉଛନ୍ତି।

## ପୁସ୍ତକ ନୀଳ ନିମନ୍ତ୍ରଣ ଲୋକାର୍ପିତ

ପୁରୀ ଅଫିସ,୧୫।୬

ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଅବସରରେ ଅଭିମାନ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁରୀ ଆଧାରିତ ୧୬ଟି ବଙ୍ଗଳା ଗପର ଓଡ଼ିଆ ଅନୁବାଦ ନୀଳ ନିମନ୍ତ୍ରଣ ଲୋକାର୍ପିତ ହୋଇଛି। ସ୍ଥାନୀୟ ଯୁଥ ହଷ୍ଟେଲରେ ଆୟୋଜିତ ବୈଠକରେ କବି ଓ ସାମାଜିକ କର୍ମୀ ଶୈଳଜ ରବି, ଗବେଷକ ତଥା ସ୍ତମ୍ଭକାର ଅସିତ ମହାନ୍ତି, କବି ସୁଚେତା ମିଶ୍ର, କବି ଚିନ୍ମୟ ବିବେକ ତଥା ଅନୁବାଦକ ପ୍ରଦୀପ ରାୟ ଅତିଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭକ୍ତି ସଙ୍ଗୀତ ଗାନ କରିଥିଲେ କବି ଏବଂ ଗାୟିକା ଶ୍ରାବଣୀ ଦାସ। ସ୍ତମ୍ଭକାର ଅସିତ ମହାନ୍ତି ଏହା ମାଧ୍ୟମରେ ଓଡ଼ିଆ ଓ ବଙ୍ଗ ସଂସ୍କୃତି ମଧ୍ୟରେ ସେତୁସ୍ଥାପନ ହୋଇପାରିବ ବୋଲି ମତ ରଖିଥିଲେ। ଚିନ୍ମୟ ବିବେକଙ୍କ ଦ୍ୱାରା ସଞ୍ଚାଳିତ ହେଉଥିବା ଉକ୍ତ ସଭାରେ ଅଜୟ ପ୍ରଧାନ, ଶୈଳଜ ରବି, ବଦ୍ରୀ ମିଶ୍ର, ପ୍ରକାଶିକା ମାନମୟୀ ରଥ, ଅନୁବାଦକ ପ୍ରଦୀପ ରାୟ, ଗାଳ୍ପିକା ସୁନନ୍ଦା ପ୍ରଧାନ, କାମଦେବ ମହାରଣା, ଦିଲୀପ ବେହେରା, ଆଲୋକ ପ୍ରଧାନ, ବିଚିତ୍ରା ଦାଶ, ସୁଚିତ୍ରା ରଥ, ଦେବୀ ପ୍ରସନ୍ନ ରଥ, ସୁବାସିନୀ ଶତପଥୀ, ଉମାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କବି ଭବାନୀ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଗଣଶିକ୍ଷା ମନ୍ତ୍ରୀ

ନିମାପଡ଼ା,୧୫।୬ (ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ପଞ୍ଚାୟତ ଅଂଶାଲୋ ଗ୍ରାମଠାରେ ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ୩ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅଂଶାଲୋ ଦଳିତ ସାହିଠାରେ ୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମା' ମଙ୍ଗଳାଙ୍କ ମନ୍ଦିର, ୧ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମର କୋଠଘର ଓ ୧୦ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ପୋଖରୀ ଖନନ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ନୂତନ କାର୍ଯ୍ୟ ଖୁବ୍‌ଶୀଘ୍ର ଦ୍ୱରାନ୍ୱିତ ହେବା ସହ ନିମାପଡ଼ା ବ୍ଲକର ଭୋଗଶାଳଦା ପଞ୍ଚାୟତ ସମେତ ସମସ୍ତ ପଞ୍ଚାୟତର ସମୂହ ବିକାଶ ପାଇଁ ଆମେ ସଦା ଚେଷ୍ଟିତ ଓ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ବ୍ଲକର ପ୍ରତ୍ୟେକ ପଞ୍ଚାୟତ ପ୍ରତିନିଧିମାନେ ପଞ୍ଚାୟତବାସୀଙ୍କ ସୁଖଦୁଃଖରେ ସାମିଲ ହୋଇ ସେବକ ଭାବେ କାର୍ଯ୍ୟ କରିବାକୁ ମନ୍ତ୍ରୀ ପଞ୍ଚାୟତ ପ୍ରତିନିଧି, ବିଜେଡିର କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନସୂୟା ମହାନ୍ତି, ସରପଞ୍ଚ ବିଶ୍ୱନାଥ ସେନାପତି, ସମିତି ସଭ୍ୟା ସଭ୍ୟାରାଣୀ ବିଶ୍ୱାଳ, ୨୦ ନଂ. ଜୋନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଅଜୟ ସ୍ୱାଇଁ, ଆଇନଜୀବୀ ରଣଜିତ୍ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଦେବସ୍ନାନ ପୂର୍ଣ୍ଣିମା ଭଜନ ସମାରୋହ

ପୁରୀ ଅଫିସ,୧୫।୬

ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗବେଷଣା କେନ୍ଦ୍ର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ତରଫରୁ ୩୪ତମ ଦେବସ୍ନାନ ପୂର୍ଣ୍ଣିମା ଭଜନ ସମାରୋହ ଓ ଦେବଦାସୀ ନୃତ୍ୟ ଉତ୍ସବ ବଡ଼ଦାଣ୍ଡସ୍ଥିତ ଭକ୍ତସାଲବେଗ ସମାଧି ପୀଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରଶଂସା କରିଥିଲେ। ଅନ୍ୟ ଅତିଥି ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ରୀକଣ୍ଠ ମିଶ୍ର, ଅନୁଷ୍ଠାନର ଉପସଭାପତି ରାଜକିଶୋର ରାଉତ ଯୋଗଦେଇ କାର୍ଯ୍ୟକ୍ରମର ଉନ୍ନତିକାମନା କରିଥିଲେ। କାର୍ଯ୍ୟକ୍ରମରେ ବିରଗୋବିନ୍ଦପୁରର ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଗୁରୁ ନିରଞ୍ଜନ ରାଉତଙ୍କ ପଟଶିଷ୍ୟା ସୁଶ୍ରୀ ସୁମିତ୍ରା ମିଶ୍ର ଦେବଦାସୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଶେଷରେ କଣ୍ଠଶିଳ୍ପୀ ସର୍ବଶ୍ରୀ ଶତ୍ରୁଘ୍ନ ନାୟକ, ପ୍ରଦୀପ ବାହିନୀପତି, ଉପେନ୍ଦ୍ର କୁମାର, ପ୍ରତିମା ଦାସ୍ ଓ ସୁଶାନ୍ତ କୁମାର ପ୍ରମୁଖ ଭଜନ ପରିବେଷଣ କରି ଶ୍ରୀଜଗନ୍ନାଥ ପ୍ରେମୀମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ବିଧାୟକ ଦେବଦାସୀ ନୃତ୍ୟ ଶିଳ୍ପୀ ସୁମିତ୍ରା ମିଶ୍ର ଓ ଅନ୍ୟ କଳାକାରଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଯୁଗ୍ମ ସମ୍ପାଦିକା ସୁନୀତା ନାୟକ, ଉପସ୍ଥାପକ ଚନ୍ଦନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୮ ସପ୍ତାହ ମଧ୍ୟରେ ଏନ୍‌ଏଚ୍‌ଆରସିର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପୁରୀ ଅଫିସ,୧୫।୬

**୫ ମାସ ଧରି ହିତାଧିକାରୀଙ୍କୁ ମିଳିନି ଗହମ**

ପୁରୀ ଜିଲାର ୪ଲକ୍ଷ ଗରିବ ପରିବାରକୁ ଯୋଗାଣ ବିଭାଗ ୫ ମାସ ଧରି ଗହମ ଯୋଗାଇ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏଥିପ୍ରତି କୌଣସି ପଦକ୍ଷେପ ନ ନିଆଯିବାରୁ ପୁଣି ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ନିକଟରେ ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ସି ହସ୍ତକ୍ଷେପ କରି ୮ ସପ୍ତାହ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି କମିଶନ। ପୁରୀ ବିକାଶ ପରିଷଦ ପକ୍ଷରୁ ରୁଜୁ କରିଥିବା ମାମଲାର ଶୁଣାଣି କରି କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାରତୀୟ ଖାଦ୍ୟ ନିଗମ ଓ ରାଜ୍ୟ ସରକାରଙ୍କର ଯୋଗାଣ ବିଭାଗର ଅବହେଳା ଯୋଗୁ ପୁରୀ ଜିଲାର ପ୍ରାୟ ୪ ଲକ୍ଷ ପରିବାର ଗତ ଫେବୃୟାରୀଠାରୁ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣରେ ଗହମ ପାଇ ନ ଥିବା ପୁରୀ ବିକାଶ ପରିଷଦ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସରକାରୀ ସ୍ତରରେ ଏଭଳି ଅବହେଳା ଯୋଗୁ ଜିଲାର ଲକ୍ଷାଧିକ ଲୋକ ୫ ମାସ ଧରି ଗହମ ପାଇପାରୁ ନାହାନ୍ତି। ଜଟଣୀ ଗୋଦାମ ପରିବର୍ତ୍ତେ କଟକ ଗୋଦାମରୁ ଗହମ ଉଠାଇବା ପାଇଁ ଭାରତୀୟ ଖାଦ୍ୟ ନିଗମ ଜିଲା ଯୋଗାଣ ବିଭାଗକୁ ଅନୁମତି ନ ଦେବାରୁ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଗହମ ମିଳୁନି। ଏ ନେଇ ପୁରୀ ଜିଲାପାଳ ସମର୍ଥ ବର୍ମା ରାଜ୍ୟ ଖାଦ୍ୟ ନିଗମ ଓ ଭାରତୀୟ ଖାଦ୍ୟ ନିଗମ ମଧ୍ୟରେ ଚିଠି ଲେଖିଥିଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ। ପୁରୀ ବିକାଶ ପରିଷଦ ପକ୍ଷରୁ ଏ ସମ୍ପର୍କରେ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ ମଧ୍ୟ ସମାଧାନ ହୋଇପାରି ନାହିଁ। ଜଟଣୀ ଗୋଦାମରୁ ପୁରୀ ଜିଲା ପାଇଁ ଗହମ ଉଠାଇବାରେ ସେଠାକାର ଟ୍ରକ୍ ମାଲିକ ସଂଘ ବାଧା ସୃଷ୍ଟି କରୁଥିବା ପୁରୀ ଜିଲାପାଳ ତାଙ୍କ ଚିଠିରେ ସ୍ପଷ୍ଟ କରିଥିଲେ। ତେଣୁ ଜଟଣୀ ଗୋଦାମ ପରିବର୍ତ୍ତେ କଟକ ଗୋଦାମରୁ ପୁରୀ ଜିଲାକୁ ଗହମ ଯୋଗାଣ ପାଇଁ ଅନୁରୋଧ କରିଥିଲେ। ପୁରୀ ବିକାଶ ପରିଷଦର ଜଗନ୍ନାଥ ବସ୍ତିଆ କହିଛନ୍ତି, ସାଧାରଣ ଲୋକଙ୍କର ସାମ୍ବିଧାନିକ ଓ ମୌଳିକ ଅଧିକାର ଉଲ୍ଲଂଘନ କରାଯାଉଛି। କମିଶନ ନିକଟରେ ଅଭିଯୋଗ କରାଯିବା ପରେ କମିଶନ ତଥ୍ୟକୁ ଶୁଣି ସୋମବାର ଏହାର ଶୁଣାଣି କରିଛନ୍ତି। ଖାଉଟି ସତୀଶଚନ୍ଦ୍ର ଦାଶ କହିଛନ୍ତି, ଗହମ ମଧ ଭାତ ଭଳି ଏକ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ। ଏହା ନ ମିଳିବା ଫଳରେ ଅଟା ବଜାରରୁ କିଣି କରି ଖାଇବାକୁ ପଡୁଛି। ସରକାର ପୁନଶ୍ଚ ଗହମ ଯୋଗାଇ ଦେବା ଉପରେ ଧ୍ୟାନ ଦେବା ଦରକାର। ସେହିଭଳି ବକେୟା ଗହମ ମଧ ମିଳୁ ବୋଲି ସେ ଦାବି କରିଛନ୍ତି।

## ଲିଟିଲ୍ ଷ୍ଟାର ଗ୍ରୁପ୍‌ର କାର୍ଯ୍ୟ ପ୍ରଶଂସନୀୟ

ନିମାପଡ଼ା,୧୫।୬(ଡି.ଏନ୍.ଏ.)

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍‌ର ୨୦ତମ ପ୍ରତିଷ୍ଠା ଦିବସ, ରଜ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ବୁଧବାର ପାଟପୁରସ୍ଥ ବାବା ଲୋକନାଥଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅଭିନେତା ଚିତ୍ତରଞ୍ଜନ ମିଶ୍ର, ଭୁବନେଶ୍ୱର ପୂର୍ବତଟ ରେଳପଥର ଜନସମ୍ପର୍କ ଅଧିକାରୀ ନିରାକାର ଦାସ, ସାହିତ୍ୟିକ ବଙ୍କିମଚନ୍ଦ୍ର ନାୟକ, ଚିନ୍ମୟୀ ପଣ୍ଡା, ସାହିତ୍ୟିକ ଶୁଭ ଦାସ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ପାଢ଼ୀ, ସୁବ୍ରତ ମହାନ୍ତି, ନିର୍ମଳ ମିଶ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଶିଶୁପତ୍ରିକା 'ବାନରସେନା'ର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମାରୋହରେ ଅନୁଷ୍ଠାନ ପକ୍ଷରୁ ନିରାକାର ସାହୁଙ୍କୁ ରଜ ଉତ୍ସବ ସାହିତ୍ୟ ସମ୍ମାନ, ସାହିତ୍ୟିକ ଶୁଭ ଦାସଙ୍କୁ ଲୋକନାଥ ମିଶ୍ର ସ୍ମୃତି ସମ୍ମାନ, ଶିକ୍ଷାବିତ୍ ଚିନ୍ମୟୀ ପଣ୍ଡା, ଖବରଦାତା ବିକାଶ ବାରିକ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶିଶୁ ଶିଳ୍ପୀ ଡ. ସାଇ ଶ୍ରୀୟାଂଶୀଙ୍କୁ ଶ୍ଳୋକ ଆବୃତ୍ତି ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ସୁମନ୍ତ ମହାରଣା, ଉପଦେଷ୍ଟା ଡ. ପ୍ରଣବ ସ୍ୱାଇଁ, ଅଜୟ ମିଶ୍ର ପରିଚାଳନା କରିଥିଲେ।



ଲିଟିଲ୍ ଷ୍ଟାର ଗ୍ରୁପର ପ୍ରତିଷ୍ଠା ଦିବସର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ବୋମାମାଡ଼ ଘଟଣା, ୨ ଅଟକ

**ବୋଲଗଡ଼,୧୫।୬(ଡି.ଏନ୍.ଏ.):** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ବାଲସିଂହ ଗ୍ରାମରେ ମଙ୍ଗଳବାର ରାତିରେ ଘଟିଥିବା ବୋମାମାଡ଼ ଘଟଣାରେ ଥାନାରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖାଯାଇଥିବା ଆଇଆଇସି ବିଦିତା ନାୟକ କହିଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଦୁଇ ପରିବାର ମଧ୍ୟରେ ଏହି ଘଟଣା ଘଟିଛି। ଗ୍ରାମର ମଧୁସ୍ମିତା ରାଉତଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ .୧୫୬/୨୨) ରୁଜୁ ହୋଇଛି। ସେହିପରି ମାଳତି ପରିଡାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୫୭/୨୨)ରୁଜୁ ହୋଇଛି। ବୁଧବାର ପୋଲିସ ଓ ସାଇଣ୍ଟିଫିକ ଟିମ୍ ବୋମାମାଡ଼ ସ୍ଥଳରେ ପହଞ୍ଚି ଗୋଟିଏ ବୋମା ଜବତ କରି ଅଧିକ ତଦନ୍ତ ଚଳାଇଛନ୍ତି। ସୂଚନାଥାଉ କି, ମଙ୍ଗଳବାର ରାତିରେ ବୋମାମାଡ଼ ହୋଇଥିବା ବେଳେ ଏଥିରେ ୨ଜଣ ଗୁରୁତର ଓ ୨ଜଣ ଆହତ ହୋଇଥିଲେ।

### ମଦ ଜବତ, ୨ ଗିରଫ

**ବୋଲଗଡ଼,୧୫।୬(ଡି.ଏନ୍.ଏ.):** ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଅଧୀନ ଫିରିଫିରା ଗ୍ରାମରେ ପୋଲିସ ଚଢ଼ାଉ କରି ୨୮.୬୨୦ଲିଟର ବିଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନବକିଶୋର ବାଘସିଂହ ଓ ଭିକାରୀ ଚରଣ ଜେନା। ଏନେଇ ଥାନାରେ ମାମଲା (ନଂ.୧୫୫/୨୨) ରୁଜୁ ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଆଇ ସୁଜାତା ପଲେଇ ସୂଚନା ଦେଇଛନ୍ତି।

### ଏବିଭିପିର ସେବାକାର୍ଯ୍ୟ

**ଖୋର୍ଦ୍ଧା ଅଫିସ,୧୫।୬:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ନଗର ପକ୍ଷରୁ ବରୁଣେଇଙ୍କ ପୀଠରେ ରଜ ମହୋତ୍ସବରେ ଲେମ୍ବୁପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସେବା କାର୍ଯ୍ୟକ୍ରମ ନଗର ଏସ୍‌ଏଫ୍‌ଏସ୍ ସଂଯୋଜକ ହର୍ଷିତା ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗ ଏସ୍‌ଏଫ୍‌ଏସ୍ ପ୍ରମୁଖ ଚନ୍ଦନ ପାଢଶାଣୀ, ରାଜ୍ୟ ସହ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ, ଜିଲା ସଂଯୋଜକ ସାଗର ପରିଡ଼ା, ନଗର ସହ ସମ୍ପାଦିକା ଅନ୍ନପୂର୍ଣ୍ଣା ସ୍ୱାଇଁ, ସରିତା ସାହୁ, ସ୍ୱପ୍ନାଶ୍ରୀ ଦାସ, ରୁଦ୍ର ପ୍ରକାଶ ସାହୁ, ଶୋଭନ ରାଉତରାୟ, ଶିବପ୍ରସାଦ ପଟ୍ଟନାୟକ, ବିଶ୍ୱଜିତ୍ ଦାସ ପ୍ରମୁଖ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ବୋଲଗଡ଼,୧୫।୬(ଡି.ଏନ୍.ଏ.):** ଭୁବନେଶ୍ୱର ଜୀବନ ଜାଗୃତି ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ସାମାଜିକ କର୍ମୀ ଅମୀୟ ପଟ୍ଟନାୟକ ଓ ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଦେଈଙ୍କ ମିଳିତ ଆବାହକତ୍ୱରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡାସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୯୦ ଜଣ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡା.ବିଭୁଦତ୍ତ ମଲ୍ଲ, ଡା.ସୁନିଲ କୁମାର ଦାସ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜୀବନ ଜାଗୃତି ଟ୍ରଷ୍ଟ ପକ୍ଷରୁ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଜୟକୃଷ୍ଣ ରାଉତରାୟ, ନିଗମା ସ୍ୱାଇଁ, ମଦନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ୨୫ନଂ. ଜୋନ ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, କଳାଙ୍ଗ ସମିତି ସଭ୍ୟ ହିପିନା ସାହୁ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ମୁଣ୍ଡମୁହାଣରେ ଜମୁଛି ରଜ ମହୋତ୍ସବ

**ଯାଁଳା,୧୫।୬(ଡି.ଏନ୍.ଏ.):** ରଜ ପର୍ବ ପରିପ୍ରେକ୍ଷୀରେ ଗ୍ରାମେଶ୍ୱର ଯୁବ ପରିଷଦ ଆନୁକୁଲ୍ୟରେ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ମେଳଣ ପଡ଼ିଆରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ରଜ ମହୋତ୍ସବ-୨୦୨୨। ୧୫ଟି ଦୋଳିର ବ୍ୟବସ୍ଥା କରାଯାଇଛି। ଦିନ ତମାମ ମହିଳା ଓ ଯୁବତୀମାନେ ମ୍ୟୁଜିକ ଚେୟାର, ପୁଚି, ଦୌଡ଼ି ଡିଆଁ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଗାଁ କଳା ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଜ ସଂକ୍ରାନ୍ତି ଅବସରରେ ଓଡ଼ିଶୀ ନୃତ୍ୟ, ପାଇକ ଆଖଡ଼ା, ପ୍ରବଚନ ସହ ଲୁଡୁ ପ୍ରତିଯୋଗିତା ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

# 'ମହୋତ୍ସବ ଜାତୀୟ ସଂସ୍କୃତି, ସ୍ମୃତିକୁ ମନେପକାଏ'

**ଖୋର୍ଦ୍ଧା ଅଫିସ,୧୫।୬**

## ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ


ମହୋତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଅନ୍ୟ ଅତିଥି।

ରଜ ପର୍ବକୁ ନେଇ ଏବେ ସବୁଠି ଉତ୍ସବର ମାହୋଲ। ସହରଠୁ ଗାଁ ସବୁଠି ଜମୁଛି ରଜର ଆସର। ଏହି ଗଣପର୍ବକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିଆରା ଢଙ୍ଗରେ ପାଳନ କରାଯାଉଛି। କେଉଁଠି କୁମାରୀମାନେ ରଜପାନ ଆଉ ରଜଦୋଳିର ମଜା ନେଉଛନ୍ତି ତ ଆଉ କେଉଁଠି ଓଡ଼ିଆ ଘରର ପିଠାପଣା ମହକୁଛି। ବୁଧବାର ରଜ ସଂକ୍ରାନ୍ତି ଅବସରରେ ଏହି ଗଣପର୍ବକୁ ଉଜ୍ଜୀବୀତ କରିବା ପାଇଁ ଦିଶାନ୍ତ ଅନୁଷ୍ଠାନ ଆନୁକୂଲ୍ୟରେ ୧୪ତମ ବରୁଣେଇ ରଜମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ଆୟୋଜକ ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତର ସଭାପତି ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା ମହାନ୍ତି କହିଥିଲେ, ଓଡ଼ିଶାର ଲୋକକଳା, ସଂସ୍କୃତି, ଐତିହ୍ୟ ସମ୍ପର୍କରେ ସାଂସ୍କୃତିକ ଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜନ ହୋଇଥିବା ବେଳେ ମହୋତ୍ସବ ଜାତୀୟ ସଂସ୍କୃତି ଓ ସ୍ମୃତିକୁ ମନେପକାଇଥାଏ ବୋଲି କହିଥିଲେ। ରଜପର୍ବ ଠାରୁ ଚାଷ କାମ ଉପଯୋଗୀ ହୋଇଥାଏ। ତେବେ ରଜପର୍ବରେ ପୋଡ଼ ପିଠା ମହତ୍ତ୍ୱ ବୁଝାଇବା ସହିତ ସମାଜର ବିକାଶ କ୍ଷେତ୍ରରେ ପୁରୁଷ ଓ ନାରୀ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତଥା ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ କୁମାର ପରିଡ଼ା, ସହ-ସମ୍ପାଦକ ସଞ୍ଜୀବ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୂଜାଶ୍ରୀ ପାଇକରାୟ, ସନ୍ଧ୍ୟାରାଣୀ ମିଶ୍ର ଓ ସୁଶ୍ରୀ ସଙ୍ଗୀତା ଦାସ, ମାମାଲି ମିଶ୍ର, କଲ୍ୟାଣୀ ପଟ୍ଟନାୟକ, ଶର୍ମିଷ୍ଠା ପଟ୍ଟନାୟକ, ଉର୍ମିଳା ସାହୁ, ସସ୍ମିତା ପଣ୍ଡା, ଲକ୍ଷ୍ମୀ ରାଉତ, ଲକ୍ଷ୍ମୀପ୍ରିୟା ମିଶ୍ର ଓ ସ୍ନିଗ୍ଧାରାଣୀ ଦାସଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ଲାକ ସ୍ପାଇଡର ଡ୍ୟାନ୍ସ ଗ୍ରୁପ, ବିଡିସି ଯାଁଳାର କଳାକାରମାନେ କଳା ପ୍ରଦର୍ଶନ କରିଥିଲେ। ଯାହାକି ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନର ଉପସଭାପତି ନିରଞ୍ଜନ ନାୟକ ବିବରଣୀ ପାଠ କରିଥିବା ବେଳେ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।


ଖୋର୍ଦ୍ଧା ଉପକଣ୍ଠ ଅଣ୍ଡା ଗ୍ରାମସ୍ଥିତ ରଜ ମହୋତ୍ସବରେ ଜଣେ ବାଳିକା ଦୋଳି ଖେଳୁଛନ୍ତି।


ଝାମୁଯାତ୍ରା ଅବସରରେ ବୁଧବାର ଜଟଣୀ ବ୍ଲକ ଓଗାଳପଡ଼ା ଗ୍ରାମସ୍ଥିତ ଶ୍ରୀମୃଗେଶ୍ୱରଙ୍କ ପୀଠରେ ମାନସିକଧାରୀ ନିଆଁରେ ଚାଲୁଛନ୍ତି।

## ଆଜି ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ

**ଖୋର୍ଦ୍ଧା ଅଫିସ,୧୫।୬**

ରଜ ଉପଲକ୍ଷେ ରାଜ୍ୟ ସରକାର ଜୁନ ୧୪ ଓ ୧୫ ତାରିଖ ଛୁଟି ଦିବସ ଭାବେ ଘୋଷଣା କରିଛନ୍ତି। ତେବେ ଶେଷ ରଜ ଜୁନ ୧୬ ତାରିଖ (ଗୁରୁବାର) ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ପାଇଁ ସ୍ଥାନୀୟ ଛୁଟି ଘୋଷଣା କରାଯାଇଛି। ଏନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ରାଜସ୍ୱ ଆୟୁକ୍ତ ତାଙ୍କ କାର୍ଯ୍ୟ ପରିସର ଥିବା ନିର୍ଦ୍ଦିଷ୍ଟ ଜିଲାରେ ଗୋଟିଏ ଦିନ ସରକାରୀ ସ୍ଥାନୀୟ ଛୁଟି ଘୋଷଣା କରିଥାନ୍ତି। ଏହି ଆଧାରରେ ଜୁନ ୧୬ ତାରିଖକୁ ଖୋର୍ଦ୍ଧା ଜିଲା ପାଇଁ ସରକାରୀ ଛୁଟି ଘୋଷଣା କରାଯାଇଛି। ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ସୂଚନା ଦେଇଛନ୍ତି।

## ନର୍ଦ୍ଦମା ଜଳ ଯୋଗୁ ଦୟା, ରାଜୁଆ ବିଷାକ୍ତ

**କଣାସ,୧୫।୬(ସ୍ୱ.ପ୍ର.)**

### ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ଦାବି

ଭୁବନେଶ୍ୱର ସହରର ନର୍ଦ୍ଦମା ଜଳକୁ ଗଙ୍ଗୁଆନାଳ ଦେଇ ଦୟାନଦୀକୁ ଛାଡୁଥିବାରୁ ଦୟା, ରାଜୁଆ ଓ ମକରା ନଦୀ ଜଳ ବିଷାକ୍ତ ହୋଇଗଲାଣି। ଏପରି କି ନଦୀରେ ଥିବା ମାଛ ସବୁ ମରି ଭାସୁଛନ୍ତି। ଏଥିପ୍ରତି ବାରମ୍ବାର ସ୍ଥାୟୀ ପ୍ରତିକାର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏଥିସହ କେତେକ ଅନୁଷ୍ଠାନ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିବା ଜଣାପଡିଛି। କଣାସ ବ୍ଲକରେ ଦୟା, ରାଜୁଆ, ମକରା ନଦୀରୁ ଢୋଲପାଟଣା, ଗଡବଡପୁଟ, ପାଣ୍ଡିଆକେରା, ବେଣାଗାଁ, ଜଙ୍କିଆ, କରମଳା, ଗୋପୀନାଥପୁର, ବିଜିପୁର, ଗଡିଶାଗୋଦା, ଚୁପୁରିଙ୍ଗି, ଅଡାଲ, ସୁନାମୁହିଁଠାରେ ପାଇପ ଜଳ ପ୍ରକଳ୍ପମାନ ନିର୍ମାଣ କରାଯାଇ ଉକ୍ତ ବିଷାକ୍ତ ଜଳକୁ ପାନୀୟ ରୂପେ ଯୋଗାଇ ଦିଆଯାଉଛି। ତେବେ ନଦୀକୂଳବାସୀ ଉକ୍ତ ନଦୀର ଜଳକୁ ନିତ୍ୟ ବ୍ୟବହାର କରିବା ସହିତ ପାନୀୟ ରୂପେ ବ୍ୟବହାର କରୁଥିବାରୁ ଅନେକ ବ୍ୟକ୍ତି ପେଟରୋଗରେ ଆକ୍ରାନ୍ତ ହେବା ସହ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ନଦୀକୂଳ ଗ୍ରାମଗୁଡିକରେ ଚର୍ମରୋଗ ଓ ପେଟରୋଗୀମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ନଦୀକୂଳ ଗ୍ରାମବାସୀମାନେ ଦାବି କରିଛନ୍ତି।

# ହୃଷୀକେଶଙ୍କୁ ପ୍ରଥମ ଦିଲୀପ ଦାସ ସ୍ମୃତି ସମ୍ମାନ

**ବ୍ରହ୍ମପୁର ଅଫିସ୍,୧୫।୬**

### ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଦିଲୀପ ଦାସଙ୍କ ଜୟନ୍ତୀ

ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ତରଫରୁ କବି ଦିଲୀପ ଦାସଙ୍କ ୮୧ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ମନ୍ମଥ ପାଢ଼ୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ସଭାପତି ପ୍ରଶାନ୍ତ ମିଶ୍ର ଓ ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ମଞ୍ଚାସୀନ ଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଡ. ବିଦ୍ୟୁତପ୍ରଭା ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଡ. ବିଦ୍ୟୁତପ୍ରଭା ସାହୁ ଓ ଡ. ବାୟାମାନୁ ଚର୍ଚ୍ଚିଙ୍କ ଯୁଗ୍ମ ସମ୍ପାଦନାରେ ପ୍ରକାଶିତ ଦିଲୀପ ଦାସଙ୍କ କାବ୍ୟ ସମ୍ଭାର ଏକ ଅନ୍ତାସକ୍ତ ଆକଳନ ଓ ଡ. ବିଦ୍ୟୁତପ୍ରଭା ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ତୁଳନାତ୍ମକ ସାହିତ୍ୟ ସଂଚୟନ ପୁସ୍ତକ ଲୋକାର୍ପଣ ହୋଇଥିଲା। ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ତରଫରୁ ପ୍ରଥମ ଦିଲୀପ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

## ପତ୍ରିକା 'ଦାରୁଦିଅଁ' ଲୋକାର୍ପିତ

**ବାଲିପାଟଣା,୧୫।୬(ଡି.ଏନ୍.ଏ.)**

ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ବୁଧବାର ଆଧ୍ୟାତ୍ମିକ ପତ୍ରିକା 'ଦାରୁଦିଅଁ' ଲୋକାର୍ପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଅରବିନ୍ଦ ଢାଲି, ମୁଖ୍ୟ ବକ୍ତା ଭାବେ ସଂଳାପ ଲେଖକ ଅଧ୍ୟାପକ ରଜନୀ ରଞ୍ଜନ ଦାଶ, ଅତିଥିଭାବେ ବରିଷ୍ଠ ଲେଖକ ତ୍ରିନାଥ ପଟ୍ଟନାୟକ, ବାଲିପାଟଣା ଥାନାଧିକାରୀ କୃପାସିନ୍ଧୁ ବରାଡ଼, ଗବେଷକ ହଂସନାଥ ସାହୁ, ନଳିନୀ ବେହେରା, ରଶ୍ମିରଞ୍ଜନ ବଳିୟାରସିଂ, ହରିହର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରଜ ପର୍ବ ଅବସରରେ ଝୋଟି, ହୁଳହୁଳି, ଅଳତାଲଗା, ପାନଭଙ୍ଗା ଓ କାନ୍ଦଣା ପ୍ରତିଯୋଗିତା ହୋଇଥିଲା। ଝୋଟି ପ୍ରତିଯୋଗିତାରେ ନିଷ୍ଠା ପ୍ରିୟଦର୍ଶନୀ, ହୁଳହୁଳିରେ ସବିତା ତ୍ରିପାଠୀ, କାନ୍ଦଣାରେ କାଞ୍ଚନ ଦେଈ, ଅଳତା ଲଗାରେ ଆରତି ବେହେରା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କବି ବିପିନ ମହାନ୍ତି, ଭଗବାନ ସାହୁ ଏବଂ ଅଭିମନ୍ୟୁ ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ୨୦ଜଣ କବି ସ୍ୱରଚିତ ରଜ କବିତା ପାଠ କରିଥିଲେ। ୧୫ଜଣ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଦାରୁଦିଅଁର ସମ୍ପାଦକ ଦେବେନ୍ଦ୍ର ନାଥ ସେନାପତି ସଭା ପରିଚାଳନା କରିଥିଲେ। ମୁରଲୀଧର ସାହୁ, ତନୟା ଦାସ ଗୋସ୍ୱାମୀ, ରମେଶ ଚନ୍ଦ୍ର ରଥ, ରାଧାକାନ୍ତ ମହାନ୍ତି, ଦିଲୀପ ଓଝା ପ୍ରମୁଖ ସହଯୋଗ କରିଥିଲେ।

## ଅସରଳାରେ ରଜ ମହୋତ୍ସବ


ଶୋଭାଯାତ୍ରାରେ ଦଧିବାମନଜୀଉଙ୍କୁ ନିଆଯାଉଛି।

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୧୫।୬(ଡି.ଏନ୍.ଏ.)**

ରଜ ପର୍ବକୁ ନେଇ ଏବେ ସବୁଠି ଉତ୍ସବର ମାହୋଲ। ସହରଠୁ ଗାଁ ସବୁଠି ଜମୁଛି ରଜର ଆସର। ଏହି ଗଣପର୍ବ ଅସରଳା ଗ୍ରାମରେ ଚାରିଦିନ ବ୍ୟାପୀ ପାଳିତ ହୋଇଥାଏ। ଗ୍ରାମର ଚାରୋଟି କ୍ଲବ (ବଜରଙ୍ଗୀ, ମା, ବିମଳାକ୍ଷୀ ଓ ବୀଣାପାଣି) ପକ୍ଷରୁ ନାଟକ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଅପରାହ୍ନରେ ପ୍ରତ୍ୟେକ ସାହି ପକ୍ଷରୁ ଗ୍ରାମର ଇଷ୍ଟ ଦଧିବାମନଜୀଉଙ୍କ ଚଳନ୍ତି ପ୍ରତିମା ଦୋଳମଣ୍ଡପରେ ବିରାଜମାନ କରି ଚଇତି ଘୋଡ଼ା ନାଚ, ବାଘନାଚ, ପାଇକ ଆଖଡ଼ା ବାଡ଼ିଖେଳ ସହ ଘଣ୍ଟଘଣ୍ଟାରେ ସାହି ପରିକ୍ରମା କରି କୁଞ୍ଜବନ ପୀଠକୁ ଯାଇଥାନ୍ତି। ପୁନର୍ବାର କୁଞ୍ଜବନ ସାହି ପରିକ୍ରମା ପରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଏ। ପହିଲି ରଜ ଉପଲକ୍ଷେ ବଜରଙ୍ଗୀ କ୍ଲବ ପକ୍ଷରୁ କାଳୀୟଦଳନ, ଦ୍ୱିତୀୟ ଦିନ ମା' କ୍ଲବ ପକ୍ଷରୁ ବନ୍ଧୁ ବାନ୍ଧିଛି ଲୁହ ସାଥିରେ, ତୃତୀୟ ଦିନ ଭୂମି ଦହନ, ବିମଳାକ୍ଷୀ କ୍ଲବ୍ ପକ୍ଷରୁ ମଣିଷ ଖେଳୁଛି କଣ୍ଢେଇ ଖେଳ ଏବଂ ଚତୁର୍ଥ ଦିନ ମହାଲକ୍ଷ୍ମୀ ସ୍ନାନ (ବସୁମାତା ସ୍ନାନ) ବୀଣାପାଣି କ୍ଲବ ପକ୍ଷରୁ 'ଏଇଟି ତୋର ଦୋଷ ନା ମୋର ଦୋଷ' ନାଟକ ଅନୁଷ୍ଠିତ ହେବ। ଅସରଳାର କୁମାରୀମାନେ ସଜବାଜ ହେବା ସହ ଆମ୍ବତୋଟାରେ ଦୋଳି ଖେଳଥା'ନ୍ତି।

# ଯୁବତୀଙ୍କ ସମେତ ୨ ବ୍ରାଉନସୁଗାର ବେପାରୀ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୬**

### ୨୧ ଗ୍ରାମ ବ୍ରାଉନସୁଗାର, ସ୍କୁଟି, ୨୫ହଜାର ଟଙ୍କା ଜବତ



ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିବାରେ ଲାଗିଛି। ଏସ୍‌ଟିଏଫ୍, ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ବୁଧବାର ଖୋର୍ଦ୍ଧା ଆଦର୍ଶ(ଟାଉନ) ଥାନା ଅନ୍ତର୍ଗତ ଗୁରୁଜଙ୍ଗ ନନ୍ଦସାହିରେ ପୋଲିସ ଚଢ଼ାଉ କରି ଜଣେ ଯୁବତୀଙ୍କ ସମେତ ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଜଙ୍ଗ ନନ୍ଦସାହିର ନୃସିଂହ ସିଂହ(୨୫) ଏବଂ ଗୁରୁଜଙ୍ଗ ହାଉସିଂବୋର୍ଡ ତାରିଣୀ ମନ୍ଦିର ନିକଟ ଅଞ୍ଚଳର ଲିପ୍ସା ମହାପାତ୍ର ଓରଫ ଆକାଂକ୍ଷା ଓରଫ ସିପି(୨୦)। ଏମାନଙ୍କ ନିକଟରୁ ୨୧ଗ୍ରାମ ବ୍ରାଉନସୁଗାର ସହ ୨୫ଜହାର ୫୨୦ ଟଙ୍କା ଓ ଏକ ସ୍କୁଟି (ଓଡି ୩୩ ଏସି ୨୦୦୫) ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଏନେଇ ଥାନାରେ ଏନଡିପିଏସ ଆକ୍ଟ ୨୧(ବି)ରେ ମାମଲା (ନଂ.୨୮୩/୨୨) ରୁଜୁ ପରେ ଦୁଇଜଣ ବେପାରୀଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନରେ ନୃସିଂହଙ୍କ ଘରେ ବ୍ରାଉନସୁଗାର ବିକ୍ରି ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ(ସଦର) ସୁଶୀଲ କୁମାର ମିଶ୍ର ଏବଂ ଥାନାଧିକାରୀ ତଥା ଡିଏସପି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ସୁକାନ୍ତ ଦଳାଇ, ପଦ୍ମଲୋଚନ ବେହେରା, ସସ୍ମିତା ବେହେରା ଏବଂ ସ୍ପେଶାଲ ସ୍କାଡ୍ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଯୁବତୀଙ୍କ ସମେତ ୨ଜଣଙ୍କୁ ପୋଲିସ ଗିରଫ କରିଥିଲା।

## ଶିବ-ଶକ୍ତି ପୂଜକ ବିକାଶ ମଞ୍ଚ ବୈଠକ

**କୃଷ୍ଣପ୍ରସାଦ,୧୫।୬(ଡି.ଏନ୍.ଏ.)**

ପୁରୀ ଜିଲା ଶିବ-ଶକ୍ତି ପୂଜକ ବିକାଶ ମଞ୍ଚ ଶାଖା ପକ୍ଷରୁ କୃଷ୍ଣପ୍ରସାଦ ଅଞ୍ଚଳର ଗୋଲପୁରରେ ଅଷ୍ଟମ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସତ୍ୟବାଦୀ ମହାପାତ୍ର ଓ ସମ୍ପାଦକ ଭୀମସେନ ମହାପାତ୍ରଙ୍କ ନେତୃତ୍ୱରେ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଏହି ବୈଠକ ହୋଇଥିଲା। ସମ୍ପାଦକ ବିବରଣୀ ପଠନ କରିବା ପରେ କୃଷ୍ଣପ୍ରସାଦ ବ୍ଲକ ସଭାପତି ଅସିତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେବାୟତଙ୍କୁ ସରକାରୀ ସହାୟତା ମିଳୁଥିବା ବେଳେ ମାଳୀମାନେ ଏହି ସହାୟତାରୁ ବଞ୍ଚିତ ହୋଇଛନ୍ତି ବୋଲି ଧ୍ରୁବ ଚରଣ ମହାପାତ୍ର, ଅଭିମନ୍ୟୁ ମହାପାତ୍ର, କେଦାର ମହାପାତ୍ର, ଦେବେନ୍ଦ୍ର ମହାପାତ୍ର ପ୍ରମୁଖ କହିଥିଲେ। ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଏହି ବଂଶଧରମାନେ ଅବହେଳାର ଶିକାର ହେଉଥିବା ବୈଠକରେ ଦେବେନ୍ଦ୍ର ମହାପାତ୍ର, ବାନାମ୍ବର ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ରଣା, ଅର୍ଜୁନ ସାମନ୍ତରାୟ ପ୍ରମୁଖ କହିଥିଲେ। ଖ୍ରୀଷ୍ଟପୂର୍ବ ୨୭୫୦ରେ ପୌରାଣିକ ରାଘବ ଦାସ ବାନାର୍ଜୀ ଓ ପ୍ରତ୍ନତାତ୍ତ୍ୱିକ ଦୟାରାମ ସାହାଣୀ ମାଳୀଙ୍କ ଦ୍ୱାରା ଶିବ ପୂଜା ପ୍ରଚଳନ କରିଥିବା ଦିଲୀପ ମହାପାତ୍ର, ଗଜେନ୍ଦ୍ର ମହାପାତ୍ର, ବାଲୁଙ୍କେଶ୍ୱର ମହାପାତ୍ର, ମନୋହର ମହାପାତ୍ର ପ୍ରମୁଖ କହିଥିଲେ। ମଞ୍ଚ ପ୍ରତିଷ୍ଠାତା ଐତିହାସିକ ବିଶ୍ୱମ୍ବର ରଣା ୨୦୦୮ରୁ ଦଳୀୟ ସଙ୍ଗଠନ କରି ମନ୍ଦିରରେ ସେବା କରୁଥିବା ମାଳୀଙ୍କ ହକ୍ ପାଇଁ ବିକାଶ ମଞ୍ଚ ସଙ୍ଗଠନକୁ ସୁଦୃଢ଼ କରିଥିବାରୁ ନୀଳମାଧବ ମହାପାତ୍ର ତାଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅଧିବେଶନ ବୈଠକରେ କୃଷ୍ଣପ୍ରସାଦ ବ୍ଲକ ୨୧ ପଞ୍ଚାୟତ ମନ୍ଦିରର ସେବା କରୁଥିବା ମାଳୀମାନେ ଯୋଗ ଦେଇଥିଲେ।

# ଯୋଡ଼ିଶଙ୍ଖ ନାଦରେ ଦର୍ଶକ ବିଭୋର

**ନିରାକାରପୁର,୧୫।୬(ଡି.ଏନ୍.ଏ.)**

### ମା'ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବ ଆରମ୍ଭ



ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସାନରାଉତପଡ଼ା ପଞ୍ଚାୟତ ମୂଳୀଝର ଗଡ ହାତିଆଶୁଣି ପାଦଦେଶରେ ଥିବା ମା'ଉଗ୍ରତାରାଙ୍କ ପୀଠରେ ମଙ୍ଗଳବାରଠାରୁ ରଜ ପର୍ବ ପାଳିତ ହୋଇଥିବା ବେଳେ ବୁଧବାର ପ୍ରଶାସନ ପକ୍ଷରୁ ଏଠାରେ ରଜ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ଟାଙ୍ଗୀ ତହସିଲଦାର ଶ୍ରୁତିରଞ୍ଜନ ଶତପଥୀ, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ରିସ୍ମା ମାନ୍ଧାତା ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହା ପରେ ଗଞ୍ଜାମ ଜିଲାର କଳାକାରଙ୍କ ଦ୍ୱାରା ଯୋଡି ଶଙ୍ଖ, ଖୋର୍ଦ୍ଧାର ପାଇକ ଆଖଡ଼ା, ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାର ଗୋଟିପୁଅ ନୃତ୍ୟ, ନିରାକାରପୁରର ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଯାହାକି ଦର୍ଶକଙ୍କୁ ବିମୋହିତ କରିଥିଲା। ଏହା ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ୧୭ ତାରିଖ ସନ୍ଧ୍ୟାରେ ଏହି ମହୋତ୍ସବ ଶେଷ ହେବ ବୋଲି ତହସିଲଦାର ଶତପଥୀ କହିଛନ୍ତି। ମା'ଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମହାମାରୀ କରୋନା ସଂକ୍ରମଣ ଯୋଗୁ ଗତ ଦୁଇ ବର୍ଷ ଏହି ମହୋତ୍ସବ ଅନୁଷ୍ଠିତ ହୋଇପାରି ନ ଥିଲା। ସଂକ୍ରମଣ ହ୍ରାସ ସହ କଟକଣା କୋହଳ ପରେ ଏହି ମହୋତ୍ସବ ହେଉଥିବାରୁ ଲୋକେ ଖୁସି ବ୍ୟକ୍ତ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।